# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁନ୍ ୯/୨୦୧୯ (୨୦ ପୃଷ୍ଠା+ଛୁଟିଦିନ) | Sambalpur, Sunday, June 9 / 2019 | ★★

୧୫ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ସୁପରଷ୍ଟାରଙ୍କୁ ପଛରେ ପକାଇଲେ କ୍ୟାଟ୍ରିନା

ଅଭିନୟର ପ୍ରଥମ କିଛିବର୍ଷ କ୍ୟାଟ୍ରିନାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ବର୍ତ୍ତମାନ 'ଭାରତ'ରେ ଅଭିନୟ କରି ସେ ସୁପରଷ୍ଟାରଙ୍କୁ ପଛରେ ପକାଇ ଦେଇଛନ୍ତି।

୧୪

୨୦

## ଥିମ୍ ଫାଇନାଲରେ

ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଫ୍ରେଞ୍ଚ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।





ନନ୍ଦିନୀ ଶତପଥୀଙ୍କ ୮୮ତମ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରର ବିନମ୍ର ପ୍ରଣତି।

ଭୁବନେଶ୍ୱରର ରାଜଭବନ ନିକଟସ୍ଥ ଏଲ୍ଆଇସି ଛକଠାରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

୦୯/୦୬/୨୦୧୯ (ରବିବାର), ସକାଳ ୮ଘଟିକା

### ▪ହାଇଟେକ୍ ଯୁଗରେ ଅନ୍ଧବିଶ୍ୱାସ

# ଭଲ ଫସଲ ପାଇଁ ଶିଶୁ ବଳି

**ନୂଆପଡ଼ା ଅଫିସ/କୋମନା,୮/୬**

ଆଜିର ହାଇଟେକ୍ ଯୁଗରେ ଅନ୍ଧବିଶ୍ୱାସ ଲୋକଙ୍କ ମନରୁ ଲିଭିନି । ଭଲ ଫସଲ ଉତ୍ପାଦନ ପାଇଁ ଚାଷ ଜମିରେ ଉନ୍ନତ ବିହନ ଓ ସାର ପ୍ରୟୋଗ ନୁହେଁ, ବରଂ ବଳି ଦେବା ପ୍ରଥାକୁ ଏବେ ବି ଲୋକେ ଆପଣେଇଛନ୍ତି। ମାଟି ଦେବତାଙ୍କୁ ଖୁସି କରିବାକୁ ଏବେ ବି କେତେକ ଅଞ୍ଚଳର ଚାଷୀ କୁକୁଡା, ବୋଦା ଆଦି ବଳି(ଚରୁ) ଦେଉଥିବା ନଜିର ରହିଛି। ହେଲେ ଜଣେ କୃଷକ ତା'ଠାରୁ ଢେର ଆଗକୁ ଚାଲି ଯାଇଛନ୍ତି । ଚାଷ କରିବା ପୂର୍ବରୁ ମାଟି ଦେବତାଙ୍କୁ ସନ୍ତୁଷ୍ଟ କରିବା ସହିତ ଭଲ ଫସଲ ପାଇଁ ସେ ଶିଶୁ ବଳି ଦେଇଛନ୍ତି। ଏଥିପାଇଁ ସେ ନିଜର ୧୧ ବର୍ଷର ପୁତୁରା ମୁଣ୍ଡଗଣ୍ଡି ଅଲଗା କରି ବଳି ଦେବା ଘଟଣା ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଜଡାମୁଣ୍ଡା ଗାଁରେ ଆଲୋଡ଼ନ ସୃଷ୍ଟି କରିଛି । ଚିନ୍ତାମଣି ମାଝି (୪୫) ନାମକ ଜଣେ ଚାଷୀ ପୁତୁରା ଧନସିଂ ମାଝି (୧୧)ଙ୍କୁ ନିଜ ଚାଷ ଜମିରେ ହତ୍ୟା କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିଛି । ସେ ଭଲ ଫସଲ ଉତ୍ପାଦନ ପାଇଁ ପୁତୁରାକୁ ବଳି ଦେଇଥିବା କଥା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସମୟ ପୂର୍ବାହ୍ନ ୧୧ଟା । ଗାଁମୁଣ୍ଡଠାରୁ ଅଧ କିମି ଦୂର ନିଜ ଚାଷ ଜମିରେ ସବନ ମାଝିଙ୍କ ବଡପୁଅ ଦେବାର୍ଚ୍ଚନ ଚାଷ କରୁଥିଲେ । ପାଖ ଜମିରେ ତାଙ୍କ ବଡବାପା ଚିନ୍ତାମଣି ମଧ୍ୟ ଚାଷ କରୁଥିଲେ। କିଛି ସମୟ ପରେ ଦେବାର୍ଚ୍ଚନଙ୍କ ସାନ ଭାଇ ଧନସିଂ ବଡ଼ବାପା ଓ ଭାଇଙ୍କ ପାଇଁ ପଖାଳ ନେଇ ଜମିକୁ ଆସିଥିଲେ। ଜମି ହିଡରେ ସେ ପଖାଳ ଥୋଇ ଦେଇ ପାଖ ପଡ଼ିଆରେ ଖେଳୁଥିଲେ । ଏହି ସମୟରେ ବଡବାପା ଚିନ୍ତାମଣି ଧନସିଂଙ୍କୁ ପାଖକୁ ଡାକି ଥିଲେ। ଧନସିଂ ତାଙ୍କ ପାଖରେ ପହଞ୍ଚିବା ପରେ ବଡ଼ବାପା ତାଙ୍କୁ ଭୁଲାଇ ଦୂର ଜମିକୁ ନେଇଯାଇଥିଲେ । ଏହାପରେ ଏକ ଧାରୁଆ କାତିରେ ତାଙ୍କ ମୁଣ୍ଡ ଗଣ୍ଡିକୁ ହାଣି ଅଲଗା କରିଦେଇଥିଲେ । ଧନସିଂଙ୍କ ଚିତ୍କାର ଶୁଣି ବଡଭାଇ ତାଙ୍କୁ ଖୋଜିବାକୁ ଦୌଡିଥିଲେ । ହେଲେ ସେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁକିଛି ଶେଷ ହୋଇସାରିଥିଲା । ଚିନ୍ତାମଣି ଦେବାର୍ଚ୍ଚନଙ୍କୁ ଦେଖିବା ପରେ ସେଠାରୁ ଘରକୁ ଚାଲିଆସିଥିଲେ। ଏହି ଖବର ବିଜୁଳି ବେଗରେ ବ୍ୟାପିଯାଇଥିଲା । ଖବର ପାଇ ପୋଲିସ ଜମିରେ ପହଞ୍ଚି ମୃତଦେହ ସହ ବଳି ପାଇଁ ବ୍ୟବହୃତ କାତିକୁ ଜବତ କରିଛି । ଚିନ୍ତାମଣିଙ୍କୁ ପୋଲିସ ଗିରଫ କରିଛି। ଜେରା ବେଳେ ଜମିରୁ ଭଲ ଫସଲ ଉପାର୍ଜନ ପାଇଁ ମୁଁ ଚରୁ(ବଳି)ପକାଇଛି ବୋଲି ସେ ସ୍ୱୀକାର କରିଛନ୍ତି । ଚରୁ ରକ୍ତରେ ଜମି ଦେବତା ସନ୍ତୁଷ୍ଟ ହୁଅନ୍ତି ବୋଲି ସେ କହିଛନ୍ତି । ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୦୨ରେ ଏକ ମାମଲା (ନଂ. ୧୩୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀ କହିଛନ୍ତି ।



ଧନସିଂ ମାଝିଙ୍କ ଫାଇଲ ଫଟୋ ।

- ▪ପୁତୁରାର ମୁଣ୍ଡ କାଟି ରକ୍ତ ଦେଲେ ବଡ଼ବାପା
- ▪ହତ୍ୟାକାରୀ ଗିରଫ, ତଦନ୍ତ ଜାରି
- ▪ବଳି ଦେଇଥିବା କଥାକୁ ସ୍ୱୀକାର କଲେ ଅଭିଯୁକ୍ତ




ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ମନ୍ତବ୍ୟ

"କେରଳ ମୋ ପାଇଁ ବାରାଣସୀ ଭଳି ପ୍ରିୟ।"
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### ଆଜିର ସମ୍ପାଦକୀୟ

ପ୍ରେମ୍‌ଜୀଙ୍କ ବଦାନ୍ୟତା


"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact:- 9178713912, 9178713934
Franchise Contact:- 9439820889
Address- Panchayat College Road, Near Naka Chowk, Bargarh

AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR



For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com


NECC NATIONAL EGG CO-ORDINATION COMMITTEE 08.06.2019 Venc๐bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 107 | 167 | 177 |
| BDK | 107 | 167 | 177 |
| BLS | 107 | 167 | 177 |
| ANG | 107 | 167 | 177 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers

# ମୋରମ ଅତଡ଼ା ଧସି ୩ ମୃତ

**କେନ୍ଦୁଝର, ୮/୬ (ସ୍ୱ.ପ୍ର.)**

ଏକ ବନ୍ଦ ପଥରଖଣିରୁ ଶନିବାର ଅପରାହ୍ନରେ ମୋରମ ଖୋଳିବାବେଳେ ଘଟିଛି ଦୁର୍ଘଟଣା। ମୋରମ ଅତଡ଼ା ଧସିଯିବାରୁ ୪ ଶ୍ରମିକ ପୋତିହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉକ୍ତ ଖଣିଟି କେନ୍ଦୁଝରଠାରୁ ୭ କି.ମି. ଦୂର ତୁଳସୀଚଉରା ଗ୍ରାମ ନିକଟରେ ରହିଛି, ଯାହା ୫ବର୍ଷ ଧରି ବନ୍ଦ ରହିଥିଲା। ସେଠାରୁ ଚୋରାରେ ମୋରମ ଆଣିବା ପାଇଁ ଜଣେ ଟ୍ରାକ୍ଟର ଚାଳକ ୪ଜଣ ଶ୍ରମିକଙ୍କୁ ନେଇ ସେଠାକୁ ଯାଇଥିବାବେଳେ ଏଭଳି ଘଟଣା ଘଟିଥିଲା। କେନ୍ଦୁଝର ଟାଉନ ଥାନା ପୋଲିସ ଓ ଦମକଳ ବାହିନୀ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ମୋରମ ଆଣିବାକୁ ଯାଇଥିବା ଟ୍ରାକ୍ଟରକୁ ସେଠାରୁ ଜବତ କରାଯାଇଛି। ଟ୍ରାକ୍ଟର ଚାଳକ ଫେରାର ଥିବା ପୋଲିସ କହିଛି। ପ୍ରାଣ ହରାଇଥିବା ୩ ଶ୍ରମିକ ହେଲେ ନୀର ଜୁଆଙ୍ଗ, ରେଖା ଦେହୁରୀ, କେଶବ ଜୁଆଙ୍ଗ। ମୃତାହତଙ୍କ ଘର ସ୍ଥାନୀୟ ତୁଳସୀଚଉରା ଗାଁରେ। ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। କେନ୍ଦୁଝର ଜିଲାରେ ବେଆଇନ ଖଣି ଖୋଳା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନହାନି ହେବା ଅନେକ ନଜିର ରହିଛି। ପୂର୍ବରୁ ଏହି ଅଞ୍ଚଳରେ ବେଆଇନ ଭାବେ ବହୁ ପଥରକ୍ୱାରି ଚାଲିଥିଲା। ସେତେବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଥିଲା। ତୁଳସୀଚଉରାଠାରେ ୫ ବର୍ଷ ତଳେ ଜଣେ ଠିକାଦାର ରାସ୍ତା କାମ ପାଇଁ ଏହି ଖଣି ଖୋଳୁଥିଲେ। ଏହାର ଗଭୀରତା ପ୍ରାୟ ୪୦ ଫୁଟରୁ ଅଧିକ ହେବ। ଶନିବାର ମୋରମ ଆଣିବାକୁ ଯାଇଥିବା ଶ୍ରମିକମାନେ ଏହି ଖଣିର ନିମ୍ନଭାଗ ଦେଇ ଭିତରକୁ ପଶିବା ପରେ ମୋରମ ଖୋଳିବା ଆରମ୍ଭ କରିଥିଲେ। ଏହି ସମୟରେ ହଠାତ୍ ଅତଡ଼ା ଧସିବାରୁ ୪ ଶ୍ରମିକ ଏହା ତଳେ ପୋତି ହୋଇପଡ଼ିଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଦୁର୍ଘଟଣା ଘଟିଥିବା ଖଣି ଦୀର୍ଘବର୍ଷ ଧରି ବନ୍ଦ ଥିଲା। ସେଠାରେ ଖୋଳାଯାଇଥିବା ସ୍ଥାନକୁ ମାଟି ପକାଇ ପୋତିବା ଲାଗି ସମ୍ପୃକ୍ତ କମ୍ପାନୀକୁ ନୋଟିସ କରାଯାଇଥିଲା। କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ କମ୍ପାନୀ ବିରୋଧରେ ଟ୍ରିବ୍ୟୁନାଲ କେସ କରାଯିବ ବୋଲି ସେ କହିଛନ୍ତି।

# କନ୍ୟା ବିଦାୟ ପରେ ଦେବଦମ୍ପତିଙ୍କ ନଗର ପରିକ୍ରମା



ଲୋକନାଥ ବାବା ଓ ମା' ପାର୍ବତୀ ଚାନ୍ଦି ମେଢରେ ନଗର ପରିକ୍ରମାରେ ବାହାରିଛନ୍ତି।

### ▪ଲୋକନାଥ ବାବାଙ୍କ ଚାନ୍ଦିମେଢ଼ ମୁଖ୍ୟଆକର୍ଷଣ

**ସମ୍ବଲପୁର, ୮/୬ (ବ୍ୟୁରୋ)**

ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁକ୍ରବାରଠାରୁ ସମ୍ବଲପୁର ଚଳଚଞ୍ଚଳ ହୋଇ ଉଠିଛି। ମା' ପାର୍ବତୀଙ୍କ ହାତ ଧରିଛନ୍ତି ମହାଦେବ। ଶୁକ୍ରବାର ରାତିରେ ବିବାହ ଉତ୍ସବରେ ଶନିବାର କନ୍ୟା ବିଦା ଦିଆଯାଇଛି। ଦେବଦେବ ମହାଦେବ ଓ ମାତା ପାର୍ବତୀ ଗଣ୍ଡାଳ ହୋଇ ଶନିବାର ମଧ୍ୟ ରାତ୍ରିରେ ନଗର ପରିକ୍ରମାରେ ବାହାରିଛନ୍ତି । ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ଦେବଦମ୍ପତିଙ୍କ ଯୁଗଳ ମୂର୍ତ୍ତି ଭକ୍ତଙ୍କୁ ଆକୃଷ୍ଟ କରିଥିଲା । ଦେବଦମ୍ପତିଙ୍କୁ ଭକ୍ତି ଅର୍ପଣ କରି ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଛନ୍ତି । ପଞ୍ଚ ଉପଚାର, ୧୦୮ ମହାଆଳତି ହୋଇଥିଲା । ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ମୁଖରିତ ହୋଇଥିଲା ମନ୍ଦିର ପରିସର । ପାରମ୍ପରିକ ଲୋକବାଦ୍ୟ, ଲୋକଗୀତ, ଭକ୍ତିଗୀତରେ ବିଭୋର ହୋଇଥିଲେ ଭକ୍ତ। ରଙ୍ଗୀନ ଆତସବାଜି ମୁକ୍ତାକାଶକୁ ରଙ୍ଗିନ କରିଥିଲା । ଦେବଦେବ ମହାଦେବ, ବମ୍ ବମ୍ ଭୋଲେ, ହରହର ମହାଦେବଙ୍କ ଜୟଧ୍ୱନୀ ଉଚ୍ଚାରଣ କରି ଭକ୍ତମାନେ ଶିବପାର୍ବତୀଙ୍କୁ ସୁସଜ୍ଜିତ ବିମାନରେ ଆରୁଢ଼ କରିଥିଲେ । ତେବେ ଚଳିତ ବର୍ଷ ମଧ୍ୟ ଝାଡୁଆପଡା ଆରଣ୍ୟ ଶୀତଳଷଷ୍ଠୀ ଯାତ୍ରା କମିଟିର ଚାନ୍ଦି ମେଢ଼ ମୁଖ୍ୟ ଆକର୍ଷଣ ହୋଇଥିଲା । ଚାନ୍ଦି ମେଢ଼ର ଚମକରେ ଯାତ୍ରାପଥ ଚମକୁଥିଲା । ନନ୍ଦପଡା ଶ୍ରୀଶ୍ରୀ ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ବାଲିବନ୍ଧା ଶ୍ରୀ ଶ୍ରୀ ସୋମନାଥ ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବୁଢାରଜା ଶ୍ରୀ ଶ୍ରୀ ବୁଢାରଜା ମହାଦେବ, ବଡବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କଠାରେ ମହାଆଳତି ହୋଇଥିଲା । ଏହାପରେ ନଗର ପରିକ୍ରମା ନୀତି ହୋଇଥିଲା। ଯାତ୍ରାପଥରେ ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସହ ଦୀପ ଜାଳି ଦେବ ଦମ୍ପତିଙ୍କୁ ବନ୍ଦାଣ କରିଥିଲେ। ଲୋକକଥା ଅନୁସାରେ ଶିବପାର୍ବତୀଙ୍କ ଅପୂର୍ବ ଯୁଗଳବେଶ ଦର୍ଶନ କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୁଏ। କିନ୍ନରମାନେ ☞ପୃଷ୍ଠା–୪

### ▪ପୋଷ୍ଟାଲ ବାଲଟ୍ ଭୋଟ

# ସବୁ ଲୋକ ସଭା ଆସନରେ ବିଜେଡି ପଛୁଆ

- ▪୨୦ରେ ଭାଜପା ଆଗୁଆ, କଂଗ୍ରେସ ଗୋଟିଏ
- ▪ବରଗଡ଼ ଏମ୍‌ପି ସୁରେଶଙ୍କୁ ମିଳିଛି ସର୍ବାଧିକ ୪,୧୭୧ ଖଣ୍ଡ ଭୋଟ
- ▪ନବରଙ୍ଗପୁରରେ ବିଏସ୍‌ପି ବିଜେଡି ଠାରୁ ଆଗରେ
- ▪କଳାହାଣ୍ଡି, ସୁନ୍ଦରଗଡ଼ରେ ବିଜେଡି ନମ୍ବର ୩

**ଭୁବନେଶ୍ୱର,୮/୬(ବ୍ୟୁରୋ)**

ନିକଟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାଜପା ଦେଶବ୍ୟାପୀ ବହୁତ ଭଲ ପ୍ରଦର୍ଶନ କରିଥିଲା। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଥିଲା। ୨୦୧୪ରେ ମାତ୍ର ଗୋଟିଏ ଆସନ ପାଇଥିବା ଭାଜପା ଚଳିତ ଥର ୮ଟି ସିଟ୍ ହାତେଇ ପାରିଛି। ଭାଜପା ସଦ୍ୟ ସମାପ୍ତ ନିର୍ବାଚନରେ କ୍ଷମତାସୀନ ବିଜେଡିଠାରୁ ଲୋକ ସଭା ଭୋଟ୍‌ରେ ମାତ୍ର ୪.୪ ପ୍ରତିଶତ କମ୍ ଭୋଟ ପାଇଛି। ସେହିପରି ଲୋକ ସଭା ଆସନ ଗୁଡିକର ପୋଷ୍ଟାଲ ବାଲଟ୍(ଡାକ ଦ୍ୱାରା ଆସିଥିବା ମତଦାନ) ଭୋଟରେ ଭାଜପା ଆଶାତୀତ ସଫଳତା ପାଇଛି। ରାଜ୍ୟରେ ଥିବା ୨୧ ଲୋକ ସଭା ଆସନରୁ ୨୦ଟିରେ ଭାଜପା ଅନ୍ୟ ସମସ୍ତ ଦଳଠାରୁ ଅଧିକ ଭୋଟ ପାଇଛି। ସେହିପରି କଂଗ୍ରେସ କେବଳ ନବରଙ୍ଗପୁର ଆସନରେ ଆଗରେ ଅଛି। ରାଜ୍ୟରେ ୧୨ ଲୋକ ସଭା ଏବଂ ୧୧୨ ବିଧାନସଭା ଆସନ ହାତେଇଥିବା ବିଜେଡି କୌଣସି ଗୋଟିଏ ବି ସଂସଦୀୟ କ୍ଷେତ୍ରରେ ଆଗରେ ରହିପାରିନାହିଁ। ସାଧାରଣ ବୁଦ୍ଧିରେ ପୋଷ୍ଟାଲ ବାଲଟ୍‌ରେ ଅଧିକାଂଶ ଶିକ୍ଷିତ ବର୍ଗ, ବିଶେଷ ଭାବେ ସରକାରୀ କାର୍ଯ୍ୟ ରେ ନିୟୋଜିତ ଏବଂ ନିର୍ବାଚନମଣ୍ଡଳୀ ବାହାରେ ରହୁଥିବା ସଚେତନ ଭୋଟର ମତଦାନ କରିଥାଆନ୍ତି। ସେହି ଦୃଷ୍ଟିରୁ ☞ପୃଷ୍ଠା–୪


B.J.B. AUTONOMOUS COLLEGE
BHUBANESWAR - 751014
NAAC ACCREDITED AT THE "A" LEVEL
College with Potential for Excellence
CAD - 24
ADMISSION NOTICE FOR THE SESSION 2019-20

Applications are invited for admission into the following self financing courses : IMBA, IMSc. ETC, IMSc. BI, MA in JMC, BSc. ITM, MA in PMIR, MBA (LE), MA in THM, M.Com FC& MSW for the Session 2019-20. The Prospectus can be downloaded from college website www.bjbcollege.in from 03.06.2019 onwards. The details about Prospectus, Application form, How to apply, form Fill-up procedures, etc. are available in Prospectus (Page-6) in college website. The details of courses are given below.

| | COURSE | DURATION | ELIGIBILITY |
|---|---|---|---|
| PG Courses | MA in THM MA in Tourism and Hospitality Management | 2 Years | Graduate in any Stream, with 40 % in aggregate |
| PG Courses | MA in JMC MA in Journalism and Mass Communication | 2 Years | Graduate in any Stream, with 40 % in aggregate |
| PG Courses | M.Com FC Master of Commerce in Finance and Control | 2 Years | Graduate in any Stream, with 40 % in aggregate |
| PG Courses | MA in PMIR MA in Personnel Mgt. & Industrial Relations | 2 Years | Graduate in any Stream, with 40 % in aggregate |
| PG Courses | MBA (Lateral Entry) Master of Business Administration | 2 Years | Passed BBA, with 40% aggregate |
| PG Courses | MSW Master in Social Work | 2 Years | Graduate in any Stream, with 40% in aggregate Admission based in Merit |
| Integrated & UG Courses | IMBA Integrated Master of Business Administration | 5 Years | Passed +2 in any stream 40% in aggregate without extra optional if any |
| Integrated & UG Courses | IMSc. ETC Integrated Master of Sc. in Electronics & Telecom | 5 Years | Passed +2 Sc. with Maths, 40% in aggregate without extra optional if any |
| Integrated & UG Courses | IMSc. BI Integrated Master of Sc. in Bio Informatics | 5 Years | Passed +2 Sc. with Biology, 40% in aggregate without extra optional if any |
| Integrated & UG Courses | BSc. ITM Bachelor of Sc. information Tech. & Mgt. | 3 Years | Passed +2 Sc., 40% in aggregate without extra optional if any |

CALL : IMBA & MBA (Lateral Entry) : 9938240820 / 7809988054 / 9861643685 / 9437841766
IMSc. ETC : 7008295803 / 7008331552 / 9132172144, IMSc. BI : 9861119270 / 9861404459 / 9853378949
MAJMC : 9658114874 / 8637202388, M.Com FC & BSc. ITM : 9937027335 / 9938511866 / 9861118208 / 0674-2433309
MA in PMIR & MA in THM : 9437311169 (O) / 9090080854 / 9337440285 / 0674-2433133 MSW: 9861469919, 9439861162

| ENTRANCE TEST | IMBA, MBA (LE), IMSc. BI | IMSc. ETC & BSc. ITM | M.Com FC & MA in PMIR | MA in JMC & MA in THM |
|---|---|---|---|---|
| | 05.07.2019 | 06.07.2019 | 08.07.2019 | 09.07.2019 |

• Application forms for the above Mention courses , complete in all respects, should reach the Principal by 4 P.M.on 29.06.2019 either in person or by Regd. / Speed post.

11011/11/0003/1920 PRINCIPAL






AQUALITE INDIA LTD. www.aqualiteindia.com
Corp. Office: 1459, MIE Bahadurgarh, Haryana (India) Tel.: +91 1276 224400
Email: info@aqualiteindia.com For trade enquiry please contact: 1800 1804 401
TRUESTAR | LEADS | Real-PU | Aqualite eva | Aqualite Ultra

Auth. Dist.: Orrisa:- • Angul: Damani Stores-9437033910 • Balasore: Indian Footwear-7008312820, Msp Footwear-7064254415 • Bargarh: O. P. Trading-9437059753 • Baripada: New Hmm Trading-9937961145 • Berhampur: Ajanta Agencies-9437063518, Ganjam Galaxy-9776519911, New Sriya Foot Wear-8455834141, Patel Shoe Bazaar-9861332888, Raza Agencies-9337166191 • Bhadrak: Bhadrak Shoe House-9437363729 • Bhubaneswar: B. N. Enterprises-9861120914, Gopal Shoes-9437013458, Trade Link Enterprises-9861231827 • Bolangir: Sawan Variety Store-9437032530 • Boudh: Choice Footwear-8249598335 • Cuttack: Bharat Footwear-9937871393, Damani Footwear-9777205804, Dipsan Traders-8249382262, Odisha Footwear-9437385096, Utkal Footwears-9437076294 • Dhenkanal: Patra Agency-9437193550 • Jharsuguda: Ispat Traders-9439231175, Shree Asha Ram-9437419380 • Keonjher: Lovely Foot Wear-9437169880, Tanishka Enterprises-7008316164 • Kesinga: New Bharat Boot House-9437070396 • Malkangiri: S.M. Traders-9437434410, Shiva Foot Wear-9437910660 • Rairangpur: Prem Foot Wear-9437239387 • Rayagada: Arihant Enterprisers-9937697007, Om Sai Shankar Enterprises-9583342557, Shree Enterprises-9437094667 • Rourkela: Ispat Boot House-9238336755, Nice Footwears-9861369546 • Sambalpur: Kamal Shoe Store-9861569253 • Sunabeda 2: Maa-9437407701

# ମୁରତୁ ସଂଗେ ଯୁଝୁଛନ୍ ଦେବକୀ

**ବିପ୍ଳବ ରଞ୍ଜନ ଦାଶ**
ବିନିକା, ୮।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଁଚେତ୍ ଅଧୀନ ଜାମପାଲି ତଲିପଡ଼ାର ଦେବକୀ କଲିତା(୩୪)। ଆପ୍‌ନେ ହାଡୁ କଲିତା(୪୨) ଆର ତିନ୍ ପିଲାକୁ ନେଇ ତାକର ପରିବାର ହସ୍‌ଖୁସିଥି ଚାଲିଥିଲା। ୨୦୧୭ ଜୁନ୍ ୧୨ ତାରିଖରେ ଦେବକୀକଁର ପେଟ୍ ଟିଆଁବାର ଆରମ୍ ହେଲା। ହାଡୁ ଦେବକୀକେ ନେଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା କରାଲେ। ଡାକ୍ତର ଦେବକୀକଁର ପେଟଭିତରେ ଗୁଟେ ଆବୁ ବଢୁଛେ, ଅପରେଶନ କରବାକେ ପଡ଼ବା ବଲି ପରାମର୍ଶ ଦେଇଥିଲେ। ଏନ୍‌ତାଥି ଭୂମିହୀନ ହାଡୁ ଚିନ୍ତାରେ ପଡ଼ିଗଲେ। କୁଲିମଜୁରି କରି କୁଟୁମ ପୁଷ୍‌ବେ କି ମାଏକିନାର ଅପରେଶନ ଲାଗି ଟଁକା ଯୁଗାଡ଼ କରବେ। ଶେଷେ ସାହୁକାରନେ କାମ କରବାର ଲାଗି ଆଗତୁରା ବଏନା ଆନି ସେ ଟଁକାରେ ଦେବକୀର ଅପରେଶନ କରାଲେ। ଫେନ୍‌ଥରେ ପରିବାରର ହସ୍‌ଖୁସି ଫିରିଆଏଲା ସତ୍, ହେଲେ ଖୁସିଟା ବେଶିଦିନ ନାଇଁ ଠହରିଲା। ଦିନାକେତେ ଉତାରୁ ଫେନ୍ ଦେବକୀକଁର ପେଟ୍‌ଟିଆଁ ଆରମ୍ ହେଲା। ହାଡୁ ଫେନ୍‌ଥରେ ମାଏକିନାକେ ଧରି ଚିକିତ୍ସା ଲାଗି ବୁର୍ଲା ଗଲେ। ସେଠାନେ ପରୀକ୍ଷା ନିରୀକ୍ଷା ଉତାରୁ ଦେବକୀର ପେଟେ ପାଏନ୍ ଜମା ହେଇଥିବାର ଡାକ୍ତର କହିଥିଲେ। ଯେତେ ଜଲ୍‌ଦି ହେବା ପେଟୁ ପାଏନ୍ ବାହାର କରବାକେ ପଡ଼ବା ବଲି ଡାକ୍ତର ପରାମର୍ଶ ଦେଇଥିଲେ। ଇ କଥା ଶୁନି ହାଡୁର ମୁଡେ ଅକାଲ ଚଡ଼କ ପଡ଼ିଥିଲା। ସାହୁକାରନୁ ଆନିଥିବାର ବଏନା ଟଁକା ଅସୁଝା ଥିଲାବେଲେ ଫେନ୍ ଘାଏ ଅପରେଶନ କଥା ଶୁନି ହାଡୁ ଚିନ୍‌ତାରେ ଭାଂଗି ପଡ଼୍‌ଲେ। ଉପେ ଶୂଇନ୍ ହେଇ ହାଡୁ ଘରର ଜିନିଷପାତି ବିକାଭଂଗା କରି ସେ ଟଁକାରେ ଦେବକୀର ପେଟୁ ପାଏନ୍ କଢ଼ାଗଲା। ହେଲେ ଥିତିରେ କେହେନ୍‌ସି ପରକାର ପରିବରତନ୍ ନାଇଁ ହେଲା। ଫେନ୍‌ଘାଏ ସବୁପରକାର ପରୀକ୍ଷା ନିରୀକ୍ଷା କଲାରୁ ଜନାଗଲା ଯେ ଦେବକୀ କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ଇଆଡ଼େ ହାଡୁ ମାଏକିନାର ଚିକିତ୍ସାରେ ସରବ୍‌ସୁଆଁତ ହେଇଯାଇଛନ୍। ଏନ୍‌ତାଥି ଦେବକୀର ଚିକିତ୍ସା କରାବାର ହାଡୁର ପକ୍ଷେ ଅସମ୍ଭବ ହେଇଯାଇଛେ। ଏହେଦେ ଦେବକୀ ବୁର୍ଲା ମେଡିକାଲରେ ମୁରତୁ ସଂଗେ ଯୁଝୁଛନ୍। ବଡ଼ଝିଅ ବର୍ଷା(୧୫), ମଝିଆଁ ଝି ଲିଜା ଆର ପୁଓ ରାକେଶ ମା'ର ଚିକିତ୍ସା ଲାଗି ଗଣମାଧମ ଜରିଆରେ ସରକାରୀ, ବେସରକାରୀ ସାହାଯ୍ ଲାଗି ଗୁହାରି କରିଛନ୍। ଇ ଦୁଖି ଦରିଦିରିଆ ପରିବାରକେ ଯେତେ ଜଲ୍‌ଦି ହେବା ସରକାର ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଜାମପାଲି ଗାଁବାସୀ ବି ନିବେଦନ କରିଛନ୍।


କର୍କଟରେ ପୀଡ଼ିତ ଦେବକୀ କଲିତା ।

**ଚିକିତ୍ସା ସାହାଯ୍ ଲାଗି ଗୁହାରି କଲେ ଝି'ପୁଓ**

# ପୋତିହେଉଛି ଇନ୍ଦ୍ରାବତୀ ଜଳଭଣ୍ଡାର

**ସଞ୍ଜୀବ ଯୋଶୀ**
ଭବାନୀପାଟଣା,୮।୬

କଳାହାଣ୍ଡି ଜିଲାର ସର୍ବବୃହତ୍ ଇନ୍ଦ୍ରାବତୀ ଜଳଭଣ୍ଡାର ପଙ୍କରେ ପୋତି ହୋଇପଡୁଛି । ମୃତ୍ତିକା କ୍ଷୟ ଯୋଗୁ ଜଳସ୍ରୋତରେ ଭାସି ଆସୁଥିବା ପଙ୍କ ବର୍ଷ ବର୍ଷ ଧରି ଇନ୍‌ଟେକ୍‌ୱେଲ ସମ୍ମୁଖରେ ଜମାଟ ବାନ୍ଧି ରହୁଛି । ଫଳରେ ଜଳ ପତନ ହ୍ରାସ ହେବାରେ ଲାଗିଛି । ଏଥିଯୋଗୁ ହେଡ୍ ଷ୍ଟୋରେଜ୍ ଲେଭୁଲ୍ ୬୨୫ ମିଟର ପର୍ଯ୍ୟନ୍ତ ଜଳସେଚନ କିମ୍ବା ବିଦ୍ୟୁତ୍ ଉତ୍ପାଦନ ପହଞ୍ଚାଇବାକୁ ନେଇ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଭାଗୀୟ ଅଧିକାରୀମାନେ ସ୍ୱୀକାର କରିଛନ୍ତି। ଏବେ ଇନ୍ଦ୍ରାବତୀର ଜଳ ପତନ ୬୨୮.୮୭ ମିଟରରେ ପହଞ୍ଚି ଥିବା ବେଳେ ବିଦ୍ୟୁତ୍ ଉତ୍ପାଦନ ହାରାହାରି ୧୦୦ ମେଗା ୱାଟରେ ରହିଛି। ଜଳ ପତନ ୬୨୮ ମିଟର ତଳକୁ ଖସି ଆହୁରି ବିଦ୍ୟୁତ୍ ଉତ୍ପାଦନ ଜାରି ରହିଲେ ଟରବାଇନ୍ ପ୍ରତି ବିପଦ ସୃଷ୍ଟି ହେବ । ଫଳରେ ୨୦୦୮ମସିହାରେ ଯେପରି ଟନେଲ ଭୁଶୁଡ଼ି ପଡିଥିଲା ତା'ର ପୁନରାବୃତ୍ତି ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ଇନ୍ଦ୍ରାବତୀ ଜଳଭଣ୍ଡାର ୧୯୯୯ରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା । ଉକ୍ତ ଜଳ ଭଣ୍ଡାରର ୨୬୩୦ ବର୍ଗ କିଲୋମିଟର କ୍ୟାଚ୍‌ମେଣ୍ଟ ଇଲାକାରେ କ୍ରମାଗତ ଜଙ୍ଗଲ ଅବକ୍ଷୟ ଓ ମୃତ୍ତିକା କ୍ଷୟ ହେତୁ ପାଣି ସହ ମୃତ୍ତିକା ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଜମାଟ ବାନ୍ଧିବା ଆରମ୍ଭ କରିଥିଲା । ଏହାକୁ ନେଇ ମହୁଲପାଟଣାରୁ ୨ କି.ମି. ଦୂରରେ କୋକେଇପଦର ପାଖରେ ସିଲ୍‌ଟ ଚେକ୍ ଡ୍ୟାମ୍ ୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ବ୍ୟୟ ବହୁଳ ପ୍ରକଳ୍ପ ୩୦ ଜୁନ୍ ୨୦୦୨ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିବା ବେଳେ ୯ ଜୁନ୍ ୨୦୦୩ ବର୍ଷାରେ ୮୦୦୦ କ୍ୟୁବିକ୍ ମିଟର ପଥର ବନ୍ଧ ଖସି ପଡିଥିଲା। ଏହି ଖବର ୧୫ ଜୁଲାଇ ୨୦୦୩ରେ ଜଣାପଡିବା ପରେ ବିଭାଗ ପାଖକୁ ଖବର ଯାଇଥିଲା। ପରବର୍ତ୍ତୀ ସମୟରେ ବନ୍ଧ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଉକ୍ତ ଘଟଣା ନାଲିଫିତା ତଳେ ଚାପି ହୋଇ ରହିଯାଇଥିଲା । ଏହି ପଥର ବନ୍ଧକୁ ଦେଖି ଭୌଗୋଳିକ ବିଭାଜନ ଭୋଗୁ ନ ଥିବା ଅଡ୍ରି, ଗୋପୀନାଥପୁର, ମାଳିଗାଁ ଆଦି ଅଞ୍ଚଳରେ ୧୦ ହଜାର ଅଧିବାସୀ ବହୁ ସ୍ୱପ୍ନ ଦେଖିଥିଲେ। ଏବେ ଜଙ୍ଗଲ ଅବକ୍ଷୟ, ପୋଡୁ ଚାଷ ପାଇଁ ଜଳଭଣ୍ଡାରର ଇନ୍‌ଟେକ୍ ୱେଲ୍ ମୁହାଣରେ ବର୍ଷକୁ ୩୦୦୦ କ୍ୟୁବିକ୍ ମିଟର ପଙ୍କ ଜମାଟ ହେଉଥିବା ଅନୁମାନ କରାଯାଉଛି। ଏହା ଯଦି ସତ ହୋଇଥାଏ ତାହା ହେଲେ ୨୦ ବର୍ଷ ମଧ୍ୟରେ ୬୦ ହଜାର କ୍ୟୁବିକ୍ ମିଟର ପଙ୍କ ଜଳଭଣ୍ଡାର ମଧ୍ୟରେ ଜମା ହୋଇସାରିଥିବା ଆଶଙ୍କା କରାଯାଉଛି । ଅନ୍ୟପକ୍ଷେ ଇନ୍ଦ୍ରାବତୀ ଜଳଭଣ୍ଡାର ଆଗାମୀ ଦିନରେ ପୋତି ହୋଇଯିବ ବୋଲି ୨୦୦୦ମସିହାରେ ପୁଣେର ସେଣ୍ଟ୍ରାଲ ୱାର୍ଟର ପାୱାର ରିସର୍ଚ୍ଚ ଦର୍ଶାଇଥିବା ଜଣେ ଅଭିଜ୍ଞ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏପରି କି ଡ୍ୟାମ୍ ସେଫଟି ରିଭ୍ୟୁ ପେନାଲ ଦର୍ଶାଇଥିବା କେତେକ ତ୍ରୁଟିକୁ ମଧ୍ୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଆଲୋଚନା ହେଉଛି। ଏପରିସ୍ଥିତିରେ ଇନ୍‌ଟେକ୍ ୱେଲ୍ ସମ୍ମୁଖରେ ଜମାଟ ବାନ୍ଧିଥିବା ପଙ୍କର ପରିମାଣ ସ୍ପଷ୍ଟ ନ କରି ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖିଲେ ୧୨।୬।୨୦୦୮ର ଦୁର୍ଘଟଣାର ପୁନରାବୃତ୍ତି ହୋଇପାରେ ବୋଲି ଆଲୋଚନା ହେଉଛି ।

ଇନ୍ଦ୍ରାବତୀ ଜଳଭଣ୍ଡାର ଏବେ କଳାହାଣ୍ଡି ଜିଲାର ପରିବର୍ଦ୍ଧିତ ସ୍ଥିତିରେ ୧.୨୬ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ଏଥିସହିତ ଆବଶ୍ୟକତା ଅନୁଯାୟୀ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ୨୦୧୬-୧୭ ବର୍ଷରେ ଇନ୍ଦ୍ରାବତୀରୁ ୧୫୨୨ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇଥିଲା । ସେଥିରୁ ୧୨୫ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିଲା। ସେହିପରି ୨୦୧୭-୧୮ ଓ ୨୦୧୮-୧୯ ବର୍ଷରେ ୩୮୮୪ ଏମ୍‌ୟୁ ବିଦ୍ୟୁତ୍ ଉତ୍ପାଦନ କରି ୩୦୮ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି। ଓଏଚ୍‌ପିସିର ମହାପ୍ରବନ୍ଧକ ଆଶିଷ ମହାନ୍ତି ପ୍ରକଳ୍ପରେ ପଙ୍କ ଜମାଟ ବାନ୍ଧିଥିବା କଥାକୁ ସ୍ୱୀକାର କରିବା ସହିତ ଇନ୍‌ଟେକ୍ ସମ୍ମୁଖରେ ଜମା ହୋଇଥିବା କାଠଗଣ୍ଡିଗୁଡିକୁ ବାହାର କରିବା ପାଇଁ ବୁଡାଳିମାନଙ୍କ ସହାୟତା ନିଆଯିବ। ଏଥିସହିତ ପଙ୍କ ଉଦ୍ଧାର ପାଇଁ ମଧ୍ଯ ଯୋଜନା ଚାଲିଥିବା ସେ କହିଛନ୍ତି।

**ଇନ୍‌ଟେକ୍‌ୱେଲ ସମ୍ମୁଖରେ ଜମାଟ ବାନ୍ଧୁଛି ପଙ୍କ**


ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ।

# ପୁଣି ଦିଲ୍ଲୀ ଗଲା ୨୨ କୁଇଣ୍ଟାଲ ଆମ୍ବ

ସମ୍ବଲପୁର,୮।୬(ବ୍ୟୁରୋ)

ସମ୍ବଲପୁର ଜିଲାରୁ ପୁଣି ୨୨ କୁଇଣ୍ଟାଲ ୧୨ କେଜି ଆମ୍ବ ଦିଲ୍ଲୀ ରପ୍ତାନୀ ହୋଇଛି। ହୀରାକୁଦ ଏକ୍ସପ୍ରେସରେ ଏହା ଦିଲୀ ଯାଇଛି। ଦିଲୀ ମଦର ଡାଏରୀରେ ଏହା ବିକ୍ରି ହେବ। ପୂର୍ବରୁ ମଧ୍ୟ ୩୨ କୁଇଣ୍ଟାଲ ଆମ୍ବ ରପ୍ତାନୀ ହୋଇଥିଲା । ଦିଲୀ ବଜାରରେ ସମ୍ବଲପୁର ଜିଲାର ଆମ୍ରପଲି, ଲେଙ୍ଗଡା, ହେମସାଗର କିସମର ଆମ୍ବର ଚାହିଦା ରହିଛି। ସୂଚନା ଯୋଗ୍ୟ ଯେ, ଜିଲା ପ୍ରଶାସନ ପକ୍ଷରୁ ମେ ୨୭ ତାରିଖ ଠାରୁ ସ୍ୱତନ୍ତ୍ର ଆମ୍ବ ବଜାର ଖୋଲା ଯାଇଛି। ଏ ପର୍ଯ୍ୟନ୍ତ ଏହି ଆମ୍ବ ବଜାରରେ ୯୦ କୁଇଣ୍ଟାଲ ୭୨ କେଜି ଆମ୍ବ ବିକ୍ରି ହୋଇ ସାରିଛି।

# ସୁସ୍ୱାଦୁ ଚା, ଉତ୍ତମ ବ୍ୟବହାରର ମଜା ଉଠାନ୍ତି ଗ୍ରାହକ

**ଉତ୍ତମ ବ୍ୟବହାର ଜଣେ ମଣିଷକୁ ସମସ୍ତଙ୍କ ପାଖରେ ପ୍ରିୟଭାଜନ କରିପାରେ । ଚାକିରୀ ହେଉକି ବ୍ୟବସାୟ ସେ ଯେଉଁ କ୍ଷେତ୍ରରେ ଥିଲେ ବି ସଫଳତା ପାଇଥାଏ। ସେପରି ଜଣେ ବ୍ୟକ୍ତି ହେଲେ ଭତରା ପେଟ୍ରୋଲ ପମ୍ପଠାରେ ଥିବା ଶାନ୍ତି ଚା ଦୋକାନର ମାଲିକ ଶାନ୍ତି ଷଣ୍ଢ (୫୦) । ତାଙ୍କ ବ୍ୟବହାର ଓ ସୁସ୍ୱାଦୁ ଚା ପିଇବା ପାଇଁ ତାଙ୍କ ଦୋକାନରେ ସବୁବେଳେ ଗ୍ରାହକଙ୍କ ଭିଡ । ଆଜକୁ ୩୭ ବର୍ଷ ଧରି ଗ୍ରାହକମାନଙ୍କୁ ଚା ବିକ୍ରି କରୁଥିବା ସେହି ମଣିଷଙ୍କ କଥା ଏଥର ଦିନକର କାହାଣୀ ସ୍ତମ୍ଭରେ.. ।**


ନିଜ ଚା ଦୋକାନରେ ଶାନ୍ତି ।

**ଦିନକର କାହାଣୀ**

ଶାନ୍ତିଙ୍କ ସକାଳ ଭୋର ୪ ଟାରୁ ଆରମ୍ଭ ହୁଏ । ନିତ୍ୟକର୍ମ ସାରିବା ପରେ ଘରୁ ୨ କିମି ଦୂର ଜାତୀୟ ରାଜପଥ ଭତରାରେ ଥିବା ତାଙ୍କ କ୍ୟାବିନ ଦୋକାନ ଖୋଲେ। ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ଆବଶ୍ୟକ ସାମଗ୍ରୀ ସଫାସୁତୁରା କରି ସେ ଚା ତିଆରି କରିବା ଆରମ୍ଭ କରନ୍ତି। ଭୋର ସମୟରେ ସେହି ରାସ୍ତାଦେଇ ଯାଉଥିବା ଗାଡ଼ି ଚାଳକ, ପରିବା, ଶାଗ,ପାଉଁରୁଟି ଓ ଅନ୍ୟାନ୍ୟ ବ୍ୟବସାୟୀମାନେ ସେଠାରେ କିଛି ସମୟ ପାଇଁ ଅଟକି ଯାଆନ୍ତି। ଗରମାଗରମ ଚା ପାଇଁ ସେମାନଙ୍କୁ ଯଦି କିଛି ସମୟ ଅଟକିବାକୁ ପଡ଼େ ସେଥିରେ କିଛି ଫରକ ପଡ଼େନି। ସକାଳ ୧୦ଟା ପର୍ଯ୍ୟନ୍ତ ଶାନ୍ତିଙ୍କ ଦୋକାନରେ ଏମିତି ଭିଡ ଲାଗି ରହିଥାଏ । ଚା ସହିତ ବିଭିନ୍ନ ବିସ୍କୁଟ ତାଙ୍କ ଦୋକାନରେ ବିକ୍ରି ହୁଏ। ଖରାଦିନେ ବିଭିନ୍ନ କୋଲ୍ଡ ଡ୍ରିଙ୍କ୍‌ସ ଓ ଆଇସ୍‌କ୍ରିମ୍ ବି ବିକନ୍ତି ଶାନ୍ତି । ଅପରାହ୍ନରେ ୩ଟାରେ ସେ ଘରକୁ ମଧ୍ୟାହ୍ନଭୋଜନ ପାଇଁ ଆସନ୍ତି। ସେ ସମୟରେ ତାଙ୍କ ସାନପୁଅ ଦୋକାନ ସମ୍ଭାଳନ୍ତି । ଅପରାହ୍ନ ୪ଟାରୁ ପୁଣି ରାତି ୯ ଟା ପର୍ଯ୍ୟନ୍ତ ଶାନ୍ତି ଦୋକାନ ଭାର ସମ୍ଭାଳନ୍ତି। ପ୍ରତିଦିନ ପ୍ରାୟ ୧୫ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ତାଙ୍କ ଦୋକାନରେ କାରବାର ହୁଏ । ସେଥିରୁ ଯାହା ଲାଭ ମିଳେ ସେଥିରେ ପରିବାର ଚଳେ ବୋଲି ସେ କୁହନ୍ତି ।

ଶାନ୍ତିଙ୍କ ପରିବାର କହିଲେ ସ୍ତ୍ରୀ ଓ ୩ ପୁଅ । ଗୋଟିଏ ପୁଅ ବି.କମ୍ ପାସ କରିବା ପରେ ଏବେ ରେଳବିଭାଗରେ ପରୀକ୍ଷା ପାଇଁ କୋଚିଂ ନେଉଛନ୍ତି । ଅନ୍ୟ ପିଲାମାନେ ପାଠପଢ଼ିବା ସହିତ ଦୋକାନରେ ମୋତେ ସହଯୋଗ କରନ୍ତି ବୋଲି ଶାନ୍ତି କୁହନ୍ତି। ରାତି ୯ଟାରେ ଦୋକାନ ବନ୍ଦ କରିବା ପରେ ଘରକୁ ଫେରି ଶାନ୍ତି ପୁଣିଥରେ ଗାଧୋଇ ଥାନ୍ତି । ଏହା ପରେ ପରିବାର ସଦସ୍ୟଙ୍କ ସହିତ ଏକାଠି ଖାଆନ୍ତି । ଏହି ସମୟରେ ସେ ପିଲାମାନଙ୍କ ସହିତ ନାନା ପ୍ରସଙ୍ଗରେ ଆଲୋଚନା କରନ୍ତି । ଶୋଇବା ପୂର୍ବରୁ ଦୋକାନର ହିସାବ କିତାବ କରନ୍ତି । ଶେଷରେ ପୁଣି ଥରେ ଈଶ୍ୱରଙ୍କୁ ଡାକି ସେ ଶୋଇପଡନ୍ତି। ଏମିତି କଟିଯାଏ ତାଙ୍କର ଗୋଟିଏ ଦିନ।

ରିପୋର୍ଟ - ଶୁଭାଶିଷ ପାଢ଼ୀ
























# ବଜ୍ରପାତରେ ୩ ମୃତ

**ଦିଗପହଣ୍ଡି/ଖଲ୍ଲିକୋଟ/ପାତ୍ରପୁର,୮।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଶନିବାର କାଳବୈଶାଖୀ ପ୍ରଭାବରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଶଙ୍କରଖାଳି ଗ୍ରାମର ସୁଷମା ନାଇକ (୩୫), ପୁରୁଷୋତ୍ତମପୁର ବ୍ଲକ ଚିଙ୍ଗୁଡିଘାଇର ପାଣ୍ଡି ବେହେରା (୪୦) ଓ ପାତ୍ରପୁର ବ୍ଲକ ଖାରିଆଗୁଡା ହରିଜନ ସାହିର ବାଳତୀ ନାୟକ (୫୦)।

ଶଙ୍କରଖାଳି ଗ୍ରାମ ଦଳିତ ସାହିର ସୁଷମା ଅପରାହ୍ନରେ ଘର ବାଡିପଟେ କାମ କରୁଥିବା ବେଳେ ବଜ୍ରପାତରେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୁଷମାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରିପୋର୍ଟ ସଂଗ୍ରହ କରିଥିଲେ। ସେହିପରି ଚିଙ୍ଗୁଡିଘାଇର ପାଣ୍ଡି ବେହେରା ଖଲ୍ଲିକୋଟ ବ୍ଲକ ବଡରାମପଲ୍ଲୀ ଗ୍ରାମରେ କିଛିଦିନ ହେଲା ରହି କାମ କରୁଥିଲେ। ଅପରାହ୍ନରେ ବିଲରେ କାମ କରୁଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପାଖରେ କାମ କରୁଥିବା ଲୋକମାନେ ତାଙ୍କୁ ଖଲ୍ଲିକୋଟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପାଣ୍ଡିଙ୍କୁ ମୃତ ଘୋଷଣା କରିଥିଲେ। ଖାରିଆଗୁଡ଼ା ହରିଜନ ସାହିର ମାଳତୀ ବାଦାମ କ୍ଷେତକୁ ସନ୍ଧ୍ୟାରେ ଯାଉଥିବାବେଳେ ବର୍ଷାପବନ ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖାରିଆଗୁଡା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।




# ସାପ କାମୁଡ଼ାରେ ମା', ପୁଅ ମୃତ

**ଉମରକୋଟ, ୮।୬(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ସି ପଞ୍ଚାୟତର ମାଲପରା ଗ୍ରାମରେ ଶୁକ୍ରବାର ରାତିରେ ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି। ସାପ କାମୁଡାରେ ମା' ଓ ପୁଅଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲକ୍ଷ୍ମୀ ଗଣ୍ଡ ଓ ତାଙ୍କ ପୁଅ ଭାଗୀରଥି ଗଣ୍ଡ(୫)। ମାଲପରା ଗ୍ରାମର ଭୁଜ ଗଣ୍ଡଙ୍କ ସ୍ତ୍ରୀ ଲକ୍ଷ୍ମୀ, ପୁଅ ଭାଗୀରଥି ଓ ୨ ବର୍ଷର ଝିଅ ଶୁକ୍ରବାର ରାତିରେ ଘରେ ଶୋଇଥିଲେ। ରାତିରେ ଲକ୍ଷ୍ମୀଙ୍କ ଜଂଘ ଏବଂ ଭାଗୀରଥିଙ୍କ ହାତକୁ ଏକ ସାପ କାମୁଡି ଦେଇଥିଲା। ଲକ୍ଷ୍ମୀ ସଙ୍ଗେ ସଙ୍ଗେ ଭୁଜଙ୍କୁ ଉଠାଇଥିଲେ। ଘର ଭିତରେ ସାପ ଥିବାରୁ ସାପ କାମୁଡିଥିବା ସନ୍ଦେହ କରିଥିଲେ। ଭୁଜ ପଡୋଶୀଙ୍କ ସହାୟତାରେ ଲକ୍ଷ୍ମୀ ଓ ଭାଗୀରଥିଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ମାଲପରା ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।








ମୂର୍ଖ ସର୍ବଦା ନିଜ ଘରେ ହିଁ ପୂଜା ପାଏ। ଗାଁର ମୁଖିଆ ଗାଁରେ। କିନ୍ତୁ ଯିଏ ବିଦ୍ୱାନ/ ବୁଦ୍ଧିମାନ ସେ ସବୁଠାରେ ପୂଜା ପାଇଥାଏ।

- ଚାଣକ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଅନଜର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜି ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୮।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ମଧ୍ୟାହ୍ନ ୧୨ଟା ୫୫ରେ ବିମାନ ଯୋଗେ ନୂଆଦିଲ୍ଲୀ ଗସ୍ତ କରିବେ। ସେ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ସାଧାରଣ ନିର୍ବାଚନ ବିଜୟୀ ହେବା ପରେ ପ୍ରଥମଥର ପାଇଁ ଦୁଇ ନେତାଙ୍କ ଭେଟ ହେଉଛି। ନବୀନଙ୍କ ସହ ବିଜେଡିର ୧୨ ଲୋକ ସଭା ସଦସ୍ୟ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ। ସେହିଦିନ ନବୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ମଧ୍ୟ ଭେଟିବେ। ମୁଖ୍ୟମନ୍ତ୍ରୀ ବିଭିନ୍ନ ମନ୍ତ୍ରଣାଳୟ ଯାଇ ରାଜ୍ୟର ବାକି ଥିବା ପ୍ରକଳ୍ପ ବିଷୟରେ ଆଲୋଚନା କରିବେ ବୋଲି ଜଣାପଡିଛି।

### ୪୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୪୯ ଗିରଫ

# ଖସୁଛନ୍ତି ମାଫିଆ, ଫସୁଛନ୍ତି ଭାରୁଆ

ମାଲକାନଗିରି/ଜୟପୁର,୮।୬(ଡି.ଏନ୍.ଏ./ନି.ପ୍ର.)

- ମାଥିଲିରୁ ୩୦ କୁଇଣ୍ଟାଲ ଗଞ୍ଜେଇ ଜବତ
- ଧରାପଡ଼ିଛନ୍ତି ୩୪ ଜଣ ଭାରୁଆ
- ଭାରୁଆଙ୍କ ସହ ଧସ୍ତାଧସ୍ତିରେ ପୋଲିସ ଆହତ
- କୋରାପୁଟରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ
- ୧୫ ଗିରଫ, ୮ ଜଣ ବାହାର ରାଜ୍ୟର

ଆଦିବାସୀଅଧ୍ୟୁଷିତତଥାମାଓବାଦୀପ୍ରବଣମାଲକାନଗିରି ଓ କୋରାପୁଟ ଜିଲାରେ ଗଞ୍ଜେଇ କାରବାରର ଚେର ବହୁ ତଳକୁ ଲମ୍ବିଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଜବତ ଓ ଗିରଫଦାରୀ ବଢୁଥିଲେ ମଧ୍ୟ ଏହି ବେଆଇନ୍ କାରବାର ରୋକାଯାଇପାରୁନାହିଁ। ମାଫିଆ ଖସିଯାଉଛନ୍ତି, ଧରାପଡୁଛନ୍ତି ଆଦିବାସୀ ଭାରୁଆ ଓ ଗାଡ଼ି ଡ୍ରାଇଭର। ଶନିବାର ଏହି ଦୁଇଟି ଜିଲାରୁ ପୃଥକ୍ ଭାବେ ୪୦ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହେବା ଘଟଣା ଏହା ସ୍ପଷ୍ଟ କରୁଛି। ଏଥିରେ ୪୯ ଜଣ ଗିରଫ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ୩୪ ଜଣ ଭାରୁଆ। ଦୁଇବର୍ଷ ତଳେ ମାଲକାନଗିରି ଜିଲା ପୋଲିସ ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର ୯୭ ଜଣ ଆଦିବାସୀ ଭାରୁଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋଲିସ ବାରମ୍ବାର ଦାବି କରୁଛି ଯେ ଗଞ୍ଜେଇ କାରବାର ରୋକିବା ପାଇଁ ଚଢ଼ାଉ, ଗିରଫଦାରୀ ଜାରି ରହିଛି। କିନ୍ତୁ ସତକଥା ହେଉଛି ଆଦିବାସୀ ଭାରୁଆଙ୍କ ଧରି ପୋଲିସ କେବଳ ମିଛ ବାହାଦୁରୀ ନେଉଛି। ଗଞ୍ଜେଇ ମାଫିଆ ପ୍ରତିଦିନ ବିକଳ୍ପ ଉପାୟ ବାହାରି କରି ନିଜ କାରବାର ସୁରୁଖୁରୁରେ ଚଳାଇଛନ୍ତି। ପୋଲିସର ଲୋକଦେଖାଣିଆ ଧରପଗଡ଼ ସେମାନଙ୍କୁ ଫରକ ପଡୁନି ବୋଲି ସାଧାରଣରେ ଆଲୋଚନା ହେଉଛି।

ମାଲକାନଗିରି ଏସ୍‌ପି. ଜଗମୋହନ ମୀନା ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଗତ ଗୁରୁବାର ରାତିରେ ଚିତ୍ରକୋଣ୍ଡା ଅଞ୍ଚଳରୁ ଶତାଧିକ ଭାରୁଆ ଗଞ୍ଜେଇ ଭାର ନେଇ ପାହାଡ଼ ଓ ଜଙ୍ଗଲ ରାସ୍ତାରେ ବାହାରିଥିଲେ। ଓର୍କେଲ ପୋଲିସ ଖବର ପାଇ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲା। କିନ୍ତୁ ପୋଲିସ ସହ ଧସ୍ତାଧସ୍ତି କରିବା ସହ ଅନ୍ଧାରର ସୁଯୋଗ ନେଇ ଭାରୁଆମାନେ ସେଠାରୁ ଖସିଯାଇଥିଲେ। ଧସ୍ତାଧସ୍ତିରେ ଓର୍କେଲ ଥାନାର ଜଣେ କର୍ମଚାରୀ ଆହତ ହୋଇଥିଲେ। ପରେ ସେହି ଭାରୁଆମାନେ ମାଥିଲି ଦେଇ ଯାଉଥିବା ଖବର ପାଇ ଏସ୍‌ଡିପିଓ ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ଓର୍କେଲ ଥାନା ଆଇଆଇସି ଜଗଦୀଶ ବାରା, ମାଥିଲି ଆଇଆଇସି ଜନ୍ କୁଜୁରଙ୍କ ସହ ୭୫ ଜଣ ପୋଲିସ କର୍ମଚାରୀ ମାଥିଲି ଥାନା ଗୁରୁଗୁଡା ଗ୍ରାମ ନିକଟରେ ଚଢ଼ାଉ କରିଥିଲେ। ସେଠାରୁ ୩୪ ଜଣ ଭାରୁଆଙ୍କୁ ଧରିବାରେ ସଫଳ ହୋଇଥିଲା ପୋଲିସ। ସେମାନଙ୍କ ମଧ୍ୟରେ ମାଲକାନଗିରି ଜିଲାର ୧୭, ନବରଙ୍ଗପୁର ଜିଲାର ୧୧, କୋରାପୁଟ ଜିଲାର ୫ ଜଣ ଓ ଛତିଶଗଡ଼ର ଜଣେ ରହିଛନ୍ତି। ଏଠାରୁ ମୋଟ ୩୦ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏନେଇ ମାଥିଲି ଥାନାରେ କେସ୍ ନଂ ୯୯/୧୯ରେ ଏକ ମାମଲା ରୁଜୁ କରାଯାଇ ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ମାଲକାନଗିରି ଜିଲାରେ ଗଞ୍ଜେଇ ଚାଷ ଏବଂ ଚୋଲା ଚାଲାଣ ପାଇଁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲାରେ ଆଡ୍ଡା ଜମାଇଛନ୍ତି। ସେହିପରି ବିଗତ ଦିନରେ ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ କରି ପୋଲିସ ଯେଉଁମାନଙ୍କୁ ଧରିଛି, ସେମାନେ ପ୍ରାୟତଃ ଉତ୍ତରପ୍ରଦେଶ ଓ ଛତିଶଗଡ଼ର ବୋଲି ଜଣାପଡ଼ିଛି। ଶନିବାର କୋରାପୁଟ ଜିଲାର ୪ଟି ସ୍ଥାନରୁ ୧୦ କୁଇଣ୍ଟାଲ ଗଞ୍ଜେଇ (ଆନୁମାନିକ ମୂଲ୍ୟ ୩ କୋଟି ଟଙ୍କା) ଜବତ ହୋଇଥିବା ବେଳେ ୧୫ ଜଣ ଗିରଫ ହୋଇଛନ୍ତି। ଜୟପୁର ପୋଲିସର 'ଅପରେଶନ କ୍ଲିନ' ଅଭିଯାନ କ୍ରମରେ ଏହି ସବୁ ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ହରିୟାଣାର ୨, ମଧ୍ୟପ୍ରଦେଶର ଜଣେ, ପଶ୍ଚିମବଙ୍ଗର ଜଣେ, ଆନ୍ଧ୍ରପ୍ରଦେଶର ୨, ମହାରାଷ୍ଟ୍ରର ଜଣେ ଏବଂ ଅବଶିଷ୍ଟ ଓଡ଼ିଶାର ଥିବା ଜଣାପଡ଼ିଛି। ଉପରୋକ୍ତ ୪ଟି ଚଢ଼ାଉରେ ଗଞ୍ଜେଇ ଚାଲାଣ ହେଉଥିବା ହୋଣ୍ଡା ସିଟି, ମାରୁତି ସୁଜୁକି, ଆଇଚର, କମାଣ୍ଡର, ଟାଟା ପିକଅପ୍ ଭଳି ଯାନବାହାନ ଏବଂ ୧୪ଟି ମୋବାଇଲ ଜବତ କରିଛି ପୋଲିସ।



ମାଥିଲି ଥାନାରେ ଜବତ ଗଞ୍ଜେଇ ବସ୍ତା ସହ ଗିରଫ ଭାରୁଆମାନେ।

### ଥାନାରେ ପୁଅର ମୃତ୍ୟୁ ନେଇ ମା'ଙ୍କ ଅଭିଯୋଗ

# ବୁଝାଇବାକୁ ଡାକି ମାରିଦେଲା ପୋଲିସ

ଅନୁଗୋଳ ଅଫିସ, ୮।୬

- ମେଡିକାଲରେ ମୃତ ଘୋଷଣା କଲେ ଡାକ୍ତର
- ଅତ୍ୟଧିକ ମଦ୍ୟପାନ ଯୋଗୁ ମୃତ୍ୟୁ ଘଟିଛି-ଏସ୍‌ଡିପିଓ

ଝଗଡା ସମାଧାନ ପାଇଁ ଥାନାକୁ ଯାଇଥିଲେ ପୁଅବୋହୂ। ହେଲେ ମୀମାଂସା କରିବାକୁ ଡାକିଥିବା ପୋଲିସ ହିଁ ପୁଅକୁ ମାରିଦେଇଥିବା ଅଭିଯୋଗ ଆଣିଛନ୍ତି ଅନୁଗୋଳ ଜିଲା କଣିହାଁ ଥାନା ବଡଗୁଣ୍ଡୁରୀ ଅଞ୍ଚଳର ନୟନୀ ବାରିକ। ଥାନା ପରିସରରେ ଯୁବକଙ୍କୁ ମାଡ଼ ମରାଯିବା ଓ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିବା ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଥିବାବେଳେ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ଦୀପକ ବାରିକଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।

ଅଭିଯୋଗ ମୁତାବକ, ଗତ ୬ ତାରିଖରେ କଣିହାଁ ଥାନା ବଡଗୁଣ୍ଡୁରୀ ଅଞ୍ଚଳର ଦୀପକ ଓ ସ୍ତ୍ରୀ ଡଲି ବାରିକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏ ନେଇ ଡଲି ଥାନାରେ ମୌଖିକ ଅଭିଯୋଗ କରିଥିଲେ। ପରେ ପୋଲିସ କାଉନସେଲିଂ ପାଇଁ ଦୀପକଙ୍କୁ ଥାନାକୁ ଡକାଇଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ଦୀପକ, ଡଲି ଓ ସମ୍ପର୍କୀୟ ଥାନାରେ ପହଞ୍ଚିଥିଲେ। ପୋଲିସ ନ ଥିବାରୁ ସେମାନେ ସେଠାରେ ଅପେକ୍ଷା କରିଥିଲେ। ମଧ୍ୟାହ୍ନରେ ପୋଲିସ ଅଧିକାରୀ ଆସିବା ପରେ ଦମ୍ପତିଙ୍କ କାଉନସେଲିଂ କରାଯାଇଥିଲା। ସେହି ସମୟରେ ପୁଣି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଧୀରେ ଧୀରେ ଏହା ବଢିବାରେ ଲାଗିଥିଲେ ହେଁ ପୋଲିସ ରୋକି ପାରି ନ ଥିଲା। ପରେ ଉତ୍ତ୍ୟକ୍ତ ହୋଇ ପୋଲିସ ଅଧିକାରୀ ଜଣକ ଦୀପକଙ୍କୁ ଏକ ଚାପୁଡା ମାରିଥିଲେ। ସେଠାରେ ଦୀପକ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ପୋଲିସ ତୁରନ୍ତ ଦୀପକଙ୍କୁ ଏକ ଅଟୋରେ କଣିହାଁ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ସାଢେ ୧୧ଟାରେ ଦୀପକଙ୍କ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ଅନୁଗୋଳ ପୋଲିସ ନଂ. ୧୦୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବଁଅରପାଳ ତହସିଲଦାର ତଥା ମାଜିଷ୍ଟ୍ରେଟ ଜିତେନ୍ଦ୍ର ସାହୁ ମରଶରୀରର ଯାଞ୍ଚ କରିବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୟନୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଚାପୁଡାରେ ନୁହେଁ ବରଂ ମଦ୍ୟପାନ ଯୋଗୁ ଦୀପକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବା କହିଛନ୍ତି ପାଲଲହଡ଼ା ଏସ୍‌ଡିପିଓ ଯଶୋବନ୍ତ ସାମଲ। ପୋଲିସ ଦୀପକଙ୍କୁ ମାଡ଼ ମାରିବା ସମ୍ପର୍କରେ ଏସ୍‌ଡିପିଓ ପାଟି ଖୋଲି ନ ଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟ ଜଣାପଡିବ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ଘଟଣା ସମ୍ପର୍କରେ କଣିହାଁ ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଦୀପକ ମଦ ପିଇ ମାର୍‌ପିଟ କରୁଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ସମାଧାନ ପାଇଁ ସେମାନଙ୍କୁ ଥାନାକୁ ଡକାଯାଇଥିଲା। ଥାନାକୁ ଆସିବା ଆଗରୁ ମଧ୍ୟ ଦୀପକ ମଦ୍ୟପାନ କରିଥିଲେ। ମୁଣ୍ଡ ବୁଲାଇବାରୁ ସେ ତଳେ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗର ସତ୍ୟତା ଥିଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକେ ଦୀପକଙ୍କ ଅନ୍ତିମ ସଂସ୍କାର କରିଥିବା ଜଣାପଡିଛି। ଘଟଣା ପ୍ରଘଟ ହେବା ପରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଣିହାଁ ଥାନାରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ମୃତକଙ୍କ ପରିବାର ଲୋକଙ୍କ ସହ ଜଣେ ପୋଲିସ ଅଧିକାରୀ କଥାବାର୍ତ୍ତା କରୁଛନ୍ତି।

### କିଛି ତଥ୍ୟ

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସରକାର ୭୬ ନିୟୁତ ଟନ୍ ଚାଉଳ ଏବଂ ଗହମ ସଂଗ୍ରହ କରିଛନ୍ତି। – ଖାଦ୍ୟ ମନ୍ତ୍ରଣାଳୟ

## ବୈତରଣୀରେ ବୁଡ଼ି ୨ ନାବାଳକ ମୃତ

ଆନନ୍ଦପୁର, ୮।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ପଞ୍ଚୁପଲୀ ଗ୍ରାମ ନିକଟ ବୈତରଣୀ ନଦୀ ଘାଟରେ ବୁଡ଼ି ୨ ନାବାଳକଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ପଞ୍ଚୁପଲୀ ଗ୍ରାମର ସଞ୍ଜୟ ପଟ୍ଟନାୟକଙ୍କ ପୁଅ ସମ୍ବିତ (୧୫) ଓ ବାବୁ ପ୍ରସାଦ ଜେନାଙ୍କ ଭଣଜା ରୁଦ୍ର ପ୍ରସାଦ। ସୂଚନା ଅନୁଯାୟୀ ଶନିବାର ଅପରାହ୍ନରେ ସେମାନେ ନଦୀକୁ ଗାଧୋଇବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ। ଉଭୟ ନଦୀକୁ ଯାଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ନିକଟରୁ ସୂଚନା ପାଇ ପରିବାର ଲୋକେ ନଦୀ କୂଳରେ ଖୋଜାଖୋଜି କରିଥିଲେ। ଘାଟରେ ଉଭୟଙ୍କ ଡ୍ରେସ୍ ଓ ଚପଲ ଥିବା ଦେଖାଯାଇଥିଲା। ଉଭୟଙ୍କ ପତ୍ତା ନ ମିଳିବାରୁ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଆସି ଖୋଜାଖୋଜି କରିବାପରେ ରାତିରେ ଉଭୟଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## କନ୍ୟା ବିଦାୟ ପରେ...

ଅଭିଶପ୍ତ ଜୀବନରୁ ମୁକ୍ତି ପାଇଥାନ୍ତି । ଦେବଦମ୍ପତିଙ୍କ ନଗର ପରିକ୍ରମା ସମୟରେ ଦେବଗଣ ଆକାଶ ମାର୍ଗରୁ ବର୍ଷା ରୂପି ପୁଷ୍ପ ବୃଷ୍ଟି କରିଥାନ୍ତି । ଏଥିରେ ଉତ୍ତପ୍ତ ଧରାପୃଷ୍ଠରେ ଶୀତଳତା ଅନୁଭବ ହୁଏ । ଏହି ଆଧ୍ୟାତ୍ମିକ ବିଶ୍ୱାସକୁ ହୃଦ୍‌ବୋଧ କରି ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ କିନ୍ନରମାନେ ଶିବ ପାର୍ବତୀଙ୍କ ବିମାନ ସମ୍ମୁଖରେ ନୃତ୍ୟ କରିଥାନ୍ତି । ଶନିବାର ସକାଳ ୭ଟାରୁ ବିବାହ ମଣ୍ଡପଗୁଡିକରେ ଭକ୍ତମାନେ ଦେବଦମ୍ପତିଙ୍କୁ ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ। ମଧ୍ୟାହ୍ନ ୧୨ଟାରେ ସାମୂହିକ ପ୍ରସାଦସେବନ ହୋଇଥିଲା। ଗୋଧୂଳି ଲଗ୍ନରେ କନ୍ୟା ବିଦାୟ କରାଯାଇଥିଲା। ସମ୍ବଲପୁର ଶୀତଳଷଷ୍ଠୀ ମିଳିତ ସମନ୍ୱୟ କମିଟି, ବଡ଼ବଜାର, ଠାକୁରପଡା, ଦୁର୍ଗାପାଲି, ବୁଢ଼ାରଜା କମିଟି ପକ୍ଷରୁ ଶୋଭାଯାତ୍ରାରେ ଲୋକନୃତ୍ୟ ଓ ଲୋକବାଦ୍ୟ ଏବଂ ସଂଗୀତ ପରିବେଷିତ ହୋଇଥିଲା । ରବିବାର ଗୋଧୂଳି ଲଗ୍ନରେ ଦେବ ଦମ୍ପତି ମନ୍ଦିର ପ୍ରବେଶ କରିବାର ରୀତି ରହିଛି ।

## ସବୁ ଲୋକ ସଭା...

ବିଚାର କଲେ ସଚେତନ ଭୋଟର ଏକ ବୃହତ ଅଂଶ ଶାସକ ବିଜେଡି ବିରୋଧରେ ରହିଥିବା ଅନୁଧ୍ୟାନରୁ ଜଣାପଡିଛି। ଏହି କ୍ଷେତ୍ରରେ କଳାହାଣ୍ଡି, ସୁନ୍ଦରଗଡ ଭଳି ଲୋକ ସଭା ଆସନରେ ବିଜେଡି ତୃତୀୟ ଏବଂ ନବରଙ୍ଗପୁରରେ ଚତୁର୍ଥ ସ୍ଥାନରେ ରହିଛି। ଆଶ୍ଚର୍ଯ୍ୟ ବିଷୟ ଏହିକି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଚଳିତ ଥର ହିଞ୍ଜିଳି ସମେତ ବିଜେପୁର ବିଧାନସଭାରୁ ମଧ୍ୟ ପ୍ରାର୍ଥୀ ହୋଇଥିଲେ। ବିଜେପୁର ନିର୍ବାଚନମଣ୍ଡଳୀଟି ବରଗଡ ଲୋକ ସଭା ଅଧୀନରେ ରହିଛି। ଏହି ଆସନରେ ଭାଜପାର ପ୍ରାର୍ଥୀ ହୋଇଥିବା ସୁରେଶ ପୂଜାରୀ ୪୧୭୧ ଖଣ୍ଡ ପୋଷ୍ଟାଲ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ୧୦୭୭ ଖଣ୍ଡ ଭୋଟ ପାଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସତ୍ତ୍ୱେ ସଚେତନ ଭୋଟର ବିଜେଡି ପ୍ରାର୍ଥୀଙ୍କ ଆଡକୁ ଆକର୍ଷିତ ହୋଇ ପାରିନାହାନ୍ତି। ପୋଷ୍ଟାଲ ବାଲଟ୍‌ରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଭୁବନେଶ୍ୱରରୁ ସିପିଏମ୍ ପ୍ରାର୍ଥୀ ଜନାର୍ଦ୍ଦନ ପତି ୩୩, ଆସିକାରୁ ସିପିଆଇ ପ୍ରାର୍ଥୀ ୮୯ ଏବଂ ମୟୂରଭଞ୍ଜରୁ ଜେଏମ୍‌ଏମ୍ ପ୍ରାର୍ଥୀ ଅଞ୍ଜଳି ସୋରେନ୍ ୨୮୭ ଖଣ୍ଡ ଭୋଟ ପାଇଛନ୍ତି। ନବରଙ୍ଗପୁର ସିଟ୍‌ରେ କଂଗ୍ରେସ ନେତା ପ୍ରଦୀପ ମାଝି ୧୪୩୩ ଭୋଟ ପାଇ ଅନ୍ୟ ପ୍ରାର୍ଥୀଙ୍କଠାରୁ ଆଗରେ ଅଛନ୍ତି। ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ରମେଶ ମାଝୀ ମାତ୍ର ୨୩ ଖଣ୍ଡ ପୋଷ୍ଟାଲ ଭୋଟ୍ ପାଇଛନ୍ତି। ରାଜ୍ୟରେ ଏତେଟା ପ୍ରଭାବୀ ନ ଥିବା ବିଏସ୍‌ପି ନବରଙ୍ଗପୁର ଲୋକ ସଭା ସିଟ୍‌ରୁ ୭୧୬ଟି ପୋଷ୍ଟାଲ ଭୋଟ ହାତେଇ ପାରିଛି। ଅନ୍ୟ ସବୁ ଆସନ ଭଳି ଏହି ଆସନରେ ଭାଜପା ପ୍ରାର୍ଥୀ ଭଲ ପ୍ରଦର୍ଶନ କରି ପାରିନାହାନ୍ତି। ଦଳୀୟ ପ୍ରାର୍ଥୀ ବଳଭଦ୍ର ମାଝୀ ୩୨୯ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। କଳାହାଣ୍ଡି ଲୋକ ସଭାରେ ଭାଜପା ସଭାପତି ବସନ୍ତ ପଣ୍ଡା ୩୩୬୪, କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ୧୨୮୭ ଏବଂ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ୬୧୯ ଖଣ୍ଡ ଭୋଟ ପାଇଛନ୍ତି। ନିର୍ବାଚନ କମିଶନ(ଇସି)ଙ୍କ ୱେବସାଇଟ୍‌ରୁ ମିଳିଥିବା ତଥ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ରାଜ୍ୟର ୨୧ ସଂସଦୀୟ କ୍ଷେତ୍ରରେ ୭୪,୨୬୮ ଖଣ୍ଡ ପୋଷ୍ଟାଲ ବାଲଟ୍ ଭୋଟ ପଡିଛି। ସେଥିରୁ ଭାଜପାକୁ ସର୍ବାଧିକ ୪୯,୦୭୪, ବିଜେଡିକୁ ୧୪,୧୧୯, କଂଗ୍ରେସ ଓ ସହଯୋଗୀଙ୍କୁ ୯,୦୬୯ ଏବଂ ନୋଟାକୁ ୨୯୪ ଖଣ୍ଡ ପୋଷ୍ଟାଲ ଭୋଟ ଯାଇଛି। ରାଜ୍ୟର ଶିକ୍ଷିତ ଓ ସଚେତନ ବର୍ଗ ଶାସକ ବିଜେଡି ବିରୋଧରେ ଦୃଢ ମତ ପୋଷଣ କରୁଥିବା ପୋଷ୍ଟାଲ ବାଲଟ୍ ଭୋଟରୁ ସ୍ପଷ୍ଟ ହୋଇଥିବା ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

| କ୍ରମିକ ସଂଖ୍ୟା | ଲୋକ ସଭା ନାମ | ମୋଟ ପୋଷ୍ଟାଲ ବାଲଟ୍ ଭୋଟ | ଭାଜପା | ବିଜେଡି | କଂଗ୍ରେସ ଓ ସହଯୋଗୀ | ନୋଟା |
|---|---|---|---|---|---|---|
| ୧ | ଆସିକା | ୨୩୨୧ | ୧୭୯୩ | ୩୮୫ | ୮୯ | ୧୪ |
| ୨ | ବରଗଡ | ୫୮୯୨ | ୪୧୭୧ | ୧୦୭୭ | ୫୧୯ | ୪୦ |
| ୩ | ବାଲେଶ୍ୱର | ୩୪୫୦ | ୨୪୨୦ | ୬୬୦ | ୩୩୩ | ୧୪ |
| ୪ | ବ୍ରହ୍ମପୁର | ୨୭୪୭ | ୧୬୯୭ | ୬୯୮ | ୨୬୦ | ୧୮ |
| ୫ | ଭଦ୍ରକ | ୫୨୮୧ | ୩୩୮୦ | ୧୨୭୩ | ୫୭୬ | ୧୧ |
| ୬ | ଭୁବନେଶ୍ୱର | ୧୫୧୧ | ୧୧୯୮ | ୨୪୧ | ୩୩ | ୮ |
| ୭ | ବଲାଙ୍ଗୀର | ୨୬୫୫ | ୧୮୪୯ | ୩୮୭ | ୩୪୪ | ୧୨ |
| ୮ | କଟକ | ୨୦୪୬ | ୧୪୩୨ | ୪୭୫ | ୧୦୫ | ୯ |
| ୯ | ଢେଙ୍କାନାଳ | ୪୮୭୨ | ୩୪୯୪ | ୯୩୦ | ୩୬୨ | ୧୨ |
| ୧୦ | ଜଗତସିଂହପୁର | ୩୫୭୫ | ୧୯୩୨ | ୧୦୩୦ | ୫୭୦ | ୧୫ |
| ୧୧ | ଯାଜପୁର | ୬୨୩୬ | ୪୧୫୬ | ୧୫୪୪ | ୪୮୭ | ୧୨ |
| ୧୨ | କଳାହାଣ୍ଡି | ୫୩୮୬ | ୩୩୬୪ | ୬୧୯ | ୧୨୮୭ | ୨୭ |
| ୧୩ | କନ୍ଧମାଳ | ୨୪୮୭ | ୧୫୮୦ | ୫୨୫ | ୩୪୬ | ୬ |
| ୧୪ | କେନ୍ଦ୍ରାପଡା | ୩୩୪୧ | ୨୩୦୪ | ୮୩୦ | ୧୯୩ | ୪ |
| ୧୫ | କେନ୍ଦୁଝର | ୨୭୬୬ | ୨୦୯୨ | ୪୭୩ | ୧୭୪ | ୩ |
| ୧୬ | କୋରାପୁଟ | ୩୭୮୯ | ୨୨୪୫ | ୭୦୪ | ୬୯୫ | ୩୬ |
| ୧୭ | ମୟୂରଭଞ୍ଜ | ୪୮୪୫ | ୩୫୫୯ | ୮୮୦ | ୨୮୭ | ୨୧ |
| ୧୮ | ନବରଙ୍ଗପୁର | ୨୫୦୩ | ୩୨୯ | ୨୩ | ୧୪୩୩ | ୨ |
| ୧୯ | ପୁରୀ | ୨୮୧୭ | ୨୧୦୩ | ୫୩୯ | ୧୩୫ | ୭ |
| ୨୦ | ସମ୍ବଲପୁର | ୩୨୯୧ | ୨୩୮୮ | ୫୪୫ | ୨୯୭ | ୧୩ |
| ୨୧ | ସୁନ୍ଦରଗଡ | ୨୪୫୭ | ୧୫୮୮ | ୨୮୧ | ୫୪୬ | ୧୦ |
| | ମୋଟ | ୭୪,୨୬୮ | ୪୯,୦୭୪ | ୧୪,୧୧୯ | ୯୦୬୯ | ୨୯୪ |

* ଏଠାରେ କେବଳ ବିଜେଡି, ଭାଜପା, କଂଗ୍ରେସ ଓ ସହଯୋଗୀ ଏବଂ ନୋଟା ପୋଷ୍ଟାଲ ଭୋଟକୁ ନିଆଯାଇଛି। ଅନ୍ୟାନ୍ୟ ସ୍ୱାଧୀନ ଏବଂ ଛୋଟଦଳକୁ ବାଦ୍ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦ୍ୱିତୀୟ ସ୍ଥାନରେ ଶୁକ୍ର ଚତୁର୍ଥାଧିପତିଙ୍କ କେନ୍ଦ୍ରସ୍ଥ ଯୋଗୁ ଶ୍ରୁତିମଧୁର ବାକ୍ୟାଳାପରେ ବନ୍ଧୁଙ୍କୁ ଆପ୍ୟାୟିତ କରିବେ। କର୍ମାଧିପ ଶନି ଭାଗ୍ୟସ୍ଥ ହେତୁ ମୃଦୁ ମନ୍ଦ ଗତିରେ କର୍ମପ୍ରବାହକୁ ଆଗକୁ ଗଡ଼ାଇ ନେବାରେ ସାହାଯ୍ୟ କରିପାରନ୍ତି। ବନ୍ଧୁମାନଙ୍କ ସହ କୌଣସି ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବୃଦ୍ଧି ପାଇବ।

**ବୃଷ** ବାଣୀକାରକ ବୁଧ ଉତ୍ତେଜନା ସୃଷ୍ଟିକାରୀ ଗ୍ରହ ମଙ୍ଗଳ ସଂସ୍ପର୍ଶରେ ଆସି ଆପଣଙ୍କ ବ୍ୟବହାରକୁ ରକ୍ଷ କିମ୍ବା କଠୋର କରିଦେଇପାରନ୍ତି। କର୍ମକ୍ଷେତ୍ରରେ ମନ ଚାହୁଁ ନ ଥିବା କେତେକ କାମ ପରିସ୍ଥିତିରେ ପଡି କରିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପ, ସାମ୍ବାଦିକତା, ଯୋଗାଯୋଗ ପ୍ରଭୃତିରୁ ଖୁସି ରହିବେ।

**ମିଥୁନ** ପାପାକ୍ରାନ୍ତ ଗ୍ରହଙ୍କ ଦ୍ୱାରା କବଳିତ ରାଶି ଏକାଧାରରେ ଦୈହିକ ଓ ମାନସିକ ସୁସ୍ଥତାକୁ କ୍ଷୁର୍ଣ୍ଣ କରିପାରେ। ଏପରିକି କେତେକ କ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସୀ କରିବାକୁ ଯାଇ ନିଜର ସ୍ୱାର୍ଥକୁ ବଳି ଦେବାକୁ ବାଧ ହୋଇପାରନ୍ତି। ଅଭାବ ନ ଥିଲେ ଘରୋଇ କଥା ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ଚିନ୍ତାଧାରାକୁ ବିକ୍ଷିପ୍ତ କରିଦେବ।

**କର୍କଟ** ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ଆପଣଙ୍କ ହସ ହସ ମୁହଁର ବିନୟପୂର୍ଣ୍ଣ ସାଦର ସମ୍ଭାଷଣ ବନ୍ଧୁ ପରିଜନଙ୍କ ହୃଦୟଗ୍ରାହୀ ହୋଇପାରିବ। ସଭାସମିତି, ପ୍ରକାଶନ, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାହିତ୍ୟ, ଗବେଷଣା ତଥା ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ଆପଣଙ୍କ ରାଶି ପାଇଁ ଆଜିର ଗ୍ରହସ୍ଥିତି ନୂତନ ସମ୍ପର୍କ, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟରେ ପ୍ରଫୁଲ୍ଲିତ ରହିବେ। କାର୍ଯ୍ୟ ହାସଲ ପାଇଁ ଅର୍ଥାଭାବ, ଅସହଯୋଗ, ପ୍ରତିବନ୍ଧକ ପ୍ରଭୃତି କୌଣସି ନକାରାତ୍ମକ ସ୍ଥିତି ଉପୁଜିବ ନାହିଁ। କର୍ମକ୍ଷେତ୍ର ସକାଶେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**କନ୍ୟା** ଚତୁର୍ଥ ଓ ଦଶମସ୍ଥାନ ପାପଗ୍ରହଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ପାରିବାରିକ, କର୍ମକ୍ଷେତ୍ର, ବନ୍ଧୁ ସମ୍ପର୍କକୁ ବିବାଦୀୟ କରିପାରେ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ଆଜି ଯାହା ପାଇବା କଥା ତାହା ସହଜ ଓ ସୁବିଧାରେ ପାଇବା କଷ୍ଟକର ହୋଇ ପଡ଼ିବ। ପ୍ଲଟିଙ୍ଗ୍ କାରବାର, ଯାନ୍ତ୍ରିକ ଜିନିଷ କିମ୍ବା ବିଦ୍ୟୁତ୍ ବ୍ୟବସାୟୀ ଲାଭବାନ୍ ହୋଇପାରନ୍ତି।

**ତୁଳା** ରବି ରଶ୍ମିରେ ବଳହୀନ ସ୍ୱଗୃହୀ ଶୁକ୍ରଯୋଗୁ ଦୈହିକ ଦୁର୍ବଳତା ଦେଖାଦେବ। କୌଣସି ଜିନିଷର ଅଭାବ ନ ଥିଲେ ମଧ୍ୟ ନିଜର ପ୍ରିୟବ୍ୟକ୍ତିଙ୍କଠାରୁ ବହୁ ଦୂରେ ରହି ଚିନ୍ତିତ ରହିବେ। ଅବଶ୍ୟ ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଆନୁଷ୍ଠାନିକ କାମରେ ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ ହେବେ।

**ବିଛା** ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଆପଣଙ୍କ ସ୍ଥଗିତ କାର୍ଯ୍ୟ ପୂରଣ କରିବ। ଭାଙ୍ଗିଯାଇଥିବା ସମ୍ପର୍କକୁ ପୁଣି ଯୋଡ଼ିବାକୁ ଚେଷ୍ଟା କରି ଅସଫଳ ହୋଇପାରନ୍ତି। ନିଜ ପରିସରର ବ୍ୟକ୍ତିମାନେ ଅଯଥା ଦୋଷାରୋପ କରି ମାନସିକ ସ୍ଥିତି ବିଗାଡିଦେଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ଉପର ମନରେ ଭଲ କଥା କହି ପଛରେ ସମାଲୋଚନା କରିବେ।

**ଧନୁ** ଅଷ୍ଟମାଧିପତି ନବମସ୍ଥ ରହି ଉଦ୍ୟମରେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି। ଅନାବଶ୍ୟକ କଥାକୁ ମନରୁ ପରିହାର କରି ବାସ୍ତବତାକୁ ଗୁରୁତ୍ୱ ଦେଇ କାମ କରନ୍ତୁ। ବିଭିନ୍ନ ପ୍ରକାରର ସ୍ଥଗିତ କାମକୁ ନେଇ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ସଭାସମିତି କିମ୍ବା ବନ୍ଧୁ ଗହଣରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଆଜିର ଅଷ୍ଟମଚନ୍ଦ୍ର ରାଶିସ୍ଥ କେତୁଙ୍କ ନକ୍ଷତ୍ରସ୍ଥ ହେତୁ ମାନସିକ ଦୁଃଶ୍ଚିନ୍ତାରେ ମନ ଉଦ୍‌ବେଳିତ ହୋଇପାରେ। ବାଣିଜ୍ୟବ୍ୟବସାୟ, ସଭାସମିତି ତଥା ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ କିନ୍ତୁ ସେପରି କିଛି ବିଶେଷ ଅସୁବିଧା ହେବ ନାହିଁ।

**କୁମ୍ଭ** ଶନିଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହିବ। ଚନ୍ଦ୍ରଙ୍କ କୁପ୍ରଭାବରେ ପାରିବାରିକ ସମସ୍ୟା ହେତୁ ମନ ଭଲ ରହି ନ ପାରେ। ଅବଶ୍ୟ ଅର୍ଥଲାଭ ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣହେତୁକ କ୍ଳାନ୍ତି ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ଆଜିର ଚନ୍ଦ୍ରଙ୍କ ସ୍ଥିତି ମନ ଚାହୁଁଥିବା କାମ କରାଇ ଦେବନାହିଁ। ଏଣେ ଷଷ୍ଠାଧିପତିଙ୍କ ତୃତୀୟାବସ୍ଥାନ ଭାଇ, ବନ୍ଧୁ କୁଟୁମ୍ବଙ୍କ ଦ୍ୱାରା ପୀଡ଼ିତ କରାଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ରାହୁ ସହ ବୁଧଙ୍କ ସମ୍ବନ୍ଧରୁ ଭୁଲ୍ ବୁଝାମଣାଜନିତ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ଓଡ଼ିଶାର ପୂର୍ବତନ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ, ଜ୍ୟେଷ୍ଠ ଶୁକ୍ଳପକ୍ଷର ବିଜୟା ସପ୍ତମୀ ରବିବାର, ଜୁନ୍ ୯ ତାରିଖ, ବିର୍ସାମୁଣ୍ଡା ଶହୀଦ ଦିବସ, ରାଶିନକ୍ଷତ୍ର-ମଘା/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୯ମି. ଗତେ ଘ୧୦।୦୮ମି. ମଧ୍ୟେ ଘ୧।୨୬ମି. ଗତେ, ଘ୩।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୪୨ମି. ଗତେ ଘ୬।୨୨ମି. ମଧ୍ୟେ ରାହୁକାଳ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।
- ରବର୍ଟ ୱାଲ୍‌ପୋଲ୍

## ମୋଦିଙ୍କୁ ମାଳଦ୍ୱୀପର ସର୍ବୋଚ୍ଚ ସମ୍ମାନ

ମାଲେ,୮।୬(ପି.ଟି.): ଦୁଇଦିନିଆ ମାଳଦ୍ୱୀପ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ସେଠାର ସର୍ବୋଚ୍ଚ ସମ୍ମାନ 'ରୁଲ୍ସ ଅଫ ନିଶାନ ଇଜୁଦ୍ଦିନ୍'ରେ ସମ୍ମାନିତ କରାଯାଇଛି। ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି ରାଜଧାନୀ ମାଲେଠାରେ ଅନୁଷ୍ଠିତ ଏକ ଉତ୍ସବରେ ମୋଦିଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଛନ୍ତି। ବିଶିଷ୍ଟ ବିଦେଶୀ ନେତୃବୃନ୍ଦଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ମାଳଦ୍ୱୀପ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରିପବ୍ଲିକ୍ ସ୍କୋୟାରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତି ସୋଲିଙ୍କ ସହ ମୋଦିଙ୍କର ବିଭିନ୍ନ ପ୍ରସଙ୍ଗରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଅନେକ ରାଜିନାମା ସ୍ୱାକ୍ଷର ହୋଇଥିଲା।




## ଉତ୍ତମ ସେବା ଯୋଗାଇବାକୁ ଡାକ ବିଭାଗ ମଣ୍ଡଳ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ

### ଡାକ ମଣ୍ଡଳ ଅଧୀକ୍ଷକଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ

ଭୁବନେଶ୍ୱର, ୮।୬(ବ୍ୟୁରୋ)

ଓଡ଼ିଶା ଡାକ ପରିମଣ୍ଡଳ ପରିସରରେ ମଣ୍ଡଳ ଅଧୀକ୍ଷକଙ୍କ ଦୁଇଦିନିଆ ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କୁମାର କମିଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମ୍ମିଳନୀରେ ବ୍ରହ୍ମପୁର କ୍ଷେତ୍ର ମହାଡାକପାଳ କର୍ନେଲ ଜଳେଶ୍ୱର କହ୍ନର, ସମ୍ବଲପୁର କ୍ଷେତ୍ର ମହାଡାକପାଳ ଲଳିତେନ୍ଦୁ ପ୍ରଧାନ, ଡାକଲେଖା ନିର୍ଦ୍ଦେଶକ ପି. କେ. ଦାସ ପ୍ରମୁଖ ଯୋଗଦେଇଥିଲେ। ଗ୍ରାହକମାନଙ୍କୁ କିପରି ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ସେ ବିଷୟରେ ସମସ୍ତ ମଣ୍ଡଳ ଅଧୀକ୍ଷକଙ୍କୁ ସେମାନେ ଦିଗ୍‌ଦର୍ଶନ ଦେଇଥିଲେ। ଡାକ ବିଭାଗର ବିଭିନ୍ନ ଉତ୍ପାଦ ଯଥା ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ବୀମା ଯୋଜନା, ଡାକ ଜୀବନ ବୀମା, ଗ୍ରାମୀଣ ଡାକ ଜୀବନ ବୀମା, ସ୍ପିଡ଼ପୋଷ୍ଟ, ମୋ ଡାକ ଟିକଟ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ, ଆଧାର ସେବା, ଡାକ ଘର ପାସ୍‌ପୋର୍ଟ ସେବା ଆଦିର ସମୀକ୍ଷା କରାଯାଇଥିଲା। ଏହି ସମ୍ମିଳନୀରେ ୧୯ ଡାକମଣ୍ଡଳ ଅଧୀକ୍ଷକ, ୩ ମଣ୍ଡଳ ଅଧୀକ୍ଷକ (ରେଳ ଡାକ ସେବା), ଇଣ୍ଡିପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଓଡ଼ିଶା ପରିମଣ୍ଡଳ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ଦିବାକର ଏନ୍‌ଆର ପ୍ରମୁଖ ଉପସ୍ଥିତ ଥିଲେ। ପୋଷ୍ଟମ୍ୟାନ ଆପ୍ ମାଧ୍ୟମରେ ଡାକ ବିତରଣ, ଆଇପିପିବି ଆପ୍ ମାଧ୍ୟମରେ ଆଇପିପିବି ଜମା ଖାତା ଖୋଲିବା ଓ କାରବାର ବୃଦ୍ଧି ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟାଳୟ ନିର୍ଦ୍ଦେଶକ ଜି. ଗୁରୁନାଥନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

DAYANAND PLAY/PUBLIC SCHOOL
Raseram Vihar, Padiabahal, Sambalpur
Mob- 7381058813, 8249212113
ADMISSION CONTINUE NURSERY CLASS VII
Recognized by Govt. of Odisha
FEATURES
Trained & Experienced
Green & Safe Environment
CCTV Surveillance
Own bus facility
Day boarding & Hostel facility
Hygienic & Nutritious food
Separate boys & girls hostel
Sports, Game, Yoga, Dance etc
EDAC Curriculum CBSE School

VUDA & RERA APPROVED PLOTS FOR SALE @ VIZAG
Gated Community Plots @ Vizag.
SPOT REGISTRATION With all Amenities.
* 324 feet highway facing project.
* At 2km away Pathanjali mega food park with a budget of Rs. 634 crores with proposed Employment of 33, 400 people.
* Sarda metals with thousands of Employees is at just 3km away.
* 526 acres University @ just 5km away.
* One of the India's biggest railway zone near Kothavalasa in 700 acres
For further details Call : 9246227833

## ■ ଶ୍ରୀଜୀଉଙ୍କ ଦର୍ଶନ କଲେ ଦୁଇ ଓଡ଼ିଆ କେନ୍ଦ୍ରମନ୍ତ୍ରୀ

# ଓଡ଼ିଶା ହେବ ଷ୍ଟିଲ୍ ହବ୍: ଧର୍ମେନ୍ଦ୍ର

- ସୋଲାର ଅରଟ ଚଳାଇବା ପାଇଁ ପ୍ରସ୍ତୁତି ଚାଲିଛି: ପ୍ରତାପ
- ରାଜଧାନୀ ଓ ପୁରୀରେ ବିପୁଳ ସମ୍ବର୍ଦ୍ଧନା



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡ଼ଙ୍ଗୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ଭୁବନେଶ୍ୱର (ବ୍ୟୁରୋ)/ପୁରୀ ଅଫିସ, ୮।୬

ଭାରତର ଷ୍ଟିଲ ହବ୍ ହେବ ଓଡ଼ିଶା। ଓଡ଼ିଶା ବିନା ଭାରତରେ ଷ୍ଟିଲ୍ ଇଣ୍ଡଷ୍ଟ୍ରିର କଳ୍ପନା କରି ହେବ ନାହିଁ। ଭାରତ ପୃଥିବୀର ଦ୍ୱିତୀୟ ବୃହତ୍ତମ ଷ୍ଟିଲ ଉତ୍ପାଦକାରୀ ଦେଶ। ପୃଥିବୀର ଏହା ଏକମାତ୍ର ଅଞ୍ଚଳ ଯେଉଁଠି ଷ୍ଟିଲ ସେକ୍ଟରରେ ୬ରୁ ୮ପ୍ରତିଶତ ଅଭିବୃଦ୍ଧି ହାର ରହିଛି। ତେଣୁ ସ୍ୱାଭାବିକ ଭାବେ ଏହାର ଲାଭ ଓଡ଼ିଶାକୁ ମିଳିବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଇସ୍ପାତ, ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ, ମତ୍ସ୍ୟ ଓ ପଶୁ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶ୍ରୀମନ୍ଦିରକୁ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ଆସିଥିଲେ। ଏହି ଅବସରରେ ପ୍ରଧାନ କହିଥିଲେ ଯେ, ଓଡ଼ିଶା ସରକାରଙ୍କ ସହଯୋଗରେ ରାଜ୍ୟର ଯୁବକ ଓ ରାଜସ୍ୱ ପାଇଁ ତଥା ଭାରତ ବର୍ଷର ବିକାଶ ଲାଗି ଓଡ଼ିଶାକୁ ଷ୍ଟିଲ୍ ମାନୁଫାକ୍ଚରିଂ ହବ୍ ତିଆରି କରିବା ନିମନ୍ତେ ପ୍ରୟାସ କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଦେଶରେ ଦ୍ୱିତୀୟ ଥର ଲାଗି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଲୋକ କଲ୍ୟାଣକାରୀ ସରକାର ପୁନର୍ବାର ଗଠନ ହୋଇପାରିଛି। ଜନମତକୁ ସମ୍ମାନ ଦେଇ ଏବଂ ଦେଶର ଆକାଂକ୍ଷାକୁ ପୂରଣ କରିବା ଲାଗି ଆମ ସମସ୍ତଙ୍କୁ କାମ କରିବାକୁ ପଡ଼ିବ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଓଡ଼ିଶା ଗ୍ରାମୀଣ ଅର୍ଥନୀତି ବୃଦ୍ଧି ହେବା ସହ ଚାଷ, ମତ୍ସ୍ୟଚାଷ, ଉଦ୍ୟାନ କୃଷି ତଥା ଛୋଟ ବ୍ୟବସାୟରେ ଓଡ଼ିଆ ଯୁବକମାନେ ଲାଭ ପାଇବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟତମ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ, ଏମ୍‌ଏସ୍‌ଏମ୍‌ଇ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଚାଷ ପରେ ନିଯୁକ୍ତି କ୍ଷେତ୍ରରେ ଏହା ଦ୍ୱିତୀୟ ବୃହତ୍ତମ କ୍ଷେତ୍ର। ଏହି ବିଭାଗର ସ୍ଥିତି ପୂର୍ବରୁ ଯାହା ଥିଲା ଗତ ୫ବର୍ଷ ଭିତରେ ଅଧିକ ତ୍ୱରାନ୍ୱିତ ହୋଇଛି। ଗରିବ ଏବଂ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଏଥିରେ ବଡ଼ ସୁଯୋଗ ରହିଛି। ବିଭିନ୍ନ କୁଟୀର ଏବଂ କ୍ଷୁଦ୍ର ଶିଳ୍ପ ବିଶେଷକରି ନଡ଼ିଆ କତାଶିଳ୍ପର ବିକାଶ ଲାଗି ଯୋଜନା କରାଯାଉଛି। ସୋଲାର ଅରଟ ଚଳାଇବା ପାଇଁ ପ୍ରସ୍ତୁତି ଚାଲିଛି। ଏଥିଲାଗି କ୍ଲଷ୍ଟର ତିଆରି ହେବା ପରେ ଏହା କାର୍ଯ୍ୟକ୍ଷମ କରାଯିବ। ନଡ଼ିଆ ଚାଷୀଙ୍କୁ ସହଯୋଗ ଲାଗି ସରକାରଙ୍କ ତରଫରୁ ବିସ୍ତୃତ ଯୋଜନା ପ୍ରସ୍ତୁତ ହେଉଛି। ଅନୁମୋଦନ ପରେ ଏହାର କାମ ଆରମ୍ଭ ହେବ। ବଡ଼ ସ୍ୱପ୍ନକୁ ସାକାର କରିବା ସକାଶେ ପୂର୍ଣ୍ଣମାତ୍ରାରେ ତାକତ୍ ଲଗାଯିବ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

କେନ୍ଦ୍ରରେ ମନ୍ତ୍ରୀ ଭାର ସମ୍ଭାଳିବା ପରେ ପ୍ରଥମ ଥର ଓଡ଼ିଶା ଗସ୍ତରେ ଆସିଥିବା ଏହି ଦୁଇ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ଶନିବାର ପ୍ରଥମେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ଦଳ ପକ୍ଷରୁ ବାଜା, ବାଣ ଓ ପାରମ୍ପରିକ ନାଚଗୀତ ସହ ସେମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ଦଳର ନେତୃବୃନ୍ଦ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏହାପରେ ସେମାନେ ପୁରୀ ଅଭିମୁଖେ ଗସ୍ତ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର, ନବ ନିର୍ବାଚିତ ଦଳର ଏମ୍‌ପି ଏବଂ ବିଧାୟକମାନେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ଜିଲାର ଦଳୀୟ ନେତୃବୃନ୍ଦ ଏବଂ ସେବାୟତ ଖଣ୍ଡୁଆ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଏହାପରେ ସମସ୍ତେ ମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେବା ସହ ବେଢା ପରିସରସ୍ଥ ବିଭିନ୍ନ ମନ୍ଦିର ବୁଲି ଦେଖିଥିଲେ। ପରେ କଲେଜ ଛକଠାରେ ଜିଲା ଭାଜପା କାର୍ଯ୍ୟାଳୟକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ଦଳର ବହୁ ନବନିର୍ବାଚିତ ଲୋକପ୍ରତିନିଧି ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ।




## ରାଜଭବନରେ ପାଳନ ହେବନି 'ଆଟ୍ ହୋମ୍'

ଭୁବନେଶ୍ୱର, ୮।୬(ବ୍ୟୁରୋ)- ଚଳିତବର୍ଷ ରାଜଭବନରେ ସ୍ୱାଧୀନତା ଦିବସରେ 'ଆଟ୍ ହୋମ୍' ବନ୍ଧୁ ମିଳନ ସମାରୋହ ପାଳନ ହେବ ନାହିଁ। ବାତ୍ୟା 'ଫନୀ' ବିପନ୍ନଙ୍କୁ ସମବେଦନା ଜଣାଇବା ସହ ଚଳିତବର୍ଷର ଏହି ସମାରୋହର ଆୟୋଜନ ନ କରିବା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ତରଫରୁ ବିଧିବଦ୍ଧ ସୂଚନା ପ୍ରଦାନ କରାଯାଇଛି। ପ୍ରତିବର୍ଷ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ରାଜଭବନରେ 'ଆଟ୍ ହୋମ' ବନ୍ଧୁ ମିଳନ ସମାରୋହ ଆୟୋଜିତ ହୋଇଥାଏ।




ସମ୍ବଲପୁରୀ ବସ୍ତ୍ରାଳୟ
ରଜପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା.୦୭.୦୬.୨୦୧୯ ରୁ ତା.୧୫.୦୬.୨୦୧୯ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।






ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା



# ପ୍ରେମ୍‌ଜୀଙ୍କ ବଦାନ୍ୟତା



ଆକାର ପଟେଲ

ଧନୀ ଲୋକମାନେ ସେମାନଙ୍କ ଧନକୁ ସମାଜରେ ବାଣ୍ଟିଦେବା ଉଚିତ ଏବଂ ଧନୀ ଅବସ୍ଥାରେ ମୃତ୍ୟୁବରଣ କରିବା ଅନୁଚିତ- ଏହି ଚିନ୍ତାଧାରା ଆଣ୍ଡ୍ରୁ କାର୍ନେଗୀଙ୍କ ପାଖରୁ ଆସିଛି। ସେ ଥିଲେ ଜଣେ ଆମେରିକୀୟ ଶିଳ୍ପପତି ଏବଂ ନିଜ ହାତରେ ନିଜକୁ ଗଢ଼ିଥିବା ମଣିଷ ଯେ କି ଏକ ଇସ୍ପାତ ସାମ୍ରାଜ୍ୟ ନିର୍ମାଣ କରିଥିଲେ। ସେ ୩୫ ବର୍ଷ ବୟସରୁ ସମାଜ ହିତରେ ଧନ ଖର୍ଚ୍ଚ କରିବା ଆରମ୍ଭ କରିଦେଇଥିଲେ। ପ୍ରାୟ ୧୦୦ ବର୍ଷ ତଳେ ୧୯୧୯ ମସିହାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେତେବେଳକୁ ସେ ତାଙ୍କ ମୋଟ ସମ୍ପତ୍ତିର ୯୦ ପ୍ରତିଶତ ଦାନ କରିସାରିଥିଲେ। ତା'ର ୩୦ ବର୍ଷ ପୂର୍ବରୁ ୧୮୮୯ ବେଳକୁ କାର୍ନେଗୀଙ୍କ ବୟସ ଥିଲା ୫୦ରୁ ୬୦ ଭିତରେ। ସେତେବେଳେ ସେ ଏକ ପୁସ୍ତକ ଲେଖିଥିଲେ ଯାହାର ନାମ 'ଦ ଗସ୍ପେଲ ଅଫ୍ ୱେଲ୍‌ଥ'। ସେଥିରେ ସେ ନିଜର ବଳକା ସମ୍ପତ୍ତି ସମାଜକୁ କାହିଁକି ଦେଇଦେବା ଉଚିତ ତାହା ବୁଝାଇ ଲେଖିଥିଲେ। ସେ ଧନୀ ଲୋକମାନଙ୍କ ଅପବ୍ୟୟ ଓ ଭୋଗପ୍ରବଣତାକୁ ନିରୁତ୍ସାହିତ କରିବା ସହ ସରକାରଙ୍କୁ ମୃତ ବ୍ୟକ୍ତିଙ୍କ ଉପରେ ଅଧିକ ଟିକସ ବସାଇବାକୁ ଉତ୍ସାହିତ କରିଥିଲେ।

ଊନବିଂଶ ଶତାବ୍ଦୀ ପୂର୍ବରୁ କେବଳ ଧନୀ ଲୋକମାନେ ସମ୍ଭ୍ରାନ୍ତ ଭାବେ ବିବେଚିତ ହେଉଥିଲେ, ଯେଉଁମାନଙ୍କର ବିପୁଳ ଭୂସମ୍ପତ୍ତି ଥିଲା ଏବଂ ସେଥିରୁ ସେମାନେ ଟିକସ ବା ଭଡ଼ା ପାଉଥିଲେ। ଇଂଲଣ୍ଡ ରାଣୀଙ୍କର ଏବେ ବି ଅଚଳାଚଳ ସମ୍ପତ୍ତି ରହିଛି। ଅଳ୍ପ କିଛି ଧନୀ ବଣିକ ଅବଶ୍ୟ ଅଛନ୍ତି କିନ୍ତୁ ଅଧିକାଂଶ ଧନୀଙ୍କର ବିପୁଳ ଭୂସମ୍ପତ୍ତି ଅଛି।

ସେତେବେଳେ ଦାନଶୀଳତା ପ୍ରାୟ ନ ଥିଲା ଯଦିଚ ଚର୍ଚ୍ଚକୁ ପ୍ରତ୍ୟେକ ବ୍ୟକ୍ତି, ଯେଉଁମାନେ ପାରିବେ, ସେମାନଙ୍କ ଆୟରୁ ଭାଗ ଦେଉଥିଲେ। ଏହି ଭାଗ ହେଲା ଆୟର ଦଶମାଂଶ। ଆଜି ବି ବହୁ ଲୋକ ଚର୍ଚ୍ଚକୁ ନିଜ ଆୟର ଏକଦଶମାଂଶ ଦେଉଛନ୍ତି। ଭାରତୀୟ ଶିଆ ସମ୍ପ୍ରଦାୟ ଏବଂ ଇସ୍‌ମାଇଲ ଖ୍ୱାଜାମାନେ ଧାର୍ମିକ କାର୍ଯ୍ୟ ପାଇଁ ସେମାନଙ୍କ ବାର୍ଷିକ ଆୟର କିଛି ପ୍ରତିଶତ ଦାନ କରନ୍ତି। ଏହି ଅର୍ଥକୁ ପ୍ରାୟତଃ ହସ୍ପିଟାଲ ଓ ସ୍କୁଲ ପରିଚାଳନାରେ ଖର୍ଚ୍ଚ କରାଯାଏ। ହିନ୍ଦୁମାନେ ମଧ୍ୟ ମନ୍ଦିରକୁ ଦାନ କରନ୍ତି। କିନ୍ତୁ ଏହାର ମୁଖ୍ୟାଂଶ ସୁନା ଆକାରରେ ଦାନ କରାଯାଏ ଯାହାକୁ କୌଣସି କାମରେ ବ୍ୟବହାର କରାଯାଇପାରେ ନାହିଁ। ମୁଁ ବର୍ତ୍ତମାନ କେରଳରେ ଅଛି ଏବଂ ତିରୁବାନନ୍ତପୁରମ୍‌ସ୍ଥିତ ପଦ୍ମନାଭସ୍ୱାମୀ ମନ୍ଦିର ପରିଦର୍ଶନରେ ଆସିଛି। ଏହା ଭାରତର ସବୁଠୁ ଧନୀ ମନ୍ଦିରଗୁଡ଼ିକ ମଧ୍ୟରେ ଅନ୍ୟତମ, ଯଦିଚ ଏହାର ଧନର ମୁଖ୍ୟାଂଶ ହେଉଛି ସୁନା।

ଏହା ହେଉଛି ସେହି ଦାନଶୀଳତାର ସଂସ୍କୃତି ଯେଉଁଥିରେ ଅଜିମ୍ ପ୍ରେମ୍‌ଜୀ ତାଙ୍କର ଛାପ ରଖିଛନ୍ତି। ଚଳିତ ସପ୍ତାହରେ ସେ ୱିପ୍ରୋର ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି ଏବଂ ସେ ହେଉଛନ୍ତି ବିଶ୍ୱର ସବୁଠୁ ବଡ଼ ଜନମଙ୍ଗଳକାରୀ। ପ୍ରେମ୍‌ଜୀ ତାଙ୍କ ସମ୍ପତ୍ତିରୁ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କା ଦାନ କରିଛନ୍ତି। ଏତେ ବିରାଟ ପରିମାଣକୁ ହୁଏତ ଆମ ମଧ୍ୟରୁ ଅନେକେ ବୁଝିପାରିବେ ନାହିଁ। ଏତିକି ଟଙ୍କାରେ ଭାରତର ଶିକ୍ଷା ଓ ସ୍ୱାସ୍ଥ୍ୟ ବଜେଟ ହୋଇପାରିବ।

ପ୍ରେମ୍‌ଜୀ ୨୧ ବର୍ଷ ବୟସରୁ ଏକ ତୈଳ କମ୍ପାନୀର ଦାୟିତ୍ୱ ଗ୍ରହଣ କରିଥିଲେ। (ୱିପ୍ରୋ ମାନେ 'ୱେଷ୍ଟର୍ନ ଇଣ୍ଡିଆ ଭେଜିଟେବ୍‌ଲ ପ୍ରଡକ୍ଟସ୍ ଲିମିଟେଡ୍')। ସମୟକ୍ରମେ ଏହି କମ୍ପାନୀକୁ ସେ ସମ୍ପ୍ରସାରିତ କରି ସୂଚନା ପ୍ରଯୁକ୍ତି କମ୍ପାନୀରେ ପରିଣତ କଲେ। ଏଥିରୁ ତାଙ୍କର ପ୍ରଚୁର ଲାଭ ହେଲା ଓ ସମ୍ପତ୍ତି ବୃଦ୍ଧି ପାଇଲା। ଏହାପରେ ସେ ଦାନ କରିବା ଆରମ୍ଭ କଲେ। ତାଙ୍କ କମ୍ପାନୀର ଅଭିଜ୍ଞତା ଥିବା ଦାୟିତ୍ୱସମ୍ପନ୍ନ ଲୋକମାନଙ୍କୁ ସେ ତାଙ୍କ ଅର୍ଥର ଦାୟିତ୍ୱ ଦେଲେ ଓ ତାଙ୍କ ତରଫରୁ ତାହାକୁ ବିତରଣ କରିବାକୁ ଅନୁମତି ଦେଲେ। ଏହାଦ୍ୱାରା ପ୍ରେମ୍‌ଜୀ ବିଶେଷତଃ ଭାରତରେ ଅନ୍ୟ ଲୋକମାନଙ୍କଠାରୁ ଭିନ୍ନ ଭାବେ ପରିଗଣିତ ହେଲେ। ଆମ ଦେଶର ଧନୀ ଲୋକମାନେ ସାଧାରଣତଃ ସମୃଦ୍ଧି ଚାହାନ୍ତି, ଯେପରି ପ୍ରାସାଦୋପମ ଗୃହ, ୟାଟ୍ (ପ୍ରମୋଦ ଭ୍ରମଣ ନିମନ୍ତେ ବ୍ୟବହୃତ ହାଲୁକା ପୋତ), ଘରୋଇ ଜେଟ୍ ଓ ମାଳ ମାଳ ଦାମୀ କାର୍ ଇତ୍ୟାଦିର ମାଲିକ ହେବା। କିନ୍ତୁ ପ୍ରେମ୍‌ଜୀ ବିଶ୍ୱର ଶ୍ରେଷ୍ଠ ଧନୀ ଲୋକଙ୍କ ଭିତରୁ ଜଣେ ହେଲେ ମଧ୍ୟ ସାଧାରଣ ଜୀବନଯାପନ କରନ୍ତି। ତାଙ୍କର ଏହି ନମ୍ରତା ପୁଣିଥରେ ପ୍ରକାଶିତ ହେଲା, ଯେତେବେଳେ ସେ ୱିପ୍ରୋର କର୍ମଚାରୀମାନଙ୍କୁ ନିଜର ବିଦାୟ ଘୋଷଣା କରି ଏକ ଚିଠି ଲେଖିଲେ।

ଏହି ଚିଠିରେ ସେ ମୁଖ୍ୟତଃ କମ୍ପାନୀର ନୂତନ ଅଧ୍ୟକ୍ଷ ଓ ନୂତନ ପରିଚାଳନା ନିର୍ଦ୍ଦେଶକଙ୍କ ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ସେ ନିଜ ବିଷୟରେ ଶେଷରେ ଅଳ୍ପ କେଇଧାଡ଼ି ଲେଖିଛନ୍ତି। ନିଜର ସଫଳତା ବିଷୟରେ ସେ ଏଥିରେ କିଛି ବି ଉଲ୍ଲେଖ କରିନାହାନ୍ତି। ଆଉ କେହି ବିଶେଷତଃ ତାଙ୍କ ପରି ସଫଳ ବ୍ୟକ୍ତି ଏପରି ଇସ୍ତଫାପତ୍ର ଲେଖିଥିବା ବିଷୟରେ ମୁଁ ଜାଣିନାହିଁ। ଭାରତରେ ଆମ ପାଇଁ ବ୍ୟକ୍ତିଗତ ଚରିତ୍ର ଲାଗି ଏପରି ଭଲ ରୋଲ୍ ମଡେଲ ଖୁବ୍ ବେଶି ମିଳିବେ ନାହିଁ। ଆମର ନେତା ତାଙ୍କ ସୁଟ୍‌ରେ ନିଜର ନାମ ସ୍ୱର୍ଣ୍ଣାକ୍ଷରରେ ଲେଖୁଛନ୍ତି। ଚଳଚ୍ଚିତ୍ର ତାରକା ପରି ବ୍ୟବହାର କରୁଥିବା ଆକର୍ଷଣୀୟ ବ୍ୟକ୍ତିତ୍ୱମାନଙ୍କୁ ଆମେ ପସନ୍ଦ କରୁ। ଏଭଳି ପରିବେଶରେ ଜଣେ ଅର୍ବୁଦପତି ଏପରି କାମ କରିବାକୁ ବାଛିନେଇଛନ୍ତି, ଯାହା ଆଗରୁ କେହି କରିନାହାନ୍ତି। ଆଧୁନିକ ଯୁଗରେ ଅଳ୍ପ କିଛି କଥା ମୁଁ ଗୁଜରାଟୀ ହୋଇଥିବାରୁ ମୋତେ ଗର୍ବିତ କରେ। ପ୍ରେମ୍‌ଜୀଙ୍କ ଜୀବନଚରିତ ନିଶ୍ଚିତଭାବରେ ସେଥି ମଧ୍ୟରୁ ଅନ୍ୟତମ। ତାଙ୍କ ଜୀବନର ଉଦାହରଣରୁ ଆମେ ଶିକ୍ଷା ପାଇଲୁ ଯେ 'ମଣିଷ ଏପରି ବି କରିପାରେ'।

Email: aakar.patel@gmail.com

# ବେସାଲିସ୍ ସ୍ୱାଭିମାନ

ଡ. ହୃଷୀକେଶ ମଲ୍ଲିକ

ନନ୍ଦିନୀ ଶତପଥୀ ଥିଲେ ଭାରତୀୟ ସଂସ୍କୃତି ଓ ରାଜନୀତିରେ ବିସ୍ମୟ। ବିଜୁଳି ପରି ଉଜ୍ଜ୍ୱଳ ଓ ତୀବ୍ର। ୧୯୩୧ ମସିହା ଜୁନ୍ ୯ ତାରିଖରେ କଟକ ବକ୍ସିବଜାର ଯାଚକ ଲେନ୍‌ରେ ତାଙ୍କର ଜନ୍ମ। ସଂଯୋଗ ଏମିତି ଯେ, ବାପା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କାଳଜୟୀ ଉପନ୍ୟାସ 'ମାଟିର ମଣିଷ'ର ଲେଖା ଠିକ୍ ଏହିଦିନ ହିଁ ଶେଷ ହୋଇଥିଲା। ମାତ୍ର ୧୧ ବର୍ଷ ବୟସରେ ସ୍କୁଲ୍ ଛାତ୍ରୀ ଥିବାବେଳେ ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆନ୍ଦୋଳନ (୧୯୪୨)ରେ ସେ ଯୋଗ ଦେଇଥିଲେ। ସେହି ମୁହୂର୍ତ୍ତରୁ ତାଙ୍କ ଜୀବନରେ ଦେଶସେବାର ଯେଉଁ ଜ୍ୟୋତି ପ୍ରଜ୍ୱଳିତ ହୋଇଥିଲା, ଦେହାବସାନ (୨୦୦୬ ଅଗଷ୍ଟ ୪) ଯାଏ ତାହା ଆଉ ନିର୍ବାପିତ ହୋଇନାହିଁ। ଯେତେ ଅପରାଜେୟ ମନେ ହୁଅନ୍ତୁ ନା କାହିଁକି ପ୍ରତିଦ୍ୱନ୍ଦ୍ୱୀ, ପ୍ରାର୍ଥୀ ହୋଇଥିବା ପ୍ରତ୍ୟେକଟି ନିର୍ବାଚନରେ ବିଜୟୀ ହେବା ଥିଲା ତାଙ୍କ ପାଇଁ ଅବଧାରିତ।

ନନ୍ଦିନୀଙ୍କ କର୍ମମୟ ଜୀବନକୁ ଅନୁଧ୍ୟାନ କଲେ ଜଣାଯିବ ଯେ, ସତେ ଯେମିତି ସେ ଥିଲେ ଭାରତୀୟ ରାଜନୀତିରେ ଝଡ଼ ବିପକ୍ଷରେ ଉଡୁଥିବା ଇଗଲ୍। କୌଣସି କାମ ପାଇଁ ଥରେ ସଙ୍କଳ୍ପ ନେଇଗଲେ, ଯେତେ ବାଧାବିଘ୍ନ ଆସୁ ପଛେ କେବେ ପଛକୁ ହଟୁ ନ ଥିଲେ। ଯାହା ତାଙ୍କ ପାଇଁ କେବେ ବି ଗ୍ରହଣୀୟ ନୁହେଁ, ରାଜନୀତିର ଯେତେ ଉଚ୍ଚ ସୋପାନରୁ ନିର୍ଦ୍ଦେଶ ଆସୁ ପଛେ, ତାକୁ ସେ ଆଡେଇ ଯାଉଥିଲେ। ତାଙ୍କ ଦୁଇଥରର ମୁଖ୍ୟମନ୍ତ୍ରିତ୍ୱ ସମୟର ଅବଧି ଥିଲା ସଂକ୍ଷିପ୍ତ, କିନ୍ତୁ ସେଇ ସଂକ୍ଷିପ୍ତ ଶାସନକାଳ ମଧ୍ୟରେ ନାନା ବିରୋଧକୁ ସାମ୍ନା କରି ଯେଉଁସବୁ ଜନହିତକର ନିର୍ଣ୍ଣୟମାନ ସେ ନେଇଥିଲେ, ସେସବୁ ଥିଲା ତାଙ୍କ ରାଜନୈତିକ ଦୂରଦୃଷ୍ଟିର ପରିଚାୟକ। ୧୯୭୪ରେ ଯେତେବେଳେ ସେ 'ଯୌତୁକ ନିରୋଧ ଆଇନ' ପ୍ରଣୟନ କଲେ, ସେତେବେଳେ ତାଙ୍କର କେତେକ ଜଣାଶୁଣା ବିରୋଧୀ ବହୁ ଗୁରୁତ୍ୱପୂର୍ଣ୍ଣ ଜନ-ସମସ୍ୟା ଥାଉଥାଉ ନନ୍ଦିନୀ ଦେବୀ ଯୌତୁକ ଭଳି ଅପେକ୍ଷାକୃତ ଏକ ହାଲ୍‌କା ବିଷୟରେ କାହିଁକି ମାତିଛନ୍ତି ବୋଲି ହୋ ଉଠାଇଲେ। କିନ୍ତୁ ଆଜିର ସ୍ଥିତିରେ ଯଦି ବିବେଚନା କରାଯାଏ 'ଯୌତୁକ ନିରୋଧ ଆଇନ' ଯେ ନନ୍ଦିନୀ ଦେବୀଙ୍କର ଏକ ସମୟୋଚିତ ପଦକ୍ଷେପ ଥିଲା, ତାହା ଅସ୍ପଷ୍ଟ ରହେନା।

୧୯୭୪ରେ ତାଙ୍କ ଦ୍ୱାରା ପ୍ରଣୀତ ଭାଗଚାଷୀଙ୍କ ସ୍ୱତ୍ୱ ସାବ୍ୟସ୍ତ ସହ 'ଓଡ଼ିଶା ଭାଗଚାଷୀ ଆଇନ,' ସଂଶୋଧିତ ଓଡ଼ିଶା ଭୂସଂସ୍କାର ଆଇନ, ୧୯୭୫ରେ ମାତ୍ର ୧୦ ମାସ ମଧ୍ୟରେ ପ୍ରାୟ ଦେଢ଼ଲକ୍ଷ ଭୂମିହୀନଙ୍କୁ ପ୍ରାୟ ଅଢେଇ ଲକ୍ଷ ଏକର ଜମି ବଣ୍ଟନ ଓ ଗରିବଙ୍କ ତଣ୍ଟିର କଣ୍ଟା ସାଜିଥିବା ମହାଜନୀ କାରବାର ବନ୍ଦ ପାଇଁ ଆଇନ ପ୍ରଣୟନ ସାଙ୍ଗକୁ ତାଳଚେର ଓ ପାରାଦୀପରେ ସାର କାରଖାନା ପ୍ରତିଷ୍ଠା, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ଗୃହହୀନ ହରିଜନ, ଆଦିବାସୀଙ୍କୁ ଘର ଯୋଗାଇବା ପାଇଁ 'କଳିଙ୍ଗ କୁଟୀର ଯୋଜନା'ର ଶୁଭାରମ୍ଭ (ଯାହାର ନାମ ପରିବର୍ତ୍ତିତ ହୋଇ ପରବର୍ତ୍ତୀ ସମୟରେ ରହିଲା 'ଇନ୍ଦିରା ଆବାସ ଯୋଜନା'), ଭୁବନେଶ୍ୱରରେ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ପ୍ରତିଷ୍ଠା, ରେଙ୍ଗାଲି ଓ ଅପର କୋଲାବ ଜଳପ୍ରକଳ୍ପ ସହିତ ଶତାଧିକ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ଆଦି ବହୁ ଜନମୁଖୀ ଯୋଜନା ଥିଲା ନନ୍ଦିନୀ ଦେବୀଙ୍କ ଦୃଢ଼ ଇଚ୍ଛାଶକ୍ତିର ପରିଚାୟକ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବା କେନ୍ଦ୍ରମନ୍ତ୍ରୀ, ଜଣେ ପ୍ରଶାସିକା

## ନନ୍ଦିନୀ ଶତପଥୀଙ୍କ ପୁଣ୍ୟ ଜନ୍ମତିଥି ଉପଲକ୍ଷେ

ଭାବେ ଅନୁକରଣୀୟ ଥିଲା ତାଙ୍କ ସମୟାନୁବର୍ତ୍ତିତା। ଠିକ୍ ସମୟରେ ଅଫିସ୍ ଆସୁ ନ ଥିବା ଅଫିସର ଓ କର୍ମଚାରୀଙ୍କ ହୃତ୍‌ସ୍ପନ୍ଦନ ବଢ଼ାଇ ଦେଉଥିଲା ନିର୍ଦ୍ଧାରିତ ସମୟରେ ସଚିବାଳୟରେ ତାଙ୍କ ପଦାର୍ପଣ। ସେ ଭିତରେ ଥିଲେ ମେଘ ପରି କୋମଳ ଓ ବାହାରେ ବଜ୍ର ସଦୃଶ କଠିନ। କାର୍ଯ୍ୟଦକ୍ଷଙ୍କୁ ପ୍ରଶଂସା କରିବାରେ ସେ ଯେପରି କୃପଣ ନ ଥିଲେ, କର୍ମକୁଣ୍ଠମାନଙ୍କୁ ଦଣ୍ଡ ଦେବାରେ ସେହିପରି ନିର୍ମୋହ ଥିଲେ।

ଓଡ଼ିଆ ସାହିତ୍ୟରେ ତାଙ୍କର ଅନୁରାଗଭରା ସ୍ୱାକ୍ଷର ଥିଲା ସ୍ୱକାଳର ଊର୍ଦ୍ଧ୍ୱରେ ଅଲିଭା। ଏକାଧିକ ଗଳ୍ପ, କବିତା ଓ ନିବନ୍ଧର ସେ ଥିଲେ ସ୍ରଷ୍ଟା। ରାଜଦଣ୍ଡ ଓ ଲେଖନୀ ଭିତରେ ଯେଉଁ ସମୁଚିତ ସନ୍ଧି ତାଙ୍କର ପ୍ରତ୍ୟେକଟି ରଚନାରେ ଦୀପ୍ତ ଥିଲା, ତାହା ତାଙ୍କ ସମକାଳର ରାଜନୈତିକ ବ୍ୟକ୍ତିଙ୍କଠାରେ ଥିଲା ସାତସ୍ୱପ୍ନ। ପିତା କାଳିନ୍ଦୀଚରଣଙ୍କ ଦରଦୀ ମାନବବାଦ ଓ କକେଇ ଭଗବତୀଙ୍କ କ୍ରାନ୍ତିକାରୀ ତପୋସାଧନା ତାଙ୍କ ଲେଖକୀୟ ବ୍ୟକ୍ତିତ୍ୱକୁ ସମୁଜ୍ଜ୍ୱଳ କରିଥିଲା। ଗଳ୍ପଗ୍ରନ୍ଥ 'କେତୋଟି କଥା', 'ସପ୍ତଦଶୀ' ଓ କବିତାଗ୍ରନ୍ଥ 'ଉତ୍ତର ପୁରୁଷ' ଯେପରି ତାଙ୍କ ମୌଳିକ ସୃଜନ ପ୍ରତିଭାର ପରିଚୟ ଦିଏ, କୃଷ୍ଣ କ୍ରିପାଲିନୀଙ୍କ ଅଲ୍ ମ୍ୟାନ ଆର୍ ବ୍ରଦର୍ସ, ଅମ୍ରିତା ପ୍ରୀତମ୍‌ଙ୍କ ଆତ୍ମଜୀବନୀ 'ରେଭିନ୍ୟୁ ଟିକେଟ୍', ତସ୍‌ଲିମା ନାସ୍‌ରିନ୍‌ଙ୍କ 'ଲଜ୍ଜା' ଓ ମହାଶ୍ୱେତା ଦେବୀଙ୍କ ଗଳ୍ପସମୂହର ଅନୁବାଦ ସେହିପରି ତାଙ୍କ ଅନୁବାଦ ଦକ୍ଷତାର ପ୍ରମାଣ ଦିଏ। ଓଡ଼ିଆ ସାହିତ୍ୟକୁ ଅନନ୍ୟ ଅବଦାନ ପାଇଁ ସେ ବହୁ ପ୍ରମୁଖ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସମ୍ମାନିତ, ଯହିଁରେ ଅନ୍ତର୍ଭୁକ୍ତ ଗଙ୍ଗାଧର ରଥ ଫାଉଣ୍ଡେଶନ ପ୍ରଦତ୍ତ 'ସାହିତ୍ୟ ଭାରତୀ' ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ।

ଜଣେ ସାରସ୍ୱତ ସ୍ରଷ୍ଟା ଭାବେ ନନ୍ଦିନୀ ଦେବୀ କାହିଁକି ଅନନ୍ୟା, ଏ କଥାଟି ସ୍ପଷ୍ଟ କରିବାକୁ ତାଙ୍କ ଜୀବନରୁ ଗୋଟିଏ ଦୃଷ୍ଟାନ୍ତ ଏଠାରେ ନିଆଯାଉ। ଥରେ ନନ୍ଦିନୀ ଦେବୀ ଗୋଟିଏ ଗପ ଲେଖିଥାନ୍ତି। ଯାହାର ଶୀର୍ଷକ ଥିଲା 'ଏଇ ସହକାର ତଳେ'। ଗୋଟିଏ ଆମ୍ବଗଛ ମୂଳେ ଗରିବ ଦମ୍ପତିଟିଏ ପିଲାଛୁଆଙ୍କୁ ଧରି କଷ୍ଟରେ ଜୀବନଯାପନ କରୁଥିବାର ଜୀବନ୍ତ ଚିତ୍ର ପରିବେଷିତ ହୋଇଥାଏ ଗଳ୍ପଟିରେ। କାଳିନ୍ଦୀଚରଣ ଝିଅର ଅବର୍ତ୍ତମାନରେ ଗପଟିକୁ ପଢ଼ି ଖୁବ୍ ତୃପ୍ତ ହୋଇଥିଲେ। ସନ୍ଧ୍ୟାରେ ଝିଅ ଘରକୁ ଫେରିବା ପରେ ତାକୁ ପାଖକୁ ଡାକି କହିଲେ- ''ତୁ କ'ଣ ମାୟାଧର ମାନସିଂହଙ୍କୁ ଥଟ୍ଟା କରୁଛୁ?'' ନନ୍ଦିନୀ ଏଥିରେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'କାହିଁକି?' କାଳିନ୍ଦୀ ବାବୁ କହିଲେ, ''ତୁ ତ ଜାଣୁ 'ଏଇ ସହକାର ତଳେ' ଶିରୋନାମାରେ ମାନସିଂହଙ୍କର ଏକ ପ୍ରସିଦ୍ଧ କବିତା ଅଛି। ତେବେ ତୁ ସେହି ଏକା ଶିରୋନାମାରେ ଏପରି ଲେଖିଛୁ କାହିଁକି?'' ନନ୍ଦିନୀ ବୁଝିଗଲେ ବାପାଙ୍କର ଅସନ୍ତୋଷର ରହସ୍ୟ। ମାୟାଧରଙ୍କ 'ଏଇ ସହକାର ତଳେ' ଏକ ନିଛକ ପ୍ରେମକାହାଣୀ ହୋଇଥିବା ବେଳେ ଝିଅର କାହାଣୀ ଥିଲା ତା'ର ସମ୍ପୂର୍ଣ୍ଣ ବିପରୀତ, ଅର୍ଥାତ୍ ଆମ୍ବଗଛ ତଳେ ଜୀବନ ଜିଉଥିବା ଏକ ଦରିଦ୍ର ପରିବାରର ନିଷ୍ପେଷିତ କାହାଣୀ- ଏହା ହିଁ ବ୍ୟଥିତ କରିଥିଲା କାଳିନ୍ଦୀଚରଣଙ୍କୁ। ନନ୍ଦିନୀ ସେଦିନ ବାପାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପଚାରିଥିଲେ- ''ବାପା, ତେବେ କ'ଣ ମୁଁ ଏହି ଶିରୋନାମାଟିକୁ ବଦଳାଇ ଦେବି?'' କାଳିନ୍ଦୀଚରଣ ଥିଲେ ନିରୁତ୍ତର। ପିତାପୁତ୍ରୀର ଏହି କଥୋପକଥନ ଭିତରେ ଯାହା ସମାହିତ, ତାହା ହେଉଛି ଗୋଟିଏ ପଟେ ଏକ ରୋମାଣ୍ଟିକ ଯୁଗର ଅସ୍ତ ଆଭା ଓ ଅନ୍ୟପଟେ ଏକ କ୍ରାନ୍ତିକାରୀ ନବଯୁଗର ଉଦୟରାଗ। ଓଡ଼ିଆ ସମାଲୋଚକଙ୍କ ଅନ୍ୟମନସ୍କତାର ଆଢୁଆଳରେ ଓଡ଼ିଆ ସାହିତ୍ୟରେ ଏଇ ଯେଉଁ ଯୁଗାନ୍ତରଟି ନନ୍ଦିନୀ ଦେବୀ ଆଣିଥିଲେ, ତାହା ତାଙ୍କୁ କାଳକାଳକୁ ଯେ ଅମର କରି ରଖିବ, ଏଥିରେ ସନ୍ଦେହ ନାହିଁ।

ଶେଷରେ ସେହି ଅପବାଦ, ଯାହାକୁ ଏଯାଏ ବି ନନ୍ଦିନୀଦେବୀଙ୍କ ମୁଣ୍ଡରେ ଅତି ଦାୟିତ୍ୱହୀନ ଭାବେ କେହିକେହି ଥୋପି ଦିଅନ୍ତି, ତାହା ହେଉଛି ୧୯୭୫ର ଜରୁରିକାଳୀନ ସ୍ଥିତିରେ ତାଙ୍କ ଭୂମିକା। କିନ୍ତୁ ୨୦୦୦ ମସିହା ଜୁନ୍ ୨୫ ତାରଖରେ 'The Asian Age'କୁ ଏକ ସାକ୍ଷାତ୍‌କାର ଦେଇ ନନ୍ଦିନୀ ଦେବୀ ଯାହା କହିଥିଲେ ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ସେ କହିଥିଲେ, ୧୯୭୫ ଜୁନ୍ ୨୫ ତାରିଖରେ ଘୋଷିତ 'ଜରୁରିକାଳୀନ ସ୍ଥିତି' ଘୋଷଣା ପୂର୍ବରୁ ତାଙ୍କୁ ଥିଲା ସମ୍ପୂର୍ଣ୍ଣ ଅଜ୍ଞାତ। 'ଜରୁରିକାଳୀନ ସ୍ଥିତି' ଘୋଷଣାର ଠିକ୍ ଅବ୍ୟବହିତ ପୂର୍ବରୁ ସେହିଦିନ ସନ୍ଧ୍ୟାରେ ଡାକରା ପାଇ ଇନ୍ଦିରା ଗାନ୍ଧୀଙ୍କ ବାସଭବନରେ ଉପସ୍ଥିତ ଥିବା ନନ୍ଦିନୀ ଦେବୀଙ୍କୁ ସଞ୍ଜୟ ଗାନ୍ଧୀ କହିଥିଲେ- ''ଆଣ୍ଟି, କାଲି ସକାଳର ସମସ୍ତ ଖବରକାଗଜକୁ କ'ଣ ଆପଣ ବନ୍ଦ କରିପାରିବେ ନାହିଁ?'' ଉତ୍ତରରେ ନନ୍ଦିନୀ ଦେବୀ କହିଥିଲେ- ''ଏହା କିପରି ସମ୍ଭବ? ଖବରକାଗଜ ଉପରେ ସରକାରଙ୍କର କ'ଣ ବା ନିୟନ୍ତ୍ରଣ!'' ଏହା ଶୁଣି ସଞ୍ଜୟ ଛିଗୁଲେଇ କହିଥିଲେ- ''ସରକାର କିନ୍ତୁ ସବୁବେଳେ ବିଜୁଳି ଓ ପାଣି ଲାଇନ୍ କାଟି ଦେଇପାରିବେ!'' ୧୯୭୫ ଅଗଷ୍ଟ ପ୍ରଥମ ସପ୍ତାହରେ ଦିଲ୍ଲୀରେ ଥିବାବେଳେ ନନ୍ଦିନୀ ଦେବୀ ଜାଣିଥିଲେ ଯେ ବିଜୁ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି ତାଙ୍କ ଅଗୋଚରରେ। ତତ୍‌କ୍ଷଣାତ୍ ସେ ଇନ୍ଦିରା ଗାନ୍ଧୀଙ୍କୁ ଫୋନ୍ କରି ନିଜର ପ୍ରତିବାଦ ଜଣାଇଲେ। ତା'ପରେ ତାଙ୍କୁ ଜଣାଇ ଦିଆଗଲା ଯେ, ତିହାର ଜେଲରେ ବିଜୁବାବୁ ଅଟକ ଅଛନ୍ତି। ଜରୁରିକାଳୀନ ସ୍ଥିତିର ସବୁ କଟକଣାକୁ ଅଣଦେଖା କରି ଡ. ମହତାବଙ୍କୁ କଲିକତାରେ ଆଖି ଅପରେଶନ ପାଇଁ ୬ମାସ ପାରୋଲ୍‌ରେ ମୁକ୍ତ କରିଥିଲେ ଏଇ ନନ୍ଦିନୀ ଦେବୀ! ଜରୁରିକାଳୀନ ସ୍ଥିତିକୁ ସେ ଅନ୍ୟ ଉପରେ ଦାଉ ସାଧିବାର ଏକ ସୁଯୋଗ ଭାବେ ଯେ ଗ୍ରହଣ କରି ନ ଥିଲେ- ଏ ସବୁ ତା'ର ପ୍ରମାଣ।

ଆଜି ନନ୍ଦିନୀଦେବୀଙ୍କ ଅବର୍ତ୍ତମାନରେ ଦ୍ୱିଧାହୀନଭାବେ ଏତିକି କହିହେବ ଯେ ସେ ଥିଲେ ଏପରି ଏକ ସ୍ୱାଭିମାନର ପ୍ରବକ୍ତା, ଯେଉଁ ସ୍ୱାଭିମାନ ଖାଲି ସ୍ୱାଭିମାନ ନ ଥିଲା, ଥିଲା ସର୍ବାନ୍ତଃକରଣରେ ସାଲିସ୍‌ହୀନ। ଶୁଦ୍ଧ ଓ ଅଭୀକ ରାଜନୀତିର ଅଭ୍ରାନ୍ତ ପ୍ରତୀକ ନନ୍ଦିନୀ ଦେବୀଙ୍କୁ ଧରିତ୍ରୀ ସହ ଦେଶବାସୀଙ୍କର ଆଜି ନତଶିର ପ୍ରଣାମ!

ମୋ:୯୮୫୩୨୮୭୭୫୫

# ବାତ୍ୟା ନିରୂପକ

ବ୍ୟକ୍ତିତ୍ୱ



ମୃତ୍ୟୁଞ୍ଜୟ ମହାପାତ୍ର

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଏବେ ପୃଥିବୀ ପାଇଁ ବୃହତ୍ ଆହ୍ୱାନ ଭାବେ ଉଭା ହୋଇଛି। ପ୍ରତ୍ୟେକ ରାଷ୍ଟ୍ର ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତ କଥା ଦେଖିଲେ ପ୍ରାକୃତିକ ବିପର୍ଯ୍ୟୟ ଏହାର ଅର୍ଥନୀତିକୁ ଅନେକ ସମୟରେ କ୍ଷତି ପହଞ୍ଚାଇବା ସହ ବହୁ ଲୋକଙ୍କ ଜୀବନହାନି ଆଣିଥାଏ। ବାତ୍ୟା, ବନ୍ୟା, ବଜ୍ରପାତ, ଭୂମିକମ୍ପ ଓ ମରୁଡି ଭଳି ବିପର୍ଯ୍ୟୟକୁ ପ୍ରତ୍ୟେକ ବର୍ଷ ଦେଶର କୌଣସି ନା କୌଣସି ଭାଗରେ ଲୋକେ ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ବିପ୍ୱାତ ଆସିବା ପୂର୍ବରୁ ସତର୍କ ସୂଚନା ମିଳିପାରିଲେ କେତେକାଂଶରେ ଧନଜୀବନ ରକ୍ଷା ହୋଇଯାଇଥାଏ। ସେଥିପାଇଁ ଜନସାଧାରଣ ପାଣିପାଗ ଓ ଜଳବାୟୁ ସଂକ୍ରାନ୍ତ ଖବର ଜାଣିବାକୁ ଆଗ୍ରହ ରଖିଥାଆନ୍ତି। ଏହି ପରିପ୍ରେକ୍ଷୀରେ ଦେଖିଲେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ପରିବର୍ତ୍ତନ ଦେଖାଦେଉଥିବାରୁ ପୂର୍ବାପେକ୍ଷା ବାତ୍ୟା, ଧୂଳିଝଡ଼, ପ୍ରବଳ ବର୍ଷା, ବରଫପାତ, ଥଣ୍ଡା ଓ ଗରମ ପବନ ବହିବାର ମାତ୍ରା ବଢ଼ିବାରେ ଲାଗିଲାଣି। ତେଣୁ ଜନସାଧାରଣଙ୍କୁ ଏ ସମ୍ବନ୍ଧୀୟ ଠିକ୍ ସୂଚନା ଦେବା ଲାଗି ନିରନ୍ତର ଗବେଷଣା ଓ ଅନୁଧ୍ୟାନ ଜାରି ରହିଛି। ଏଥିସହିତ କେବଳ ସୂଚନା ଭିତରେ ଆଇଏମ୍‌ଡି ତା'ର ପରିସରକୁ ସୀମିତ ରଖି ନାହିଁ। ନିର୍ଦ୍ଦିଷ୍ଟ ଧରଣର ପ୍ରାକୃତିକ ବିପର୍ଯ୍ୟୟ କେଉଁ ହାରରେ ହେଲେ ପ୍ରଭାବ କିଭଳି ରହିବ, ସେ ନେଇ ଦୃଷ୍ଟି କେନ୍ଦ୍ରିତ କରାଯିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ପ୍ରକାଶ କରିଛନ୍ତି ଆଇଏମ୍‌ଡିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ମୃତ୍ୟୁଞ୍ଜୟ ମହାପାତ୍ର। ଆସନ୍ତା ଅଗଷ୍ଟ ୧ରେ ଆଇଏମ୍‌ଡିର ମହାନିର୍ଦ୍ଦେଶକ (ଡିଜି) ଦାୟିତ୍ୱ ନେବାକୁ ଥିବାରୁ ବୈଜ୍ଞାନିକ ମୃତ୍ୟୁଞ୍ଜୟଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ବିଗତ କିଛି ବର୍ଷ ହେବ ପୂର୍ବ ଉପକୂଳରେ ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି ଏବଂ ୩ ମେ' ୨୦୧୯ରେ ବାତ୍ୟା 'ଫନୀ' ଆସିବାର ନିର୍ଦ୍ଦିଷ୍ଟ ସମୟ ଓ ବେଗ ଜଣାଇବାରେ ମୃତ୍ୟୁଞ୍ଜୟ ଠିକ୍ ନିରୂପଣ କରିପାରିଥିବା ଯୋଗୁ ତାଙ୍କୁ ଏବେ 'ସାଇକ୍ଲୋନ୍ ମ୍ୟାନ୍ ଅଫ୍ ଇଣ୍ଡିଆ' ଆଖ୍ୟା ଦିଆଯାଇଛି।

ଓଡ଼ିଶାର ଭଦ୍ରକ ଜିଲାରେ ଜନ୍ମିତ ମୃତ୍ୟୁଞ୍ଜୟ ପିଲାଟି ବେଳୁ ବାରମ୍ବାର ବାତ୍ୟା ଦେଖିଆସିଛନ୍ତି। ଧନଜୀବନ ହାନିକୁ ସେ ପାଖରୁ ଦେଖିଥିବାରୁ ଜନସାଧାରଣ କିଭଳି ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ଓ ଠିକ୍ ସୂଚନା ପାଇପାରିବେ, ସେହି ଦିଗରେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ପଦାର୍ଥ ବିଜ୍ଞାନକୁ ପସନ୍ଦର ବିଷୟ ବାଛିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ବାଲେଶ୍ୱରର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ପରୀକ୍ଷାଗାରରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୧୯୮୮ରେ ସେଠାରେ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ହେଉଥାଏ। ଏହାର ପରୀକ୍ଷା ସଫଳ ହେବାରୁ ବରିଷ୍ଠ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ ଉକ୍ତ ଟିମ୍‌ରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ହାତ ମିଳାଇଥିଲେ। ମୃତ୍ୟୁଞ୍ଜୟଙ୍କୁ କଲାମଙ୍କ ବ୍ୟକ୍ତିତ୍ୱ ବହୁତ ପ୍ରଭାବିତ କରିଥିଲା। କୌଣସି ଏକ କାର୍ଯ୍ୟରେ ସିଦ୍ଧି ପାଇବା ଲାଗି ନିଷ୍ଠାପର ଭାବେ କାର୍ଯ୍ୟ କରିବା ଦରକାର ବୋଲି ମୃତ୍ୟୁଞ୍ଜୟ ଧରି ନେଇଥିଲେ। ଫଳରେ ୫୪ ବର୍ଷୀୟ ଏହି ବୈଜ୍ଞାନିକ ପାଣିପାଗ ସଂକ୍ରାନ୍ତ ସୂଚନା ଦେବା ସହ ଜନସାଧାରଣଙ୍କୁ କିଭଳି ବିଜ୍ଞାନସମ୍ମତ ସଚେତନତା ସୃଷ୍ଟି କରାଯାଇପାରିବ ତା' ଉପରେ ଅନବରତ ଗବେଷଣା କରିଚାଲିଛନ୍ତି। ବିଗତ କିଛିବର୍ଷ ହେବ ଓଡ଼ିଶା ସମେତ ଅନ୍ୟାନ୍ୟ ଉପକୂଳ ରାଜ୍ୟରେ ଦେଖାଦେଇଥିବା ବାତ୍ୟାର ଗତିପଥ ଓ ବେଗ ଠିକ୍ ଭାବେ ନିର୍ଣ୍ଣୟ କରି ସେ ସୂଚନା ଦେଇପାରିଥିବାରୁ ବହୁଳାଂଶରେ ଧନଜୀବନ ରକ୍ଷା କରାଯାଇପାରିଛି। ଆଇଏମ୍‌ଡିର ମୁଖ୍ୟ ଭାବେ ୫ ବର୍ଷ ଦାୟିତ୍ୱରେ ରହିବାକୁ ଥିବା ମୃତ୍ୟୁଞ୍ଜୟଙ୍କଠାରୁ ଦେଶବାସୀ ପାଣିପାଗ ଓ ଜଳବାୟୁ ସଂକ୍ରାନ୍ତ ବାସ୍ତବ ସୂଚନା ପାଇବେ ବୋଲି ଆଶା ରଖିବା ସ୍ୱାଭାବିକ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଜିକାଲି ଅନେକ ଅପରାଧମୂଳକ ଘଟଣା ଘରର ଚାରିକାନ୍ଥ ଭିତରେ ଘଟୁଥିଲେ ବି ଏହା ଲୋକଲୋଚନକୁ ଆସିପାରେ ନାହିଁ। ଗୋଟିଏ ପରିବାରରେ ଶାଶୁଙ୍କୁ ବୋହୂ ପିଟୁଥିବାବେଳେ ନାତୁଣୀ ଏହି ଘଟଣାର ଭିଡିଓ ରେକର୍ଡିଂ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏପରି ଏକ ଘଟଣା ଘଟିଛି ହରିୟାଣା ଅନ୍ତର୍ଗତ ମହେନ୍ଦ୍ରଗଡ଼ର ନିୱାଜ ନଗରରେ। ସେଠାରେ ରହୁଥିବା ଜଣେ ବୋହୂ ତାଙ୍କ ବୟସ୍କା ଶାଶୁଙ୍କୁ ଅତି ନିର୍ମମ ଭାବେ ବାଡେଇବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ବୋହୂ ଶାଶୁଙ୍କୁ ବାଡେଇବା ସମୟରେ ନାତୁଣୀ ଏହାର ଭିଡିଓ ରେକର୍ଡିଂ କରିଦେଇଥିଲେ। ଏବେ ଏହା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଖୁବ୍ ଚର୍ଚ୍ଚା ହେଉଛି। ଖବର ପାଇ ପୋଲିସ ଘଟଣାର ଯାଞ୍ଚ କରିବା ସହିତ ବୃଦ୍ଧାଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେଇଛି। ଏହାପରେ ବୃଦ୍ଧା ଜଣକ ଯେଉଁଠି ରହିବାକୁ ଇଚ୍ଛା ପ୍ରକାଶ କରିବେ ତାଙ୍କୁ ସେହିଠାରେ ଛାଡି ଦିଆଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ବୋହୂଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି।

## ଚିରନ୍ତନୀ

ସେହି ସେ ଆଘାତ ତତାଇ ଦିଅଇ ଲହୁ,
'ଏକ' ଯେଉଁଠାରେ ମିଳାଇ ହୋଇଛି 'ବହୁ'।
ଚାଲିଅଛି ବେଗେ ନ ମାନି ଆଘାତ ବାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ।
ମରମେ ବାଜିଛି ଜଗତଯାକର ବ୍ୟଥା,
ଫାଶୀକାଠ ପାଖେ ସିଧା ରଖିଅଛ ମଥା।
ନଇଁବା କେମନ୍ତ କେବେ ତ ଶିଖିଲ ନାହିଁ,
ଜାଣିଲ ନାହିଁ ତ ପଛକୁ କେସନ ଚାହିଁ,
ନ ବୁଝିଲ କିଆଁ ମଣିଷ ହୁଅଇ ଭୀତ
ରହିଲ ଅନୁଆଁ ଆମରଣ ଅବିନୀତ।
ମଣିଷ ନ ମାରି ଜୀଇଁପାରେ ଏଥି ନର
ସେହି କଥା ତୁମେ କହିଲ ଥରକୁ ଥର।
କହିଲ, ''ଜାଗରେ ସକଳ ଆହତ'' ହତ
''ଜାଗିଉଠ ଆରେ ଏ ଭବର ଭବିଷ୍ୟତ।''
ଦୀନବେଶ ଘେନି ଦୁଇ ହାତ କରି ଖାଲି
ଦୁନିଆ ଭିତରେ ତୁମେଟି ଜାଣିଲ ଚାଲି!

(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୯୪

- 'ଗାଟ୍'ରେ ସାମାଜିକ ଓ ପରିବେଶ ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରି ବାଣିଜ୍ୟ କ୍ଷେତ୍ରରେ ସଂରକ୍ଷଣବାଦ୍ ଆଣିବା ପାଇଁ ପ୍ରସ୍ତାବିତ ବିଶ୍ୱବାଣିଜ୍ୟ ସଙ୍ଗଠନର ପ୍ରସ୍ତାବକୁ ଭାରତ ବିରୋଧ କରିଛି।
- ଇସ୍ରାଏଲ ପ୍ରତିରକ୍ଷା ବାହିନୀର ଚାପରେ ପଡି ଦକ୍ଷିଣ ଲେବାନନରେ ମୁତୟନ ସୈନ୍ୟମାନଙ୍କଠାରୁ ଲେବାନନ ଅସ୍ତ୍ରଶସ୍ତ୍ର ପ୍ରତ୍ୟାହାର କରିବ ନାହିଁ ବୋଲି ଘୋଷଣା କରିଛି।

## sudoku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାହାକୁ କହିବା

ମହାଶୟ,

ଭୁବନେଶ୍ୱର ଚୋରି ଡକାୟତି ଆଉ ଛିନ୍‌ତାଇରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ୨୦୧୮ରେ ଏଠାରେ ୪୩ଟି ହତ୍ୟାକାଣ୍ଡ, ୧୯୪ଟି ଡକାୟତି ଏବଂ ଲୁଟ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ମଦ ବେଉସା ଅନୈତିକ କାର୍ଯ୍ୟ ପାଇଁ ଲୋକଙ୍କୁ ବେଶ୍ ପ୍ରୋତ୍ସାହିତ କରୁଛି। ରାଜଧାନୀରେ ଅନେକ ଜମି ଦଲାଲ ଜମି ଦେବାକୁ କହି ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ଠକୁଛନ୍ତି। କିନ୍ତୁ କାହାକୁ କହିବା, କପାଳରେ ସିନା କର ତାଡ଼ିବା!

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସହାୟତାରେ ପାତରଅନ୍ତର କାହିଁକି

୨୦୧୯ ଫନୀ ବାତ୍ୟାରେ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡାର ଅଭୂତପୂର୍ବ କ୍ଷତି ହେଲା। ବିଦ୍ୟୁତ୍ ସେବା ଓ ଟେଲି ଯୋଗାଯୋଗ ସମ୍ପୂର୍ଣ୍ଣ ଅଚଳ ହେଲା। ଗ୍ରାମ, ସହର ଅନ୍ଧକାରରେ ରହିଲା। କିନ୍ତୁ ସରକାର ଡିଲର ମାଧ୍ୟମରେ କେବଳ ରାଶନ କାର୍ଡଧାରୀଙ୍କୁ କିରୋସିନ ଦେଲେ। ୧୯୯୯ ମହାବାତ୍ୟା ପୂର୍ବର ବନ୍ୟାରେ ସରକାର ପ୍ରତି ପରିବାରକୁ କିରୋସିନ, ଚାଉଳ ଦେଇଥିଲେ। ଏହା କ'ଣ ଫନୀ ବାତ୍ୟାର ଠିକ୍ ପରିଚାଳନା? ଏଭଳି ପାତର ଅନ୍ତର ନୀତି ଅବଲମ୍ବନ କରି ଜନସାଧାରଣଙ୍କୁ କଷ୍ଟ ଦିଅନ୍ତୁ ନାହିଁ।

ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ, ମଝିଖଣ୍ଡ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର





## ଜିଲା ଚିଠି ନୂଆପଡ଼ା

# ବୁଡ଼ିଅଞ୍ଚଳବାସୀଙ୍କୁ କୁଟା ଖିଅ ଭରସା

ବାସହ୍ୟୁତ ପରିବାର ପାଇଁ ସୁବନ୍ଦୋବସ୍ତ କରାଯିବ। ସମସ୍ତ ଶିକ୍ଷିତ ବେକାର ସରକାରୀ ଚାକିରିରେ ଥଇଥାନ ହେବେ। ସାମାଜିକ ଓ ଆର୍ଥିକ ସ୍ଥିତି ସୁଧୁରିବ। ପ୍ରତିବଦଳରେ ଏକ ସୁନ୍ଦର ଡ୍ୟାମ ନିର୍ମାଣ ହେବ। ସେହି ପାଣିରେ ଜିଲା ସବୁଜଶ୍ୟାମଳା ହେବା ସହ ଚାଷୀଙ୍କ ଆର୍ଥିକ ସ୍ଥିତି ବେଶ୍ ସ୍ୱଚ୍ଛଳ ହେବ ବୋଲି ପୁଲାଏ ସ୍ୱପ୍ନ ଦେଖାଇ ଲୋୟର ଇନ୍ଦ୍ର ପ୍ରକଳ୍ପ ନିର୍ମାଣ କରାଗଲା। ହେଲେ ଡ୍ୟାମ୍ ଶେଷ ହେବା ବେଳକୁ ସବୁ ହିସାବର ଫଳ ଓଲଟପାଲଟ ହୋଇଛି। ଆଜକୁ ୧୮ ବର୍ଷ ବିତିଛି। ଗୋଟିଏ ପଟେ ଡ୍ୟାମ ନିର୍ମାଣ ଯେତିକି ଗତିରେ ଚାଲିଛି ସେପଟେ ବାସହ୍ୟୁତଙ୍କ ଦୁର୍ଦ୍ଦଶା ସେତିକି ବଢ଼ିଛି। ମାତ୍ର ୨୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ବିଶ୍ୱବ୍ୟାଙ୍କ ଅନୁଦାନରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ସମୟରେ ନିର୍ମାଣ ଶେଷ ହେଲେ ରାଜ୍ୟ ସରକାରଙ୍କୁ ସୁଧ ଛାଡର ବ୍ୟବସ୍ଥା ରହିଥିଲା। ହେଲେ ବିଭାଗର କାଳବିଳମ୍ବ ନୀତି ହେଉ କି ଉପଯୁକ୍ତ ଦକ୍ଷତା ଅଭାବରୁ ନିର୍ମାଣ ଅବଧି ବଢି ଚାଲିଲା। ଏବେ ନିର୍ମାଣ ଖର୍ଚ୍ଚ ବଢି ୧୭ ଶହ କୋଟିକୁ ଛୁଇଁଲାଣି। ଡ୍ୟାମ ଯୋଗୁ ୧୦ ଗାଁ ସମ୍ପୂର୍ଣ୍ଣ ବୁଡି ଯାଇଥିବା ବେଳେ ୨୧ ଗ୍ରାମ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସମ୍ପୂର୍ଣ୍ଣ ବୁଡି ଯାଇଥିବା ଗାଁଗୁଡିକ ମଧ୍ୟରୁ ଅର୍ଦ୍ଧାଧିକ ପରିବାର ସଦସ୍ୟ ସମ୍ପୂର୍ଣ୍ଣ ଥଇଥାନ ସହାୟତା ରାଶି ପାଇ ନାହାନ୍ତି। ସେଥିପାଇଁ ସେମାନେ ଭିଟାମାଟି ଛାଡୁ ନାହାନ୍ତି। ଥଇଥାନ ରାଶି ପ୍ରଦାନ ପାଇଁ ବିଭିନ୍ନ ସମୟରେ ଏକାଧିକ ସଙ୍ଗଠନ ଦାବି କରିବା ସହ ପ୍ରଶାସନକୁ ନାକେଦମ କରିସାରିଛନ୍ତି। ହେଲେ ବାସହ୍ୟୁତ ପରିବାରଗୁଡିକୁ ଉଚିତ ଥଇଥାନ ସକାଶେ ସରକାରୀ ନିୟମ କେତେଦୂର କାର୍ଯ୍ୟକାରୀ ହେଉଛି ତାକୁ କେହି ପିଛା କରିବାର ନାଁ ନେଉ ନାହାନ୍ତି। ଅନ୍ୟପକ୍ଷେ ଚିଲର ମଡ଼କ ଖୋଜା ଭଳି କେତେକ ଚିଟ୍‌ଫଣ୍ଡ ସଂସ୍ଥାର ବଡବାବୁମାନେ ବାସହ୍ୟୁତଙ୍କ ପାଖରେ ପହଞ୍ଚି ସୁନେଲି ସ୍ୱପ୍ନ ଦେଖାଇଥିଲେ। ସେମାନେ ଯାହା କିଛି ସରକାରୀ ସହାୟତା ପାଇଥିଲେ ତାକୁ ଲୁଟି ନେଲେ। ଏମିତି ବହୁ କୋଟି ଟଙ୍କା ହରାଇ ବସିଲେ ବୁଡି ଅଞ୍ଚଳର ବାସିନ୍ଦା। ଶିକ୍ଷିତ, ବଡମୁଣ୍ଡିଆମାନେ ବିଭିନ୍ନ ଜାଗାକୁ ଯାଇ ନିଜ ସ୍ଥିତି ମଜଭୁତ କରିସାରିଥିବାବେଳେ ଗରିବ ମଳିମୁଣ୍ଡିଆଙ୍କ ଅବସ୍ଥା ଯଥାପୂର୍ବଂ ତଥା ପର। ଯାହାକିଛି ଟଙ୍କା ମିଳିଥିଲା ତାକୁ ଏଣେ ତେଣେ ଖର୍ଚ୍ଚ କରିଦେଇ ପକେଟ ଖାଲି କରି ବସିଛନ୍ତି ଏହି ବୁଡ଼ି ଅଞ୍ଚଳ ଲୋକେ। କିଏ କେଉଁଠି କି ଗଲେ, ସେମାନଙ୍କ ସ୍ଥିତି କିପରି ରହିଛି କାହାରି ପାଖରେ ଠୋସ ଖବର ନାହିଁ। ଏବେ ବି ୮ରୁ ୧୦ଟି ଗାଁରେ ଲୋକେ ଭିଟାମାଟିକୁ ଛାଡିବାକୁ ନାରାଜ। ସେମାନେ ନିଜ କର୍ମକୁ ଆଦରି ରହିଛନ୍ତି। କାଳେ ଆହୁରି ଟଙ୍କା ମିଳିଯିବ ତାକୁ ଜଗି ବସିଛନ୍ତି। ପ୍ରଶାସନିକ ଅଧିକାରୀମାନେ ଫାଇଲ ଚାଷ କରିବାକୁ ଏମାନଙ୍କୁ ଆସି ଉପର ଠାଉରିଆ ଦେଖିଯାଉଛନ୍ତି। ତଥାକଥିତ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ସେମାନଙ୍କୁ ଧାରଣା ପ୍ରତିବାଦ ପାଇଁ ଡାକି ନେଇ ଭୁଆଁ ବୁଲାଉଛନ୍ତି। ଆବଶ୍ୟକ ନ ଥିଲେ ସେହି ଲୋକମାନଙ୍କୁ ଆଡ଼ ଆଖିରେ କେହି ଚାହୁଁ ନାହାନ୍ତି। ବର୍ତ୍ତମାନ ଡ୍ୟାମ ସହ କେନାଲ କାମ ସବୁ ଶେଷ ହୋଇସାରିଛି। ଡ୍ୟାମ ନିର୍ମାଣ ହେଉ କି ଥଇଥାନ ବିଭାଗର କାର୍ଯ୍ୟଧାରା ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ଆଗକୁ ବର୍ଷାଦିନ ମାଡି ଆସୁଛି। ଏଥର ଡ୍ୟାମରେ ପାଣି ଭର୍ତ୍ତି ହେବ। ପ୍ରକଳ୍ପ ଅଞ୍ଚଳରେ ଯେଉଁ ପରିବାର ସବୁ ଅଛନ୍ତି ସେମାନଙ୍କୁ ଜାଗା ଖାଲି କରିବାକୁ କର୍ତ୍ତୃପକ୍ଷ ବାରମ୍ବାର ନୋଟିସ ଜାରି କରିସାରିଛନ୍ତି। ହେଲେ ବୁଡି ଯାଉଥିବା ଲୋକେ କୁଟାଖିଅକୁ ଅପେକ୍ଷା କଲା ଭଳି ବୁଡି ଅଞ୍ଚଳବାସୀ ସରକାରୀ ସହାୟତାକୁ ଅନେଇ ବସିଛନ୍ତି। ଭାଗ୍ୟକୁ ଆଦରି ରହିବା ଛଡ଼ା ସେମାନଙ୍କ ପାଖରେ ଅନ୍ୟ କୌଣସି ଉପାୟ ନାହିଁ। ଏଭଳି ସ୍ଥିତିରେ ଡ୍ୟାମରୁ ନୂଆପଡିଆ ଲୋକେ କେତେ ଜଳସେଚନର ସୁବିଧା ପାଉଛନ୍ତି। ୩୧ଖଣ୍ଡ ଗାଁର ଲୋକ ଭିଟାମାଟି ଛାଡି କ'ଣ ପାଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ପରିସ୍ଥିତିରେ ବୁଡି ଅଞ୍ଚଳବାସୀଙ୍କ ଆର୍ଥିକ, ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିର ସମୀକ୍ଷା ହେବା ଜରୁରୀ ହୋଇପଡିଛି।

–ଘନଶ୍ୟାମ ଭୋଇ

■ ବାତ୍ୟା ପୀଡ଼ିତଙ୍କ ଗୁହାରି

# 'ରିଲିଫ୍ ନୁହେଁ, ମୋ କାଠ କିଣ'



କାମ ଯୋଗାଇ ଦେବା ଦାବିରେ ପଲଙ୍କ ଗ୍ରାମବାସୀ ଧାରଣାରେ ବସିଛନ୍ତି ।



ମାସେ ପରେ ବି ମରାମତି ହୋଇପାରିନି ବାତ୍ୟାରେ ଭାଙ୍ଗି ଯାଇଥିବା ଦୋକାନ ଗୃହ

■ ମାସେ ପରେ ବି କମିନି ଦୁର୍ଦ୍ଦଶା
■ କାମ ଯୋଗାଇଦେବାକୁ ଗ୍ରାମବାସୀଙ୍କ ଦାବି

ଭୁବନେଶ୍ୱର, ୮।୬ (ବ୍ୟୁରୋ)

ରିଲିଫ୍‌ରେ ପେଟ ପୂରୁନାହିଁ, ଘରେ ମୋର ୭ ପ୍ରାଣୀ କୁଟୁମ୍ବ। ମାସେ ହେବ କାମ ଧନ୍ଦା ନାହିଁ, ପାଖରେ ଟଙ୍କାଟିଏ ମଧ୍ୟ ନାହିଁ। କ'ଣ କରିବି କିଛି ବୁଦ୍ଧିବାଟ ଦିଶୁନି। ବାଡ଼ିରେ ମୋର ଗଦା ଗଦା କାଠ। ଫନୀରେ ଉଜୁଡ଼ି ଗଲା ମୋର ଝାଉଁ ବଗିଚା। ଆଶା କରିଥିଲି କାଠ ବିକି ଘର ଖଣ୍ଡେ କରିବି। ପିଲାଙ୍କ ମୁହଁରେ ଦାନା ଦେବି। ସବୁ ଛଡ଼ାଇ ନେଲା ଦଇବ। ଏମିତି କୋହଭରା କଣ୍ଠରେ କୁହନ୍ତି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ପଲଙ୍କ ଗ୍ରାମର ନାରାୟଣ ବାରିକ। ସରକାର ଏବଂ ବେସରକାରୀ ସଂସ୍ଥା ଯାହା ସାହାଯ୍ୟ କରିଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ବର୍ଷ ସାରା କୁଟୁମ୍ବ କେମିତି ଚଳାଇବି ଏହାକୁ ଭାବି ନିଦ ହେଉନାହିଁ। ସରକାର ହାତ ଟେକା ସହାୟତା ଦେବା ବଦଳରେ ଆମ ଜୀବନ ଜୀବିକା ପାଇଁ ଯଦି କିଛି କରନ୍ତେ ତେବେ ମୋ ପରିବାର ବଞ୍ଚିଯାଆନ୍ତା। ଝାଉଁଗଛ ବିକିବାକୁ ଗରାଖ ମିଳୁନାହାନ୍ତି। ବାତ୍ୟା ପୂର୍ବରୁ କାଠ କ୍ୱିଣ୍ଟାଲ ପିଛା ୪୫୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ମାଗଣାରେ କେହି ନେବାକୁ ରାଜି ହେଉ ନାହାନ୍ତି। ମୂଲ ଲାଗିବାକୁ କେରଳ ଚାଲିଯିବି ବୋଲି ନାରାୟଣ କହିଛନ୍ତି। କେବଳ ନାରାୟଣ ନୁହନ୍ତି ଏମିତି ଅନେକ ବେସାହାରା ଲୋକ ଏହି ଗାଁର ନିଜର ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

ବାତ୍ୟା 'ଫନୀ' ହେବାର ମାସେ ୬ଦିନ ବିତି ଗଲାଣି। ଏବେ ବି ଅଣ୍ଟା ସଳଖି ନାହାନ୍ତି ବ୍ରହ୍ମଗିରି ବ୍ଲକ ପ୍ରଭାବିତ ଲୋକେ। ନିଜର ଉଜୁଡ଼ି ଯାଇଥିବା କାଜୁ ଓ ଧାନଚାଷର କ୍ଷତି ଭରଣା କିପରି ହେବ ସମସ୍ତଙ୍କୁ ସେଇ ଚିନ୍ତା ଘାରିଛି। ବାଡ଼ି ବଗିଚାରେ ଲେଉଟିଥିବା ଝାଉଁ, କାଜୁଗଛ ସତେ ଯେମିତି ସେମାନଙ୍କୁ ପରିହାସ କରୁଛି। କେବଳ ଜୀବିକା ନୁହେଁ ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ଶିକ୍ଷା ମଧ୍ୟ ଏହି ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗରମ ଓ ଗୁଳୁଗୁଳି ସାଙ୍ଗକୁ ଦୂଷିତ ପାନୀୟଜଳ ପ୍ରଭାବିତ ବ୍ଲକଗୁଡ଼ିକରେ ଆଉ ଏକ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଗତ ସପ୍ତାହ ହେଲା ପ୍ରତ୍ୟେକ ପରିବାରରେ ଜ୍ୱର ଓ ଝାଡ଼ାବାନ୍ତି ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ଓ ଡାକ୍ତର ନ ଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସୁବିଧା ଦିଆଯାଉଥିବା ନେଇ ସରକାର ଯେତେ ଗଳା ଫଟାଇ କହିଲେ ମଧ୍ୟ ବାସ୍ତବରେ ତାହା ବାତ୍ୟା ପୀଡ଼ିତଙ୍କ ନିକଟରେ ଦେଖିବାକୁ ମିଳୁନାହିଁ। ବାତ୍ୟା କ୍ଷତିଗ୍ରସ୍ତଙ୍କୁ କାମ ଯୋଗାଇ ଦେବାକୁ ପଲଙ୍କ ଗ୍ରାମବାସୀ ଦାବି କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେଲେ ପରିବାର ଚଳିଯାଆନ୍ତା ବୋଲି ଦିନ ମଜୁରିଆ ନରେନ ପଲାଇ କହିଛନ୍ତି।

## ଆଜି କ'ଣ କେଉଁଠି

**ରାଉରକେଲା**

- ସମ୍ବର୍ଦ୍ଧନା ସଭା, ଖଡ୍ଗ ଭବନ (ଜଗନ୍ନାଥ ମନ୍ଦିର ପରିସର) ସେକ୍ଟର–୩, ସନ୍ଧ୍ୟା ୭ଟା ।
- ମାସିକ ସାହିତ୍ୟ ଆସର, ସେକ୍ଟର – ୭ ଇସ୍ପାତ ସାହିତ୍ୟ ସଂସଦ କାର୍ଯ୍ୟାଳୟ, ସନ୍ଧ୍ୟା ୭ଟା।
- ଶହୀଦ ଦିବସ, ବିର୍ଶା ଛକ, ସକାଳ ୯ଟା।
- କବିତା ପାଠୋତ୍ସବ, ଛେଣ୍ଡ ଅନ୍ତର୍ଗତ ରିମସ, ସନ୍ଧ୍ୟା– ୬ଟା।
- ଭଞ୍ଜ ଜୟନ୍ତୀ, ଭଞ୍ଜଭବନ ଅଡିଟୋରିୟମ, ପୂର୍ବାହ୍ନ ସାଢେ ୧୦ଟା।

**ବଲାଙ୍ଗୀର**

- ଉତ୍କଳ ଗ୍ରାମୀଣ ବ୍ୟାଙ୍କର ସାଧାରଣ ପରିଷଦ ବୈଠକ, ଟାଉନ୍ ହଲ, ପୂର୍ବାହ୍ନ ୯ଟା ୩୦।

**ସମ୍ବଲପୁର**

- ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ, ନନ୍ଦପଡା, ଝାଡୁଆପଡା, ମୁଦିପଡା, ବଡବଜାର, ଠାକୁରପଡା, ସନ୍ଧ୍ୟା ୫ଟା।

**ବିଜେପୁର**

- ବିଜେଡିର ବୈଠକ, ବିଜେପୁର ପେଟ୍ରୋଲ ପମ୍ପ ନିକଟ, ପୂର୍ବାହ୍ନ ୧୧ଟା

## ଜାପାନକୁ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଯୋଗ୍ୟତା

ସାନୋ, ୮।୬: ଅସାଧାରଣ କାରଣ ଯୋଗୁ ଜାପାନ ୨୦୨୦ରେ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ଜାପାନର ସାନୋଠାରେ ଚାଲିଥିବା ଇଷ୍ଟ ଏସିଆନ୍ ପାସିଫିକ ରିଜିଓନାଲ କ୍ୱାଲିଫାୟର ଇଭେଣ୍ଟର ଫାଇନାଲରୁ ପପୁଆ ନ୍ୟୁ ଗିନି ଓହରିଯାଇଛି। ଟୁର୍ଣ୍ଣାମେଣ୍ଟର ଏହି ଫେଭରାଇଟ୍ ଦଳ ଆନ୍ତଃ ବିଶୃଙ୍ଖଳା ଆଚରଣ ଯୋଗୁ ତା'ର ୧୧ ଖେଳାଳିଙ୍କୁ ବାସନ୍ଦ କରିଛି। ଏଣୁ ଫାଇନାଲରେ ଖେଳିବାକୁ ଅସମର୍ଥ ଥିବା କ୍ରିକେଟ ପପୁଆ ନ୍ୟୁ ଗିନି (ସିପିଏନ୍‌ଜି) ପ୍ରକାଶ କରିଛି।

# ଟ୍ରକ୍ ଚକା ତଳେ ଗଲା ଦୁଇଭାଇଙ୍କ ଜୀବନ

ନୂଆଗାଁ,୮।୬(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡ଼ାଠାରେ ଏକ ଗ୍ୟାସ ବୋଝେଇ ଟ୍ରକ ଗୋଟିଏ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀ ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋରଡା ଗ୍ରାମର ରମେଶ ଚନ୍ଦ୍ର ନାୟକ (୫୫) ଓ ଚନ୍ଦ୍ରମଣି ନାୟକ ଓରଫ ଗଣେଶ (୪୬) ।

ପ୍ରକାଶ ଯେ,ବଡ ଭାଇ ରମେଶ ଅସୁସ୍ଥ ଥିବାରୁ ତାଙ୍କୁ ଡାକ୍ତରଙ୍କୁ ଦେଖାଇବା ପାଇଁ ସାନ ଭାଇ ଚନ୍ଦ୍ରମଣି ନିଜ ଟିଭିଏସ ବାଇକ ନଂ.ଓଆର ୧୩ ଏଫ ୨୨୪୯ ଯୋଗେ ଶନିବାର ପୂର୍ବାହ୍ନରେ ନୟାଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ରମେଶ ଡାକ୍ତରୀ ଚିକିତ୍ସା କରାଇବା ପରେ ଅପରାହ୍ନ ପ୍ରାୟ ୨ଟାରେ ୨ଭାଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ଦଶପଲ୍ଲା ପଟୁ ନୟାଗଡ ଅଭିମୁଖେ ଯାଉଥିବା ଓଆର୨୧ – ୮୬୦୯ନମ୍ବର ବିଶିଷ୍ଟ ଗ୍ୟାସ ବୋଝେଇ ଟ୍ରକ ସୋରଡା ପୋଖରୀ ନିକଟରେ ବାଇକକୁ ଧକ୍କା ଦେବା ସହ ଉଭୟଙ୍କୁ ଚାପି ଦେଇଥିଲା । ବାଇକଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବାବେଳେ ଘଟଣାସ୍ଥଳରେ ୨ଭାଇଙ୍କର ମୃତ୍ୟୁ ଘଟିଥିଲା। ଘରେ ପହଞ୍ଚିବାକୁ ଆଉ ମାତ୍ର ୫୦୦ ମିଟର ରାସ୍ତା ବାକି ଥିବାବେଳେ ଘରକୁ ଫେରି ନ ଥିଲେ ଦୁଇଭାଇ। ଦୁର୍ଘଟଣାସ୍ଥଳରେ ପରିବାର ଲୋକ, ଗ୍ରାମବାସୀ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଭୟରେ ଟ୍ରକ ଡ୍ରାଇଭର ଦ୍ରୁତ ଗତିରେ ଗାଡି ଚଳାଇ ସେଠାରୁ ଖସି ଆସି ନୂଆଗାଁ ଥାନାରେ ଆତ୍ମସମର୍ପଣ କରିଥିଲେ। ନୂଆଗାଁ ଥାନା ଆଇଆଇସି ମନୋରମା ମଲିକ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିଥିଲେ । ନୂଆଗାଁ ତହସିଲଦାର ଓ ବିଡିଓ ଉଭୟେ ଅନୁପସ୍ଥିତ ଥିବାରୁ ଦଶପଲ୍ଲା ତହସିଲଦାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉଭୟ ପରିବାରକୁ ଦଶ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ୨ଭାଇଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଡାକ୍ତରଖାନାକୁ ପଠାଇ ଦିଆଯିବା ସହ ଟ୍ରକ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି । ରବିବାର ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ନୂଆଗାଁ ଥାନା ଆଇଆଇସି ମଲିକ ସୂଚନା ଦେଇଛନ୍ତି।



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ।

■ ଯବାନଙ୍କ ମାନବିକତା

## ରୋଗୀଙ୍କୁ ଖଟିଆରେ ବୋହିଲେ ୮ କିମି

ମାଲକାନଗିରି, ୮।୬ (ସ୍ୱ.ପ୍ର.)

ଛତିଶଗଡ଼ର ସୁକୁମା ଜିଲା ୨୩୧ ବାଟାଲିୟନ ସିଆର୍‌ପିଏଫ୍ ଯବାନଙ୍କ କାର୍ଯ୍ୟ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ ରୋଗୀ ପ୍ରତି ମାନବିକତା ପ୍ରଦର୍ଶନ କରି ଯବାନମାନେ ମହନୀୟତାର ପରିଚୟ ଦେଇଛନ୍ତି। ଶନିବାର ସେମାନେ ସର୍ଚ୍ଚ ଅପରେଶନରେ ନିକଟସ୍ଥ ଗୋମଡ ଗ୍ରାମକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବହେଳାରୁ ଗୁରୁତର ଥିବା ଜାଣିବାକୁ ପାଇଥିଲେ। ପରେ ଯବାନମାନେ ଖରା ତାତିକୁ ଖାତିର ନକରି ତୁରନ୍ତ ରୋଗୀଙ୍କୁ ଏକ ଖଟିଆରେ ୮ କି.ମି. କାନ୍ଧରେ ବୋହି ସୁକୁମାସ୍ଥିତ କ୍ୟାମ୍ପକୁ ନେଇ ଆସିଥିଲେ। ସେଠାରେ ତାଙ୍କର ଚିକିତ୍ସା କରିଥିଲେ। ଚିକିତ୍ସା ପରେ ଯୁବକ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ଯବାନଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ବିଜାପୁର ଜିଲା ବାଶାଗୁଡା ଥାନା ଅଞ୍ଚଳରେ ଟ୍ରାକ୍ଟରରୁ ପଡି ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଯବାନମାନେ ଖଟିଆରେ ୫କିମି ଦୂର ବୋହି ନେଇ ଡାକ୍ତରଖାନାରେ ପହଞ୍ଚାଇଥିଲେ।

# ୭ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ

■ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ
■ ୧୩ରେ ଦକ୍ଷିଣ ଓଡ଼ିଶାରେ ପ୍ରାକ୍ ମୌସୁମୀ ବର୍ଷା
■ ମୌସୁମୀ ପୂର୍ବରୁ ଗୁଳୁଗୁଳି, ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୮।୬(ବ୍ୟୁରୋ)

୮ ଦିନ ବିଳମ୍ବରେ ଶନିବାର କେରଳ ଉପକୂଳ ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏହାର ପ୍ରଭାବରେ କେରଳର ଅଧିକାଂଶ ଅଞ୍ଚଳରେ ଭଲ ବର୍ଷା ହୋଇଛି। ସ୍ଥିତି ଏପରି ରହିଲେ ଆସନ୍ତା ୭ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶାରେ ପହଞ୍ଚିଯିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ସାଧାରଣତଃ ଜୁନ୍ ୧ରେ ମୌସୁମୀ କେରଳରେ ପହଞ୍ଚିଥାଏ। କେତେକ କାରଣ ଯୋଗୁ ଏଥର ବିଳମ୍ବ ହୋଇଥିଲା। ତେବେ ମୌସୁମୀ ପହଞ୍ଚିବା ପରେ ଦେଶରେ ଆନୁଷ୍ଠାନିକ ଭାବେ ଚତୁର୍ମାସ୍ୟା ଆରମ୍ଭ ହୋଇଛି। ସାରା ଦେଶରେ ମୌସୁମୀ ସକ୍ରିୟ ହେବାକୁ ଆହୁରି ସପ୍ତାହେ ଲାଗିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଅଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ମୌସୁମୀ ଓଡ଼ିଶାରେ ପହଞ୍ଚିବା ପୂର୍ବରୁ ଉପକୂଳ ଅଞ୍ଚଳରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଛି। ମେଘୁଆ ପାଗ ସତ୍ତ୍ୱେ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପୂର୍ବାପେକ୍ଷା ପାରଦ ଖସୁଥିଲେ ମଧ କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୧୩ ତାରିଖରୁ ଦକ୍ଷିଣ ଓଡ଼ିଶାରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହେବ। ଆଉ ଦୁଇଦିନ ମେଘୁଆ ପାଗ ରହିବ। ଦୁଇଦିନ ପରେ ତାପମାତ୍ରା ସାମାନ୍ୟ ବଢ଼ିବାର ସମ୍ଭାବନା ରହିଛି।

ବେସରକାରୀ ପାଣିପାଗ ଗବେଷଣା ସଂସ୍ଥା ସ୍କାଏମେଟ୍ ଆକଳନ କରିଛି ଯେ, ମୌସୁମୀ ଛୁଇଁବା ପୂର୍ବରୁ ଯେଉଁ ବର୍ଷା ହୁଏ ଚଳିତଥର ତାହା ୧୯୫୪ ମସିହା ପରଠାରୁ ସବୁଠୁ କମ୍ ହୋଇଛି। ୧୯୫୪ ମାର୍ଚ୍ଚ, ଏପ୍ରିଲ ଓ ମେ' ମାସରେ ମାତ୍ର ୯୩.୯ ମିଲିମିଟର ବର୍ଷା ହୋଇଥିଲା। ଚଳିତବର୍ଷ ଏହି ୩ ମାସ ମଧ୍ୟରେ ୯୯ ମିମି ବର୍ଷା ହୋଇଛି। କିନ୍ତୁ ଅନ୍ୟ ବର୍ଷଗୁଡିକରେ ପ୍ରାକ୍ ମୌସୁମୀ ବର୍ଷା ହାରାହାରି ୧୩୧.୫ ମିମି ହୋଇଥିବା ଜଣାପଡିଛି।କୃଷିପ୍ରଧାନ ଦେଶ ଭାରତର ଅଧିକାଂଶ ଅଞ୍ଚଳରେ ଚାଷକାମ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ ମୌସୁମୀର ଆଗମନକୁ ବିଶେଷକରି କୃଷକମାନେ ଅପେକ୍ଷା କରି ରହିଥାନ୍ତି। ଜଳସେଚନର ଅନ୍ୟ ବିକଳ୍ପ ନ ଥିବା ଅଧିକାଂଶ ଗ୍ରାମାଞ୍ଚଳ ୪ମାସର ବର୍ଷାଦିନ ଉପରେ ନିର୍ଭରଶୀଳ। ବାର୍ଷିକ ବୃଷ୍ଟିପାତର ୭୫ ପ୍ରତିଶତ ମୌସୁମୀ ବାୟୁ ପ୍ରଭାବରେ ହୋଇଥାଏ। ଦେଶର ଜିଡିପିକୁ କୃଷିର ବଡ଼ ଅବଦାନ ରହୁଥିବାରୁ ଭଲ ମୌସୁମୀ ବର୍ଷା ଦେଶର ଅର୍ଥନୀତିକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିଥାଏ। ଚଳିତ ଗ୍ରୀଷ୍ମଋତୁରେ ଉତ୍ତର ଭାରତର ସମତଳ ଅଞ୍ଚଳ, କେନ୍ଦ୍ରୀୟ ଭାରତ ଏବଂ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଥିବା ରେକର୍ଡ କରାଯାଇଛି। ଏପରି କି ରାଜସ୍ଥାନର କେତେକ ଅଞ୍ଚଳରେ ପାରଦ ୫୦ ଡିଗ୍ରୀ ଅତିକ୍ରମ କରିଥିଲା। ଚଳିତବର୍ଷ ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ୯୬ ପ୍ରତିଶତ ଅର୍ଥାତ୍ ସ୍ୱାଭାବିକ କିମ୍ବା ଏହାଠାରୁ ସାମାନ୍ୟ କମ୍ ରହିବ ବୋଲି ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଥିଲା। ୧୯୫୧ରୁ ୨୦୦୦ ମଧ୍ୟରେ ଦେଶରେ ହୋଇଥିବା ହାରାହାରି ବୃଷ୍ଟିପାତ ପରିମାଣକୁ ଏଲ୍‌ପିଏ କୁହାଯାଉଛି, ଯାହା ୮୯ ସେଣ୍ଟିମିଟର ରହିଛି। ଜୁନ୍ ମାସର ବୃଷ୍ଟିପାତ ଏଲ୍–ନିନ୍ୟୋ ଦ୍ୱାରା ସାମାନ୍ୟ ପ୍ରଭାବିତ ହେବ ବୋଲି କୁହାଯାଉଛି। ପ୍ରଶାନ୍ତ ମହାସାଗର ଜଳରାଶିର ଉତ୍ତାପ ସହ ଏଲ୍–ନିନ୍ୟୋ ସମ୍ପୃକ୍ତ ବୋଲି ସାଧାରଣରେ ବିଶ୍ୱାସ କରାଯାଉଥିବାବେଳେ ମୌସୁମୀ ଉପରେ ମଧ ଏହାର ପ୍ରଭାବ ରହିଛି। ମୌସୁମୀ ବିଳମ୍ବ ସହ ବୃଷ୍ଟିପାତ ପରିମାଣର କୌଣସି ସମ୍ପର୍କ ନାହିଁ। ମେ' ୧୮ରେ ମୌସୁମୀ ଦକ୍ଷିଣ ଆଣ୍ଡାମାନ ସାଗର ଛୁଇଁଥିଲା। ତେବେ କେରଳରେ ବିଳମ୍ବରେ ପହଞ୍ଚିଥିବାରୁ ଦେଶର ଅନ୍ୟ ଭାଗରେ ଏହା ପହଞ୍ଚିବାରେ ବିଳମ୍ବ ହେବ ବୋଲି କୁହାଯାଉଛି।


# I I I T Bhubaneswar

**Imagine, Innovate, Inspire**

(A University established by Government of Odisha)

## Admission Announcement
## B.Tech. Programme

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2019. Applications are invited for admission to B.Tech. Programme under **Odisha category** in the following disciplines :

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2019 Rank.

For Admission Bulletin and more details visit the following link : **http://www.iiit-bh.ac.in/admission**

**Phone : 8763122395, 8763122394**

**E-mail : btechadmission@iiit-bh.ac.in, Home page : www.iiit-bh.ac.in**

IIIT Bhubaneswar, Gothapatna, PO: Malipada, Bhubaneswar-751003, India

## ସେଲ୍‌ଫି କର୍ଣ୍ଣର



@ ଦଧିବାମନ



@ ଅଭିଳାଷ



@ ଅନୁପମା



@ ମଣ୍ଟୁ



@ ମିଲୁ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ଯନ୍ତ୍ରୀଙ୍କୁ ବିଧାୟକ ଉଠବସ୍ କରିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲା ଡିପ୍ଲୋମା ଇଞ୍ଜିନିୟର ସଂଘ



ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ସଦସ୍ୟମାନେ ବଲାଙ୍ଗୀର ସଂଘ କାର୍ଯ୍ୟାଳୟରେ ଆଲୋଚନା କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୮।୬**

ନିମ୍ନମାନର ରାସ୍ତା କାମ ପାଇଁ ଦାୟୀ କରି ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବଲାଙ୍ଗୀର ଜିଲା ପାଟଣାଗଡ ବିଧାୟକ ସରୋଜ ମେହେର ଉଠ୍‌ବସ୍ କରିବା ଘଟଣାକୁ ନେଇ ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବଲାଙ୍ଗୀର ସଂଘ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ କରାଯାଇ ଏହି ଘଟଣାକୁ ନିନ୍ଦା କରାଯାଇଥିଲା । ସଂଘ ସଭାପତି ସୁଦର୍ଶନ ନାୟକ କହିଛନ୍ତି ଯେ, କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଲୋକଙ୍କ ସମ୍ମୁଖରେ ଉଠବସ କରାଇବା, ଅଶାଳୀନ ଭାଷାରେ ଗାଳିଦେବା, ଉଠବସ୍ ନହେଲେ ଲୋକଙ୍କୁ ମାଡ ମାର ବୋଲି ଉସୁକାଇବା ଘଟଣା ଅତ୍ୟନ୍ତ ସାଂଘାତିକ । ଏଭଳି ମାନବିକ ଘଟଣାକୁ ସମସ୍ତେ ନିନ୍ଦା କରିବା କଥା । ସଂଘ ଏହି ଘଟଣାର ଅଭିଯୁକ୍ତ ବିଧାୟକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରୁଛି । ଏହା ନହେଲେ ସଂଘ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହା ସହିତ ବିଧାୟକ ମେହେରଙ୍କ ନିର୍ଦ୍ଦେଶକ୍ରମେ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ର କନିଷ୍ଠ ଯନ୍ତ୍ରୀ ଶବରଙ୍କୁ

**ମାଡ ମାରିଥିବା ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ବି ହେଉ କାର୍ଯ୍ୟାନୁଷ୍ଠାନ**

ଚାପୁଡା ମାରିବା ଘଟଣାକୁ ମଧ ସଂଘ ନିନ୍ଦା କରିଛି । ଜଣେ ବିଧାୟକ କହିଲେ ବୋଲି ନିର୍ବାହୀ ଯନ୍ତ୍ରୀ କିଭଳି ସେ ତାଙ୍କର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବସାଧାରଣ ସ୍ଥାନରେ ମାଡ ମାରିପାରିଲେ ସେନେଇ ପ୍ରଶ୍ନ କରି ତାଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଅପମାନ୍ ଓ ଉଠବସ୍ କରିବା ଘଟଣାକୁ ନେଇ ସଂଘ ଆନ୍ଦୋଳନ କରିବାକୁ ମଧ ପଛାଇବ ନାହିଁ ବୋଲି ସେ କହିଛନ୍ତି ।

# ବିଜୟ ସହ କିଙ୍ଗ୍ସ କପ୍‌ରେ ଭାରତ ୩ୟ

**ବୁରିରାମ (ଥାଇଲାଣ୍ଡ), ୮।୬ (ପି.ଟି.):** ଏଠାରେ ଅନୁଷ୍ଠିତ କିଙ୍ଗ୍ସ କପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଭାରତୀୟ ଦଳ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଶନିବାର ସ୍ଥାନୀୟ ଥଣ୍ଡର କାଷ୍ଟଲେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ଆୟୋଜକ ଥାଇଲାଣ୍ଡକୁ ପରାସ୍ତ କରିଛି। ପୂର୍ବରୁ ଟୁର୍ଣ୍ଣାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ୧-୩ ଗୋଲରେ କୁରାକାଓ ନିକଟରୁ ପରାସ୍ତ କରିଥିଲା । ଫଳରେ ନୂଆ କୋଚ୍ ଇଗର ଷ୍ଟିମାକ୍ ଥାଇଲାଣ୍ଡ ବିପକ୍ଷ ମ୍ୟାଚ୍‌ର ଆରମ୍ଭରୁ ୮ ଜଣ ଖେଳାଳିଙ୍କୁ ବେଞ୍ଚ୍‌ରେ ବସାଇଥିଲେ । ସେମାନଙ୍କ ମଧ୍ୟରେ ସୁନୀଲ ଛେତ୍ରୀ, ଉଦାନ୍ତ ସିଂ, ଗୋଲକିପର ଗୁରପ୍ରୀତ୍ ସିଂ ସାନ୍ଧୁଙ୍କ ପରି ପ୍ରମୁଖ ଖେଳାଳି ରହିଥିଲେ । କେବଳ ସନ୍ଦେଶ ଝିଙ୍ଗାନ, ରାହୁଲ ବେକେ ଓ ସୁବାଶିଷ ବୋଷ ନିଜ ସ୍ଥାନ ଆରମ୍ଭରୁ ବଜାୟ ରଖିପାରିଥିଲେ । ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ମିଡ୍‌ଫିଲ୍ଡର ଅନିରୁଦ୍ଧ ଥାପ୍ପା ଭାରତ ପାଇଁ ବିଜୟସୂଚକ ଗୋଲସ୍କୋର କରିଥିଲେ । ନିକଟରେ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କୋଚ୍ ଷ୍ଟିମାକଙ୍କ ତତ୍ତ୍ୱାବଧାନରେ ଭାରତର ଏହା ପ୍ରଥମ ବିଜୟ ଥିଲା । ଚଳିତ ବର୍ଷ ଥାଇଲାଣ୍ଡ ବିପକ୍ଷରେ ଭାରତର ଏହା ୨ୟ ବିଜୟ ଥିଲା । ପୂର୍ବରୁ ଜାନୁୟାରୀରେ ୟୁଏଇରେ ଖେଳାଯାଇଥିବା ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତ ବିଜୟୀ ହୋଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକତାରେ ହିଁ ତିଷ୍ଠିବା
ବିଭେଦରେ ବୁଡ଼ି ମରିବା ।**

ଏକତା ହିଁ ବଳ । ପରସ୍ପର ମଧ୍ୟରେ ମନର ସମନ୍ୱୟ ଥିଲେ, ଆନୁଗତ୍ୟ ଥିଲେ ଯେତେବଡ଼ ବିପଦ ଆସିଲେ ମଧ ତାକୁ ମୁକାବିଲା କରିବା ସହଜ ହୋଇଯାଇଥାଏ । ତେବେ ମନ ସହ ମନ ମିଶୁ ନ ଥିଲେ, ବିଭେଦତା ଥିଲେ ବା ମନରେ ବିରୋଧ ଭାବନା ଥିଲେ ଅକ୍ଳେଶରେ ପରାସ୍ତ ହେବା ହିଁ ଥୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଏକ ଆଖିରେ କାନ୍ଦ
ଆର ଆଖିରେ ହସ ।**

ମନରେ ଛନ୍ଦ କପଟ ରଖୁଥିବା ବ୍ୟକ୍ତିଙ୍କ ମନର କଥା ସ୍ୱଚ୍ଛ ରୂପେ ବୁଝା ପଡ଼ି ନ ଥାଏ । କୁଚକ୍ରୀ ବ୍ୟକ୍ତି ମିଛରେ ଅନ୍ୟ ଆଗରେ ଭଲେଇ ହୋଇ ଆପଣାର ଭାବ ଦେଖାଇ ଭିତରେ ଭିତରେ ନିଜର ଫାଇଦା କଥା ଭାବିଚାଲନ୍ତି । ଏପରି ବ୍ୟକ୍ତି କେବେ କାହାର ମଙ୍ଗଳ ଚାହିଁ ନ ଥାନ୍ତି କି କାହାରି ଉପକାରରେ ଆସି ନ ଥାନ୍ତି । କପଟୀ ଲୋକର ଇଏ ଏକ ସ୍ୱଭାବ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଓଡ଼ିଶା-ଉତ୍ତରାଖଣ୍ଡ ମ୍ୟାଚ୍ ଡ୍ର'



ଓଡ଼ିଶା-ଉତ୍ତରାଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**କଟକ ଅଫିସ, ୮।୬:** ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ଶନିବାର ୫ଟି ମ୍ୟାଚ୍ ଖେଳାଯାଇଥିଲା । ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌କୁ ଘରୋଇ ଓଡ଼ିଶା ଦଳ ଡ୍ର ରଖିଛି । ଶ୍ରୀଦେବୀ ହାଁସଦାଙ୍କ ନେତୃତ୍ୱାଧୀନ ଓଡ଼ିଶା ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର ଅଗ୍ରଣୀ ରହିଥିଲା । ୪୪ତମ ମିନିଟରେ ଫରୱାର୍ଡ ଅନିଶା କୁମ୍ଭାର ଉକ୍ତ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟରେ ଉତ୍ତରାଖଣ୍ଡର ଆଦିତି ପରମାର ଏକ ଗୋଲ ଦେବା ଫଳରେ ମ୍ୟାଚ୍ ସମାନ ସ୍ଥିତିରେ ପହଞ୍ଚିଥିଲା । ପରେ କୌଣସି ଗୋଲ ନ ହେବା ଯୋଗୁଁ ମ୍ୟାଚ୍ ଅମୀମାଂସିତ ରହିଥିଲା । ଆସନ୍ତା ୧୨ରେ ଓଡ଼ିଶା ଗୋଆ ବିପକ୍ଷରେ ଦ୍ୱିତୀୟ ମ୍ୟାଚ୍ ଖେଳିବ । ଶନିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବିହାର ୩-୧ ଗୋଲରେ ମଣିପୁରକୁ, ମେଘାଳୟ ୫-୧ ଗୋଲରେ କେରଳକୁ, ମିଜୋରାମ ୩-୧ ଗୋଲରେ ହିମାଚଳପ୍ରଦେଶକୁ, ଗୁଜୁରାଟ ୫-୦ ଗୋଲରେ ଜମ୍ମୁ ଓ କାଶ୍ମୀରକୁ ପରାସ୍ତ କରିଛି ।


# CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**FINANCE**
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

**ଲୋନ! ଲୋନ! ଲୋନ**
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.**
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

**All INDIA FINANCIAL SERVICES**
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

**ଭାରତର ନଂ.1 କମ୍ପାନୀ**
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

**LOAN**
ମହିଳା ମିତ୍ର ସମୂହ ଋଣ 2500 - 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ ସହଜ ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

BUSINESS

**GOLD CASH**
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

**ବ୍ୟବସାୟ**
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

ASTROLOGY

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

**SAKTI INSTITUTE OF SCIENCE**
SPECIAL CLASSES FOR
+2 Sc. (Estd. 2006)
FAILED STUDENTS
78, Near Central Bank Rasulgarh, 210, District Centre, BBSR
Cell: 9776508950
9556353970


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






ମତଦାନ କେନ୍ଦ୍ରରେ ଭୋଟ ଦେଉଛନ୍ତି


ଇନ୍ଦିରା ଗାନ୍ଧୀଙ୍କ ସହ



'ବତୀଘର' ଚଳଚ୍ଚିତ୍ରର ଶୁଭ ମହୁରତ୍ ଅବସରରେ

## ଘଟଣାବଳୀ...

୧୯୩୧: ଜନ୍ମ: ଜୁନ୍ ୯, ଖ୍ରୀଷ୍ଟିଆନ ସାହି, ଯାଚକ ଲେନ୍, ବକ୍ସିବଜାର, କଟକ।
୧୯୪୨: ୧୧ବର୍ଷ ବୟସରେ 'ଭାରତ ଛାଡ଼ ଆନ୍ଦୋଳନ'ରେ ଯୋଗଦାନ।
୧୯୫୧: ଦରମା ବୃଦ୍ଧି ବିରୋଧରେ ବିଶାଳ ଛାତ୍ର ଆନ୍ଦୋଳନର ନେତୃତ୍ୱ, ପୋଲିସ ଲାଠିମାଡ଼ର ଶିକାର ଓ ଜେଲବରଣ।
୧୯୫୫: ମହିଳା ବନ୍ୟା ରିଲିଫ ସଂଘର ସମ୍ପାଦିକା ନିଯୁକ୍ତ। ଦଳେଇଘାଇ ବିପନ୍ନଙ୍କୁ ରିଲିଫ ବଣ୍ଟନ।
୧୯୫୭: ସାମୟିକ 'ଧରିତ୍ରୀ' ପତ୍ରିକା ପ୍ରକାଶନ। (୧୯୭୪ ନଭେମ୍ବର ୨୪ରେ ଏହା ଦୈନିକରେ ରୂପାନ୍ତରିତ)।
୧୯୫୮: ସର୍ବୋଦୟ ଆନ୍ଦୋଳନରେ ଯୋଗଦାନ।
୧୯୬୨: ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ କଂଗ୍ରେସରୁ ରାଜ୍ୟ ସଭାକୁ ନିର୍ବାଚିତ।
୧୯୬୬-୬୮: ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ।
୧୯୬୮ ଓ ୧୯୭୧: ଭାରତର ସାଂସ୍କୃତିକ ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏଟ୍ ଗସ୍ତ ଓ ଭାରତ-ସୋଭିଏଟ୍ ବନ୍ଧୁତ୍ୱର ଭିତ୍ତିସ୍ଥାପନ।
୧୯୭୨: ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ (ଜୁନ୍ ୧୪)।
୧୯୭୨: କଟକରୁ ବିଧାୟିକା ଭାବରେ ୫ମ ବିଧାନସଭାକୁ ନିର୍ବାଚିତ।
୧୯୭୨: କଟକରେ 'ଆକାଶବାଣୀ ଭବନ' ନିର୍ମାଣ।
୧୯୭୩: 'କେନ୍ଦୁପତ୍ର ଜାତୀୟକରଣ' ନିଷ୍ପତ୍ତି।
୧୯୭୪: 'ଯୌତୁକ ନିରୋଧ ଆଇନ' ଓ 'ଓଡ଼ିଶା ଭାଗଚାଷୀ ଆଇନ' ପ୍ରଣୟନ।
୧୯୮୯ : ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ମଣ୍ଡନ।
୨୦୦୬ : ଅଗଷ୍ଟ ୪ରେ ଇହଲୀଳା ସମ୍ବରଣ।

# ରାଜନୀତି ଓ ସାହିତ୍ୟର ଯୁଗଳବନ୍ଦୀ

ପ୍ରକାଶ ତ୍ରିପାଠୀ

ଜନ୍ମ ଆଉ ମରଣ ଭିତରେ ଥିବା ବ୍ୟବଧାନକୁ ଯଦି ଜୀବନ କୁହାଯାଏ, ତେବେ ସବୁ ଜୀବନ ସମାନ ନୁହେଁ। ଆପଣା ପାଇଁ ବଞ୍ଚିରୁହନ୍ତି ସାଧାରଣ ମଣିଷ। ମାତ୍ର ସମାଜ, ଦେଶ ଓ ଜାତି ପାଇଁ ବଞ୍ଚିଥାନ୍ତି ମହାମାନବ। ତାଙ୍କ କର୍ମ ହିଁ ତାଙ୍କର ପରିଚୟ ସୃଷ୍ଟି କରିଥାଏ ଓ ଉତ୍ତର ପିଢି ପାଇଁ ହୋଇଯାଇଥାଏ ଆଦର୍ଶ। ବିଂଶ ଶତାବ୍ଦୀରେ ଯେତେବେଳେ ନାରୀ ଓ ପୁରୁଷ ମଧ୍ୟରେ ଥିବା ଅସମାନତା ଓ ଫରକ ଜଳ ଜଳ ହୋଇ ବାରି ହୋଇଯାଉଥିଲା, ସେତେବେଳେ ରକ୍ଷଣଶୀଳତାର ରଜ୍ଜୁ ସ୍ୱତଃ ଅପସରିଯାଇଥିଲା ଜଣେ ଓଡ଼ିଆ ମହିଳାଙ୍କ ହାତରେ ଓ ସେ ପ୍ରମାଣ କରି ଦେଖାଇଦେଇଥିଲେ ଯେ ସବୁ କ୍ଷେତ୍ରରେ ମହିଳାଟିଏ ବି ଶ୍ରେଷ୍ଠତା ହାସଲ କରିପାରେ। ରାଜନୈତିକ ବିଚକ୍ଷଣତା ଓ ପ୍ରଚଣ୍ଡ ସୃଜନଶୀଳତାକୁ ଏକ ସଙ୍ଗେ ପରିପ୍ରକାଶ କରିପାରିଥିବା କତିପୟ ମହୀୟସୀ ମହିଳାଙ୍କ କଥା ଯଦି ସ୍ମରଣ କରାଯାଏ, ତେବେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ନାମ ହିଁ ପ୍ରଥମେ ମନକୁ ଚାଲିଆସେ।

ନିଜର ସ୍ପଷ୍ଟବାଦିତା ତଥା ନିର୍ଭୀକତା ପାଇଁ ଓଡ଼ିଶାର ଲୌହମାନବୀ ଭାବେ ପରିଚିତା ନନ୍ଦିନୀ ଶତପଥୀଙ୍କ ଜନ୍ମ ଜୁନ୍ ୯ ତାରିଖ ୧୯୩୧ ମସିହା। ତାଙ୍କ ପିତା ଥିଲେ ଓଡ଼ିଆ ସାହିତ୍ୟର ଜଣେ ପ୍ରଥିତଯଶା ସାରଥି ତଥା ପ୍ରତିଷ୍ଠିତ କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦାଦା ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଶାର କମ୍ୟୁନିଷ୍ଟ ପାର୍ଟିର ପ୍ରାଣପ୍ରତିଷ୍ଠାତା। ତେଣୁ ବାଲ୍ୟକାଳରୁ ନନ୍ଦିନୀ ଦେବୀଙ୍କ ଉପରେ ଉଭୟ ରାଜନୀତି ଓ ସାହିତ୍ୟ ପ୍ରଭାବ ବିସ୍ତାର କରିଥିଲା। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭା ବାଲ୍ୟକାଳରୁ ବାରି ହୋଇପଡ଼ିଥିଲା। ହେଲେ ରାଜନୈତିକ ପ୍ରଭାବ ଅପେକ୍ଷା ସାହିତ୍ୟର ପ୍ରଭାବ ତାଙ୍କ ଉପରେ ବେଶି ଥିଲା। ତାଙ୍କର ଭାବପ୍ରବଣତା ଓ ଗମ୍ଭୀରତା ହିଁ ପ୍ରଥମରୁ ପରିବାରରେ ଧାରଣା ଜନ୍ମାଇଥିଲା ଯେ, ନନ୍ଦିନୀଙ୍କ ଉପରେ ପିତା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ପ୍ରଭାବ ବେଶି ପଡ଼ିଛି ଓ ଏହାର ପ୍ରମାଣ ହିଁ ମିଳିଥିଲା ସ୍କୁଲ ପଢ଼ାବେଳେ କବିତା ଲେଖିବା ପ୍ରତି ତାଙ୍କ ଦୁର୍ବଳତାରୁ। ପିଲାବେଳରୁ ଶାନ୍ତ, ନମ୍ର ଓ ଭାବୁକ ଥିବା ନନ୍ଦିନୀ ଯେ ଓଡ଼ିଶା ରାଜନୀତିରେ ଦିନେ ମଙ୍ଗୁଆଳ ସାଜିବେ, ଏହା ତାଙ୍କ ପରିବାର ସଦସ୍ୟଙ୍କ ସ୍ୱପ୍ନର ବାହାରେ ଥିଲା।

ସାହିତ୍ୟ ସାଧନା ସ୍କୁଲ ପାଠପଢ଼ା ସମୟରୁ ଆରମ୍ଭ ହୋଇଥିଲା ବେଳେ ନନ୍ଦିନୀ ଦେବୀଙ୍କ ରାଜନୀତିର ଖଡ଼ିଛୁଆଁ ଆରମ୍ଭ ହୋଇଥିଲା ରେଭେନ୍‌ଶା କଲେଜରେ ଅଧ୍ୟୟନ ସମୟରେ। ଶିକ୍ଷାନୁଷ୍ଠାନଗୁଡ଼ିକରେ କ୍ରମାଗତ ଫି' ବୃଦ୍ଧିକୁ ନେଇ ୧୯୫୧ରେ ଆରମ୍ଭ ହୋଇଥିଲା ଆନ୍ଦୋଳନ। ଅନେକ ଗରିବ ପିଲା ଏହି କାରଣରୁ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେବା ଘଟଣା ବ୍ୟଥିତ କରିଥିଲା ନନ୍ଦିନୀ ଦେବୀଙ୍କୁ। ଦାଦା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୈପ୍ଳବିକ ବାମପନ୍ଥୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ପ୍ରଚଳିତ ଶିକ୍ଷାପଦ୍ଧତି ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ ସେ। ଏହି ବିଦ୍ରୋହ ଏତେ ତୀବ୍ରଗତିରେ ବ୍ୟାପି ଯାଇଥିଲା ଯେ, ସମଗ୍ର ଓଡ଼ିଶାର ଛାତ୍ରୀଛାତ୍ରମାନେ ନନ୍ଦିନୀଙ୍କୁ ସମର୍ଥନ କରିଥିଲେ ଓ ବିଦ୍ରୋହ ସଫଳ ହେଲା। ପୋଲିସଠାରୁ ଲାଠିମାଡ଼ ଖାଇବା ସହ ସେ କାରାବରଣ ବି କଲେ। ରେଭେନ୍‌ଶାରୁ ଓଡ଼ିଆରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହେବା ପରେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ ସେ। ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେବା ପରେ ପରେ ତାଙ୍କ ବ୍ୟକ୍ତିତ୍ୱ ଓ ଅସାଧାରଣ ନେତୃତ୍ୱରେ ମୁଗ୍ଧହୋଇ ତତ୍କାଳୀନ ବରିଷ୍ଠ ନେତାମାନେ ନନ୍ଦିନୀ ଶତପଥୀଙ୍କୁ ଓମେନ୍‌ସ ଫୋରମ୍ ଅଫ୍ ଇଣ୍ଡିଆର ସଭାପତି ପଦ ପ୍ରଦାନ କରିଥିଲେ। ୧୯୬୨ରେ ରାଜ୍ୟ ସଭାକୁ ନିର୍ବାଚିତ ହେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପଦ ଅଳଂକୃତ କରିଥିଲେ। ୧୯୬୮ରେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ସତ, ମାତ୍ର ୧୯୭୨ ଜୁନ୍ ୧୪ରେ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବାକୁ ପଡ଼ିଲା। ପରେ ପରେ କଟକ ବିଧାନସଭା ଆସନରୁ ରେକର୍ଡସଂଖ୍ୟକ ଭୋଟ ବ୍ୟବଧାନରେ ଜିତି ବିଧାନସଭାକୁ ଆସିଥିଲେ। ରାଜନୈତିକ ଜୀବନକାଳ ମଧ୍ୟରେ ସେ କେବେ ବି ନିର୍ବାଚନୀ ପରାଜୟର ସାମ୍ନା କରିନାହାନ୍ତି। ପ୍ରତ୍ୟକ୍ଷ ରାଜନୀତିକୁ ଆସିବା ପୂର୍ବରୁ ବିଶିଷ୍ଟ ରାଜନୀତିଜ୍ଞ ଦେବେନ୍ଦ୍ର ଶତପଥୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇସାରିଥିଲା।

ସେ କେନ୍ଦ୍ରରେ କିଛିବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟାଳୟରେ ଉପମନ୍ତ୍ରୀ ଭାବେ କାର୍ଯ୍ୟକରି ଗାନ୍ଧୀଙ୍କ ଅତି ବିଶ୍ୱସ୍ତ ହୋଇଥିଲେ। ପାକିସ୍ତାନର ବିଭାଜନ ଓ ନୂତନ ବାଂଲାଦେଶ ଗଠନ ସମୟରେ ସେ ଇନ୍ଦିରା ଗାନ୍ଧୀଙ୍କ ପାଖେ ପାଖେ ଥିଲେ। ବାଂଲା ମୁକ୍ତିବାହିନୀକୁ ସହଯୋଗ ଓ ନୂତନ ବାଂଲାଦେଶ ଗଠନରେ ନନ୍ଦିନୀ ଶତପଥୀଙ୍କ ବୀରତ୍ୱପୂର୍ଣ୍ଣ ସହଯୋଗ ପାଇଁ ତାଙ୍କୁ ବାଂଲାଦେଶର ୪୪ ତମ ଜନ୍ମବାର୍ଷିକୀରେ ବାଂଲାବନ୍ଧୁ ମରଣୋତ୍ତର ସମ୍ମାନରେ ଭୂଷିତ କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଦେଶରେ ଜାରି ହୋଇଥିଲା ଜରୁରିକାଳୀନ ପରିସ୍ଥିତି ହିଁ ଥିଲା ତାଙ୍କ ପାଇଁ ବିରାଟ ପରୀକ୍ଷା। ଦଳୀୟ ନିଷ୍ପତ୍ତିକୁ ସମର୍ଥନ କରିଥିଲେ ବି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅନେକ ପଦକ୍ଷେପକୁ ସେ ଜରୁରୀ ପରିସ୍ଥିତି ସମୟରେ ବିରୋଧ କରି ଚର୍ଚ୍ଚାରେ ରହିଥିଲେ। ୧୯୭୭ରେ ସେ କଂଗ୍ରେସରୁ ଦୂରେଇ ଯାଇଥିଲେ ହେଁ ୧୯୮୯ରେ କଂଗ୍ରେସ ସଭାପତି ରାଜୀବ ଗାନ୍ଧୀଙ୍କ ଅନୁରୋଧରେ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୦୦୦ ମସିହାରେ ସେ ରାଜନୀତିରୁ ଅବସର ନେଲେ।

ନନ୍ଦିନୀଦେବୀ ବିଶ୍ୱାସ କରୁଥିଲେ ଯେ, ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କ ସମକକ୍ଷ। ସେ ଯେଉଁ ସମୟରେ ରାଜନୀତିକୁ ଆସି ରାଜ୍ୟ ତଥା ଜାତୀୟ ସ୍ତରରେ ନିଜକୁ ସୁପ୍ରତିଷ୍ଠିତ କରିପାରିଥିଲେ, ସେତେବେଳେ ମହିଳାଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ବା ଆଜିଭଳି ସୁଯୋଗ ନ ଥିଲା। ତଥାପି ନିଜ ଶକ୍ତି, ସାମର୍ଥ୍ୟ, ମେଧା ଓ ବ୍ୟକ୍ତିତ୍ୱ ବଳରେ ସେ ଓଡ଼ିଶାର ପ୍ରଥମ ଓ ଦେଶର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ କେବଳ କାର୍ଯ୍ୟ ସମ୍ପାଦନ କରିନାହାନ୍ତି, ବରଂ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛନ୍ତି। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ରାଜ୍ୟର ପ୍ରତିଟି କ୍ଷେତ୍ରରେ ବିକାଶ ପରିଲକ୍ଷିତ ହୋଇଥିଲା। ମହିଳା ସଶକ୍ତୀକରଣ, କଳା ଓ ସଂସ୍କୃତି, ଶିକ୍ଷା ତଥା ଗ୍ରାମାଞ୍ଚଳ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା। ତାଙ୍କ ଶାସନ କାଳରେ ଭୂସଂସ୍କାର ଆଇନର କାର୍ଯ୍ୟକାରିତା ଏକ ଶ୍ରେଷ୍ଠ ତଥା ଐତିହାସିକ ଘଟଣା କହିଲେ ଅତ୍ୟୁକ୍ତି ହେବ ନାହିଁ।

ରାଜନୀତି ବାଦ୍ ଓଡ଼ିଆ ସାହିତ୍ୟ ପ୍ରତି ଥିଲା ତାଙ୍କର ପ୍ରବଳ ଅନୁରକ୍ତି। କବିତା, ଗଳ୍ପ ଓ ପ୍ରବନ୍ଧ ବ୍ୟତିରେକେ ଅନୁବାଦ ସାହିତ୍ୟ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ରୁଚି। ଚର୍ଚ୍ଚିତ ବଙ୍ଗଳା ଲେଖିକା ତସ୍‌ଲିମା ନସ୍‌ରିନଙ୍କ ରଚିତ 'ଲଜ୍ଜା' ଓ ପ୍ରସିଦ୍ଧ ପଞ୍ଜାବୀ ଲେଖିକା ଅମୃତା ପ୍ରୀତମ୍‌ଙ୍କ 'ରସିଦ ଟିକଟ'ର ଓଡ଼ିଆ ରୂପାନ୍ତର ଓଡ଼ିଆ ସାହିତ୍ୟକୁ ତାଙ୍କର ଅବିସ୍ମରଣୀୟ ଦାନ। ଓଡ଼ିଆ ସାହିତ୍ୟକୁ ନିଜର ଅବଦାନ ପାଇଁ ୧୯୯୮ରେ ତାଙ୍କୁ ମିଳିଥିଲା ସାହିତ୍ୟ ଭାରତୀ ସମ୍ମାନ। 'ରାଜନୀତି ଓ ସାହିତ୍ୟର ଯୁଗଳବନ୍ଦୀ'ର ଅନ୍ୟନାମ ନନ୍ଦିନୀ ଶତପଥୀଙ୍କ ଜନ୍ମ ଦିବସକୁ ନନ୍ଦିନୀ ଦିବସ ବା ଜାତୀୟ କନ୍ୟା ଦିବସ ଭାବେ ପାଳନ କରି ଏ ଜାତି ଆଜି ନିଜକୁ ଗୌରବାନ୍ୱିତ ମନେକରୁଛି। ତାଙ୍କର ସାହସ, ଧୈର୍ଯ୍ୟ, ନିଷ୍ଠା, ନିର୍ଭୀକତା ଓ ଜନସେବା ଆଗାମୀ ପିଢ଼ି ପାଇଁ ଆଦର୍ଶ ହୋଇ ରହିବ।

ମୋ-୯୪୩୭୨୩୨୪୬୩


ଭୁବନେଶ୍ୱରସ୍ଥିତ ସୂଚନା ଭବନ ଉଦ୍‌ଘାଟନ


ବିନୋବା ଭାବେଙ୍କ ସହ


ମସ୍କୋ ଗସ୍ତ ଅବସରରେ


ଦୟାନଦୀ ଉପରେ କଣ୍ଡିଆ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ



ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଉଦ୍‌ଘାଟନ


ପରିବାର ସହ ଆଗ୍ରାସ୍ଥିତ ତାଜମହଲ ପରିସରରେ


ଅନୁଷ୍ଠିତ ଏକ ଯଜ୍ଞରେ ଆହୂତି ଦେଉଛନ୍ତି



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ଘଡ଼ଘଡ଼ି ସହ ବର୍ଷା: ବିଦ୍ୟୁତ ସେବା ବ୍ୟାହତ

ଦେବଗଡ,୮।୬(ଡ଼ି.ଏନ.ଏ.): ଦେବଗଡ ପୌରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ଶନିବାର ବର୍ଷା ସାଙ୍ଗକୁ ଘଡଘଡି ବିଜୁଳି ମାରିଥିବା ଜଣାପଡିଛି। ଫଳରେ ଅସରାଏ ବର୍ଷା ହୋଇଥିବାରୁ ଲୋକେ ପ୍ରବଳ ଗୁଳୁଗୁଳିରୁ ସାମାନ୍ୟ ତ୍ରାହି ପାଇଛନ୍ତି। ସେହିପରି ବର୍ଷା ଯୋଗୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ଏପଟେ ପୌର ପରିଷଦ ତରଫରୁ ଏପରିକି ସହରର ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବା ଯୋଗୁ ନାଳରୁ ବର୍ଷା ପାଣି ଉଛୁଳି ବାହାରି କୁଢକୁଢ ମଇଳା ଆବର୍ଜନା ରାସ୍ତାରେ ପଡିଥିବା ଦେଖିବାକୁ ମିଳିଥିଲା । ଏପରିକି ମଝିରେ ମଝିରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେବାସହ ବଜ୍ରପାତରେ ବିଏସ୍ଏନ୍ଏଲ ସେବା ଠପ୍ ହୋଇଯାଇଥିଲା ।

### ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ପ୍ରଶଂସାର ସୁଅ

ଚିପିଲିମା,୮।୬(ଡି.ଏନ.ଏ.): ସମ୍ବଲପୁର ବୁର୍ଲା ମେଡିକାଲ କଲେଜର ଡାକ୍ତର ଶଙ୍କର ରାମଚନ୍ଦାନୀ ଚର୍ଚ୍ଚାରେ ରହିଛନ୍ତି। ଗତ ୨ ତାରିଖରେ ସେ ଜଣେ କୁଷ୍ଠ ରୋଗୀଙ୍କୁ କୋଳେଇ ଧରି ରାସ୍ତା ପାର କରାଇବା ଯୋଗୁ ସବୁଆଡେ ପ୍ରଶଂସାର ପାତ୍ର ହୋଇଛନ୍ତି। ଏ ସମ୍ପର୍କରେ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ସେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୱେବସାଇଟରେ ସ୍ଥାନ ପାଇଥିଲେ। ରାମଚନ୍ଦାନୀଙ୍କ ଏଭଳି କାର୍ଯ୍ୟ ସମାଜ ଓ ଡାକ୍ତରଙ୍କ ପାଇଁ ଉଦାହରଣ ବୋଲି ଏହି ୱେବସାଇଟରେ ଉଲ୍ଲେଖ ରହିଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡା ଓ ମୁଖ୍ୟମନ୍ତ୍ରୀ ଟୁଇଟ କରି ଏହାକୁ ପ୍ରଶଂସା କରିଛନ୍ତି।

### ଫାଣ୍ଡିରୁ ଫେରାର ନାବାଳକ ବରଗଡରୁ ଉଦ୍ଧାର

ସମ୍ବଲପୁର,୮।୬(ବ୍ୟୁରୋ): ସମ୍ବଲପୁର ଜିଲା ଧମା ଥାନା ଗୁଣ୍ଡେରପୁର ଫାଣ୍ଡିରୁ ଫେରାର ଥିବା ନାବାଳକଙ୍କୁ ବରଗଡରୁ ପୋଲିସ ଉଦ୍ଧାର କରିଛି । ନାବାଳକଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା । ପରେ ରାଉରକେଲା ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟତମ ଅଭିଯୁକ୍ତ ସାହିଜ ଖାନ (୧୯)ଙ୍କୁ ମଧ ଗିରଫ କରାଯାଇଛି । ଆଉଜଣେ ଅଭିଯୁକ୍ତ ମହମ୍ମଦ ଡି ଆବିଦ ଫେରାର ଥିବା ପୋଲିସ କହିଛି । ସୂଚନା ଯୋଗ୍ୟ ଯେ ବଡଟିକ୍ରା ଗାଁ ଛକରେ ଏକ ମୋବାଇଲ ଦୋକାନରୁ ପ୍ରାୟ ୭୬ଟି ମୋବାଇଲ ଚୋରି ହୋଇଥିଲା । ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ଏହି ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ହେଲେ ଗୁଣ୍ଡେରପୁର ଫାଣ୍ଡିରୁ ନାବାଳକ ଫେରାର ହୋଇଯାଇଥିଲେ। ଏହି ଘଟଣାରେ କାର୍ଯ୍ୟରତ ୨ ଜଣ କନଷ୍ଟେବଳ ଉମାକାନ୍ତ ଭୋଇ ଓ ଟି. ଭୋଇଙ୍କୁ ନିଲମ୍ବନ କରାଯାଇଥିଲା।

■ଶୀତଳଷଷ୍ଠୀ ଶୀର୍ଷକ ଆଲୋଚନାଚକ୍ର

# ପ୍ରକୃତି, ପୁରୁଷ ମିଳନର ପର୍ବ ଶୀତଳଷଷ୍ଠୀ

ସମ୍ବଲପୁର, ୮।୬ (ବ୍ୟୁରୋ)





ଶନିବାର ସମ୍ବଲପୁରରେ ଶୀତଳଷଷ୍ଠୀ ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତା ଓ ଅତିଥିମାନେ ।

ଶୀତଳଷଷ୍ଠୀ ପ୍ରକୃତି ଓ ପୁରୁଷର ମିଳନର ପର୍ବ । ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଶୀତଳ ଷଷ୍ଠୀ ପର୍ବର ଐତିହ୍ୟ ଓ ପରମ୍ପରା ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହା କହିଛନ୍ତି । ଆୟୋଜକ ସ୍ୱୀକାର ଉପଦେଷ୍ଟା ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମିନକେତନ ପୁରୋହିତ, ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ସୁରୁବାବୁ ମେହେର, ବରଗଡ଼ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁଦର୍ଶନ ପୂଜାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ଲଜପତ ରାୟ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ । ସେମାନେ କହିଥିଲେ ଯେ, ଶୀତଳଷଷ୍ଠୀରେ ଧାର୍ମିକ ଓ ଲୌକିକ ମଧ୍ୟରେ ଶିବ ବିବାହ ହୋଇଥାଏ । ଏହା ହେଉଛି ଲୋକ ହୃଦୟର ଯାତ୍ରା ଓ ଭାଇଚାରାର ପର୍ବ । ଏହାକୁ କିପରି ବିକଶିତ କରି ଅଧିକ ଆକର୍ଷିତ କରିବା ସହ ଭବିଷ୍ୟତ ପିଢ଼ିକୁ ସଂସ୍କୃତି ସମ୍ପନ୍ନ ବାର୍ତ୍ତା ଦିଆଯାଇ ପାରିବ ସେ ଦିଗରେ ସମସ୍ତ ପ୍ରକାର ଉଦ୍ୟମ ହେବା ନିହାତି ଆବଶ୍ୟକତା ରହିଛି । ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଶ୍ୟାମ ଭୋଇ, ଘେଁସ କଲେଜ ପ୍ରାଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଶ୍ରୀକୃଷ୍ଣ ପ୍ରଧାନ, ପ୍ରଫେସର ସେବକ ତ୍ରିପାଠୀ ଓ ବିଜୟିନୀ ପଣ୍ଡା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆୟୋଜନ ସ୍ୱୀକାର ସଂପାଦକ ହେମନ୍ତ କୁମାର ମହାପାତ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ପଶ୍ଚିମ ଓଡ଼ିଶାର ଲୁପ୍ତ ପ୍ରାୟ କଳା ସଂପ୍ରଦା ଓ ସଞ୍ଚାରକୁ ବଞ୍ଚାଇ ରଖିବା ଲାଗି ଅବିରତ ଉଦ୍ୟମ କରୁଥିବା ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବଡ଼ଧରା ରାଧାକୃଷ୍ଣ ସଂପ୍ରଦା ଦଳ ଓ ଶ୍ରୀ ବଜରଙ୍ଗବଳୀ ସଂପ୍ରଦା ଦଳ, ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର କୁସମୁଦା ଗ୍ରାମର ସଂପ୍ରଦା ଦଳ, ସଞ୍ଚାର ଗାୟକ ପରମେଶ୍ୱର ଭୋଇ ଓ ପାଲିଆ ଚତୁର୍ଭୁଜ ସେଠ୍, ସମ୍ବଲପୁର ଜିଲା ଜମନକିରା ବ୍ଲକର ଓଡ଼ିସିଂ ଓ କୁତବ୍ ସଂପ୍ରଦା ଦଳ, ଛତିଶଗଡ଼ର ମିହିଦୀ ସଂପ୍ରଦା ଦଳକୁ ସ୍ୱୀକାର ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସତ୍ୟନାରାୟଣ ଠାକୁର ଓ କାର୍ତ୍ତିକ ପ୍ରସାଦ ବହିଦାର ମାନପତ୍ର ପାଠ କରିଥିଲେ ।

# ହ୍ୱାଟ୍ସ ଆପ୍ ଗ୍ରୁପରେ ଛାତ୍ରୀଙ୍କ ନଗ୍ନ ଭିଡିଓ ଭାଇରାଲ

ଦେବଗଡ, ୮।୬(ଡି.ଏନ.ଏ)

ଜଣେ ଛାତ୍ରୀଙ୍କ ନଗ୍ନ ଭିଡିଓ ତାଙ୍କର ଜଣେ ସହପାଠୀ ଏକ ନିର୍ଦ୍ଦିଷ୍ଟ ହ୍ୱାଟସଆପ୍ ଗ୍ରୁପରେ ଭାଇରାଲ କରିବା ଘଟଣା ଶନିବାର ଦେବଗଡ ଜିଲାରେ ଚର୍ଚ୍ଚାର ବିଷୟ ସାଜିଛି। ଏନେଇ ଛାତ୍ରୀ ପରିବାର ଲୋକଙ୍କ ସହ ଜିଲା ଶିଶୁ ସୁରକ୍ଷା ସମିତିର ଦ୍ୱାରସ୍ଥ ହେବା ପରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ନାବାଳିକା ଛାତ୍ରୀଙ୍କର ନଗ୍ନଭିଡିଓ ଭାଇରାଲ କରିଥିବା ନାବାଳକଙ୍କ ଜଣେ ସମ୍ପର୍କୀୟ ଦେବଗଡ ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ନାବାଳିକାଙ୍କ ପରିବାର ଲୋକେ ଆଶଙ୍କା ପ୍ରକଟ କରିଛନ୍ତି। ଖବର ମୁତାବକ କିଛିମାସ ପୂର୍ବେ ବାରକୋଟ ବ୍ଲକର ଏକ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳିକାଙ୍କର ନଗ୍ନ ଭିଡିଓ ସେହି ହାଇସ୍କୁରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଅନ୍ୟ ଜଣେ ଛାତ୍ର ଲୋକାଲ ହ୍ୱାଟସଆପ୍ ଗ୍ରୁପରେ ଭାଇରାଲ କରିଥିଲେ। ଏକଥା ଜଣାପଡିବାପରେ ନାବାଳିକାଙ୍କ ପରିବାର ଲୋକ ଦେବଗଡ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ରଙ୍କ ପରାମର୍ଶ କ୍ରମେ ଚାଇଲ୍ଡଲାଇନର କର୍ମକର୍ତ୍ତା ଉପେନ୍ଦ୍ର ଭଞ୍ଜଙ୍କ ସହ ଦେବଗଡ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର



ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ଦେବଗଡ଼, ୮।୬(ଡି.ଏନ.ଏ)

ଦେବଗଡ଼ ଜିଲାର ରିଆମାଳଠାରେ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଯୋଗ ସଂଯୋଜକ ତପନ କୁମାର ମିଶ୍ରଙ୍କ ଅଧ୍ୟତାରେ ଗତ ଗୁରୁବାର ରିଆମାଳ ସରସ୍ୱତୀ ଶିଶୁ ମନ୍ଦିରଠାରେ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଜିଲା ସହଯୋଜକ ଘନଶ୍ୟାମ ସାହୁ ଯୋଗ ଦେଇ ଯୋଗର ଉଦ୍ଦେଶ୍ୟ ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ । ସେହିପରି ରିଆମାଳ ଖଣ୍ଡ ସଂଘ ଚାଳକ ପ୍ରମୋଦ ପ୍ରଧାନ,ସଂଯୋଜକ ଧିରେନ୍ ପ୍ରଧାନ ଯୋଗ ଦେଇଥିଲେ । ଏହି ଶିବିରରେ ୪୦ ଯୋଗ ଶିକ୍ଷକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

■ବିଧାୟକ ରୋହିତ ପୂଜାରୀଙ୍କୁ ରେଢ଼ାଖୋଲରେ ସମ୍ବର୍ଦ୍ଧନା

# ପ୍ରତି ଗାଁକୁ ପାଣି, ଜଳସେଚନକୁ ପ୍ରାଥମିକତା

ରେଢାଖୋଲ,୮।୬ (ଡି.ଏନ.ଏ.)

ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ଗତ ୫ ବର୍ଷ ଭିତରେ ଗ୍ରାମ୍ୟ ବିଦ୍ୟୁତୀକରଣ ସହ ରାସ୍ତା, ପୋଲ ନିର୍ମାଣ ଆଦି ଅନେକ କାର୍ଯ୍ୟ କରାଯାଇଛି। କୌଣସି ବିଧାୟକ ଯାଇ ନ ଥିବା ଗାଁ ଗୁଡିକୁ ଯାଇ ଲୋକଙ୍କୁ ଭେଟିଛି। ସେମାନଙ୍କ ଭଲମନ୍ଦ ପଚାରିଛି। ଲୋକ ପାଇଁ କାମ କରିଥିବା ଯୋଗୁ ଜନସଧାରଣଙ୍କ ଆଶୀର୍ବାଦରୁ ପୁଣିଥରେ ବିଜୟୀ ହୋଇଛି। ଏଣୁ ଆସନ୍ତା ୫ ବର୍ଷରେ ପ୍ରତି ଗ୍ରାମକୁ ପାନୀୟଜଳ ଯୋଗାଣ ଓ ଚାଷଜମିକୁ ଜଳସେଚନ ସହ ରେଢାଖୋଲକୁ ଏକ ଏଜୁକେସନ ହବ୍ କରିବାକୁ ଉଦ୍ୟମ କରିବି। ଶନିବାର ରେଢାଖୋଲରେ ବିଧାୟକ ରୋହିତ ପୂଜାରୀ ଏହା କହିଛନ୍ତି।

ଦ୍ୱିତୀୟ ଥର ପାଇଁ ରୋହିତ ବିଧାୟକ ଭାବେ ନିର୍ବାଚିତ ହେବା ପରେ ପ୍ରଥମ କରି ଶନିବାର ଭୁବନେଶ୍ୱରରୁ ରେଢାଖୋଲ ପହଞ୍ଚିଥିଲେ। ଏଠାରେ ଶତାଧିକ ଦଳୀୟ କର୍ମକର୍ତ୍ତା ଭୀମ ଭୋଇ ଛକରେ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରୋହିତ ବସଷ୍ଟାଣ୍ଡସ୍ଥିତ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏନଏସି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ଲୁହାପଙ୍କ ସରପଞ୍ଚ ଅଶ୍ୱିନୀ ପ୍ରଧାନ, କାଉନସିଲର ଲକ୍ଷ୍ମଣ ପ୍ରଧାନ, ଆଦିତ୍ୟନାରାୟଣ ପ୍ରଦାନ, ବଂଶାଜାଲ ସମବାୟ ସମିତିର ସଭାପତି ଲକ୍ଷ୍ମଣ ପ୍ରଧାନ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, କାଉନସିଲର ଓ ବହୁ ଦଳୀୟ କର୍ମକର୍ତ୍ତା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବଙ୍ଗଳାଠାରେ ଖବରଦାତାମାନଙ୍କ ସହ ରୋହିତ ଆଲୋଚନା କରିଥିଲେ। ରେଢାଖୋଲ ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ରୋହିତ କହିଛନ୍ତି।

### ବିକାଶ ପାଇଁ ସହଯୋଗ ଲୋଡିଲେ ବିଧାୟକ

କୁଚିଣ୍ଡା,୮।୬ (ଡି.ଏନ.ଏ.)

କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ। କିପରି ଭାବେ ଅଞ୍ଚଳର ସାମୂହିକ ବିକାଶ ହୋଇପାରିବ। ସେ ସମ୍ପର୍କରେ ଶନିବାର କୁଚିଣ୍ଡାରେ କାର୍ଯ୍ୟରତ ଖବରଦାତାମାନଙ୍କୁ ନେଇ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ନବ ନିର୍ବାଚିତ ବିଧାୟକ କିଶୋର ଚନ୍ଦ୍ର ନାଏକ ସହଯୋଗ ଲୋଡିଛନ୍ତି। ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ଚାଷ ଓ ଚାଷୀର ସମସ୍ୟାକୁ ନେଇ ବିଧାୟକ ଗୁରୁତ୍ୱ ପ୍ରକାଶ କରିଥିଲେ। ଏହି ଅବସରରେ ଖବରଦାତା ଗଜେନ୍ଦ୍ର ଭୋଇ, ଗଗନ ଶର୍ମା, ସଞ୍ଜୟ ମିଶ୍ର, ପ୍ରଭାତ ବେହେରା, ଦେବେନ୍ଦ୍ର ବେହେରା, ତପନ ବାଗ, ତରୁଣ ପୃସେଟ, ଓକିଲ ଅମୂଲ୍ୟ ମିଶ୍ର, ସଞ୍ଜୟ ବେହେରା, ଅଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଝଡ଼ତୋଫାନରେ ଗଛ ପଡ଼ି ରାସ୍ତା ଅବରୋଧ



ଝଡ଼ତୋଫାନରେ ପଧାନପାଲି ନିକଟରେ ଏକ ବର ଗଛ ପଡ଼ି ଯିବା ଯୋଗୁ ଗାଁକୁ ରାସ୍ତା ବନ୍ଦ ହୋଇଯାଇଛି।

ପଡିଆବାହାଲ, ୮।୬ (ଡି.ଏନ.ଏ.)

ସମ୍ବଲପୁର ଜିଲା ପଡିଆବାହାଲ ଅଞ୍ଚଳରେ ଶନିବାର ଅପରାହ୍ଣ ପ୍ରାୟ ୩ଟା ବେଳେ ପ୍ରବଳ ପବନ ସହ ବର୍ଷା ହୋଇଛି। ଫଳରେ ବହୁ ଦୋକାନର ଟିଣ ଛପର ଉଡାଇ ନେଇଛି। ପଧାନପାଲି ନିକଟରେ ଏକ ବିରାଟ ବର ଗଛ ଢ଼ଳି ପଡିବା ଫଳରେ ବିଦ୍ୟୁତ ତାର ଛିଣ୍ଡି ଗାଁକୁ ରାସ୍ତା ବନ୍ଦ ହୋଇଯାଇଛି। ବରଗଛରେ ଥିବା ମହୁମାଛି ଉଡି ବୁଲୁଥିବା ଫଳରେ ରାସ୍ତାରେ ଯିବା ସମ୍ଭବ ହେଉନାହିଁ। ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇ ରହିଛି।

# ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଘଟଣା: ପ୍ରଶାସନିକ ତଦନ୍ତ ଆରମ୍ଭ

ରେଢାଖୋଲ,୮।୬(ଡି.ଏନ.ଏ.)

ରେଢାଖୋଲ ଥାନା ବିଶିପାଲି ଗ୍ରାମର ଠାକୁର ଚରଣ ବିଶି (୪୫)ନାମକ ଜଣେ ଚାଷୀଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ଘଟଣାରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉପଜିଲାପାଳ ବିଶିକେସନ ଦେହୁରୀ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ତହସିଲଦାର ରୁବି ବେହେରା, ଏସ୍ଡିଏମଓ ଡାକ୍ତର ବିପିନ ବିହାରି ସାହୁ, କଦଳୀଗଡ ରାଜସ୍ୱ ନିରୀକ୍ଷକଙ୍କ ସହ ବିଶିପାଲି ଗ୍ରାମକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ଠାକୁରଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଠାକୁର ବୁଧବାର ସକାଳୁ ନିଜ ଚାଷଜମିରେ କାମ କରୁଥିବା ବେଳେ ଦିନ ୧୨ଟା ବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥ ଲାଗିବା ପରେ ନିକଟରେ ଥିବା ଏକ ଗଛ ମୂଳରେ ବିଶ୍ରାମ ନେଇଥିଲେ। ହେଲେ ଅଧିକ ଅସୁସ୍ଥ ଲାଗିବା ଯୋଗୁ ନିକଟସ୍ଥ ଜମିରେ କାର୍ଯ୍ୟ କରୁଥିବା ଅନ୍ୟ ଗ୍ରାମବାସୀଙ୍କୁ ଡାକିଥିଲେ । ଗ୍ରାମବାସୀ ତାଙ୍କୁ ଘରକୁ ନେଇଆସିଥିଲେ। ପରିବାର ବର୍ଗ ଅସୁସ୍ଥ ଠାକୁରଙ୍କୁ କଦଳୀଗଡ ଡାକ୍ତରଖାନାକୁ ଆଣୁଥିବା ବେଳେ ସେଦିନ ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ଥିଲେ। ରେଢାଖୋଲ ଡାକ୍ତରଖାନାକୁ ଆଣିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିବା ଯୋଗୁ ନିର୍ଦ୍ଦିଷ୍ଟ ଭାବେ ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ସ୍ପଷ୍ଟ ପ୍ରମାଣ ହୋଇ ପାରୁ ନାହିଁ। ହେଲେ ଉପଜିଲାପାଳଙ୍କ ସହ ଆଲୋଚନା କରି ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯିବ। ଅନ୍ୟାନ୍ୟ ସରକାରୀ ସହାୟତା ମଧ୍ୟ ଯୋଗାଇଦିଆଯିବ ବୋଲି ତହସିଲଦାର ରୁବି ବେହେରା କହିଛନ୍ତି।

# କଣ୍ଢେଲରେ ରକ୍ତଦାନ ଶିବିର : ୩୨ ୟୁନିଟ୍ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଦେବଗଡ଼, ୮।୬(ଡ଼ି.ଏନ.ଏ.)

ବାରକୋଟ ବ୍ଲକ କଣ୍ଢେଲ ଗ୍ରାମ ପଞ୍ଚାୟତର ଆନନ୍ଦ ସେବା ସଦନ ନର୍ସିଂହୋମ୍ଠାରେ ଆନନ୍ଦମାର୍ଗ ସେବା ୟୁନିଟ୍, କଣ୍ଢେଲ ଗ୍ରାମପଞ୍ଚାୟତ ଓ ସ୍ପୋର୍ଟସ୍ କ୍ଲବ୍ର ମିଳିତ ସଂଯୋଗରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଜଗଦିଶ ଚନ୍ଦ୍ର ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସେହିପରି ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବିରଞ୍ଚି ବେହେରା, ଆଇନଜୀବି ଟିକେଶ୍ୱର ଧଳ ଓ ଦୟାନିଧି ବେହେରା, ଡ଼ିଲେଶ୍ୱର ସାହୁ, ସୁରେଶ ପ୍ରଧାନ, ସଦନ ନିର୍ଦ୍ଦେଶିକା ସବିତା ସାମଲ, ଡ଼ା.ଅମିତ୍ ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀଙ୍କଠାରୁ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଡ଼.ସମିତ କୁମାର ପ୍ରଧାନ,ଫାର୍ମସିଷ୍ଟ ଗାୟତ୍ରୀ ପ୍ରସାଦ ବିଶ୍ୱାଳ, ବିନି ସାହୁ, ମନୋଜ ନାଏକ, ମନିଷା ତିର୍କୀ, ଗାୟତ୍ରୀ ପ୍ରଧାନ, ଦୁଷ୍ମନ୍ତ ବେହେରା, ଝୁଲୁ ଓରଫ ଝସକେତନ ସାହୁ, ରୋହିତ ମାଝୀ, ମଳୟ ବେହେରା, ଗୋପାଳ କୃଷ୍ଣ ସାହୁ, ଅମକବିକା ଦାସ ପ୍ରମୁଖ ସହଯୋଗ କରିଥିଲେ ।

### କିକ୍ ବକ୍ସିଂ ପ୍ରତିଯୋଗିତାରେ ଛାତ୍ରଙ୍କ କୃତିତ୍ୱ

ସମ୍ବଲପୁର,୮।୬(ବ୍ୟୁରୋ)

ସମ୍ବଲପୁର ସେଣ୍ଟଜନ କନଭେଣ୍ଟ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ଆର୍ଯ୍ୟଦେବ ମହାପାତ୍ର କିକ ବକ୍ସିଂ ଓ କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି । ନେପାଳ କାଠମାଣ୍ଡୁରେ ଆୟୋଜିତ ତୃତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ଭାରତ ସମେତ ଭୁଟାନ, ବଙ୍ଗଳାଦେଶ, ଶ୍ରୀଲଙ୍କାର ୭ ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ତେବେ ଆର୍ଯ୍ୟଦେବଙ୍କୁ କୋଚ ନାରାୟଣ ବାରିକ ତାଲିମ ଦେଇଥିଲେ।

### ଚିପିଲିମାରେ ଷୋହଳ ପ୍ରହର ନାମଯଜ୍ଞ

ଚିପିଲିମା,୮।୬(ଡି.ଏନ.ଏ.)

ସମ୍ବଲପୁର ଜିଲା କର୍ଡୋଲା ପଞ୍ଚାୟତ ଚିପିଲିମା ଗାଁରେ ଷୋହଳ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗଜେନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମ ସମ୍ପାଦନ କରିଥିବା ବେଳେ ସୁଧାଂଶୁ ମିଶ୍ର, ଅକ୍ଷୟ ପୁରୋହିତ ସହଯୋଗ କରିଥିଲେ । ଯଜ୍ଞ କର୍ତ୍ତା ଭାବରେ ପଞ୍ଚାନନ ପଣ୍ଡା ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିଲେ।

### ରେଙ୍ଗାଲିରେ କୋର୍ଟ ନିର୍ମାଣ ପାଇଁ ଜାଗା ପରିଦର୍ଶନ କଲେ ଜିଲା ଜଜ୍

ରେଙ୍ଗାଲି,୮।୬(ଡି.ଏନ.ଏ.)–ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଗ୍ରାମୀଣ କୋର୍ଟ ନିର୍ମାଣ ପାଇଁ ସମ୍ବଲପୁର ଜିଲା ଜଜ୍ ଜାଗା ପରିଦର୍ଶନ କରିଛନ୍ତି । ଶନିବାର ସମ୍ବଲପୁର ଜିଲା ଜଜ୍ ମଳୟ ରଞ୍ଜନ ଦାସ ରେଙ୍ଗାଲିରେ କୋର୍ଟ ନିର୍ମାଣ ପାଇଁ ଦୁଇଟି ଜାଗା ପରିଦର୍ଶନ କରିଛନ୍ତି। ଜିଲା ଜଜ୍ଙ୍କ ଏହି ପରିଦର୍ଶନ ସମୟରେ ସାଙ୍ଗରେ ସମ୍ବଲପୁର ଉପଜିଲାପାଳ ପ୍ରଦୀପ ସାହୁ, ରେଙ୍ଗାଲି ତହସିଲଦାର ଭିକ୍ଟୋରିଆ ଏକ୍କା, ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ । ଖୁବଶୀଘ୍ର କୋର୍ଟ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ଜିଲା ଜଜ୍ ଦାସ କହିଛନ୍ତି।

■ରେଢ଼ାଖୋଲରେ ଗାଡ଼ି ଚୋରି, ଡିକିରୁ ଲୁଟ୍ ବୃଦ୍ଧି

# ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

ରେଢାଖୋଲ,୮।୬(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ସହରରେ ଚୋର ଓ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ହେଲେ ସ୍ଥାନୀୟ ପୋଲିସ ଏହି ଚୋର ଓ ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇପାରୁ ନାହିଁ। ଏଥିଯୋଗୁ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଗତ କିଛିମାସ ଧରି ମୋଟର ସାଇକେଲ ଡିକିରୁ ଟଙ୍କା ଲୁଟ୍ ସହ ମୋଟର ସାଇକେଲ ଓ ସ୍କୁଟି ଚୋରି ହୋଇ ଆସୁଛି। ଗତ ସୋମବାର ଓ ମଙ୍ଗଳବାର ଡାକ୍ତରଖାନା ଛକରେ ପାନ ଦୋକାନ କରିଥିବା ଅଶୋକ କୁମାର ମେଣ୍ଢୁଲି, ଜିତୁ ମିଶ୍ର ଓ ନାରାୟଣ ତ୍ରିପାଠୀଙ୍କ ଦୋକାନରୁ ଚୋରି ହୋଇଛି। ତେବେ ପାଟ୍ରୋଲିଂ କରୁଥିବା ପୋଲିସକୁ ଦେଖି ଚୋରମାନେ ଦୌଡି ପଳାଇଥିଲେ। ଏଣୁ ସେମାନଙ୍କୁ ପୋଲିସ ଧରି ପାରି ନ ଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଅନ୍ୟପକ୍ଷେ ଗତ ଫେବୃୟାରୀରୁ ରେଢାଖୋଲ ସହରରେ ମୋଟରସାଇକେଲ ଓ ସ୍କୁଟି ଡିକିରୁ ଟଙ୍କା ଲୁଟ୍ ସହ ସ୍କୁଟି ଚୋରି ଘଟଣାରେ ପୋଲିସ ଏ ପର୍ଯ୍ୟନ୍ତ ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ। ଫେବୃୟାରୀ ୧୩ ତାରିଖରେ ଲାଣ୍ଡିମାଳ ଗ୍ରାମର ଚଣ୍ଡାଳ ପ୍ରଧାନ ରେଢାଖୋଲ ସହରର ଷ୍ଟେଟ ବ୍ୟାଙ୍କ ଶାଖାରୁ ୧ ଲକ୍ଷ ଟଙ୍କା ଉଠାଇଥିଲେ। ଏହାପରେ ସେ ସହରର ଏକ ଦରଜି ଦୋକାନକୁ ଯାଇ ସାର୍ଟ ସିଲାଇ ପାଇଁ ମାପ ଦେଇଥିଲେ। ସାଥିରେ ଥିବା ତାଙ୍କ ପୁଅ ବସଷ୍ଟାଣ୍ଡର ଏକ ମୋବାଇଲ ଦୋକାନକୁ ଆସିଥିଲେ। ଫେରିବା ବେଳେ ମୋଟର ସାଇକେଲ ଡିକିରେ ଥିବା ୧ ଲକ୍ଷ ଟଙ୍କା ଲୁଟ୍ ହୋଇଯାଇଥିଲା। ଏ ଘଟଣାର ୧୦ ଦିନ ପରେ ସହରର କୁରୁମ ଟିକିରାର ଚେତନ କୁମାର ସାହୁଙ୍କ ସ୍କୁଟି ଡିକିରୁ ରଥ ସାହିସ୍ଥିତ ହୋଣ୍ଡା ଶୋ ରୁମ୍ ସମ୍ମୁଖରୁ ୧ ଲକ୍ଷ ୨୮ ହଜାର ଟଙ୍କା ଲୁଟ୍ ହୋଇଥିଲା। ଚେତନ ସ୍ଥାନୀୟ ୟୁନିୟନ ବ୍ୟାଙ୍କରୁ ଏହି ଟଙ୍କା ଉଠାଇ ହୋଣ୍ଡା ଶୋ ରୁମ୍କୁ ସ୍କୁଟି କିଣିବାକୁ ଯାଇଥିଲେ। ଏହି ଘଟଣାରେ ଚେତନ ୟୁନିୟନ ବ୍ୟାଙ୍କ ଓ ହୋଣ୍ଡା ଶୋ ରୁମ୍ରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଣି ପୋଲିସକୁ ଦେଇଥିଲେ। ହେଲେ ପୋଲିସ ତଦନ୍ତ କରି ଲୁଟେରାଙ୍କୁ ଧରିବା ବଦଳରେ ଚୁପ୍ ହୋଇ ବସିଛି। ସେହିପରି ଫେବୃୟାରୀ ୨୨ ତାରିଖ ଖନ୍ଦାଢିପ କଚେରି ରୋଡ୍ରେ କିରାନା ଦୋକାନ କରିଥିବା କିଶୋର ସ୍ୱାଇଁ ନାମକ ଜଣେ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖରୁ ସ୍କୁଟି ଚୋରି ହୋଇଛି। ଏହି ଘଟଣାରେ ମଧ୍ୟ ପୋଲିସ କାହାକୁ ଧରି ପାରିନାହିଁ। ଏଣୁ ରେଢାଖୋଲ ପୋଲିସର ପାରିବା ପଣିଆ ପ୍ରତି ଲୋକେ ପ୍ରଶ୍ନ ଉଠାଉଛନ୍ତି। ହାଟ ବଜାରରେ ପୋଲିସର ଅପାରଗତା ସମ୍ପର୍କରେ ଆଲୋଚନା ହେଉଛି। ତେବେ ସବୁ ଘଟଣାରେ ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ନିଶ୍ଚିତ ଧରାଯିବ ବୋଲି ଆଇଆଇସି କହିଛନ୍ତି।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍

## ସଂକ୍ଷେପରେ

### ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ସମ୍ବଲପୁର,୮।୬(ବ୍ୟୁରୋ)- ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ଶନିବାର ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । ସମ୍ପର୍କୀୟ ଓ ପରିଜନମାନେ ଡାକ୍ତରଙ୍କ ଅବହେଳାରୁ ରୋଗୀ ଜଣକର ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ହେଲେ ଏହି ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚିଥିଲା । ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା

ସମ୍ବଲପୁର,୮।୬(ବ୍ୟୁରୋ) ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ଶନିବାର ବିଳମ୍ବିତ ରାତିରେ ଦେବ ଦମ୍ପତି ଶୋଭାଯାତ୍ରାରେ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏଥିପାଇଁ ଜିଲା ତଥା ଜିଲା ବାହାରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଅନୁଷ୍ଠାନ, ସାମାଜିକ କର୍ମୀ, କ୍ଲବ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ଖାଇବା ବ୍ୟବସ୍ଥା କରାଯାଇଥିଲା । ବୁଢ଼ାରାଜା, ଚର୍ଚ୍ଚ ଛକ, ମୁଦିପଡା, ପାଣି ଟାଙ୍କି ଛକ, ଗୋଲ ବଜାର, ଗେଇଟି ରୋଡ, ପିରବାବା ଛକରେ ବ୍ୟବସ୍ଥା କରାଯାଇଥିଲା।

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦ ଚିକିତ୍ସା ଶିବିର

ସମ୍ବଲପୁର,୮।୬(ବ୍ୟୁରୋ) ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଡାରେ ଅସ୍ଥାୟୀ ଚିକିତ୍ସା ଶିବିର ଖୋଲା ଯାଇଛି । ଏଥିରେ ଡାକ୍ତର ଓ ଫାର୍ମାସିଷ୍ଟ ରହିଛନ୍ତି । ଆବଶ୍ୟକ ପରିମାଣର ଔଷଧ ରଖାଯାଇଛି । ଏପରିକି ଜରୁରୀ ପରିସ୍ଥିତି ପାଇଁ ଆମ୍ବୁଲାନ୍ସ ମଧ ରଖା ଯାଇଛି । ଶନିବାର ରାତି ସାରା ଓ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଶିବିର ଖୋଲା ରହିବ ।

### ଅସ୍ଥାୟୀ ଶୌଚାଳୟ ନିର୍ମାଣ

ସମ୍ବଲପୁର,୮।୬(ବ୍ୟୁରୋ) ସମ୍ବଲପୁରର ପ୍ରସଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ମହାନଗର ନିଗମ ପକ୍ଷରୁ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଶୌଚାଳୟ ଗୁଡିକ ସଫା ସୁତୁରା କରିବା ସହ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯାଇଛି । ଡ୍ରେନ ଗୁଡିକ ସଫା କରାଯାଇଛି । ପ୍ରଚଣ୍ଡ ଖରା ହେଉଥିବାରୁ ଭକ୍ତଙ୍କ ଉପରେ ପାଣି ଛିଞ୍ଚନ କରାଯିବ। ଏହା ସହ ପାନୀୟ ଜଳ ଓ ପରିମଳ ଓ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ଶୁଣିବା ପାଇଁ ଏକ କ୍ୟାମ୍ପ କରା ଯାଇଛି।

### ମଦ ଦୋକାନରେ ତାଲା, ବାହାରେ ଖୁଲମଖୁଲା

ସମ୍ବଲପୁର,୮।୬(ବ୍ୟୁରୋ) ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଦିନକ ପୂର୍ବରୁ ଅର୍ଥାତ ଶୁକ୍ରବାର ରାତିରୁ ସହରରେ ଥିବା ବିଦେଶୀ ମଦ ଦୋକାନ ଗୁଡିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏଣୁ ମଦ ଦୋକାନ ଗୁଡିକ ବନ୍ଦ ରହିଛି । ହେଲେ ବାହାରେ ଖୁଲମଖୁଲା ମଦ ବିକ୍ରି କରାଯାଉଛି । ସବୁ କିସମର ମଦ ମିଳୁଛି । ତାହା ପୁଣି ଅଧିକ ଦରରେ ବିକ୍ରି କରାଯାଉଛି । ବିଭିନ୍ନ ପଡା ଓ ଗଳି କନ୍ଦିରେ ଅବାଧ ମଦ ବିକ୍ରି କରାଯାଉଛି । ପୋଲିସ ସୁରକ୍ଷା ବ୍ୟବସ୍ଥା ଥିଲେ ମଧ ମଦ ବିକ୍ରି କରାଯାଉଛି । ତେଣୁ ଅନେକ ସ୍ଥାନରେ ଅସାମାଜିକ ପରିବେଶ ସୃଷ୍ଟି ହେଉଛି।

### ସାକ୍ଷୀପଡା ଓଁକାରେଶ୍ୱର ବାବାଙ୍କ ବିବାହ ସମ୍ପନ୍ନ

ରେଙ୍ଗାଲି,୮।୬(ଡି.ଏନ.ଏ.) ସମ୍ବଲପୁର ସାକ୍ଷୀପଡାର ଓଁକାରେଶ୍ୱର ବାବାଙ୍କ ବିବାହ ରେଙ୍ଗାଲି ଗଣେଶନଗରଠାରେ ସମ୍ପନ୍ନ ହୋଇଛି। ଶୁକ୍ରବାର ରାତିରେ ସମ୍ବଲପୁର ସାକ୍ଷୀପଡାରୁ ଓଁକାରେଶ୍ୱର ବାବାଙ୍କ ବରଯାତ୍ରୀ ଦଳ ରେଙ୍ଗାଲି ଗଣୋନଗରକୁ ଆସିଥିଲେ। ଗଣେଶନଗର କଲ୍ୟାଣ ମଣ୍ଡପରୁ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ବାହାରି ମାତା ପାର୍ବତୀଙ୍କ ଘରେ ପହଞ୍ଚି ଥିଲେ। ଯଜ୍ଞେଶ ସାହୁ ଓ ତାଙ୍କ ସ୍ତ୍ରୀ ଅରୁନ୍ଧତୀ ସାହୁ କନ୍ୟାଦାନ କରିଥିଲେ । ରୀତିନୀତି ଅନୁସାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହ ହୋଇଥିଲା । ଶନିବାର ସନ୍ଧ୍ୟାରେ କନ୍ୟା ବିଦାୟ ଦିଆ ଯାଇଛି।

# ଦେବଦମ୍ପତିଙ୍କୁ ଦର୍ଶନ କଲେ ଭକ୍ତ

## ନାଚଗୀତରେ ଲୋକଙ୍କ ମନ ଜିଣିଲେ ୬ ହଜାରରୁ ଅଧିକ କଳାକାର





ଶନିବାର ସମ୍ବଲପୁର ପାଟଣେଶ୍ୱରୀ ମଣ୍ଡପରେ ସୁନା ଅଳଙ୍କାରରେ ବିଭୂଷିତା ଦେବୀ ପାର୍ବତୀ (ବାମ) । ଦୁର୍ଗାପାଲି ଗୁଡେଶ୍ୱର ବାବା ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା (ମଝି) । ବାଲିବନ୍ଧା ବିବାହ ମଣ୍ଡପରେ ସୋମନାଥ ବାବା ଓ ମାତା ପାର୍ବତୀ ।





ଦଲେଇପଡା ମଣ୍ଡପରେ ମହିଳା ଶିବପାର୍ବତୀଙ୍କ ହସ୍ତବନ୍ଧନରେ ଜଳ ଢାଳୁଛନ୍ତି (ବାମ) । ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କୁ କନ୍ୟାପକ୍ଷ ନନ୍ଦପଡାସ୍ଥିତ ଅସ୍ଥାୟୀ ମଣ୍ଡପକୁ ନେଉଛନ୍ତି (ମଝି) । କନ୍ୟାପକ୍ଷ ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବାଙ୍କ ବ୍ୟବହାର ସାମଗ୍ରୀ ନେଉଛନ୍ତି ।



ରେଙ୍ଗାଲିରେ ମାତା ପାର୍ବତୀଙ୍କୁ ବେଦୀକୁ ନିଆଯାଉଛି ।



ଦେବଦମ୍ପତିଙ୍କ ନଗର ପରିକ୍ରମାରେ ଅଘୋରି ନୃତ୍ୟ ।



ହନୁମାନ ପ୍ରଜ୍ଞାପନ ମେଢ଼ ।

**ସମ୍ବଲପୁର, ୮।୬ (ବ୍ୟୁରୋ)**

ଦେବ ଦମ୍ପତିଙ୍କ ବିବାହ ପରେ ଶନିବାର ମଧ ରାତ୍ରିରୁ ନଗର ପରିକ୍ରମା ଆରମ୍ଭ ହୋଇଛି । ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ଯାତ୍ରାପଥରେ ଲକ୍ଷାଧିକ ଭକ୍ତ ଶିବପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଛନ୍ତି । ଶିବପାର୍ବତୀଙ୍କ ସମ୍ମୁଖରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପ୍ରାୟ ୬ହଜାର ୩୦୦ କଳାକାର ନୃତ୍ୟଗୀତ ପରିବେଷଣ କରିଛନ୍ତି । ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବା ଓ ମୁଦିପଡା ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ଶୋଭାଯାତ୍ରାରେ ନୃତ୍ୟ ଗୀତ ଓ ବାଦ୍ୟ ସହ ପ୍ରଜ୍ଞାପନ ମେଢ଼ ଭକ୍ତଙ୍କୁ ଆକର୍ଷିତ କରିଛି । ଗୋଧୂଳି ଲଗ୍ନରେ ଦେବଦମ୍ପତି ପରିକ୍ରମା କରି ସ୍ୱମନ୍ଦିର ସମ୍ମୁଖସ୍ଥ ଅସ୍ଥାୟୀ ମଣ୍ଡପରେ ରହିଥିଲେ । ଲକ୍ଷାଧିକ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲା ପୋଲିସକୁ ଯାତ୍ରା କମିଟି ସଭ୍ୟମାନେ ଶାନ୍ତି ଶୃଙ୍ଖଳାରେ ସହଯୋଗ କରିଛନ୍ତି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ସଭ୍ୟମାନେ ଭକ୍ତମାନଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରିଛନ୍ତି । ଶୀତଳଷଷ୍ଠୀ ସହରରେ ଭାଇଚାରାର ପ୍ରତୀକ । ଏଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇଥିଲେ ।

**ନନ୍ଦପଡା–** ନନ୍ଦପଡାର ବମ୍ବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀ ନଗର ପରିକ୍ରମା କରିଛନ୍ତି । ପ୍ରାୟ ୪ଶହ ବର୍ଷର ପୁରୁଣା ଏହି ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୧୭ ଶହ ଲୋକ କଳାକାର ଯୋଗଦେଇ ବାଦ୍ୟ, ନୃତ୍ୟ, କଳା ପରିବେଷଣ କରିଥିଲେ । ଖଇରପାଲିର ବାଜା, ଚୈତି ଘୋଡା ନାଚ, ବାଡି ନାଚ, ମେଢ଼ ନାଚ, ଆଦିବାସୀ ନାଚ, ପୁତୁଲି ନାଚ, ମାନ୍ଦଲ ନୃତ୍ୟ, ସବର ନାଚ, ଆସାମର ବିହୁ ନୃତ୍ୟ, ଅଘୋରି ନୃତ୍ୟ, ସଂପ୍ରଦା, ଦୁଲଦୁଲି ଓ ଘୁମୁରା ବାଦ୍ୟ ସାମିଲ ହୋଇଥିଲା । ପ୍ରଜ୍ଞାପନ ମେଢ଼ ମଧ ରହିଥିଲା । ଯାତ୍ରା କମିଟି ସଭାପତି ସମୀର ରଞ୍ଜନ ବାବୁ, ଉପସଭାପତି ସୁନୀଲ ତ୍ରିପାଠୀ ଓ ବିଷ୍ଣୁପ୍ରସାଦ ପାଢ଼ୀ, ସାଧାରଣ ସମ୍ପାଦକ ସୁଶ୍ରୀତ ମିଶ୍ର, ଯୁଗ୍ମ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା ଓ ବାଳଗୋପାଳ ନନ୍ଦ, ମୁଖ୍ୟ ସଂଯୋଜକ ଫଣିଭୂଷଣ ମିଶ୍ର, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର ଓ ପ୍ରଶାନ୍ତ ବରେଇ, ପଣ୍ଡିତ ଶଶାଙ୍କ ଶେଖର ନନ୍ଦ, ପ୍ରଫୁଲ୍ଲ ହୋତା, ଅମୂଲ୍ୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଝାଡୁଆପଡା–** ଶ୍ରୀ ଶ୍ରୀ ଲୋକନାଥ ବାବା ଓ ମାତା ପାର୍ବତୀ ଚାନ୍ଦି ମେଢ଼ରେ ଆରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଝାଡୁଆପଡା ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ୧୨ଶହ କଳାକାରଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଦେବଦମ୍ପତିଙ୍କ ସମ୍ମୁଖ ଭାଗରେ ଦୁଲଦୁଲି, କୁଚିଣ୍ଡାର ଗୌରବାଡି, କଲିକତାର ରଥ ନାଚ, ପୁରୀର ମେଢ଼ ନୃତ୍ୟ, ଜଳହସ୍ତୀ ଝାଙ୍କି, ପୁରୀର କଣ୍ଢେଇ ନାଚ, ହେମଗିରର କରମା ନାଚ, ପଞ୍ଜାବର ଗିର୍ଦ୍ଧା ନୃତ୍ୟ, ଜିରାଫ ଝାଙ୍କି, ଆସାମର ବିହୁ ନୃତ୍ୟ, ଭଞ୍ଜନଗରର ପଶୁମୁଖା ନାଚ ଓ ବାଘ ନାଚ, ଅସୁରୁଣୀ ହନୁମାନ ଝାଙ୍କି, କଳାହାଣ୍ଡିର ଆଦିବାସୀ ନୃତ୍ୟ, ଛତିଶଗଡ ମହାସମୁନ୍ଦର ନୃତ୍ୟ, କର୍ଣାଟକର ଗାରୁଡି ଗୋମୋଚେ, ଲିଟିଲ ସିଙ୍ଘମ ଝାଙ୍କି, ସଂପ୍ରଦା, ବଲାଙ୍ଗୀରର ଘଣ୍ଟ, ବରଗଡର ଶଙ୍ଖ କଳାକାରମାନେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ । ଯାତ୍ରା କମିଟି ସଭାପତି ସରୋଜ କୁମାର ଦଳପତ, ସମ୍ପାଦକ ସଞ୍ଜୟ କୁମାର ମିଶ୍ର, ଉପସଭାପତି ସୁଶାନ୍ତ କୁମାର ପୁରୋହିତଙ୍କ ସମେତ କର୍ମକର୍ତ୍ତା ଓ ପଡାର ମୁରବିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ମୁଦିପଡା–** ଅନନ୍ତ ନାଗ ସିଂହାସନରେ ମୁଦିପଡାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଆରୂଢ଼ ହୋଇ ନଗର ପରିକ୍ରମା କରିଛନ୍ତି । ଶିବପାର୍ବତୀଙ୍କ ସମ୍ମୁଖରେ ପ୍ରାୟ ୧୨ଶହ କଳାକାର ନୃତ୍ୟ, ଗୀତ, ବାଦ୍ୟ ପରିବେଷଣ କରିଥିଲେ । ସେହିପରି କିନ୍ନରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା । ଏଥିସହ କଳାକାରଙ୍କ ଆଧୁନିକ, କଳଙ୍ଗି, ଗୌଡବାଡି, ସମ୍ବଲପୁରୀ, ଓଡିଶୀ, ଜଙ୍ଗଲି, ରାଉତ ଲୋକ ନୃତ୍ୟ ଓ ମହିଳାଙ୍କ କଳସ ନୃତ୍ୟ ମନଛୁଆଁ ହୋଇଥିଲା । ସଭାପତି ସୁନୀଲ ଦାଶ, ସାଧାରଣ ସମ୍ପାଦକ ଗତିକୃଷ୍ଣ ଷଡଙ୍ଗୀଙ୍କ ସମେତ ବରପିତା ମଧୁସୂଦନ ନେଗୀ, କମିଟି କର୍ମକର୍ତ୍ତା ଓ ପଡାର ମୁରବି ଶୋଭାଯାତ୍ରା ପରିଚାଳନା କରିଥିଲେ ।

**ବଡବଜାର–** ଭାରତମାତା ସିଂହାସନରେ ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା ଉପବିଷ୍ଟ ହୋଇ ଭକ୍ତଙ୍କ ଦର୍ଶନ ଦେଇଛନ୍ତି । ମଧ୍ୟରାତ୍ରିରେ ଦେବ, ନର, ପିସାଚ, କିନ୍ନରଙ୍କ ସହ ଶୀତଳେଶ୍ୱର ଓ ମାତା ପାର୍ବତୀ ନଗର ପରିକ୍ରମା କରିଛନ୍ତି । ବୀର ହନୁମାନ, ରାଧାକୃଷ୍ଣ ଠାକୁର ମଧ ସୁସଜ୍ଜିତ ବିମାନରେ ବସି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଦୁଲଦୁଲି, ସଂପ୍ରଦା, ଘଣ୍ଟା ବାଦ୍ୟ, ବାଡି ନାଚ, ଭଞ୍ଜନଗରରା ଦଶଅବତାର, ମୟୂରଚୁଳ, ବାଘ, ଷଣ୍ଢ, କଳଙ୍ଗି ଓ ଆଧୁନିକ କଳାକାରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା । ସୁସଜ୍ଜିତ ଆଲୋକ ମାଳାରେ ଝଟକୁ ଥିଲା ଯାତ୍ରା ପଥ । ରାମଜୀ ମନ୍ଦିର ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ସମଲେଇ ମନ୍ଦିର ଛକ ପରିକ୍ରମା କରିଥିଲା । ରବିବାର ସମଲେଇ ମନ୍ଦିର ଛକରୁ ବଡବଜାର, କ୍ଷେତରାଜପୁର, ଚେରୁଆପଡା, ଫାର୍ମରୋଡ, କମଲିବଜାର ପରିକ୍ରମା କରି ସ୍ୱମନ୍ଦିରରେ ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି । ଯାତ୍ରା କମିଟି ସଭାପତି ସୁରେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ସରୋଜ ସାହୁ, କୋଷାଧ୍ୟକ୍ଷ ପଞ୍ଚାନନ ତ୍ରିପାଠୀ, ବରପିତା ଜଗଦୀଶ କାଲାନୋରିଆଙ୍କ ସମେତ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ୧ ହଜାର କଳାକାର ଯୋଗ ଦେଇଥିଲେ ।

**ଠାକୁରପଡା–** ସୁସଜ୍ଜିତ ମୟୂର ସିଂହାସନରେ ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀ ଅଇଁଠାପାଲି ଛକରୁ ନଗର ପରିକ୍ରମାରେ ବାହାରିଥିଲେ । ଏଥିରେ ୧୨ଶହ କଳାକାର ନୃତ୍ୟ,ଗୀତ, ବାଦ୍ୟ ପରିବେଷଣ କରିଥିଲେ । ଦଶାବତାର, ବାଡି ଖେଳ, ଆଦିବାସୀ ଓ କଳସ ନୃତ୍ୟ, ଆଧୁନିକ ନୃତ୍ୟ ଦେଖିବାକୁ ମିଳିଥିଲା । ସଭାପତି ଶିବ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଜଗଦୀଶ ସିଂ ଓ ଧର୍ମେନ୍ଦ୍ର ସିଂ, ଉପସଭାପତି ଦେବରାଜ ପ୍ରଧାନ, ଭବାନୀଶଙ୍କର ବାବୁ, ଗୋଲକ ବିହାରୀ ମିଶ୍ର, ବାବୁଲୁ ନାୟକ, ସୁଧୀର ପଟ୍ଟନାୟକ, ରାଜେନ୍ଦ୍ର ଗୁପ୍ତା, ସାଧାରଣ ସମ୍ପାଦକ ସନ୍ତୋଷ ବାଗ, ସାନନ୍ଦ ଜାଲ ଓ ଆନନ୍ଦ ଜାଲ, ସାଂଗଠନିକ ସମ୍ପାଦକ ସନ୍ତୋଷ ସିଂ, ବଳରାମ ବେହେରା, ସନ୍ଦୀପ ନାୟକ, କିଶୋର ମହାକୁର, କୋଷାଧ୍ୟକ୍ଷ ବିଶ ଦୋରା ଓ କାଳିଆ ଦୋରା, ସାଂସ୍କୃତିକ ସମ୍ପାଦକ ସଞ୍ଜୁ ଷଣ୍ଢ, ସଞ୍ଜୀବ ଆଚାର୍ଯ୍ୟ, ଗିରିଶ ବାରିକ, ଶ୍ରଦ୍ଧାକର ବାରିକ, କୀର୍ତ୍ତି ବାଗ, ସାଜସଜ୍ଜା ସମ୍ପାଦକ ଜୟକୁମାର ବେହେରା, ନାରାୟଣ ସାହୁ, ଭବାନୀ ମହାକୁର, ରହଣି ସମ୍ପାଦକ ବାବୁଲୁ ସାହୁ, ରବୀନ୍ଦ୍ର ସାହୁ, ଡମୁଡୁ ବାବୁ ଓ ଡିଲେଶ୍ୱର ପ୍ରଧାନ ଯାତ୍ରା ପରିଚାଳନା କରିଥିଲେ।





ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଶିବ ପାର୍ବତୀଙ୍କ ବିବାହ ଓ କନ୍ୟା ବିଦା ପରେ ଦେବଦମ୍ପତିଙ୍କ ନଗର ପରିକ୍ରମାରେ କଳାକାରମାନେ ଆଧୁନିକ ନୃତ୍ୟ ପରିବେଷଣ କରୁଛନ୍ତି।

# ରଜ ପ୍ଲାନିଂ

ଆଉ ମାତ୍ର ଦିନ କେଇଟା ପରେ ରଜ। ଯାହାକୁ ନେଇ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। କେବଳ ନୂଆ ଡ୍ରେସ୍ ପିନ୍ଧି ପୋଡ଼ପିଠା, ପାନ ଖାଇ କିମ୍ବା ଦୋଳି ଖେଳି ପାରମ୍ପରିକ ଢଙ୍ଗରେ ନୁହେଁ ବରଂ ଏହାକୁ କିଛି ସ୍ପେଶାଲ କରିବାକୁ ଚାଲିଛି ସେମାନଙ୍କର ପ୍ଲାନିଂ...







ଖରା ଛୁଟି। ଏବେ ନାହିଁ ସ୍କୁଲ୍, କଲେଜ ଯିବାର ଟେନ୍‌ସନ୍। ଏମିତି ସମୟରେ ରଜ ପର୍ବ ପାଳିବାର ମଜା ନିଆରା। ତେବେ ଏହାକୁ କେବଳ ପାରମ୍ପରିକ ଢଙ୍ଗରେ ନ ପାଳି କିଛି ଭିନ୍ନ କରି ଏହାର ଭରପୂର ଆନନ୍ଦ ନେବା ଲାଗି ଯୁବପିଢ଼ି ବେଶ୍ ଆଗଭର। ଚଳିତବର୍ଷ ରଜକୁ ସ୍ପେଶାଲ୍ କରିବା ଲାଗି କ'ଣ ରହିଛି ପ୍ଲାନିଂ ଜାଣିବା ଏମାନଙ୍କ ମୁହଁରୁ...



ସୌମ୍ୟରଞ୍ଜନ

**ବାଳାଶ୍ରମରେ ହେବ ସେଲିବ୍ରେଶନ**

ପ୍ରତିବର୍ଷ ରଜପର୍ବକୁ ସାଙ୍ଗସାଥୀ ମିଶି ଖୁବ୍ ମଜା ମସ୍ତିରେ ପାଳି ଆସୁଛୁ। ହେଲେ ଏମିତି ଅନେକେ ଅଛନ୍ତି ଯେଉଁମାନେ ଏଭଳି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ଚଳିତ ବର୍ଷ ରଜ ପର୍ବରେ ଏଭଳି କିଛି ଅସହାୟ ବସ୍ତି ପିଲା ଏବଂ ବାଳାଶ୍ରମ ଅନ୍ତେବାସୀଙ୍କ ସହ ନିଆରା ଢଙ୍ଗରେ ପାଳିବାକୁ ମନସ୍ଥ କରିଛୁ। ସେମାନଙ୍କ ମଧ୍ୟରେ ଚକୋଲେଟ୍, ମିଠେଇ ଖାତା, କଲମ ବାଣ୍ଟିବା ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ସ୍ପେଶାଲ ପ୍ରାଇଜ୍ ଦେବାକୁ ମନସ୍ଥ କରିଛୁ।

– **ସୌମ୍ୟରଞ୍ଜନ ପାତ୍ର,**
କାଳିକାଦେବୀ ସାହି, ପୁରୀ



କଲ୍ଲୋଳିନୀ



ବିଶାଳ

**ପରିବାର ସହ ବୁଲିବାର ମଜା ନେବି**

ନୂଆ ନୂଆ ଜାଗା ବୁଲିଯିବାକୁ ନେଇ ମୋର କ୍ରେଜ୍ ଯେ କେତେ ତାହା ନ କହିବା ଭଲ। ଆଉ ଯଦି ଏହି ସୁଯୋଗ ପରିବାର ସହିତ ତା' ପୁଣି ରଜ ଭଳି ଖାସ୍ ଅବସରରେ ମିଳେ ତେବେ ଖୁସି ଅବର୍ଣ୍ଣନୀୟ। ଚଳିତ ବର୍ଷ ରଜରେ ଆମେ ଏକ ତିନିଦିନିଆ ଟୁର୍ ପ୍ଲାନ୍ କରିଛୁ। ଯେଉଁଥିରେ ଓଡ଼ିଶାର ବିଭିନ୍ନ ଦର୍ଶନୀୟ ସ୍ଥାନ ତଥା ମନ୍ଦିର ରହିଛି। ପ୍ରଥମ ଥର ପାଇଁ ଘଟଗାଁ ଯାଇ ମା' ତାରିଣୀଙ୍କୁ ଦର୍ଶନ କରିବାକୁ ନେଇ ମୁଁ ବହୁତ ଉତ୍କଣ୍ଠିତ ଅଛି।

– **ଅନ୍ନପୂର୍ଣ୍ଣା ଶତପଥୀ,** ଯୁକ୍ତ ୨ ବିଜ୍ଞାନ,
କମଳା ନେହେରୁ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର



ଅନ୍ନପୂର୍ଣ୍ଣା



ଜ୍ୟୋତିର୍ମୟୀ

**ସ୍ମରଣୀୟ କରିବାକୁ ନେବି ସାଙ୍ଗସାଥୀଙ୍କ ସହ ସେଲ୍ଫି**

ପ୍ରତିଥର ଭଳି ଏଥର ବି ରଜକୁ ମଜାମସ୍ତିରେ ପାଳିବି। ନୂଆ ଡ୍ରେସ୍ ପିନ୍ଧି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବି। ଦିନବେଳା ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯାଇ ରଜର ଶୁଭେଚ୍ଛା ଜଣାଇବି। ଅପରାହ୍ନରେ ସାଙ୍ଗମାନେ ଏକାଠି ବସି ନିଜ ନିଜ ଘରୁ ଆଣିଥିବା ପିଠାପଣା ଖାଇବା ସହ ଲୁଡୁ ଖେଳର ଭରପୂର ମଜା ନେବାକୁ ପ୍ଲାନିଂ ରହିଛି। କେବଳ ଏତିକି ନୁହେଁ ସମୁଦ୍ରକୂଳ ଏବଂ ପାର୍କ ମଧ୍ୟ ଯିବୁ। ତେବେ ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରି ରଖିବା ଲାଗି ସୁନ୍ଦର ସୁନ୍ଦର ସେଲ୍ଫି ନିଶ୍ଚୟ ନେବି।

–**ଜ୍ୟୋତିର୍ମୟୀ ପଣ୍ଡା,**
ପଥରୁଆ ସାହି, ପୁରୀ

**ସ୍ପେଶାଲ ରଜପାନ ଖାଇ**

ରଜ ପାଖେଇ ଆସିଲେ ଖୁସି ବଢ଼ି ବଢ଼ି ଚାଲେ। କିଭଳି ଡ୍ରେସ୍ କରିବି, ସାଙ୍ଗସାଥୀଙ୍କ ସହ କେମିତି ମଜା ମସ୍ତି କରିବି ଇତ୍ୟାଦିକୁ ନେଇ ପ୍ଲାନିଂ ଆରମ୍ଭ ହୋଇଯାଏ। ଚଳିତ ବର୍ଷ ରଜରେ ପରିବାର ସହ କୋଣାର୍କ ବୁଲିବାକୁ ଯିବାର ଯୋଜନା ରହିଛି। ସେଠାରୁ ଫେରି ସାଙ୍ଗମାନଙ୍କ ଘରକୁ ବୁଲିବାକୁ ଯିବି। ମୋର ରଜ ପାନ ଭାରି ପସନ୍ଦ ହୋଇଥିବାରୁ ସମସ୍ତଙ୍କୁ ସ୍ପେଶାଲ ରଜପାନ ଖୁଆଇବି ଭାବିଛି। ଘରେ ରଜ ଦୋଳି ବାନ୍ଧି ସାଙ୍ଗସାଥୀଙ୍କ ସହ ଏକାଠି ଖେଳିବାର ମଜା ନେବି।

– **କଲ୍ଲୋଳିନୀ ଜେନା,** ପୁରୀ

**ସାଂସ୍କୃତିକ କାର୍ଯ୍ୟକ୍ରମର ରହିଛି ଯୋଜନା**

–ରଜ ହେଉଛି ପୁରୀର ଏକ ଅନ୍ୟତମ ସାଂସ୍କୃତିକ ପର୍ବ। ଦୀର୍ଘବର୍ଷ ହେବ ମାର୍କଣ୍ଡେଶ୍ୱର ସାହି ବୁଢ଼ୀମା ଠାକୁରାଣୀ ମନ୍ଦିର ପରିସରରେ ରଜ ଉତ୍ସବ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ଆମେ କେତେଜଣ ଯୁବକ ଏହାକୁ ଅଧିକ ଆକର୍ଷଣ କରିବା ଲାଗି ଚିନ୍ତା କରିଛୁ। ମନ୍ଦିର ପରିସରରେ ରଜ ଦୋଳି, ରଜ ପାନ, ପିଠାପଣା ବ୍ୟବସ୍ଥା କରିବା ସହ ଏକ ଝୋଟି ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବାକୁ ପ୍ଲାନିଂ କରିଛୁ। ସର୍ବୋପରି ସାହି ତଥା ଅନ୍ୟମାନଙ୍କ ଲାଗି ରଜ ପର୍ବକୁ ଖାସ୍ କରିବା ଉଦ୍ଦେଶ୍ୟରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରିଛୁ।

–**ବିଶାଳ ମହାନ୍ତି,**
ମାର୍କଣ୍ଡେଶ୍ୱର ସାହି, ପୁରୀ

## ଏ ସପ୍ତାହର ପ୍ରଶ୍ନ

୧– .......... ' ପଲିଟିକ୍ସ ଅଫ୍ ଜୁଗାଡ୍' ପୁସ୍ତକ ଲେଖିଛନ୍ତି ?
୨– ନେଗାସୋ ଜେଡାଡା......... ଦେଶର ପ୍ରଧାନମନ୍ତ୍ରୀ ଥିଲେ ?
୩– ନାଟୋର ଫୁଲଫର୍ମ......... ?
୪– ଲଣ୍ଡନ୍‌ସ୍ଥିତ କମନ୍‌ୱେଲ୍‌ଥ ସେକ୍ରେଟେରିଆଟ୍ ଅର୍ବିଟ୍ରାଲ୍ ଟ୍ରିବ୍ୟୁନାଲ୍‌ରେ ନିଯୁକ୍ତି ପାଇଥିବା ଭାରତୀୟ ଜଜ୍ ?
୫– ଇଣ୍ଟରନାଶନାଲ୍ ମୋଟରସାଇକେଲ୍ ମ୍ୟାନୁଫାକ୍ଚର୍ସ ଆସୋସିଏଶନ୍‌ର ଭାଇସ୍ ପ୍ରେସିଡେଣ୍ଟ......... ?

## ଗତ ଥରର ଉତ୍ତର

୧ ରନିନ୍ଦର୍ ସିଂ
୨ ବୃହସ୍ପତି
୩ ନରୱେ
୪ ଆନ୍ନା ବୁର୍ନସ
୫ ଆରିଷ୍ଟଟଲ୍

## ଉତ୍ତର ଦାତା



ଶେଖ୍ ୟାକୁବ୍, ଗୋପ, ପୁରୀ



କିରନ୍ କୁମାର ମହାନ୍ତି, ଭୁବନେଶ୍ୱର



ବିନୋଦ ବିହାରୀ ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ଟୁଥ୍‌ବ୍ରଶ୍

**ଆମର ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ତାଲିକାରେ ଟୁଥ୍‌ବ୍ରଶ୍ ବି ଅର୍ନ୍ତଭୁକ୍ତ। କାରଣ ସକାଳ ହେବା ମାତ୍ରେ ଦାନ୍ତ ସଫା କରିବା ଲାଗି ଏହାକୁ ପ୍ରଥମେ ଲୋଡ଼ନ୍ତି ସମସ୍ତେ। ତେବେ ଆସନ୍ତୁ ଜାଣିବା ଏହି ଟୁଥ୍‌ବ୍ରଶ୍ ସମ୍ପର୍କରେ କିଛି ରୋଚକ ତଥ୍ୟ...**

– ପ୍ରଥମେ ବ୍ରଶ୍ ବା ଦାନ୍ତକାଠି ଭାବେ ଗଛର କାଠିକୁ ବ୍ୟବହାର କରାଯାଉଥିଲା। ଆଦିମ ଇଜିପ୍ଟବାସୀ କାଠିରେ ପତ୍ର ଲଗାଇ ଏହାକୁ ଟୁଥ୍‌ବ୍ରଶ୍ ଭାବେ ବ୍ୟବହାର କରୁଥିଲେ।

– ପ୍ରଥମେ ଏସୀୟମାନେ ବ୍ରଶ୍ ପ୍ରସ୍ତୁତ କରିଥିଲେ। ମୁଖ୍ୟତଃ ଚାଇନାରେ ଏହା ଟାଙ୍ଗ୍ ରାଜବଂଶ(୬୧୯–୯୦୭) ସମୟରେ ପ୍ରସ୍ତୁତ କରାଯାଇଥିଲା।

– ଇଂଲଣ୍ଡର ୱିଲିଅମ୍ ଏଡିସ୍ ନାମକ ଜଣେ ବ୍ୟକ୍ତି କୌଣସି ଅପରାଧ ଲାଗି ଜେଲ୍‌ରେ ଥିବା ସମୟରେ ପାଟି ସଫା ରଖିବା ପାଇଁ ମାଂସ ତରକାରିରୁ ଏକ ହାଡ଼ କାଢ଼ି ସେଥିରେ କଣା କରି କିଛି ସୂତା ଲଗାଇ ବ୍ରଶ୍ ପ୍ରସ୍ତୁତ କରିଥିଲେ। ଜେଲ୍‌ରୁ ବାହାରିବା ପରେ ୧୭୭୬ରେ ଏହି ପ୍ରଣାଳୀ ବ୍ୟବହାର କରି ଅନେକ ବ୍ରଶ୍ ବିକି ଧନୀ ହୋଇପାରିଥିଲେ। ସେବେଠୁ ବ୍ରଶ୍ ବ୍ୟବହାର ବଢ଼ିବା ଆରମ୍ଭ ହେଲା।

– ୧୯୦୦ ମସିହା ପୂର୍ବରୁ ଟୁଥ୍‌ବ୍ରଶ୍ ସାଇବେରିଆନ୍ ହଗ୍(ଅଣ୍ଡିରା ଘୁଷୁରି) ବାଳରେ ପ୍ରସ୍ତୁତ ହେଉଥିଲା। ୧୯୩୮ରେ ପ୍ରଥମେ ନାଇଲନ୍ ସୂତା ବା ବ୍ରିଷ୍ଟଲ୍ ବ୍ୟବହାର ହୋଇଥିବା ଟୁଥ୍‌ବ୍ରଶ୍ ପ୍ରସ୍ତୁତ କରାଗଲା। ଏହାପରେ ଓରାଲ୍– ବି କମ୍ପାନୀ ନରମ ଦାନ୍ତ ବା ସୂତାଥିବା ଟୁଥ୍‌ବ୍ରଶ୍ ପ୍ରସ୍ତୁତ କଲା।

– ପ୍ରଥମ ଇଲେକ୍ଟ୍ରିକ୍ ଟୁଥ୍‌ବ୍ରଶ୍ ବ୍ରୋକ୍ସୋଡେଣ୍ଟ ୧୯୫୪ରେ ସ୍ୱିଜରଲାଣ୍ଡରେ ଆବିଷ୍କାର ହୋଇଥିଲା।

– ପୃଥିବୀର ସବୁଠୁ ଦାମୀ ଟୁଥ୍‌ବ୍ରଶ୍‌ର ମୂଲ୍ୟ ୪,୦୦୦ ଆମେରିକାନ ଡଲାର। ଏହାକୁ ପ୍ରସ୍ତୁତ କରିବା ଲାଗି ଟିଟାନିୟମ୍ ବ୍ୟବହାର କରାଯାଇଥିଲା।

– ପ୍ରତି ବ୍ରଶ୍‌ରେ ସାଧାରଣତଃ ୨୫୦୦ଟି ସୂତା ଥାଏ।



# ସମାଲୋଚକଙ୍କ ମୁହଁ ବନ୍ଦକଲେ କ୍ୟାଟ୍ରିନା



**ମୁମ୍ବାଇ:** ବଲିଉଡରେ କ୍ୟାରିୟର ଆରମ୍ଭ କରିବାର ପ୍ରଥମ କିଛିବର୍ଷ କ୍ୟାଟ୍ରିନାଙ୍କୁ ତାଙ୍କ ଅଭିନୟ ପାଇଁ ସମାଲୋଚନାର ଶିକାର ହେବାକୁ ପଡିଥିଲା। କାରଣ ତାଙ୍କ ଅଭିନୟରେ ବ୍ରିଟିଶ୍ ଠାଣିମାଣି ଅଧିକ ଦେଖିବାକୁ ମିଳୁଥିଲା। କିନ୍ତୁ ବର୍ତ୍ତମାନ 'ଭାରତ'ରେ କ୍ୟାଟ୍ରିନାଙ୍କ କୁମୁଦ ରାଇନା ଭୂମିକା ଦର୍ଶକଙ୍କୁ ବେଶ୍ ପସନ୍ଦ ଲାଗିଛି। ସେ ଅଭିନୟ ଓ ନୃତ୍ୟ ଦ୍ୱାରା ଦର୍ଶକଙ୍କ ମନକୁ ଯେ କିଣିପାରନ୍ତି ତାହା ପ୍ରମାଣିତ କରିସାରିଲେଣି। 'ଜିରୋ'ରେ ଶାହରୁଖ୍ ଖାନ୍ ଏବଂ 'ଭାରତ'ରେ ସଲମାନ୍ ଖାନ୍‌ଙ୍କ ସହିତ ଅଭିନୟ କରି କ୍ୟାଟ୍ରିନା ସୁପରଷ୍ଟାରମାନଙ୍କୁ ପଛରେ ପକାଇ ଦେଇଛନ୍ତି।

ବ୍ୟବସାୟିକ ବିଶ୍ଳେଷକ କୋମଲ ନାହଟାଙ୍କ କହିବାନୁଯାୟୀ, 'ଭାରତ'ରେ କ୍ୟାଟ୍ରିନାଙ୍କ ଉଚ୍ଚାରଣ ଶୈଳୀ ବେଶ୍ ସ୍ପଷ୍ଟ। ପୂର୍ବରୁ ସେ ଏଭଳି ଅଭିନୟ କରି ନ ଥିଲେ। ଏଥିରେ ତାଙ୍କର ଅଭିନୟ ଅସାଧାରଣ ଏବଂ ଅକଳ୍ପନୀୟ। ଫିଲ୍ମ ବିଶେଷଜ୍ଞ ବିନୋଦ ମିରାନୀଙ୍କ କହିବାନୁଯାୟୀ, ୩୫ ବର୍ଷୀୟା ଏହି ଅଭିନେତ୍ରୀଙ୍କ ବର୍ତ୍ତମାନର ଅଭିନୟ ପୂର୍ବର 'ଦୁର୍ବଳ ପ୍ଲଟ୍'କୁ ବଳି ପକାଇ ଦେଇଛି। ଏଥିରେ କ୍ୟାଟ୍ରିନାଙ୍କ ସହିତ ସୁନୀଲ ଗ୍ରୋଭରଙ୍କ ଭୂମିକା ଅଧିକ ବାରିହୋଇ ପଡୁଛି। ଅଭିନୟ କ୍ଷେତ୍ରରେ ଯେଉଁ କେତେଜଣ ସଫଳ ହୋଇଛନ୍ତି ସେମାନଙ୍କ ମଧ୍ୟରେ କ୍ୟାଟ୍ରିନା ଅନ୍ୟତମ।'



# ଭାରତର ପ୍ରଥମ ଡାଇନୋସର ମ୍ୟୁଜିୟମ୍ ଉଦ୍‌ଘାଟିତ

ଅହମଦାବାଦ,୮।୬(ପି.ଟି.): ଗୁଜରାଟର ମହିସାଗର ଜିଲାରେ ଏକ ନୂତନ ଡାଇନୋସର ମ୍ୟୁଜିୟମ୍ ଏବଂ ଫସିଲ୍ ପାର୍କକୁ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଶନିବାର ଉଦ୍‌ଘାଟନ କରିଛନ୍ତି। ଏଭଳି ମ୍ୟୁଜିୟମ୍ ଓ ପାର୍କ ଦେଶର ପ୍ରଥମ ଏବଂ ବିଶ୍ୱରେ ତୃତୀୟ ବୋଲି ସରକାରୀ ଇସ୍ତାହାର ପ୍ରକାଶ ପାଇଛି। ଏଠାରେ ୩ଡି ପ୍ରୋଜେକ୍ସନ୍, ଭର୍ଚୁଆଲ ରିୟଲିଟି ପ୍ରେଜେଣ୍ଟେଶନ୍, ଇଣ୍ଟରଆକ୍ଟିଭ୍ କିଓସ୍କ ଏବଂ ଡାଇନୋସର ପ୍ରତିକୃତି ରହିଛି। ଏଥିରେ ଥିବା ୧୦ଟି ଗ୍ୟାଲେରିରେ ୬୫ ନିୟୁତ ବର୍ଷ ତଳେ ତିଷ୍ଠି ରହିଥିବା ଡାଇନୋସରଙ୍କ ଇତିହାସ(ଉତ୍ପତ୍ତିଠାରୁ ବିଲୟ ପର୍ଯ୍ୟନ୍ତ) ପ୍ରଦର୍ଶିତ ହୋଇଛି। ଡାଇନୋସର ମ୍ୟୁଜିୟମ୍ ସ୍ଥଳ ବାଲାନିସୋର ରିଜିୟନ୍‌ରେ ୧୯୮୦ରେ ଅନେକ ଡାଇନୋସର ଫସିଲ ଓ ଅଣ୍ଡା ଦେଖିବାକୁ ମିଳିଥିଲା। ଏହା ଏକ ବିଶ୍ୱ ଶ୍ରେଣୀୟ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ଗବେଷଣାରତ ଛାତ୍ରୀଛାତ୍ର ଏବଂ ବିଶେଷଜ୍ଞଙ୍କ ପାଇଁ ସହାୟକ ହୋଇପାରିବ।

ସର୍ଦ୍ଦାର ପଟେଲ୍ ସ୍ମାରକୀ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପରେ ଡାଇନୋସର ମ୍ୟୁଜିୟମ୍ ଓ ଫସିଲ ପାର୍କ ରାଜ୍ୟର ଅନ୍ୟତମ ଉଲ୍ଲେଖନୀୟ ପର୍ଯ୍ୟଟନସ୍ଥଳ ବୋଲି ରୁପାନୀ ପ୍ରକାଶ କରିଛନ୍ତି।



❝ ପଶ୍ଚିମବଙ୍ଗରେ ଭାଜପା-ଆର୍‌ଏସ୍‌ଏସ୍‌ର ଶକ୍ତିବୃଦ୍ଧି ଲାଗି ମମତା ବାନାର୍ଜୀ ଦାୟୀ।

-ସୋମେନ୍ ମିତ୍ର , ପଶ୍ଚିମବଙ୍ଗ କଂଗ୍ରେସ ଅଧ୍ୟକ୍ଷ

## ସଂକ୍ଷେପରେ

### ତାଲିବାନ୍ ଆକ୍ରମଣରେ ୧୪ ମିଲିସିଆ ନିହତ

କାବୁଲ୍, ୮।୬ : ଆଫଗାନିସ୍ତାନ୍‌ର ଦକ୍ଷିଣ ଘୋର୍ ପ୍ରଦେଶରେ ଥିବା ଏକ ଚେକ୍ ପଏଣ୍ଟରେ ତାଲିବାନ୍‌ମାନେ ଆକ୍ରମଣ କରିବାରୁ ଏଥିରେ ୧୪ ମିଲିସିଆ ନିହତ ହୋଇଥିବା ଜଣାପଡ଼ିଛି। ଅନ୍ୟ ୭ ମିଲିସିଆ ଆହତ ହୋଇଥିବା ପ୍ରାଦେଶିକ ଗଭର୍ନରଙ୍କ ମୁଖପାତ୍ର ଅବଦୁଲ୍ ହଇ ଖତେବୀ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ତାଲିବାନ୍‌ମାନେ ସରକାର ବିରୋଧୀ ଆଭିମୁଖ୍ୟକୁ ତୀବ୍ର କରିବା ସହ ଆଫଗାନିସ୍ତାନ୍‌ର ବିଭିନ୍ନ ସ୍ଥାନରେ ଏଭଳି ଆକ୍ରମଣ ଜାରି ରଖିଛନ୍ତି। ଦୀର୍ଘ ୧୮ ବର୍ଷର ଯୁଦ୍ଧ ଶେଷ କରିବା ଲାଗି ଆମେରିକା ପ୍ରୟାସ କରିଆସୁଥିବାବେଳେ ଏହାର ଅନ୍ତ ଘଟିନାହିଁ।

### ଜମ୍ମୁ ସୀମାରେ ୨,୫୧୪ ବଙ୍କର ନିର୍ମାଣ ସରିଛି

ଜମ୍ମୁ, ୮।୬ (ପି.ଟି.): ଜମ୍ମୁର ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଭାରତ ଚଳିତବର୍ଷ ୨,୫୧୪ ବଙ୍କର ନିର୍ମାଣ କରିଛି। ଜମ୍ମୁ ଡିଭିଜନାଲ୍ କମିଶନର ସଞ୍ଜୀବ ବର୍ମା ଏନେଇ ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକର ଉପ କମିଶନରଙ୍କ ସହ ବୈଠକ କରି ବଙ୍କର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୀମାନ୍ତବର୍ତ୍ତୀ ଜିଲା ଜମ୍ମୁ, କଠୁଆ, ସାମ୍ବା, ରାଜୌରି ଓ ପୁଞ୍ଚରେ ପ୍ରାୟ ୧୦ ହଜାର ବଙ୍କର ନିର୍ମାଣ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟ ପିଡବ୍ଲୁଡି ଓ ଆର୍‌ଡିଡି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ନିର୍ମାଣ କାର୍ଯ୍ୟର ତଦାରଖ କରିବା ଲାଗି ଡିଭିଜନାଲ୍ କମିଶନର ସଞ୍ଜୀବ ବର୍ମା ନିର୍ଦ୍ଦେଶ ଦେଇଛନ୍ତି।

### ୩ ଅଲ୍ କାଏଦା ଆତଙ୍କବାଦୀ ନିହତ

ଲାହୋର, ୮।୬(ପି.ଟି.) : ପାକିସ୍ତାନର ପଞ୍ଜାବ ପ୍ରଦେଶରେ ପୋଲିସ ଏକ କାର୍‌କୁ ପିଛା କରିବାରୁ ଡ୍ରାଇଭରଟି ଭାରସାମ୍ୟ ହରାଇ ଏକ କେନାଲ୍‌ରେ ଗାଡ଼ିକୁ ପୂରାଇ ଦେବାରୁ ସେଥିରେ ଥିବା ୩ ଅଲ୍ କାଏଦା ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ପଞ୍ଜାବ ପୋଲିସର ଆତଙ୍କବାଦ ବିରୋଧୀ ବିଭାଗ(ସିଟିଡି) ଝେଲମ୍‌ରେ ଥିବା ଏକ ଘରେ କେତେକ ଆତଙ୍କବାଦୀ ଲୁଚିଥିବା ଖବର ପାଇ ଚଢ଼ାଉ କରିଥିଲେ। ପରେ ଆତଙ୍କବାଦୀମାନେ ଏକ କାର୍‌ରେ ଖସିଯିବାକୁ ପ୍ରୟାସ କରିଥିଲେ। ପୋଲିସ ଏମାନଙ୍କ ପିଛାକରିବାରୁ ସେମାନେ ଗୁଳିମାଡ଼ କରିଥିଲେ। ପରେ ଆତଙ୍କବାଦୀଙ୍କ କାର୍‌ଟି ଏକ କେନାଲରେ ପଶିଯିବାରୁ ସେମାନଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### କୁଇନ୍ ଏଲିଜାବେଥ୍ ଦ୍ୱିତୀୟଙ୍କ ଜୟନ୍ତୀ ପାଳିତ

ଲଣ୍ଡନ,୮।୬ (ପି.ଟି.): କୁଇନ୍ ଏଲିଜାବେଥ୍ ଦ୍ୱିତୀୟଙ୍କ ୯୩ତମ ଜୟନ୍ତୀ ସରକାରୀ ଭାବେ ଶନିବାର ପାଳିତ ହୋଇଛି। ରାଣୀଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ୱେଷ୍ଟମିନ୍‌ଷ୍ଟରଠାରେ ଅଶ୍ୱାରୋହୀ ସୈନ୍ୟଙ୍କ ଏକ ରଙ୍ଗାରଙ୍ଗ ପରେଡ୍ ଏବଂ ପାରମ୍ପରିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪୦୦ ସୈନ୍ୟ ସ୍କାର୍‌ଲେଟ କୋଟ ଏବଂ ବିୟରସ୍କିନ୍ ଟୋପି ପରିଧାନ କରି ଅଂଶଗ୍ରହଣ କରିଥିଲେ। ଏହି ରାଜକୀୟ ମହୋତ୍ସବରେ ଭାଗ ନେଇଥିଲେ ରାଜପରିବାରର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ପ୍ରିନ୍ସ ଚାର୍ଲସ, ପ୍ରିନ୍ସ ୱିଲିୟମ୍ ଏବଂ ତାଙ୍କ ସ୍ତ୍ରୀ କାଟେ, ପ୍ରିନ୍ସ ହ୍ୟାରି ଓ ତାଙ୍କ ସ୍ତ୍ରୀ ମେଘାନ। ପୁତ୍ର ସନ୍ତାନ ଆର୍ଚି ଜନ୍ମ ପରେ ମେଘାନ୍ ପ୍ରଥମ କରି ଜନସାଧାରଣଙ୍କ ସମ୍ମୁଖକୁ ଆସିଥିଲେ। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜନ୍ମଦିନ ବର୍ଷକୁ ଦୁଇଥର ପାଳନ କରାଯାଏ। ତେବେ ସରକାରୀ ଭାବେ ତାଙ୍କ ଜନ୍ମଦିନ ଜୁନ୍‌ରେ ହିଁ ପାଳିତ ହୁଏ। ତାଙ୍କର ପ୍ରକୃତ ଜନ୍ମଦିନ ହେଉଛି ଏପ୍ରିଲ ୨୧।

### ଇତିହାସର ଆଇନାରେ

### ଜୁନ୍ ୯ର ପ୍ରମୁଖ ଘଟଣା

୧୯୦୦ ଜୁନ୍ ୯ରେ ଭାରତର ଅନ୍ୟତମ ଜାତୀୟତାବାଦୀ ବିର୍ସା ମୁଣ୍ଡା ବ୍ରିଟିଶ କାରାଗାରରେ କଲେରା ଯୋଗୁ ମୃତ୍ୟୁବରଣ କରିଥିଲେ। ୧୮୭୫ ନଭେମ୍ବର ୧୫ରେ ଜନ୍ମିତ ବିର୍ସାମୁଣ୍ଡା ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ, ଧାର୍ମିକ ନେତା ଏବଂ ଲୋକ ନାୟକ।

୨୦୧୦ ଜୁନ୍ ୯ରେ କାନ୍ଦାହାର୍‌ର ଆର୍ଗାନ୍ଦବ୍‌ଠାରେ ଏକ ବିବାହ ପାର୍ଟିରେ ଆତ୍ମଘାତୀ ବିସ୍ଫୋରଣ ଯୋଗୁ ୪୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୭୭ ଆହତ ହୋଇଥିଲେ।

# ଆତଙ୍କବାଦ ବଡ଼ ଚ୍ୟାଲେଞ୍ଜ: ମୋଦି

ମାଲେ,୮।୬(ପି.ଟି.)



ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟାଟ୍ ଉପହାର ଦେଉଛନ୍ତି।

- ପ୍ରଧାନମନ୍ତ୍ରୀଙ୍କ କ୍ରିକେଟ କୂଟନୀତି
- ଦୁଇ ଦେଶ ମଧ୍ୟରେ ୬ ରାଜିନାମା ସ୍ୱାକ୍ଷର
- ଉପକୂଳ ରାଡାର ସିଷ୍ଟମ ଉଦ୍‌ଘାଟନ କଲେ

ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ ମାନବ ସମାଜ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି ମାଳଦ୍ୱୀପ ପାର୍ଲାମେଣ୍ଟକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ସମସ୍ୟା ବିରୋଧରେ ଲଢ଼େଇ ପାଇଁ ଏକତ୍ର ହେବାକୁ ସେ ବିଶ୍ୱ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ସମ୍ପର୍କ ଇତିହାସଠାରୁ ବି ପୁରୁଣା। ମାଳଦ୍ୱୀପ ଗଣତନ୍ତ୍ରକୁ ସୁଦୃଢ଼ କରିବା ଲାଗି ପ୍ରତ୍ୟେକ ଭାରତୀୟ ଆପଣମାନଙ୍କ ସହ ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆତଙ୍କବାଦ କେବଳ ଗୋଟିଏ ଦେଶ ପାଇଁ ବିପଦ ସୃଷ୍ଟି କରିନାହିଁ, ଏହା ସମଗ୍ର ମାନବ ସଭ୍ୟତା ଲାଗି ବିପଦ ହୋଇ ଛିଡାହୋଇଛି। ଏହା ସତ୍ତ୍ୱେ ଲୋକେ ଭଲ ଆତଙ୍କବାଦୀ ଓ ଖରାପ ଆତଙ୍କବାଦୀଙ୍କ ମଧ୍ୟରେ ପାର୍ଥକ୍ୟ ଖୋଜିବାର ଭୁଲ କରିବା ଦୁର୍ଭାଗ୍ୟଜନକ ବୋଲି ମୋଦି କହିଥିଲେ।

ଏନ୍‌ଡିଏର ଦ୍ୱିତୀୟ ପାଳି ସରକାରର ନେତୃତ୍ୱ ନେବା ପରେ ପ୍ରଥମ ବିଦେଶ ଗସ୍ତରେ ଶନିବାର ମାଳଦ୍ୱୀପ ଯାଇଥିବା ମୋଦି କ୍ରିକେଟ କୂଟନୀତି ଉପରେ ଗୁରୁତ୍ୱ ଦେଇଛନ୍ତି। ମାଳଦ୍ୱୀପରେ କ୍ରିକେଟର ପ୍ରସାରରେ ଭାରତ ସହାୟତା କରିବା ସମେତ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କକୁ ନିବିଡ କରିବା ଲାଗିରାଷ୍ଟ୍ରପତିଇବ୍ରାହିମ ମହମ୍ମଦ ସୋଲିଙ୍କ କ୍ରୀଡ଼ା ବିକାଶ ମିଶନକୁ ପୂରଣ କରାଯିବ ବୋଲି ମୋଦି କହିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ପରେ ମୋଦି ମାଳଦ୍ୱୀପ ରାଷ୍ଟ୍ରପତିଙ୍କୁ ଭାରତୀୟ କ୍ରିକେଟ ଟିମ୍ ସଦସ୍ୟମାନଙ୍କ ସ୍ୱାକ୍ଷର ଥିବା ଏକ ବ୍ୟାଟ୍ ଉପହାର ଦେଇଥିଲେ। ମାଳଦ୍ୱୀପର କ୍ରିକେଟରମାନଙ୍କୁ ଭାରତ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆବଶ୍ୟକ ସ୍ତରରେ ପହଞ୍ଚାଇପାରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଭାରତ ସେଠାରେ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛି ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ କହିଛନ୍ତି। ଗତ ଏପ୍ରିଲରେ ସୋଲି ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ଆଇପିଏଲ୍ ମ୍ୟାଚ ଦେଖିବା ସହ ତାଙ୍କ ଦେଶରେ କ୍ରିକେଟର ପ୍ରସାର ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ଓ ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନା ହେବା ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ପ୍ରତିରକ୍ଷା ସମେତ ୬ଟି ରାଜିନାମା ସ୍ୱାକ୍ଷର ହୋଇଛି। ଦୁଇ ନେତା ମିଳିତ ଭାବେ ଉପକୂଳ ଗୋଇନ୍ଦା ରାଡାର ସିଷ୍ଟମ ଏବଂ ମାଳଦ୍ୱୀପ ସୈନ୍ୟବାହିନୀ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ନୌପରିବହନ ଏବଂ ପ୍ରତିରକ୍ଷା ସମ୍ପର୍କକୁ ଭାରତ ସର୍ବାଧିକ ପ୍ରାଥମିକତା ଦେଉଛି। ରାଡାର ସିଷ୍ଟମ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବ ବୋଲି ମତ ଦେଇଥିଲେ। ସବୁକ୍ଷେତ୍ରରେ ମାଳଦ୍ୱୀପକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଥିଲେ। ଭାରତ 'ପଡୋଶୀ ପ୍ରଥମ' ନୀତିକୁ ପ୍ରାଧାନ୍ୟ ଦେଇଆସୁଥିବାବେଳେ ଏହାର ନିଦର୍ଶନ ସ୍ୱରୂପ ପ୍ରଧାନମନ୍ତ୍ରୀ ପ୍ରଥମେ ମାଳଦ୍ୱୀପ ଗସ୍ତରେ ଯାଇଛନ୍ତି।

## ସ୍କୁଲରେ ଅଗ୍ନିକାଣ୍ଡ
# ୨ ପିଲାଙ୍କ ସହ ମହିଳାଙ୍କ ମୃତ୍ୟୁ

ଫରିଦାବାଦ, ୮।୬



ହରିୟାଣାର ଫରିଦାବାଦ୍ ଜିଲା ଅନ୍ତର୍ଗତ ଡାବୁଆ କଲୋନୀରେ ଥିବା ଏକ ଘରୋଇ ସ୍କୁଲରେ ଶନିବାର ଭୟଙ୍କରଭାବେ ନିଆଁ ଲାଗିଯିବାରୁ ଏଥିରେ ଦୁଇଜଣ ପିଲାଙ୍କ ସହ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅର୍ଦ୍ଧଦଗ୍ଧ ଅବସ୍ଥାରେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଖରାଦିନ ଛୁଟି ହୋଇଥିବାରୁ ସ୍କୁଲରେ ଛାତ୍ରୀଛାତ୍ରମାନେ ନ ଥିଲେ। ଉକ୍ତ ପରିବାର ସେଠାରେ ରହୁଥିଲେ। ଅଗ୍ନିକାଣ୍ଡ ପରେ ଦମକଳ ଗାଡ଼ି ସହ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଡାବୁଆସ୍ଥିତ ଏଏନ୍‌ଡି କନ୍‌ଭେଣ୍ଟ ସ୍କୁଲରେ ଲାଗିଥିବା ନିଆଁ ଏବେ ଆୟତ୍ତାଧୀନ ଥିବା ପୋଲିସ କହିଛି। ତେବେ ଉକ୍ତ ସ୍କୁଲ ତଳେ ଏକ ଲୁଗା ଦୋକାନ ଥିବାରୁ ସେଥିରୁ ନିଆଁ ଲାଗି ଏଭଳି ଅଘଟଣ ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। ଏନେଇ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ଗତ ମେ ୨୪ରେ ସୁରଟ୍‌ର ତକ୍ଷଶୀଳା କମ୍ପ୍ଲେକ୍ସରେ ଥିବା ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟିବାରୁ ନିଜକୁ ବଞ୍ଚାଇବାକୁ ଯାଇ ୪ ମହଲାରୁ ଛାତ୍ରୀଛାତ୍ରମାନେ ଡେଇଁପଡ଼ିଥିଲେ। ଏଥିରେ ୨୨ଜଣଙ୍କ ପ୍ରାଣହାନି ଘଟିଥିଲା।

# ଆଲିଗଡ଼ ଶିଶୁ ହତ୍ୟା ଘଟଣାରେ ଆଉ ୨ ଗିରଫ

ଆଲିଗଡ଼,୮।୬(ପି.ଟି.)

**ନାବାଳିକା ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିଲେ ହତ୍ୟା ଅଭିଯୁକ୍ତ**

ଉତ୍ତରପ୍ରଦେଶର ଆଲିଗଡ଼ରେ ଅଢ଼େଇ ବର୍ଷର ଶିଶୁକନ୍ୟା ହତ୍ୟା ମାମଲାରେ ପୋଲିସ ଶନିବାର ଆଉ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ପୂର୍ବରୁ ନାବାଳିକା ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିଲେ। ସେ କିଛିବର୍ଷ ହେଲା ଶିଶୁମାନଙ୍କୁ ଟାର୍ଗେଟ କରିଆସୁଥିଲେ ବୋଲି ପୋଲିସ କହିଛି। ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଜାହିଦର ସ୍ତ୍ରୀ ଓ ଭାଇଙ୍କୁ ଶନିବାର ସକାଳେ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଧରିନେଇଥିଲା। ପରେ ସେମାନଙ୍କୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏମାନଙ୍କୁ ମିଶାଇ ଶିଶୁ ହତ୍ୟା ମାମଲାରେ ଗିରଫଙ୍କ ସଂଖ୍ୟା ୪ରେ ପହଞ୍ଚିଛି।

ଜାହିଦ ବ୍ୟତୀତ ଅନ୍ୟତମ ଅଭିଯୁକ୍ତ ଅସଲମଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା। ପୂର୍ବରୁ ଅସଲମ ବିରୋଧରେ୨୦୧୪ ଓ ୨୦୧୭ରେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍ସୋ)ରେ ମାମଲା ରୁଜୁ ହୋଇଥିଲା। ଏହାବ୍ୟତୀତ ତାଙ୍କ ବିରୋଧରେ ଉତ୍ତରପ୍ରଦେଶ ଗୁଣ୍ଡା ଆଇନ ବଳରେ ମଧ୍ୟ ମାମଲା ରୁଜୁ ହୋଇଥିଲା ବୋଲି ପୋଲିସ କହିଛି। ଅସଲମ ଏକାଧିକ ଅପରାଧ ମାମଲାରେ ଅଭିଯୁକ୍ତ ବୋଲି ଆଲିଗଡ ଏସ୍‌ଏସ୍‌ପି ଆକାଶ କୁଲ୍‌ହାରୀ କହିଛନ୍ତି। ଦୁଇ ପୋକ୍ସୋ ମାମଲା ବିଚାରାଧୀନ ରହିଥିବାବେଳେ ଦିଲ୍ଲୀରେ ଏକ ଅପହରଣ ମାମଲାରେ ସେ ଜେଲ୍ ଯାଇଥିଲେ ବୋଲି ଏସ୍‌ଏସ୍‌ପି ସୂଚନା ଦେଇଛନ୍ତି।

ଆଲିଗଡ଼ର ଟପ୍ପାଲ ସହରରୁ ମେ ୩୦ରେ ନିଖୋଜ ଥିବା ଶିଶୁକନ୍ୟାର କ୍ଷତବିକ୍ଷତ ମୃତଦେହ ଗତ ୨ ତାରିଖରେ ତାଙ୍କ ଘର ପାଖରେ ଥିବା ଏକ ଅଳିଆ ଗଦାରୁ ମିଳିଥିଲା। ନାବାଳିକାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିବାବେଳେ ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର କରାଯାଇଥିବା ସନ୍ଦେହ କରାଯାଉଛି। ଶିଶୁକନ୍ୟାର ବାପା ଧାର ନେଇଥିବା ୧୦ ହଜାର ଟଙ୍କା ଫେରାଇପାରି ନ ଥିଲେ। ଏଥିପାଇଁ ଅଭିଯୁକ୍ତ ଜାହିଦ ଓ ଅସ୍‌ଲମ୍ ନାବାଳିକାଙ୍କୁ ହତ୍ୟା କରିଥିବା ଜେରାବେଳେ ସ୍ୱୀକାର କରିଛନ୍ତି। ୬ ଜଣିଆ ଏସ୍‌ଆଇଟିରେ ଜଣେ ମହିଳା ଇନ୍ସପେକ୍ଟରଙ୍କୁ ସାମିଲ କରାଯାଇଛି। ତଦନ୍ତକାରୀ ଟିମ୍ ସମସ୍ତ ସନ୍ଦିଗ୍ଧଙ୍କ ଫୋନ ରେକର୍ଡ ଅନୁଧ୍ୟାନ କରୁଥିବା ଏସ୍‌ଏସ୍‌ପି କହିଛନ୍ତି।

# ଭାରତକୁ ସଶସ୍ତ୍ର ଡ୍ରୋନ ବିକିବ ଆମେରିକା

ୱାଶିଂଟନ,୮।୬(ପି.ଟି.)



ଭାରତକୁ ଆମେରିକା ସଶସ୍ତ୍ର ଡ୍ରୋନ ବିକ୍ରି କରିବାକୁ ଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଡ୍ରୋନ ବିକ୍ରି ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିସହିତ ଭାରତର ସାମରିକ ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବା ଲାଗି ସମନ୍ୱିତ ମିସାଇଲ ଡିଫେନ୍ସ ଡିଫେନ୍ସ ସିଷ୍ଟମ ଯୋଗାଇଦେବାକୁ ଆମେରିକା ପ୍ରସ୍ତାବ ଦେଇଛି।

ଗତ ଫେବୃୟାରୀରେ ପୁଲୱାମା ଆକ୍ରମଣରେ ୪୦ ଭାରତୀୟ ଯବାନ ଶହୀଦ ହେବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ସାମରିକୀକରଣ ବୃଦ୍ଧି ପାଉଥିବାରୁ ଭାରତକୁ ପ୍ରତିରକ୍ଷା ସହଯୋଗ ଯୋଗାଇଦେବା ଲାଗି ଆମେରିକା ଆଗ୍ରହ ପ୍ରକାଶ କରିଛି। ଭାରତକୁ ସର୍ବଶ୍ରେଷ୍ଠ ପ୍ରତିରକ୍ଷା ପ୍ରଯୁକ୍ତି ଯୋଗାଇ ଦେବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି। ତେବେ ଏହି ସଶସ୍ତ୍ର ଡ୍ରୋନ୍ କେବେ ଭାରତକୁ ମିଳିବ ତାହା ସେ କହିନାହାନ୍ତି। ୨୦୧୭ ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବୈଠକରେ ଭାରତକୁ ଗାର୍ଡିଆନ ଡ୍ରୋନ୍‌ର ସର୍ଭିଲାନ୍ସ ଭର୍ସନ ଯୋଗାଇ ଦେବାକୁ ଆମେରିକା ରାଜି ହୋଇଥିଲା।

## ଗୋଆ ବିମାନବନ୍ଦରରେ ନିଆଁ ଉଡ଼ାଣ ସାମୟିକ ବନ୍ଦ

ନୂଆଦିଲ୍ଲୀ,୮।୬(ପି.ଟି.)

ନୌସେନାର ଏକ ଲଢୁଆ ବିମାନ ଟ୍ୟାଙ୍କରୁ ତେଲ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିବାରୁ ଶନିବାର ଅପରାହ୍ନରେ ଗୋଆ ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଥିଲା। ଅପରାହ୍ନ ୧ଟା ବେଳେ ମିଗ୍ ୨୯କେ ଯୁଦ୍ଧବିମାନ ଡାବୋଲିମ୍ ଏୟାରଫିଲ୍ଡରୁ ଏକ ମିଶନ୍‌ରେ ଉଡ଼ାଣ କରିବାକୁ ଥିବାବେଳେ ଏହାର ବାହ୍ୟ ଇନ୍ଧନ ଟାଙ୍କିରୁ ତେଲ ଢ଼ାଳିହୋଇ ରନ୍‌ୱେରେ ନିଆଁ ଲାଗିଯାଇଥିଲା । ତୁରନ୍ତ ବିମାନବନ୍ଦର କର୍ତ୍ତୃପକ୍ଷ ଉଡାଣ ବନ୍ଦ କରିଦେଇଥିଲେ। ସେଠାରେ ଅବତରଣ କରିବାକୁ ଥିବା କେତେକ ବ୍ୟବସାୟିକ ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଯାଇଥିଲା। ନିଆଁକୁ ଆୟତ୍ତ କରାଯିବା ପରେ ଅପରାହ୍ନ ୨ଟା ୩୦ରୁ ବିମାନ ଉଡ଼ାଣ ସ୍ୱାଭାବିକ ହୋଇଥିଲା।

# ଜୟଶଙ୍କର ଶ୍ରେଷ୍ଠ କୂଟନୀତିଜ୍ଞ

ୱାଶିଂଟନ,୮।୬(ପି.ଟି.)

**ଆମେରିକା ବିଶେଷଜ୍ଞଙ୍କ ମତ**

ଭାରତର ନୂଆ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଏସ୍. ଜୟଶଙ୍କରଙ୍କ ନିଯୁକ୍ତିକୁ ଆମେରିକାର କେତେଜଣ ପୂର୍ବତନ କୂଟନୀତିଜ୍ଞ ତଥା ବିଦେଶ ନୀତି ବିଶେଷଜ୍ଞ ପ୍ରଶଂସା କରିଛନ୍ତି। ଜୟଶଙ୍କର ବିଶ୍ୱର ଜଣେ ଶ୍ରେଷ୍ଠ କୂଟନୀତିଜ୍ଞ ବୋଲି ସେମାନେ ମତ ଦେଇଛନ୍ତି। ତାଙ୍କ ସମୟରେ ଭାରତ-ଆମେରିକା ରଣନୀତିକ ସମ୍ପର୍କ ଅଧିକ ସୁଦୃଢ଼ ହେବା ନେଇ ସେମାନେ ଦୃଢ଼ ଆସ୍ଥା ପ୍ରକଟ କରିଛନ୍ତି। ୨୦୧୩ରୁ ୨୦୧୫ ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବା ଜୟଶଙ୍କର ଜଣେ ପାରଦର୍ଶୀ କୂଟନୀତିଜ୍ଞ ଯାହାଙ୍କର ବିଶ୍ୱ ରଣନୀତିଜ୍ଞ ଭାବେ ଯଥେଷ୍ଟ ଅଭିଜ୍ଞତା ରହିଛି ବୋଲି ନିଶା ଦେଶାଇ ବିଶ୍ୱାଳ କହିଛନ୍ତି।

## ଭାଜପା ସହ ସମ୍ପର୍କରେ ୨୫ କଂଗ୍ରେସ, ଏନ୍‌ସିପି ବିଧାୟକ

ମୁମ୍ବାଇ,୮।୬(ପି.ଟି.)

ମହାରାଷ୍ଟ୍ରର ୨୫ ଜଣ କଂଗ୍ରେସ ଏବଂ ଏନ୍‌ସିପି ବିଧାୟକ ଭାଜପାରେ ସାମିଲ ହେବା ଲାଗି ସମ୍ପର୍କ ରଖିଥିବା ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗିରିଶ ମହାଜନ କହିଛନ୍ତି। ସେପ୍ଟେମ୍ବର-ଅକ୍ଟୋବରରେ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିରୋଧୀ ଦଳକୁ ବଡ଼୍ ଝଟକା ଲାଗିବ ବୋଲି ସେ ଦାବି କରିଛନ୍ତି।

# ୧୧ରୁ ଭାରତ-ବାଂଲାଦେଶ ସୀମା ଆଲୋଚନା

ନୂଆଦିଲ୍ଲୀ, ୮।୬(ପି.ଟି.)

ଜୁନ୍ ୧୧ରୁ ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ସୀମା ଆଲୋଚନା ଢାକାରେ ଅନୁଷ୍ଠିତ ହେବ। ସୀମାପାର୍ ଅପରାଧ, ଆତଙ୍କବାଦ ସହ ବିଭିନ୍ନ ପ୍ରସଙ୍ଗ ନେଇ ଭାରତର ସୀମା ସୁରକ୍ଷା ବାହିନୀ ଓ ବାଂଲାଦେଶ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯିବ। ମୋଦି ସରକାର ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ଏଭଳି ପ୍ରୟାସ ଆରମ୍ଭ ହୋଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

ଭାରତରୁ ବିଏସ୍‌ଏଫ୍ ମୁଖ୍ୟ ଆର୍.କେ. ମିଶ୍ର ୧୦ଜଣିଆ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ। ଏଥିରେ ଗୃହ ମନ୍ତ୍ରଣାଳୟର ଅଧିକାରୀମାନେ ରହିବେ। ଢାକାର ପିଲ୍‌ଖାନାଠାରେ ଥିବା ବର୍ଡର ଗାର୍ଡ଼ ବାଂଲାଦେଶ(ବିଜିବି) ମୁଖ୍ୟାଳୟଠାରେ ଦ୍ୱିପାକ୍ଷିକ ସୀମା ଆଲୋଚନା କରାଯିବ। ସୀମାରେ ବାଂଲାଦେଶୀ ଅପରାଧୀମାନେ ବିଏସ୍‌ଏଫ୍‌ଙ୍କ ଉପରେ କରୁଥିବା ଆକ୍ରମଣ, ସୀମାପାର୍ ଅପରାଧ, ନିଶାଦ୍ରବ୍ୟ କାରବାର, ଜାଲ୍ ଟଙ୍କା କାରବାର ଆଦିକୁ ନେଇ ଆଲୋଚନା କରାଯିବ। ଡିଜି ମେଜର୍ ଜେନେରାଲ୍ ମହମ୍ମଦ ସଫିନୁଲ୍ ଇସ୍‌ଲାମ୍‌ଙ୍କ ନେତୃତ୍ୱରେ ୧୯ଜଣିଆ ବିଜିବି ପ୍ରତିନିଧି ଦଳ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ।

## କେମିତି ରହିବ ଆଜିର ପାଗ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୪.୪ |
| ଚାନ୍ଦବାଲି | ୩୨.୬ | ୨୬.୨ |
| କଟକ | ୩୪.୬ | ୨୪.୦ |
| ପାରାଦ୍ୱୀପ | ୩୦.୫ | ୨୭.୭ |
| ଭୁବନେଶ୍ୱର | ୩୩.୮ | ୨୬.୬ |
| ଗୋପାଳପୁର | ୩୨.୧ | ୨୭.୩ |
| ପୁରୀ | ୩୨.୨ | ୨୬.୬ |
| ଅନୁଗୋଳ | ୩୭.୧ | ୨୩.୦ |
| ବାରିପଦା | ୩୬.୮ | ୨୭.୦ |
| ଝାରସୁଗୁଡ଼ା | ୪୦.୬ | ୨୮.୦ |
| କେନ୍ଦୁଝର | ୩୫.୧ | ୨୪.୪ |
| ସମ୍ବଲପୁର | ୪୧.୦ | ୨୮.୦ |
| ସୁନ୍ଦରଗଡ଼ | ୩୭.୦ | ୨୫.୦ |
| ହୀରାକୁଦ | ୪୦.୪ | ୨୬.୯ |
| ତାଳଚେର | --- | ୨୬.୦ |
| ଭବାନୀପାଟଣା | ୩୭.୫ | ୨୭.୬ |
| ବଲାଙ୍ଗୀର | ୩୯.୦ | ୨୮.୫ |
| କୋରାପୁଟ | ୩୨.୨ | ୨୩.୬ |
| ଫୁଲବାଣୀ | ୩୭.୦ | ୨୩.୦ |
| ଟିଟିଲାଗଡ଼ | ୩୮.୦ | --- |
| ମାଲକାନଗିରି | ୩୫.୦ | ୨୪.୦ |
| ସୋନପୁର | ୩୯.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୩୨.୦ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍

# ୫ ଉପମୁଖ୍ୟମନ୍ତ୍ରୀଙ୍କ ସହ ୨୫ ଶପଥ ନେଲେ

ଅମରାବତୀ, ୮।୬(ପି.ଟି.)



**ଆନ୍ଧ୍ର କ୍ୟାବିନେଟ**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ମନ୍ତ୍ରିମଣ୍ଡଳରେ ଶନିବାର ୫ ଉପମୁଖ୍ୟମନ୍ତ୍ରୀଙ୍କ ସହ ୨୫ ମନ୍ତ୍ରୀ ସାମିଲ ହୋଇଛନ୍ତି। ୫ ଉପମୁଖ୍ୟମନ୍ତ୍ରୀ ହେଲେ ପାମୁଲା ପୁଷ୍ପା ଶ୍ରୀବାଣୀ, ପିଲ୍ଲି ସୁବାସ ଚନ୍ଦ୍ର ବୋଷ, ଆଲ୍ଲା କଲି କ୍ରିଷ୍ଣା ଶ୍ରୀନିବାସ, ଏଲ୍ ନାରାୟଣ ସ୍ୱାମୀ ଓ ଆମ୍‌ଜାଥ ବାସା । ଏଥିସହ ୭ ଜଣ ପଛୁଆବର୍ଗର ବିଧାୟକଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପ୍ରଦାନ କରିଥିବାବେଳେ ଅନୁସୂଚିତ ଜାତି ବର୍ଗର ୫ ବିଧାୟକ, ମୁସଲ୍‌ମାନ୍ ଓ ଅନୁସୂଚିତ ଉପଜାତି ବର୍ଗର ଜଣେ ଲେଖାଏ, କପୁ ଓ ରେଡ୍ଡୀ ସମ୍ପ୍ରଦାୟର ୪ଜଣ ଲେଖାଏ ବିଧାୟକଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ପ୍ରଦାନ କରାଯାଇଛି। କ୍ଷତ୍ରିୟ ଓ ବୈଶ୍ୟ ସମ୍ପ୍ରଦାୟର ଜଣେ ଲେଖାଏ ବିଧାୟକ ମଧ୍ୟ ଏହି କ୍ୟାବିନେଟରେ ସାମିଲ ହୋଇଛନ୍ତି। ରାଜ୍ୟପାଳ ଇ.ଏସ୍.ଏଲ୍. ନରସିଂହ ଏକ ବର୍ଣ୍ଣାଢ୍ୟ ସମାବେଶରେ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କୁ ମିଶାଇ ୨୬ଜଣିଆ କ୍ୟାବିନେଟରେ ୩ ମହିଳା ସଦସ୍ୟ ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଅନୁସୂଚିତ ଜାତି ବର୍ଗର ୨ ଜଣ ହୋଇଥିବାବେଳେ ଅନୁସୂଚିତ ଉପଜାତି ବର୍ଗରୁ ଜଣେ ଅଛନ୍ତି। ଦଳିତ ବର୍ଗର ମହିଳା ବିଧାୟକ ମେକାଥୋତି ସୁଚରିତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଳିଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜଗନ୍ ଆଶା କର୍ମୀଙ୍କ ମାସିକ ଦରମା ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି।

# SUNDAY classifieds




## BRIDE WANTED

Bhubaneswar ସ୍ଥିତ, 7lacs/yr income ଚାକିରିଆ, 31 ବୟସ୍କ ବ୍ରାହ୍ମଣ ପୁଅଙ୍କ ପାଇଁ ଯେକୌଣସି ଜାତିର ଝିଅ ଦରକାର। 7381460017. D-12826

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ–32, ଦରମା– 27,000 ଯେକୌଣସି ଜାତିର ଝିଅ ଦରକାର: 9777166101. D-12808

Now Matrimonial ads. only on Wednesday & Sunday Book 1 Get 1 FREE

31yrs MBA ପାସ୍‌କରି Flipkart କମ୍ପାନୀରେ ବାର୍ଷିକ ୭ଲକ୍ଷ ୮୦ ହଜାର ଦରମାରେ ଚାକିରି କରିଥିବା ବଣିଆ ପାତ୍ର ପାଇଁ ସରକାରୀ ସ୍ତରରେ ଶିକ୍ଷୟିତ୍ରୀ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୮୦୯୩୪୮୯୯୪୭। ଧ–୬୪୦୬୭

## GROOM WANTED

SM4 beautiful girl 45/ 5'4" BSC/PGDCA Govt. job working Govt. Teacher, monthly income 8LPM 20k, Unmarried, divorced, house husband. Contact: 9009491423. D-12898

Teli girl 1988 5'3" B.Tech, serving TCS, Bangalore. "SUNASANSAR" 9937512659. D-12829

Beautiful divorcee Brahmin girl 1987, 5'5" MBA. settled Bhubaneswar. "SUNASANSAR" 9937512659. D-12828

Pvt. companyରେ Account holder 39 ବର୍ଷ ଝିଅ ପାଇଁ Job/Business man proposal ଆବଶ୍ୟକ। 8895398591. D-12899




## SALE

Hondacity 2015 Diesel with Sunroof Hyundai Elantra, Lancer, Mercedez GLA & E & M class. 7381091234. D-66390




## SALE

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12875

ଘରବାରି Plot, Pahal, Utkal heights ପଛପଟେ 30ft. Govt. roadକୁ ଲାଗି ପ୍ଲଟ ମିଳୁଅଛି। Immediate possession, registration: 6372708369. D-12860

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-12748

Duplex 4300 sqft. @ 2 crores and 5BHK flat @ 85lakhs (Ready to move) at Ghatikia GA plot, Bhubaneswar: 9178518254. D-66475

Immediate ଘର କରିବା ପାଇଁ ଭୁବନେଶ୍ୱର ରଙ୍ଗବଜାର BJEM-2 schoolଠାରୁ 3km ଦୂରତା Gayatri college ନିକଟରେ 30' road, electricity ସୁବିଧା ଥାଇ Boundary wall ସହିତ ଘରବାରି plot ମିଳୁଅଛି sqft. @ 415/- ଯୋଗାଯୋଗ: 9437114429, 9668284672. D-58091

Gharabari 1500 sqft land Sundarpada Bhubaneswar for sale. Mobile: 8018625434 9439263631. D-58092

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

ଭୁବନେଶ୍ୱର KEC, ଗୁଡିଆ–ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

Tamando ବଜାର ପଛପଟେ ଏବଂ SUM Hospital ନିକଟରେ ଘରବାରି plot ମିଳୁଅଛି। 9439864322. D-66703

Yellowzone Gharabari plots available new Railway station, Patia, booking simplex BJEM-(2) 12,80,000/- monthly installment 5,000/-. 7735738102. D-12869

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12874

Litigation free gharabari plot Ranga bazar @ 650/-, Dhauli @ 1250/-. 9348012510. D-66704

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-12699

ନଖରା ତ୍ରିନାଥ ବଜାରଠାରେ sc ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପନଗରୀ ଧାଲୁକେଲଇପିଠ ଠାରେ 1200କୁ 3,00,000/- outrightରେ ବିକ୍ରିହେବ: 9348817649, 8144706560. D-66391

3BHK apartment ready for sale near Pratap Nagari, Cuttack- Bhubaneswar NH facing. Built up 1400 sqft. and garage. Contact: 9040643792, 7978637083. Email: landbank.19@gmail.com (Broker excuse) D-66558

**8000 sft. plot sale at Satya Nagar, Bhubaneswar. Directly buyer contact Deepak- 9937329999 (Broker excuse).** D-66238

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12824

Ready to move 2BHK flats for sale backside V2 showroom Patrapada, Bhubaneswar. 9040337729, 9861037729. D-63949

BDA Commercial plot ପିତାପଲ୍ଲୀ ଛକରେ 30' ରାସ୍ତା, Electric poll ସହିତ ମାତ୍ର 6,00,000/- ଟଙ୍କାରେ କିଣନ୍ତୁ। Contact: 9439101373, 7750068828. D-12856

MIG house 2nd floor at BDA colony, Chandrasekharpur. Contact: 9439858111. D-12870

**2600 sft. corner plot sale at SUM Hospital (CET College) Bhubaneswar, directly contact Deepak- 9937329999.** D-66239

Plot for sale at Gudiapokhari NH side near tollgate. 9437112668, 9438621932. D-60835

2BHK apartment flat near Garage Chhak, Bhubaneswar-two, Contact: 8328890345. D-65649

Plot for sale at Bhubaneswar, near Retanga Station, near Gita College at Sundarpada and Jatani with 30' wide road and electrification. 7008683329, 9438382205, 9348243488. D-64973

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୦୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

212 decml yellowzone, gharabari, sthitiban plot at Sunderpur on Sikharchandi-Chandaka road @ 1250 per sqft. Contact: 9338342502. D-66561

2400 sqft. commercial plot near Siridi Sai Mandir on NH-203 Bhubaneswar, Price-60lakh. Mobile: 7326084916. D-66562

1750 sqft. residential plot near ITER College, Jagamara, Bhubaneswar. Price-52lakh. Mobile-9078151122. D-66563

## PURCHASE

ଭୁବନେଶ୍ୱରରେ ନିକଟବର୍ତ୍ତୀ ଅଞ୍ଚଳରେ ପୂର୍ବାଭିମୁଖୀ ଜମି ଆବଶ୍ୟକ। ବିକ୍ରେତା ଯୋଗାଯୋଗ କରନ୍ତୁ। 9437976617. D-65897




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12873

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368




1BHK near Badagada brit colony Tankapani road, Bhubaneswar. Only bachelor. 9337229622. D-58090

5000 sqft. open space boundary wall electricity, water, truckable gate, two watcher houses near Puri bypass, Koradakanta. No: 8895274337. D-12850

House at Nayapalli near DAV / Stweart School for family. 9438490107. D-65897

10,000 sqft. commercial land at SUM Hospital square for rent/lease. Call: 9937006703. D-35844

3BHK independent house 1st floor at Santha Vihar, Lingipur. 9439357429, 8114351359. D-61053




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674- 2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

Summer special mesmerizing offer expert therapeutic refreshing massage appointment. 9668374480. D-66560

Physiotherapy, full Body massage by trained ladies / Gents therapy: 7008773793. D-66484

Monalisa club full body massage with hiprofile smart lady air-condition rooms available hurry up ! 9708545108. D-12867

Home service newly open full body massage A/C room available: 7438851534. D-38555




Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564




Get electronics & grocery product of 40% discount. Call: 07478268108. D-12792

E-Learning franchise start your own center Maths/Science on Android Tablet B'lore based Co. myxyo.com 8971120116. D-12872

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ



**୰ମୁରଲୀଧର ସ୍ୱାଇଁ**
ଘାସିସନ୍ତୁପୁର, ଟାଙ୍ଗି, କଟକ
ଆବିର୍ଭାବ - ୧୪.୦୯.୧୯୫୨
ତିରୋଧାନ - ୩୦.୦୫.୨୦୧୯
ନ ଜାୟତେ ମ୍ରିୟତେ ବା କଦାଚିନ ନାୟମ ଭୂତ୍ୱା ଭବିତା ବା ନ ଭୂୟଃ। ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ ।।
ତୁମ ସ୍ମୃତି ସବୁଦିନ ଅମର ରହୁ। ତୁମଠୁ ମିଳିଥିବା ଶିକ୍ଷା ଏବଂ ସଂସ୍କୃତି ଆମକୁ ଆଗକୁ ବାଟ ଚାଲିବା ପାଇଁ ସର୍ବଦା ପ୍ରେରଣା ଦେଇ ଚାଲୁଥାଉ। ଆପଣଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ବନ୍ଧୁ, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ–୮୬୦୨୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଧ୍ରୁବ ଚରଣ ପୃଷ୍ଟି**
ବି-୩୩, ସହିଦ ନଗର, ଭୁବନେଶ୍ୱର
ଆର୍ବିଭାବ : ୧୯.୦୫.୧୯୩୯
ତିରୋଧାନ : ୨୧.୦୫.୨୦୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ ଓ ପ୍ରେରଣାର ଉତ୍ସ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ :
ପ୍ରମୋଦ କୁମାର ପୃଷ୍ଟି
ସୁପ୍ରିୟା କୁମାର ପୃଷ୍ଟି
ଏବଂ ପରିବାର ଓ ବନ୍ଧୁବର୍ଗ ।
ଧ–୧୨୭୪୬

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ପ୍ରସନ୍ନ କୁମାରୀ ଦେବୀ**
ସ୍ୱା– ହାଡ଼ିବନ୍ଧୁ ରଥ
ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ତିରୋଧାନ: ୨୯।୦୫।୨୦୧୯
ତୁମର ନିଷ୍କପଟ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ମମତା, ଆଦର୍ଶ ଓ ନିଜେ କଷ୍ଟସହି ଅନ୍ୟର ମୁହଁରେ ହସ ଦେବା ଓ ସର୍ବଦା ଅହ୍ୟରାଣୀ ହୋଇଯିବା ଉକ୍ତିଟି ସତ୍ୟହେବା ସହିତ ଆମ୍ଭମାନଙ୍କ ପାଇଁ ସ୍ନେହାଶୀର୍ବାଦ ଓ ଚିରସ୍ମରଣୀୟ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ସର୍ବଦା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ହତଭାଗ୍ୟ ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭାଇ ଭାଉଜ, ନାତି ନାତୁଣୀ ଏବଂ ଆତ୍ମୀୟ ଚିନ୍ମୁ, ସଂଜୟ।
ଧ–୧୨୮୪୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ତିଳୋତ୍ତମା ମିଶ୍ର**
ଆବିର୍ଭାବ: ୦୪।୦୭।୧୯୩୭
ତିରୋଧାନ: ୨୦।୦୫।୨୦୧୮
ପ୍ରଭାକରପୁର, ଯାଜପୁର ଟାଉନ୍
ଚାହୁଁ ଚାହୁଁ ଏକବର୍ଷ ବିତିଗଲା ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର: ଅଶୋକ, ଅରୁଣ, ଅମୂଲ୍ୟ, ଅଭୟ, ଅକ୍ଷୟ ଓ ପୁତ୍ରବଧୂମାନେ, ଝିଅ: ମମତା, ଜ୍ୱାଇଁ: ସୋମନାଥ, ନାତି ଓ ନାତୁଣୀବର୍ଗ।
ଧ–୧୨୯୦୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବଙ୍କିମ ଚନ୍ଦ୍ର ରାଉତ**
ପୂର୍ବତନ ପ୍ରଶାସନିକ ଅଧିକାରୀ
ସା– ବାହାରବିଲ, ଥାନା– ଧୁଷୁରୀ, ଜିଲ୍ଲା– ଭଦ୍ରକ
ଆବିର୍ଭାବ: ୧୬।୦୧।୧୯୩୭
ତିରୋଧାନ: ୩୦।୦୫।୨୦୧୯
ଆପଣଙ୍କର ସ୍ନେହ ଓ ଆଶୀର୍ବାଦ ଚିରଦିନ ପାଇଁ ସ୍ମୃତି ହୋଇ ରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ। **ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ପରିଜନ।**
ଧ–୧୨୯୦୧

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସୁରେଶ କୁମାର ପାଣିଗ୍ରାହୀ**
ବଡ଼ଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୩୦।୦୫।୨୦୧୯
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେହେଁ ମରଇ
ଶୋକସନ୍ତପ୍ତ
ତୁମର ଅମର ଆତ୍ମାର ସଦ୍‌ଗତି କାମନା
**ପୂର୍ବକ ସ୍ତ୍ରୀ–ସକୁନ୍ତଳା, ପୁତ୍ର– ସୁଶାନ୍ତ, ପୁତ୍ରୀ– ସାଗରିକା, ଦଦେଇ, ଦେଠେଇ, ଝିଆରୀ, ପୁତୁରା, ଗୁରୁଜନ ଏବଂ ବନ୍ଧୁ ପରିବାରବର୍ଗ, ଆତ୍ମୀୟସ୍ୱଜନ।**
ଧ–୪୮୭୧୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭଣ୍ଡାର ପ୍ରସାଦ ଶତପଥୀ**
ଆବିର୍ଭାବ: ୨୩।୧୨।୧୯୬୩
ତିରୋଧାନ: ୧୯।୦୬।୨୦୧୮
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି।
**ଝୁନୁ ଶତପଥୀ, ଶଶାଙ୍କ ଶେଖର, ସଦାଶିବ, ତ୍ରିବିକ୍ରମ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।**
ଧ–୧୨୮୯୬

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## AFFIDAVIT

By virtue of affidavit No 45AA361482 dated 03.06.2019 before Notary Public Cuttack I have changed my name from G. Schaurya Purushottam Iyer to Schaurya Purushottam Iyer. Henceforth I shall be known as Schaurya Purushottam Iyer in all records and purposes. D-12871

By an affidavit before the Executive Magistrate, Uditnagar, Rourkela I Mukesh Kumar Sharma, presently R/o-Kuarmunda, Dist. Sundargarh declared that in Passport vide No-F-4918666 my name has been wrongly mentioned as Mukesh Kuamr Sharma. That above both the names relates to one and same person. Henceforth I shall be known as Mukesh Kumar Sharma for all purposes. D-12895

## CLASSIFIED BOOKING STATIONS

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

“ ଏନ୍‌ବିଏଫ୍‌ସିଙ୍କ ଉପରେ ନୂତନ ଭାବେ ନଜର ରଖିବାକୁ ହେବ। ନଗଦ ପରିଚାଳନା ଲାଗି ନୂଆ ନିୟମ ପ୍ରଣୟନ କରାଯିବ। ଆର୍‌ବିଆଇ ଏକ ଗାଇଡଲାଇନ ଆଣିବ।
– ଶକ୍ତିକାନ୍ତ ଦାସ, ଆର୍‌ବିଆଇ ଗଭର୍ନର



“ ସୁଦୃଢ଼ ଅଡିଟ ମାନଦଣ୍ଡ ବ୍ୟବସ୍ଥା ଯୋଗୁ କର୍ପୋରେଟ ଜାଲିଆତି ଧରିବାକୁ ସରକାର ସକ୍ଷମ ହେଉଛନ୍ତି।
– ଇଞ୍ଜେଟି ଶ୍ରୀନିବାସ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସଚିବ



## ସଂକ୍ଷେପରେ

### ବଜେଟ ପୂର୍ବରୁ ଉଦ୍ୟୋଗ ଜଗତକୁ ଭେଟିବେ ସୀତାରାମନ୍



**ନୂଆଦିଲ୍ଲୀ,୮-୬:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିଜର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ପୂର୍ବରୁ ଦେଶର ପ୍ରମୁଖ ଉଦ୍ୟୋଗ ସଂଗଠନଗୁଡ଼ିକର ପ୍ରତିନିଧିଙ୍କୁ ଭେଟିବେ। ଆସନ୍ତା ୧୧ରେ ହେବାକୁ ଥିବା ଏହି ବୈଠକରେ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି(ସିଆଇଆଇ) ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ଭଳି ଉଦ୍ୟୋଗ ଜଗତର ପ୍ରତିନିଧି ସାମିଲ ହେବେ। ଏହି ବୈଠକରେ ବିଦେଶୀ ନିବେଶ(ଏଫ୍‌ଡିଆଇ) ଏବଂ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ନେଇ ଆଲୋଚନା ହେବ। ଉତ୍ପାଦନ ବୃଦ୍ଧି ଲାଗି ମିଶ୍ରଣ ପ୍ରସଙ୍ଗର ବିଚାର, ଘରୋଇ ଚାହିଦାକୁ ପୂରା କରିବା ଲାଗି ସେବା କ୍ଷେତ୍ରର ବିସ୍ତାର ଏବଂ ଘରୋଇ ଉତ୍ପାଦନ ଏବଂ ରପ୍ତାନି ବଢ଼ାଇବା ଉଦ୍ଦେଶ୍ୟରେ ଶୁଳ୍କ ଢାଞ୍ଚାରେ ପରିବର୍ତ୍ତନ ଆଦି ପ୍ରସଙ୍ଗରେ ଆଲୋଚନା ହେବାର ସମ୍ଭାବନା ରହିଛି। ସୂଚନାଥାଉ କି, ଉଦ୍ୟୋଗ ଜଗତର ଅଧିକାଂଶ ସଂସ୍ଥା ନିଜର ଦାବି ପୂର୍ବରୁ ଅର୍ଥ ମନ୍ତ୍ରଣାଳୟକୁ ପ୍ରଦାନ କରିସାରିଛନ୍ତି। ଆସନ୍ତା ଜୁଲାଇ ୫ରେ ବଜେଟ ଉପସ୍ଥାପିତ ହେବାକୁ ଯାଉଥିବା ବେଳେ ଅର୍ଥମନ୍ତ୍ରୀ ବଜେଟରେ ନୂଆ ଚିନ୍ତାଧାରା ପ୍ରକାଶ ପାଇଁ ଲୋକଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଆସନ୍ତା ୨୦ ତାରିଖ ସୁଦ୍ଧା ଯେକୌଣସି ବ୍ୟକ୍ତି, ସଂଗଠନ ନିଜର ପ୍ରସ୍ତାବ ଅର୍ଥ ମନ୍ତ୍ରଣାଳୟକୁ ପଠାଇପାରିବେ।

### ୧୦ରୁ ଏଚ୍-୧ବି ଭିଜାର ପ୍ରିମିୟମ ପ୍ରୋସେସିଂ




**ନୂଆଦିଲ୍ଲୀ,୮-୬:** ଆମେରିକା ନାଗରିକତା ଏବଂ ଆପ୍ରବାସନ ସେବା(ୟୁଏସ୍‌ସିଆଇଏସ୍) ଆସନ୍ତା ୧୦ରୁ ଅବଶିଷ୍ଟ ଏଚ୍-୧ବି ଭିଜା ଆବେଦନରୁ ପ୍ରିମିୟମ ପ୍ରୋସେସିଂ ଆରମ୍ଭ କରିବ। ଏ ସମ୍ପର୍କରେ ଶୁକ୍ରବାର ବିଳମ୍ବିତ ରାତିରେ ଘୋଷଣା କରାଯାଇଛି। ଗତ ଏପ୍ରିଲ ପହିଲାରୁ ପ୍ରଥମ ପର୍ଯ୍ୟାୟରେ ଆର୍ଥିକ ବର୍ଷ ୨୦୨୦ ଲାଗି ଚେଞ୍ଜ ଅଫ୍ ଷ୍ଟାଟସ୍ ଥିବା ଆବେଦନଗୁଡ଼ିକର ପ୍ରଥମେ ସମାଧାନ କରାଯାଇଛି। ଅପ୍ସନ ଟ୍ରେନିଂ ପ୍ରୋଗ୍ରାମ ଅନ୍ତର୍ଗତରେ ଆମେରିକାରେ କାମ କରୁଥିବା ଏଫ୍-୧ ଭିଜାଧାରୀ ଛାତ୍ରୀଛାତ୍ର ଏମାନଙ୍କ ମଧ୍ୟରେ ରହିଛନ୍ତି। ସେମାନଙ୍କୁ ନିଯୁକ୍ତିଦାତା ଏଚ୍-୧ବି ୱର୍କ ଭିଜା ସ୍ପନ୍ସର କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଜୁନରୁ ଆରମ୍ଭ ହେବା କଥା। ଉକ୍ତ ଯୋଜନାରେ ସ୍ପନ୍ସରିଂ ଏମ୍ପ୍ଲୟି ୧୪୧୦ ଡଲାର ଶୁଳ୍କ ପ୍ରଦାନ କରି ପ୍ରିମିୟମ ପ୍ରୋସେସିଂରେ ଅପ୍‌ଡେଟ କରିପାରିବେ। ଏହି ବ୍ୟବସ୍ଥାରେ ଭିଜା ପ୍ରଦାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଥାଏ। ଭାରତୀୟ ଆଇଟି ପେସାଦାରଙ୍କ ନିକଟରେ ଏହା ଅତ୍ୟନ୍ତ ଲୋକପ୍ରିୟ ହୋଇଛି। ପ୍ରିମିୟମ ପ୍ରୋସେସିଂ ଅନ୍ତର୍ଗତରେ ଏଚ୍-୧ବି ଭିଜା ଆବେଦନ ସମ୍ପର୍କିତ ଯାଞ୍ଚ ୧୫ ଦିନ ମଧ୍ୟରେ କରାଯାଇଥାଏ। ଆର୍ଥିକ ବର୍ଷ ୨୦୨୦ ଲାଗି ୨.୦୧ ଲକ୍ଷ ଏଚ୍-୧ବି ଭିଜା ଆବେଦନ ମିଳିଛି, କିନ୍ତୁ ୮୫ହଜାର ବାର୍ଷିକ କୋଟା ଧାର୍ଯ୍ୟ ହୋଇଛି।

### ୫ ମାସର ଦ୍ୱିତୀୟ ସର୍ବନିମ୍ନ ସ୍ତରରେ ଡିଜେଲ ଦର

**ନୂଆଦିଲ୍ଲୀ,୮-୬:** ଦେଶରେ ତୈଳ ଦର କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଫଳରେ ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ମିଳୁଛି। ଶନିବାର ପେଟ୍ରୋଲ ଦର ଲିଟର ପିଛା ୨୨ରୁ ୨୪ ପଇସା ଏବଂ ଡିଜେଲ ଦର ୨୫ରୁ ୨୭ ପଇସା ଶସ୍ତା ହୋଇଛି। ଗତ ୧୦ ଦିନ ମଧ୍ୟରେ ୯ଥର ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଛି। ଏହାର ପ୍ରଭାବରେ ଡିଜେଲ ପ୍ରାୟ ୫ ମାସର ଦ୍ୱିତୀୟ ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ଏଥିପୂର୍ବରୁ ଦେଶର ରାଜଧାନୀ ଦିଲ୍ଲୀରେ ଫେବୃୟାରୀ ୧୬ ତାରିଖରେ ପେଟ୍ରୋଲ ଦର ଲିଟର ପିଛା ୭୦.୬୦ଟଙ୍କା ଏବଂ ଜାନୁୟାରୀ ୧୬ରେ ଡିଜେଲ ଦର ଲିଟର ପିଛା ୬୪.୫୯ ଟଙ୍କା ରହିଥିଲା। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୭୦.୭୨ ଟଙ୍କା ଏବଂ ଡିଜେଲ ଲିଟର ପିଛା ଦର ୬୪.୬୫ ଟଙ୍କା ରହିଛି। ଗତ ୧୦ ଦିନ ଭିତରେ ୯ଥରରେ ଡିଜେଲ ଲିଟରରେ ୨.୦୮ ଟଙ୍କା ଶସ୍ତା ହୋଇଛି। ସେହିପରି ପେଟ୍ରୋଲ ଦର ୯୯ ପଇସା କମିଛି।

# ଚଳନ୍ତା ଟ୍ରେନ୍‌ରେ ମିଳିବ ମାଲିସର ମଜା

ନୂଆଦିଲ୍ଲୀ,୮-୬

ଆଗାମୀ ଦିନରେ ଚଳନ୍ତା ଟ୍ରେନରେ ଯାତ୍ରୀ ମାଲିସର ମଜା ନେଇପାରିବେ। ଭାରତୀୟ ରେଳ ଇତିହାସରେ ପ୍ରଥମଥର ଏଭଳି ପଦକ୍ଷେପ ନିଆଯିବ। ଜଣେ ବରିଷ୍ଠ ଅଧିକାରୀ ଶନିବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବର୍ତ୍ତମାନ ଏହି ମାଲିସ ସୁବିଧା ଇନ୍ଦୋରରୁ ଚାଲୁଥିବା ୩୯ ଯୋଡା ଟ୍ରେନରେ ଉପଲବ୍ଧ ହେବ। ୱେଷ୍ଟର୍ନ ଜୋନ୍‌ର ରତ୍‌ଲାମ ଡିଭିଜନ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା ବୋଲି ସେ କହିଛନ୍ତି।

ରେଲଓ୍ୱେ ବୋର୍ଡର ମିଡିଆ ଏବଂ ସଞ୍ଚାର ନିର୍ଦ୍ଦେଶକ ରାଜେଶ ବାଜପେୟୀଙ୍କ କହିବାନୁଯାୟୀ, ଯାତ୍ରୀଙ୍କୁ ଚଳନ୍ତା ଟ୍ରେନରେ ଏଭଳି ସୁବିଧା ଉପଲବ୍ଧ କରାଯିବା ଦ୍ୱାରା ରେଲଓ୍ୱେର ରାଜସ୍ୱ ଆଦାୟ ବଢ଼ିବା ସହିତ ଯାତ୍ରୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଏହାଦ୍ୱାରା ବାର୍ଷିକ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ରାଜସ୍ୱ ଆୟ ହେବ। ଏକ ଅନୁମାନ ଅନୁଯାୟୀ, ଏଥିପାଇଁ ୨୦ ହଜାର ପାସେଞ୍ଜର ସର୍ଭିସ ପ୍ରୋଭାଇଡରଙ୍କୁ ନିଯୁକ୍ତି ଦିଆଯିବ।

**ରେଲଓ୍ୱେରେ ନୂଆ**
- ପ୍ରଥମେ ଇନ୍ଦୋରରୁ ଯାତ୍ରା କରୁଥିବା ୩୯ ଟ୍ରେନରେ ମାଲିସ ସେବା ଉପଲବ୍ଧ ହେବ
- ସର୍ବନିମ୍ନ ୧୦୦ ଓ ସର୍ବାଧିକ ୩୦୦ ଟଙ୍କା ମାଲିସ ଚାର୍ଜ
- ୧୫ରୁ ୨୦ ମିନିଟ ମାଲିସ
- ସକାଳ ୬ରୁ ରାତି ୧୦ ଯାଏ ମସାଜ୍ ସୁବିଧା
- ଅଧିକ ୨୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେବ



ସେମାନଙ୍କୁ ଟିକେଟ ବିକ୍ରି ବାବଦରେ ପ୍ରାୟ ୯୦ ଲକ୍ଷ ଟଙ୍କାର ଅତିରିକ୍ତ ଟିକେଟ ବିକ୍ରି ହେବ। ମସାଜ ବାବଦରେ ଯାତ୍ରୀଙ୍କଠାରୁ ସର୍ବନିମ୍ନ ୧୦୦ ଏବଂ ସର୍ବାଧିକ ୩୦୦ ଟଙ୍କା ଆଦାୟ କରାଯିବ। ପାସେଞ୍ଜର ସର୍ଭିସ ପ୍ରୋଭାଇଡରଙ୍କ ସହ ଏନେଇ ଚୁକ୍ତି ସ୍ୱାକ୍ଷର ହୋଇସାରିଛି। ସକାଳ ୬ଟାରୁ ରାତି ୧୦ ଟା ଯାଏ ଟ୍ରେନରେ ଏହି ମସାଜ୍ ସୁବିଧା ଉପଲବ୍ଧ ହେବ। ପାଇଲଟ ଭିତ୍ତିରେ ଏହି ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ପ୍ରତି ଟ୍ରେନରେ ୩ରୁ ୫ ଜଣ ମସାଜକର୍ମୀ ଉପଲବ୍ଧ ହେବେ। ରେଲଓ୍ୱେ ପକ୍ଷରୁ ସେମାନଙ୍କୁ ଆଇ-କାର୍ଡ ଦିଆଯିବ। ଆସନ୍ତା ୧୫ରୁ ୨୦ ଦିନ ଭିତରେ ଏହି ସୁବିଧା ଆରମ୍ଭ ହୋଇଯିବ। ଇନ୍ଦୋରରୁ ଚାଲୁଥିବା ୩୯ ଟ୍ରେନ ସହିତ ଡେରାଡୁନ-ଇନ୍ଦୋର ଏକ୍ସପ୍ରେସ(୧୪୩୧୭) ଏବଂ ନୂଆଦିଲ୍ଲୀ-ଇନ୍ଦୋର ଇଣ୍ଟରସିଟି ଏକ୍ସପ୍ରେସ(୧୨୪୧୬) ଏବଂ ଇନ୍ଦୋର-ଅମୃତସର ଏକ୍ସପ୍ରେସ(୧୯୩୨୫)ରେ ମଧ୍ୟ ଏହି ସୁବିଧା ମିଳିବ। ବାଜପେୟୀ କହିଛନ୍ତି ଯେ, ରେଲଓ୍ୱେ ପକ୍ଷରୁ ମାଲିସର ୩ଟି ସ୍କିମ୍- ଗୋଲ୍ଡ, ଡାଏମଣ୍ଡ ଏବଂ ପ୍ଲାଟିନମ୍ ଲଞ୍ଚ ହେବ। ଗୋଲ୍ଡ ସ୍କିମ୍‌ରେ ମାଲିସ କରିବା ଲାଗି ନନ୍‌ଷ୍ଟିକି ତେଲ ବ୍ୟବହାର କରାଯିବ। ତେବେ ୨୦୦ ଓ ୩୦୦ ଟଙ୍କିଆ ଡାଏମଣ୍ଡ ଏବଂ ପ୍ଲାଟିନମ୍ ସ୍କିମ୍‌ରେ ଆର୍‌ଗନ ତେଲ, କ୍ରିମ୍ ଓ ୱାଇପ୍ସ ବ୍ୟବହାର କରାଯିବ। ଏହି ସୁବିଧା ହାସଲ କରୁଥିବା ଯାତ୍ରୀଙ୍କୁ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ମାଲିସ କରାଯିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତୀୟ ରେଲଓ୍ୱେ ଅଣ ଭଡ଼ା ସୂତ୍ରରୁ ଆସନ୍ତା ୧୦ ବର୍ଷରେ ୩୯ ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ତେବେ କର୍ପୋରେଟ ଜଗତରୁ ସେଭଳି ପ୍ରତିକ୍ରିୟା ନ ମିଳିବା କାରଣରୁ ଯୋଜନା ଅସଫଳ ହୋଇଥିଲା। ଅଧିକ ରାଜସ୍ୱ ବୃଦ୍ଧି ଲାଗି ସଂସଦୀୟ କମିଟି ପକ୍ଷରୁ ରେଲଓ୍ୱେକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ବିଭିନ୍ନ ଜୋନ୍ ନିଜ ଅଞ୍ଚଳରେ ରାଜସ୍ୱ ବୃଦ୍ଧି ନେଇ ପ୍ରସ୍ତାବ ଦେଇଛନ୍ତି।

# ଓଡ଼ିଶାରେ ହଲ୍‌ମାର୍କ ଗହଣାର ଚାହିଦା: ପିସି ଚନ୍ଦ୍ର ଜୁଏଲର୍ସ ଏମ୍‌ଡି




ଭୁବନେଶ୍ୱର, ୮-୬ (ବ୍ୟୁରୋ)

**■ ରାଜ୍ୟରେ ନୂଆ ଶୋ'ରୁମ ଖୋଲିବା ଯୋଜନା**
**■ ରଜ ଉପଲକ୍ଷେ ଆସିଲା ନୂଆ କଲେକ୍ସନ**

ଓଡ଼ିଶାରେ ସୁନା କ୍ରୟ କରୁଥିବା ଗ୍ରାହକଙ୍କ ପସନ୍ଦ ହଲମାର୍କ ମାନକ ଯୁକ୍ତ ଗହଣା ଉପରେ ରହିଛି। ଲୋକଙ୍କ ଚାହିଦା ରହିଥିବାରୁ ସେହି ମୁତାବକ ପ୍ରଡକ୍ଟ ଏବଂ ସେବା ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଥିବା ପିସି ଚନ୍ଦ୍ର ଜୁଏଲର୍ସର ଏମ୍‌ଡି ଉଦୟ କୁମାର ଚନ୍ଦ୍ର ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ କମ୍ପାନୀର 'ନିମ ବନାନୀ' ପ୍ରକଳ୍ପର ଉଦ୍‌ଘାଟନ କରି ଚନ୍ଦ୍ର କହିଛନ୍ତି ଯେ, ଉକ୍ତ ପ୍ରକଳ୍ପରେ ପଶ୍ଚିମବଙ୍ଗରେ ୧ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରାଯାଇଛି। ଫନୀରେ ରାଜ୍ୟରେ ସବୁଜିମା ନଷ୍ଟ ହୋଇଥିବାରୁ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବା ସହ ଏହି ଧାରାରେ ସାମିଲ ହୋଇଥିବା ଚନ୍ଦ୍ର କହିଛନ୍ତି। କମ୍ପାନୀର ସମ୍ପ୍ରସାରଣ ଯୋଜନା ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ରାଜ୍ୟରେ ଆଉ ଏକ ଶୋ'ରୁମ ଖୋଲିବା ଯୋଜନା ରହିଛି। ପିସି ଚନ୍ଦ୍ର ଗ୍ରୁପ ସାରା ଦେଶରେ ୪୭ ଷ୍ଟୋର ସହ ସେବା ଯୋଗାଇ ଦେଉଛି। ଚଳିତବର୍ଷ ଆଉ ୫ରୁ ୬ ଶୋ'ରୁମ ଖୋଲିବାକୁ ଯୋଜନା ରଖାଯାଇଛି। କମ୍ପାନୀ ପକ୍ଷରୁ ନୂଆ କରି ୧୦ କ୍ୟାରେଟର ସୁନା ଗହଣା ଆରମ୍ଭ କରାଯାଇଛି। ଏହା ଧୀରେ ଧୀରେ ଲୋକଙ୍କ ଦ୍ୱାରା ଆଦୃତ ହେଉଥିବା ସେ ପ୍ରକାଶ କରିଛନ୍ତି। ସେହିଭଳି ରାଜ୍ୟରେ ରୁପା ଗହଣା ପ୍ରତି ଗ୍ରାହକଙ୍କ ଭଲ ରେସପନ୍ସ ରହିଥିବା ଚନ୍ଦ୍ର ପ୍ରକାଶ କରିଛନ୍ତି। ରଜ ଉପଲକ୍ଷେ ଶୋ'ରୁମ ପକ୍ଷରୁ ସ୍ୱତନ୍ତ୍ର କଲେକ୍ସନ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଓଲିଉଡ ଅଭିନେତ୍ରୀ ଏଲିନା ସାମନ୍ତରାଏ, କାପୋଟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାଏ ଏବଂ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଡିଜିଟାଲ ଟ୍ୟାକ୍ସ ବ୍ୟବସ୍ଥା ଲାଗି ଜି-୨୦ ଦେଶ ରାଜି

ଟୋକିଓ,୮-୬

ମଲ୍ଟିନ୍ୟାଶନାଲ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ପାଇଁ ଜି-୨୦ ଦେଶ ସମୂହର ଅର୍ଥମନ୍ତ୍ରୀମାନେ ଡିଜିଟାଲ ଟ୍ୟାକ୍ସ ବ୍ୟବସ୍ଥା ଆରମ୍ଭ କରିବା ଲାଗି ସହମତ ହୋଇଛନ୍ତି। ଆସନ୍ତା ବର୍ଷ ଏହାର ପୂର୍ଣ୍ଣାଙ୍ଗ ସ୍ୱରୂପ ସ୍ଥିର କରାଯିବ। ଜାପାନର ଫୁକୁଓକାଠାରେ ଜି-୨୦ର ମିନିଷ୍ଟ୍ରିଆଲ ସିମ୍ପୋସିୟମରେ ଗତ ଗୁରୁବାର ଆଲୋଚନା ହୋଇଥିଲା। ଡିଜିଟାଲ ଅର୍ଥନୀତିକୁ ସହାୟତା କଲା ଭଳି ଏକ ଡିଜିଟାଲ ଟ୍ୟାକ୍ସ ବ୍ୟବସ୍ଥା ସପକ୍ଷରେ ସମସ୍ତେ ସେତେବେଳେ ମତପ୍ରକାଶ କରିଥିଲେ। ଗୁଗଲ, ଫେସବୁକ୍ ଭଳି ମଲ୍ଟିନ୍ୟାଶନାଲ ଡିଜିଟାଲ କମ୍ପାନୀଗୁଡ଼ିକ ଲାଗି ବିଶ୍ୱସ୍ତରରେ ଏକ ଟିକସ ପ୍ରଣାଳୀ ଆରମ୍ଭ କରାଯିବାକୁ ସମସ୍ତେ ଏକମତ ହୋଇଥିଲେ। ଏହି ବ୍ୟବସ୍ଥା କିପରି ଲାଗୁ ହେବ ସେନେଇ ପଦକ୍ଷେପ ନେବାକୁ ଆର୍ଥିକ ସହଯୋଗ ଏବଂ ବିକାଶ ସଂଗଠନ (ଓଇସିଡି)କୁ ଦାୟିତ୍ୱ ଦିଆଯାଇଛି। ଜାପାନ, ଆମେରିକା, ଚାଇନା, ଫ୍ରାନ୍ସ ଏବଂ ବ୍ରିଟେନ ସେମାନଙ୍କ ଆଇନରେ ସଂଶୋଧନ କରିବାକୁ ରାଜି ହୋଇଛନ୍ତି। ଅନ୍ତର୍ଜାତୀୟ ଟିକସ ବ୍ୟବସ୍ଥାର ଡିଜିଟାଲାଇଜେଶନର ପ୍ରଭାବ ସମ୍ପର୍କରେ ଜାଣିବା ପାଇଁ ଜି-୨୦ ଦେଶ ମିଳିମିଶି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି ବୋଲି ଜାପାନ ଅର୍ଥମନ୍ତ୍ରୀ ତାରୋ ଆସୋ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆୟର୍ଲାଣ୍ଡ ଭଳି ଦେଶରେ କମ୍ ଟିକସ ଦେବାର ଫାଇଦା ଉଠାଇ ଆମାଜନ, ଗୁଗଲ, ଫେସବୁକ୍ ଭଳି ଡିଜିଟାଲ କମ୍ପାନୀଗୁଡ଼ିକ ବେଶ ଟିକସ ଫାଇଦା ନେଉଛନ୍ତି ବୋଲି ଓଇସିଡି ପ୍ରମୁଖ ଆଞ୍ଜେଲ ଗୁରିୟା କହିଛନ୍ତି। ଏହି ପ୍ରସଙ୍ଗରେ ଫ୍ରାନ୍ସ ଅର୍ଥମନ୍ତ୍ରୀ ବ୍ରୁନୋ ଲା ମାଇରେ କହିଛନ୍ତି ଯେ, ଆମକୁ ଏହି ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ହେବ। ସେହିପରି ବ୍ରିଟେନ ଅର୍ଥମନ୍ତ୍ରୀ ଫିଲିପ୍ ହେମଣ୍ଡ କହିଛନ୍ତି ଯେ, ବଡ଼ ଇଣ୍ଟରନେଟ କମ୍ପାନୀଗୁଡ଼ିକ ବିରୋଧରେ ଠିକ୍ ଟିକସ ଆଦାୟ କରି ଦେଶବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟର ଉଚିତ ଜବାବ ଦିଆଯାଇପାରିବ।

# ବିମାନ ଯାତ୍ରା ହେବ ମହଙ୍ଗା



ନୂଆଦିଲ୍ଲୀ,୮-୬

ବିମାନ ଯାତ୍ରା ପୁନର୍ବାର ମହଙ୍ଗା ହେବାକୁ ଯାଉଛି। କେନ୍ଦ୍ର ସରକାର ଏଭିଏଶନ ସିକ୍ୟୁରିଟି ଫି(ଏଏସ୍‌ଏଫ୍) ଆଦାୟ କରିବାକୁ ଅନୁମତି ଦେଇଛନ୍ତି। ଏବେ ବିମାନ ଯାତ୍ରୀଙ୍କୁ ପାସେଞ୍ଜର ସର୍ଭିସ ଫି ସ୍ଥାନରେ ଏଏସ୍‌ଏଫ୍ ଦେବାକୁ ହେବ। ଜୁଲାଇ ପହିଲାରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦି ଏୟାରକ୍ରାଫ୍ଟ ରୁଲ୍ସ, ୧୯୩୭ର ଧାରା ୮୮ଏ ଅନୁଯାୟୀ ଏଭିଏଶନ ସିକ୍ୟୁରିଟି ଫି ବୃଦ୍ଧି କରାଯିବ। ଏହି ନୂଆ ନିୟମ ଲାଗୁ ହେବା ପରେ ଘରୋଇ ଯାତ୍ରୀଙ୍କ ଠାରୁ ଉକ୍ତ ଫି ବାବଦରେ ୧୫୦ ଟଙ୍କା ଅସୁଲ କରାଯିବ। ସେହିପରି ଅନ୍ତଃରାଷ୍ଟ୍ରୀୟ ଯାତ୍ରା ଲାଗି ୪.୮୫ ଆମେରିକୀୟ ଡଲାର ଅର୍ଥାତ୍ ୩୩୬ ଟଙ୍କା ଆଦାୟ ହେବ। ଏହି ଅର୍ଥକୁ ବିମାନବନ୍ଦରରେ ସିକ୍ୟୁରିଟି ଡ୍ୟୁ କ୍ଲିୟର କରିବାରେ ବ୍ୟବହାର କରାଯିବ। ବର୍ତ୍ତମାନ ଘରୋଇ ବିମାନଯାତ୍ରୀଙ୍କଠାରୁ ପିଏସ୍‌ଏଫ୍ ବାବଦରେ ୧୩୦ ଟଙ୍କା ନିଆଯାଉଛି। ବିଦେଶ ଯାତ୍ରା ପାଇଁ ଏହା ୩.୨୫ ଡଲାର ଅର୍ଥାତ୍ ୨୨୫ ଟଙ୍କା ରହିଛି।

# ନିଟ୍‌ରେ ଆଇନିଟ୍ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର, ୮-୬ (ବ୍ୟୁରୋ)

ଚଳିତବର୍ଷ ନିଟ୍ ପ୍ରବେଶିକାରେ ପ୍ରମୁଖ କୋଚିଂ ପ୍ରତିଷ୍ଠାନ 'ଆଇନିଟ'ଛାତ୍ରୀଛାତ୍ରଙ୍କ ସଫଳତା ହାର ଉଲ୍ଲେଖନୀୟ ରହିଛି। ପ୍ରତିଷ୍ଠାନର ଛାତ୍ରୀଛାତ୍ର ସଫଳତା ଧାରାକୁ ବଜାୟ ରଖିବା ସହ ଚଳିତବର୍ଷ ଭଲ ଫଳାଫଳ କରିଥିବା ଆଇନିଟ୍ ପକ୍ଷରୁ ସୂଚନା ରହିଛି। ଏହାର ୪ ଛାତ୍ରୀଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୭୪ ଜଣ ୫୦୦ରୁ ଉର୍ଦ୍ଧ୍ୱ, ୧୯ ଜଣ ୫୫୦ ମାର୍କରୁ ଉର୍ଦ୍ଧ୍ୱ ଏବଂ ୧୦୨ ଜଣ ୪୮୦ ରୁ ଉର୍ଦ୍ଧ୍ୱ ନମ୍ବର ରଖିବାକୁ ସକ୍ଷମ ହୋଇଛନ୍ତି। ଅନୁଷ୍ଠାନର ସଫଳତା ଧାରା ଉନ୍ନତ ରହିଥିବା ବେଳେ ଛାତ୍ରୀଛାତ୍ରଙ୍କୁ ତତ୍ତ୍ୱାବଧାନ, ସର୍ବୋତ୍ତମ ପରୀକ୍ଷା ପ୍ରଣାଳୀ, ବୈଜ୍ଞାନିକ ଧାରାରେ କୋଚିଂ, ଦୁର୍ବଳବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ସ୍କଲାରଶିପ ବ୍ୟବସ୍ଥା କରାଯାଇଥିବା ଆଇନିଟର ପ୍ରତିଷ୍ଠାତା ପିୱାନ ସାର କହିଛନ୍ତି। ଅନୁଷ୍ଠାନର ୧ ବର୍ଷିଆ ରେଗୁଲାର ବ୍ୟାଚ୍‌ରେ ସର୍ବଭାରତୀୟ ଜେନେରାଲ ର୍‍ୟାଙ୍କରେ ମୁକେଶ କୁମାର ବିଶ୍ୱାଳ ୨୬୬୬ ତମ ସ୍ଥାନରେ ରହିଛନ୍ତି। ସେ ୬୩୦ ନମ୍ବର ରଖିଛନ୍ତି।

ସେହିଭଳି ଜେନେରାଲ ୨୮୫୦ ର୍‍ୟାଙ୍କରେ ୬୨୯ ନମ୍ବର ସହ ଅଂଶୁମାନ ନାୟକ, ୬୨୭ ନମ୍ବର ସହ ୩୦୧୮ ତମ ସ୍ଥାନରେ ପ୍ରୀତମ ପ୍ରୀତିବାସ ରାଉତରାଏ, ୬୧୨ ନମ୍ବର ସହ ଜେନେରାଲ ୫୨୮୫ ତମ ସ୍ଥାନରେ ସୁଧାଂଶୁ ଶେଖର ସ୍ୱାଇଁ ରହିଛନ୍ତି। ସେହିଭଳି ସର୍ବଭାରତୀୟ ର୍‍ୟାଙ୍କ ଶ୍ରେଣୀରେ ଏକ ବର୍ଷିଆ

INEET
Concept, Creativity, Care, Confidence & Technology

ରେଗୁଲାର ବ୍ୟାଚରେ ଅନୁଷ୍ଠାନର ଆଉ ୬ ଛାତ୍ରୀଛାତ୍ର ରହିଛନ୍ତି। ସଫଳ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଚଳିତ ବର୍ଷ ନିଟ୍ ଏବଂ ଏମ୍‌ସ ଲାଗି ନାମଲେଖା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ନାମଲେଖା ଲାଗି ଖଣ୍ଡଗିରିସ୍ଥିତ କର୍ପୋରେଟ ଏବଂ ଜୟଦେବ ବିହାର କଳିଙ୍ଗ ଷ୍ଟାଡିୟମସ୍ଥିତ ଶାଖା ଅଫିସରେ ସମ୍ପର୍କ କରିବାକୁ ପ୍ରତିଷ୍ଠାତା ପିୱାନ ସାର ସୂଚନା ଦେଇଛନ୍ତି।

# ଅଣପାରମ୍ପରିକ ମାଧ୍ୟମରେ ତେଲ ବିକୁଛି ଇରାନ

ତେହରାନ,୮-୬




ଆମେରିକା ପକ୍ଷରୁ ଆର୍ଥିକ କଟକଣା ଲାଗୁ କରାଯାଇଥିବାବେଳେ ଇରାନ ଏହାର ଗଳାବାଟ ବାହାର କରି ଅଶୋଧିତ ତେଲ ବିକୁଛି ବୋଲି କହିଛି। ଦେଶର ତୈଳମନ୍ତ୍ରୀ ବିଜାନ ନାମଦାର ଜାନଗାନେହ ଏକ ସାକ୍ଷାତ୍‌କାର ବେଳେ କହିଛନ୍ତି ଯେ, ତାଙ୍କ ଦେଶ ଅଣପାରମ୍ପରିକ ଢଙ୍ଗରେ ଅଶୋଧିତ ତେଲ ବିକୁଛି। ଅତି ଗୋପନ ଭାବେ ତେଲ ବିକ୍ରି ଚାଲିଛି। କାରଣ ଆମେରିକା ଜାଣିପାରିଲେ ଏହାକୁ ରୋକିଦିଆଯିବ ବୋଲି ସେ କହିଛନ୍ତି। ତେବେ ଇରାନ ଏବେ କେତେ ତେଲ ରପ୍ତାନି କରୁଛି ସେ ସମ୍ପର୍କରେ ଜାନଗାନେହ କିଛି କହି ନ ଥିଲେ। କଟକଣା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ସେ ଏ ସମ୍ପର୍କରେ ସୂଚନା ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଇରାନ ସହ ହୋଇଥିବା ପରମାଣୁ ଚୁକ୍ତିରୁ ଆମେରିକା ଏକତରଫା ଓହରି ଯାଇଥିଲା। ଏହାପରେ ଇରାନ ବିରୋଧରେ ଆମେରିକା ଆର୍ଥିକ କଟକଣା ଲାଗୁ କରିଛି। ଏହା ଗତବର୍ଷ ନଭେମ୍ବରରୁ କାର୍ଯ୍ୟକାରୀ ହୋଇଛି।

# 'ଏସ୍‌ଏମ୍‌ଇ ଲାଗି ଆସୁ ସ୍ୱତନ୍ତ୍ର ପ୍ୟାକେଜ'



ଭୁବନେଶ୍ୱର, ୮-୬ (ବ୍ୟୁରୋ)

କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ଶିଳ୍ପ ସଂଘ ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍(ଓସ୍‌ମେ)ର ପ୍ରତିନିଧି ଦଳ ଭୁବନେଶ୍ୱର ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକର ବିଭିନ୍ନ ଦାବି ଶୁଣିବା ଉପରେ ଏହାର ସମାଧାନ ପନ୍ଥା ବାହାରି କରିବାକୁ ମନ୍ତ୍ରୀ ଷଡଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି। ଓସ୍‌ମେ ସଭାପତି ଗୌରୀ ଶଙ୍କର ଦାସ ଏବଂ ମହାସଚିବ ସ୍ୱାତ୍ୱିକ ସ୍ୱାଇଁଙ୍କ ସହ ଅନ୍ୟ ସଦସ୍ୟମାନେ ଫନୀ ପରେ ପ୍ରଭାବିତ ଏମ୍‌ଏସ୍‌ଏମ୍‌ଇଗୁଡିକ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଭିତ୍ତିଭୂମି ସମସ୍ୟା, ମେଶିନେରି, ଷ୍ଟକ, ବିଦ୍ୟୁତ ଯୋଗାଣ, ସିକ୍ୟୁରିଟି ଅର୍ଥ, ଲୋକ ଶକ୍ତିର ଅଭାବ, ରାଜସ୍ୱ ହାନି, ବ୍ୟାଙ୍କ ଏବଂ ବୀମା ଭଳି ପ୍ରସଙ୍ଗ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସେହିଭଳି ଶିଳ୍ପଗୁଡିକ ଲାଗି ପ୍ୟାକେଜ, ହୋଟେଲ ଏବଂ ପର୍ଯ୍ୟଟନ କ୍ଷେତ୍ର ଲାଗି ବ୍ୟବସ୍ଥା, ସ୍ୱଳ୍ପ ସୁଧହାରରେ ଋଣ ଯୋଗାଣ, ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଏମ୍‌ଏସ୍‌ଏମ୍‌ଇଗୁଡିକର ଋଣ ଛାଡ ଏବଂ ପ୍ରଭାବିତ ଶିଳ୍ପ ସଂସ୍ଥାଗୁଡିକ ଋଣ ପୁନର୍ଗଠନ ଦିଗରେ ସରକାର ବିଚାର କରନ୍ତୁ ବୋଲି ସଂଘ ନିବେଦନ କରିଛି। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ଡିଆଇର ନିର୍ଦ୍ଦେଶକ ଡ.ଏସ୍.କେ.ସାହୁ, ଏନ୍‌ଏସ୍ ଆଇସି ଡିଏମ୍ ପି.ସି. ନାୟକ, ଏନ୍‌ଏସ୍‌ଆଇସି ଡିଜିଏମ୍ ସଞ୍ଜୟ ରଉତଲେ, ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥ, ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ସଚିବ ଏମ୍.କେ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ୩୦ ଶାଖା ଖୋଲିବ ସିଣ୍ଡିକେଟ ବ୍ୟାଙ୍କ: ସିଇଓ

ଭୁବନେଶ୍ୱର,୮-୬(ବ୍ୟୁରୋ)

- ଚଳିତବର୍ଷ ଲାଭଜନକ ସ୍ଥିତିକୁ ଫେରିବ
- ଏମ୍‌ଏସ୍‌ଏମ୍‌ଇକୁ ୨୦ମିନିଟ୍‌ରେ ଋଣ ମଞ୍ଜୁରୀ
- ସୁଧହାର ହ୍ରାସ ନେଇ ବିଚାର କରୁଛି
- ଡିଜିଟାଲ ବ୍ୟାଙ୍କିଙ୍ଗ ଲାଗି ବାର୍ଷିକ ୭୦୦ କୋଟି ବିନିଯୋଗ




ସିଣ୍ଡିକେଟ ବ୍ୟାଙ୍କ ବର୍ତ୍ତମାନ ଭୁବନେଶ୍ୱରରେ ୨ ଏବଂ ବ୍ରହ୍ମପୁରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ସହ ସେବା ଯୋଗାଉଛି। ରାଜ୍ୟରେ ସହରୀକରଣ ଧାରା ଦ୍ରୁତ ହେଉଥିବାରୁ ଏହି ଧାରାକୁ ତ୍ୱରାନ୍ୱିତ କରିବା ଲାଗି ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ନେଉଛି। ରାଜ୍ୟରେ ମୋଟ ୧୦୮ ଶାଖା ସହ ବ୍ୟାଙ୍କ ସେବା ଯୋଗାଣ କରୁଛି। ଚଳିତବର୍ଷ ସାରା ଦେଶରେ ୨୫୦ ଶାଖା ସହ ରାଜ୍ୟରେ ୨୫ ରୁ ୩୦ ନୂଆ ଶାଖା ଖୋଲିବା ନେଇ ଯୋଜନା ରହିଥିବା ବ୍ୟାଙ୍କର ଏମ୍‌ଡି ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି।

ଭୁବନେଶ୍ୱର-୨ ଆଞ୍ଚଳିକ କାର୍ଯ୍ୟାଳୟର ନିଜସ୍ୱ ଅଫିସଗୃହ ଶୁଭ ଉଦଘାଟନ ଅବସରରେ ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱର-୧ କାର୍ଯ୍ୟାଳୟର ମୋଟ ବ୍ୟବସାୟ ୨୫୬୬ କୋଟି ଟଙ୍କା ରହିଛି। ସେହିଭଳି ଭୁବନେଶ୍ୱର-୨ କାର୍ଯ୍ୟାଳୟ ୧୩୦୦ କୋଟି ଏବଂ ବ୍ରହ୍ମପୁର ୯୦୦ କୋଟି ଟଙ୍କାର କାରବାର ହାସଲ କରିଛି। ସାରା ଦେଶରେ ୪,୨୦୦ ଶାଖା ସହ ମୋଟ କାରବାର ୪.୯୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ଶିଳ୍ପକୁ ଋଣ ପ୍ରଦାନ ବାଦ ହାଉସିଂ, ଏମ୍‌ଏସ୍‌ଏମ୍‌ଇ, ପିଏସ୍‌ବି ଲୋନ ୫୯ ମିନିଟ ଋଣ ଭଳି ପ୍ରଡକ୍ଟ ବ୍ୟାଙ୍କ ଏହାର ପୋର୍ଟଫୋଲିଓରେ ସାମିଲ କରିଛି। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧିକୁ ଧ୍ୟାନରେ ରଖି ସଂସ୍ଥାଗୁଡିକୁ ୨୦ ମିନିଟରେ ଋଣ ପ୍ରଦାନ କରିବା ନେଇ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

ବ୍ୟାଙ୍କର ଡିଜିଟାଲ ପଦକ୍ଷେପ ଉପରେ ସୂଚନା ଦେଇ ସେ କହିଛନ୍ତି, ବ୍ୟାଙ୍କ ଡିଜିଟାଲ ବ୍ୟାଙ୍କିଙ୍ଗ ଭିତ୍ତିଭୂମିରେ ବାର୍ଷିକ ପ୍ରାୟ ୭୦୦ କୋଟି ଟଙ୍କା ଖର୍ଚ୍ଚ କରୁଛି। ସେହିଭଳି ପାର୍ଟନେରଙ୍କ ସହ ମିଳିତ ହୋଇ ଏହା ସମ୍ପ୍ରସାରଣ ଧାରା ଜାରି ରଖିଛି। ବ୍ୟାଙ୍କର ମୋଟ ନେଣଦେଣର ୨୮% ଏବେ ଡିଜିଟାଲ ମାଧ୍ୟମରେ ହେଉଛି। ଆଗାମୀ ୨ ବର୍ଷରେ ଏହା ୪୫%କୁ ବଢିବା ନେଇ ମହାପାତ୍ର ଆଶା ରଖିଛନ୍ତି। ପରିବର୍ତ୍ତିତ ସ୍ଥିତିରେ ଗ୍ରାହକଙ୍କୁ ସେବା ଯୋଗାଣ ଏବଂ ରାଜ୍ୟରେ କୃଷି ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହିତ କରାଯାଉଥିବା ସେ ପ୍ରକାଶ କରିଛନ୍ତି।

ଚଳିତବର୍ଷ ୫୦୦ରୁ ୧୦୦୦ କୋଟି ଟଙ୍କା ଲାଭ ହାସଲ କରିବା ନେଇ ଆଶାବାଦୀ ଥିବା ମହାପାତ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ ବ୍ୟାଙ୍କର ନେଟ୍ ଏନ୍‌ପିଏ ୫.୯% ଏବଂ ଗ୍ରସ୍ ଏନ୍‌ପିଏ ୧୦.୯% ରହିଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କର ନେଟ୍ ଏନ୍‌ପିଏ ୫.୪%ରେ ପହଞ୍ଚିବ। ନୂଆ ୨୫ ରିଜିଅନ ଖୋଲିବା ଦ୍ୱାରା ଏହା ବର୍ତ୍ତମାନ ମୋଟ ୯୫ରେ ପହଞ୍ଚିଛି। ଗତ ୨ ତ୍ରୈମାସରେ ବ୍ୟାଙ୍କ ଟର୍ନ ଆରାଉଣ୍ଡ କରିଥିବା ବେଳେ ଡିସେମ୍ବର ତ୍ରୈମାସରେ ୧୦୮ କୋଟି ଏବଂ ମାର୍ଚ୍ଚ ତ୍ରୈମାସରେ ଏହା ୧୨୮ କୋଟି ଟଙ୍କା ଲାଭ କରିଛି। ମାତ୍ର ଗତ ଆର୍ଥିକ ବର୍ଷରେ ବ୍ୟାଙ୍କ ୨୪୭୮ କୋଟି ଟଙ୍କା କ୍ଷତି ସହିଛି। ସେହିଭଳି ବ୍ୟାଙ୍କ ୧୦ରୁ ୧୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିବା ନେଇ ସେ ଆଶା ରଖିଛନ୍ତି।

# ଦେବଗଡ଼ରୁ ଉଭେଇଗଲାଣି ରିକ୍ସା

**ଶଶାଙ୍କଶେଖର ଝାଙ୍କର**
ଦେବଗଡ଼, ୮।୬

- ଦିନ ଥିଲା ଲୋକଙ୍କର ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାର ମାଧ୍ୟମ ଥିଲା
- ରିକ୍ସା ବ୍ୟବସାୟ ବନ୍ଦ, ଚାଳକ ଜୀବିକା ହରାଇ ଦୟନୀୟ ଅବସ୍ଥାରେ

ଦିନ ଥିଲା ଦେବଗଡ଼ ସହରର ଜନସାଧାରଣ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା ପାଇଁ ରିକ୍ସା ଉପରେ ନିର୍ଭର କରୁଥିଲେ। ବସଷ୍ଟାଣ୍ଡ, ଡ଼ାକ୍ତରଖାନା ଓ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ବହୁ ସଂଖ୍ୟାରେ ରିକ୍ସା ଦେଖିବାକୁ ମିଳୁଥିଲା। ହେଲେ ଆଜି ରିକ୍ସା ସ୍ୱପ୍ନ ହୋଇଯାଇଛି। ଲୋକେ ବସି ଯିବାଆସିବା କରୁଥିବା ରିକ୍ସା ଆଜି ଦେବଗଡ଼ ସହରରେ କେଉଁଠି ବି ନାହିଁ। ସହର ସମେତ ଆଖପାଖ ଅଞ୍ଚଳରୁ ଉଭେଇ ଗଲାଣି ଏହି ରିକ୍ସା। ମାଲପରିବହନ କରାଯାଉଥିବା କାଠପଟା ଟ୍ରଲି ରିକ୍ସା କାଁ ଭାଁ ଦେଖିବାକୁ ମିଳୁଛି। ରିକ୍ସା ବ୍ୟବସାୟ ଏକ ପ୍ରକାର ବନ୍ଦ ହୋଇଯାଇଥିବାରୁ ରିକ୍ସା ଚାଳକମାନେ ଜୀବିକା ହରାଇ ଦୟନୀୟ ଜୀବନଯାପନ କରୁଛନ୍ତି। କେହି କେହି ଅନ୍ୟ ପନ୍ଥା ଗ୍ରହଣ କରିନେଇଛନ୍ତି।

ଅତୀତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଦେବଗଡ଼ ସହରରେ ଗମନାଗମନ ପାଇଁ ପ୍ରଥମେ କୌଣସି ସୁବିଧା ନ ଥିଲା। ସେଥିପାଇଁ ଲୋକେ ନିଜେ ବସ୍‌ଷ୍ଟାଣ୍ଡକୁ ନିଜର ଜିନିଷପତ୍ର ନେବା ଆଣିବା କରିବା ସହ ଚାଲିଚାଲି ଯିବାଆସିବା କରୁଥିଲେ। କେହି କେହି କୁଲିର ସହାୟତା ନେଉଥିଲେ। ୧୯୬୯ରେ ଲୋକଙ୍କୁ ନେବା ଆଣିବା ପାଇଁ ପ୍ରଥମେ ଇସ୍‌ମାଇଲ ଖାଁନ୍ ନାମକ ଜଣେ ବ୍ୟକ୍ତି ଦେବଗଡ଼ ସହରକୁ ରିକ୍ସା ଆଣିଥିଲେ ବୋଲି ପୁରୁଖା ଲୋକେ କହନ୍ତି। ନୂଆ ନୂଆ ଦେବଗଡ଼ରେ ରିକ୍ସା ଚାଲିଥିବାରୁ ବହୁ ଚାହିଦା ଥିଲା। ସେତେବେଳେ ରିକ୍ସାରେ ଯିବାଆସିବା କରୁଥିବା ବ୍ୟକ୍ତି ଧନୀକ ଶ୍ରେଣୀ ଏବଂ ଆଭିଜାତ୍ୟ ସମ୍ପନ୍ନ ବ୍ୟକ୍ତିଭାବେ ପରିଗଣିତ ହେଉଥିଲେ। ସେତେବେଳେ ହେମନ୍ତ ଭୁକ୍ତା ଓ ଅନ୍ୟ କେତେଜଣ ରିକ୍ସା ଚାଳନା କରୁଥିଲେ। ସେତେବେଳେ ରିକ୍ସା ଭଡ଼ା ୨୫ ପଇସାରୁ ଏକ ଟଙ୍କା ମଧ୍ୟରେ ଥିଲା। ଏହା ଏକ ଲାଭଜନକ ବ୍ୟବସାୟ ଭାବେ ପରିଗଣିତ ହେଉଥିବାରୁ ଦେବଗଡ଼ ସହରରେ କେତେକ ବ୍ୟକ୍ତି ରିକ୍ସା ଆଣି ଭଡ଼ା ଦେଇ ଭଲ ଉପାର୍ଜନ କରିବାକୁ ଲାଗିଲେ। ଏମାନଙ୍କ ମଧ୍ୟରେ ଶାସନସାହିର ବିପିନ ନନ୍ଦ ୧୯୭୧ମସିରେ ୧୫୦୦ ଟଙ୍କା ଲେଖାଏଁ ଦେଇ ସମ୍ବଲପୁରରୁ ଦୁଇଟି ରିକ୍ସା ଆଣିଥିଲେ। ଦୈନିକ ଚାରି ଟଙ୍କା ଭଡ଼ାରେ ଅନ୍ୟମାନଙ୍କୁ ଚଳାଇବାକୁ ଦେଇଥିଲେ। ତାଙ୍କ ପରେ ୧୯୭୨-୭୩ରେ ରେବତୀ କର ନାମକ ବ୍ୟକ୍ତି ରାଉରକେଲାରୁ ଏକାବେଳେ ଛଅଟି ରିକ୍ସା ଆଣିଥିଲେ। ସେ ମଧ୍ୟ ଭଡ଼ା ନେଇ ଅନ୍ୟମାନଙ୍କୁ ଚଳାଇବାକୁ ଦେଉଥିଲେ। ଚାଳକମାନେ ଲୋକଙ୍କୁ ନେବା ଆଣିବା କରିବା ସହ ଭଲ ଉପାର୍ଜନ କରୁଥିଲେ। ରିକ୍ସାମାଲିକଙ୍କୁ ଭଡ଼ା ଦେଇ ମଧ୍ୟ ଲାଭ ପାଉଥିଲେ। କ୍ରମେ ଦେବଗଡ଼ରେ ରିକ୍ସା ବ୍ୟବସାୟ ଏକ ଲାଭଜନକ ପନ୍ଥା ହୋଇଥିଲା। ଅନେକ ଲୋକ ରିକ୍ସା ଆଣି ଭଡ଼ା ଦେଲେ। ଫଳରେ ଗରିବ ଲୋକମାନଙ୍କର ଏକ ଉପାର୍ଜନର ପନ୍ଥା ହେଲା ଏବଂ ସାଧାରଣ ଲୋକ ମଧ୍ୟ ଭଡ଼ାରେ ଯିବାଆସିବା କରୁଥିଲେ। ସେମାନେ ଭଲ ଦି ପଇସା ରୋଜଗାର କରି ରିକ୍ସା ମାଲିକଙ୍କୁ ଭଲ ଦି ପଇସା ଦେଉଥିଲେ। ଅନେକ ରିକ୍ସା ଚାଳକ ଭଡ଼ା ରିକ୍ସା ନ ଚଳାଇ ନିଜେ ମଧ୍ୟ ରିକ୍ସା ଆଣିଥିଲେ। କେହି କେହି ବ୍ୟାଙ୍କ ଋଣକରି ରିକ୍ସା କିଣି ଚାଳନା କରୁଥିଲେ। ୧୯୮୦ ରୁ ୨୦୦୦ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରିକ୍ସା ବହୁ ସଂଖ୍ୟାରେ ଦେଖିବାକୁ ମିଳୁଥିଲା। କିନ୍ତୁ କ୍ରମେ କ୍ରମେ ରିକ୍ସା ସ୍ଥାନରେ ଟେମ୍ପୋଗାଡ଼ି ବା ଅଟୋ ରିକ୍ସା ଆସିବାରୁ ମଣିଷ ଟଣା ରିକ୍ସାର ଚାହିଦା କମିଗଲା। ଫଳରେ ବର୍ତ୍ତମାନ ଦେବଗଡ଼ ସହରରେ ରିକ୍ସା ପ୍ରାୟ ଦେଖିବାକୁ ମିଳୁନାହିଁ। ଯାତ୍ରୀ ପରିବହନ କରାଯାଉଥିବା ରିକ୍ସା କେଉଁଠି କାଁଭାଁ ଭଙ୍ଗା ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳେ। ଅବଶ୍ୟ ଆଧୁନିକ ଯୁଗରେ ଦେବଗଡ଼ ସହରରେ ମଣିଷ ଦ୍ୱାରା ଟଣାଯାଉଥିବା ରିକ୍ସାର ଆଦର କମି ବର୍ତ୍ତମାନ ଅଟୋରିକ୍ସାର ଚାହିଦା ବଢ଼ିଛି। ଏହି ଧାରା ପ୍ରାୟ ପ୍ରତ୍ୟେକ ସହରରେ ହୋଇଥିବା ଯୋଗୁ ସବୁ ଯାଗାରେ ରିକ୍ସା ଆଉ ନାହିଁ କହିଲେ ଚଳେ। କାଁଭାଁ କେତେକ ସହରରେ ଦେଖିବାକୁ ମିଳୁଛି। ସମୟ ଆସିବ ଅଗାମୀ ଦିନରେ ପିଲାମାନେ ରିକ୍ସାର ଚିତ୍ର କେବଳ ପଢ଼ାବହିରେ ଦେଖିବାକୁ ପାଇବେ।


ଦେବଗଡ଼ ସହରରେ ଭଙ୍ଗା ଅବସ୍ଥାରେ ପଡିରହିଛି ଏକ ରିକ୍ସା।

## ଆମ୍ ଚାଷ୍ ଦେଇଛେ ଜୀବ୍‌କା
# ପୋରଛାହନ୍ ଅଭାବ, ତଥାପି ସଫଲ


ନିଜ ଆମ୍ ବଗିଚାରେ ସୁବାସ।

**ପଦ୍ମପୁର, ୮।୬ (ଡି.ଏନ.ଏ)**

ଫଲ ଭିତରେ ରଜା ହେଉଛେ ଆମ୍। ସାରା ବିଶ୍ୱରେ ଅମ୍‌ର ଚାହିଦା କାହିଁରେ କେତେ। ଆଘ ଗାଁଗାଁଲିମାନକେ ଅନେକ କିସମର ଆମ୍ ଦେଖିବାକେ ମିଳୁଥିଲା। ଲୋକ୍ ଆମ୍ ବୁରେଇ ତିଆର କରୁଥିଲେ। ରୁତୁ ସମିଆରେ ଆମ୍ ବୁରେଇରେ ଡେରା ପକେଇ ଜୁଗୁଥିଲେ। ଆମ୍ ବତର ହେଲେ ସେଟାକେ ବଜାରରେ ବିକି ଭଲ ଦୁଇପଏସା କମଉଥିଲେ। ଯେନ୍‌ଥିରେ ତାକର ପରିବାରର ବନେ ମାସ୍‌କେତେର ତେଲନୁନ୍ ବାହାରି ପଡ଼ୁଥିଲା। ହେଲେ ଆଏଜ୍‌କାଲି ହାତ୍ ଗନ୍‌ତି କେତେ ଗାଁଗଡ଼ାକେ ଛାଡ଼ିଦେଲେ ଆର ଆମ୍‌ବୁରେଇ ଦେଖିବାକେ ନାଇଁମିଲବାର। ଆମ୍ ବଗିଚା କରବାରଟା ଆଏଜ୍‌କାଲି ବଡ଼ବଡ଼ିଆ ଲୋକ୍, ଚାଷୀକର ଗୁଟେ ସଉକରେ ପରିନତ୍ ହେଇଛେ। ବଗିଚାରେ ଭିନେ ଭିନେ କିସମର ଉନ୍‌ନତ ଧରନ୍‌ର ଆମ୍ ଗଛ ଲଗେଇ ଭଲ ଦୁଇ ପଏସା କମଉଛନ୍। ଆମର ରାଏଜେ, ଦେଶ୍‌ରେ ଆମ୍‌ର ବହୁତ୍ ଚାହିଦା ରହିଥିଲାବେଲେ ଭଲ କିସମର ଆମ୍ ବିଦେଶକେ ରପ୍‌ତାନୀ ହେଉଛେ। ସରକାର ଚାଷୀକୁ ଆମ୍ ବଗିଚା କରବାକେ ଅନେକ ପରକାର ସୁବିଧା ବି ଯୁଗେଇ ଦେଉଛନ୍। ଚାଷୀ ଇଥିରେ ଭଲ ଦୁଇପଏସା କମାବାର ସଂଗେ ତାର ଆରଥିକ୍ ଥିତି ମଜବୁତ ହେଉଛେ। ଏନ୍‌ତା ଝନେ ସଫଲ ଆମ୍ ଚାଷୀକୁ ଦେଖିବାକେ ମିଲିଛେ ବରଗଡ଼ ଜିଲା ପଦ୍ମପୁର ବ୍ଲକର ସତୀଭଟା ଗାଁରେ।

ସୂଚନା ହିସାବେ ସତୀଭଟା ଗାଁର ସୁବାଷ ପଟେଲ ଅଂଚଲରେ ଝନେ ସଫଲ ଆମ୍ ଚାଷୀ ବଲି ନାଁ କମେଇଛନ୍। ସେ ବିଦ୍ୟୁତ୍ ବିଭାଗରୁ ଲାଇନ୍‌ମ୍ୟାନ ଚାକିରିରୁ ଅବସର ନେଲା ଉତାରୁ ନିଜର ପଡ଼ିଆ ପଡ଼ିଥିବାର ୩ ଏକର ଜମିରେ ଗୁଟେ ଆମ୍ ବଗିଚା କରବାର ସଂଗେ ଉନିଆ ଗଛ୍‌ଖୁଟ ବି ଲଗେଇଛନ୍। ଏହେଦେ ସେ ପଡ଼ିଆ ଜମିରେ ସୁବାଷ ସୁନା ଫଲଉଛନ୍ କହିଲେ କିଛି କମ୍ ନାଇଁ ହୁଏ। ୨୦୦୩ ମସିହାରେ ସେ ପହେଲା ମୋଟ ୪୦ଟା ଆମ୍ ଗଛ ଲଗେଇଥିଲେ। ସେଠାନେ ପାଏନ୍‌ର ସୁବିଧା ନାଇଁଥିବାର ଲାଗି ନିଜର ମୋପେଡ ଗାଡ଼ିରେ ପାସର ବଁଧୁ ପାଏନ୍ ଆନି ଗଛ୍ ବଁଚେଇଥିଲେ। ପଛେ ଚାକିରିରୁ ଅବସର ନେଲା ଉତାରୁ ଜମିରେ ୨ଟା ଗଭୀର ନଲ୍‌ଚୁଆଁ ଖୁଡ଼ି ଜମିରେ ବହୁତ୍‌ଟେ ଆମ୍‌ଗଛ ଲଗେଇଛନ୍। ସେ ତାକର ବଗିଚାରେ ମଲିକା, ଦସରୀ, ବାଇଗଣପଲେଇ, ଆମ୍ରପର୍ଲି ଲେଖେଁ ଉନ୍‌ନତ କିସମର ଆମ୍ ଗଛ ଲଗେଇଛନ୍। ଇ ବଗିଚା କରବାର ଲାଗି ପାସର ଉଦ୍ୟାନ ବିଭାଗର ତେଜରାଜ ପଟେଲ ତାହାକୁ ଉସ୍‌କେଇଥିଲେ ବଲି କହିଛନ୍ ସୁବାଷ। ଇ ଆମ୍ ଚାଷ୍‌ରୁ ବଛରକ ସେ ପାଖାପାଖି ୮୦ ହଜାର ଟଁକା ଲାଭ କରବାର ଆଶ୍ ରଖିଛନ୍। ଇତାର ବାହାରେ ଜଂଗଲରୁ ଲୋପ ପାଇଯାଉଥିବାର ଗଛ୍ ଯେନ୍‌ତା କି ଅଁଏଲା, ବାହାଡ଼ା ଲେଖେଁ ଗଛ୍ ଲଗେଇଛନ୍। ହେଲେ ଇ ସଫଲ ଆମ୍ ଚାଷୀ ଗୁଟେ ପେକ ହାଉସ ଦେବାର ଲାଗି ଉଦ୍ୟାନ ବିଭାଗରେ ବାରବାର ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇତାର ସଂଗେ ଆମ୍ ବିକ୍‌ରି ଲାଗି ସରକାର ବେବସ୍‌ତା କରୁନ ବଲି ବି ସେ କହିଛନ୍।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ
# ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

**ବଡ଼ବିଲ, ୮।୬ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଗ୍ରାମର ରୋହିତ ଶାସ୍ତ୍ରୀ ନାମକ ଜଣେ ଯୁବକଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ଗୁରୁତର ରୋହିତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଅଭିଯୋଗ କ୍ରମେ ବଡ଼ବିଲ ଥାନାରେ ଏକ ମାମଲା(ନଂ. ୧୨୭/୨୦୧୯) ରୁଜୁ କରାଯାଇଛି। ଆକ୍ରମଣକାରୀ ଠାକୁରାଣୀ ଗ୍ରାମର ଭଗବାନ ଦାଶଙ୍କୁ ପୋଲିସ ଗିରଫ କରିବା ସହ ବ୍ୟବହୃତ ଖଣ୍ଡାକୁ ଶନିବାର ଜବତ କରିଛି। ସୂଚନା ଅନୁଯାୟୀ, ଭଗବାନ ଶୁକ୍ରବାର ରୋହିତଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରୋହିତଙ୍କୁ ପ୍ରଥମେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶନିବାର ଅଭିଯୁକ୍ତ ଭଗବାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## କ୍ରିକେଟ ଖେଳିବାକୁ ଆସି ଦିବ୍ୟାଙ୍ଗ ହଟହଟା
# ଜିଲାପାଳଙ୍କ ଆବାସିକ ଅଫିସ୍ ଆଗରେ ଧାରଣା

**ବୌଦ୍ଧ, ୮।୬(ସ୍ୱ.ପ୍ର)**

ବୌଦ୍ଧକୁ ବିଭିନ୍ନ ଜିଲାର ପ୍ରାୟ ୫୦ଜଣ ଦିବ୍ୟାଙ୍ଗ ପିଲା କ୍ରିକେଟ ଖେଳିବାକୁ ଆସି ହଟହଟା ହୋଇଛନ୍ତି । ସେମାନେ ନ୍ୟାୟ ପାଇଁ ଶନିବାର ସନ୍ଧ୍ୟାରୁ ବୌଦ୍ଧ ଜିଲାପାଳଙ୍କ ଆବାସିକ ଅଫିସ୍ ଆଗରେ ଧାରଣାରେ ବସିଛନ୍ତି । ଜିଲାପାଳ ନ ଥିବାରୁ ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ୧୦ଟା ୨୦) ଧାରଣା ଜାରି ରହିଛି। ସୂଚନା ଅନୁସାରେ, ବୌଦ୍ଧର ଓଡିଶା ଦିବ୍ୟାଙ୍ଗ ସ୍ପୋର୍ଟସ ଓ କଲଚରାଲ ଆସୋସିଏଶନ ନାମକ ଅନୁଷ୍ଠାନ ପକ୍ଷରୁ ଗତ ୬ ତାରିଖରୁ ତିନିଦିନିଆ କ୍ରିକେଟ୍ ଟୁର୍ନାମେଣ୍ଟ ସ୍ଥାନୀୟ କଚେରୀ ପଡିଆରେ ଆରମ୍ଭ ହୋଇଥିଲା । ଉକ୍ତ ପଡିଆରେ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଜିଲା ପ୍ରଶାସନ ମଧ୍ୟ ଅନୁମତି ଦେଇଥିଲା। ଏହି ଟୁର୍ନାମେଣ୍ଟରେ ମୟୂରଭଞ୍ଜ, କଟକ, ବାଲେଶ୍ୱର ଓ ଭଦ୍ରକ ଜିଲାର ଦିବ୍ୟାଙ୍ଗ ପିଲାମାନେ ଭାଗ ନେଇଥିଲେ। ଶନିବାର ମୟୂରଭଞ୍ଜ ଓ ବାଲେଶ୍ୱର ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ମୟୂରଭଞ୍ଜ ଚାମ୍ପିୟନ ହୋଇଥିବା ବେଳେ ବାଲେଶ୍ୱର ଦଳ ରନର୍ସ ଅପ୍ ହୋଇଥିଲା। ତେବେ ମ୍ୟାଚ୍ ଶେଷ ହେବା ପରେ ଟୁର୍ନାମେଣ୍ଟ ଆୟୋଜକ ଅନୁଷ୍ଠାନର ମୁଖ୍ୟ ଫେରାର ହୋଇଛନ୍ତି। ଫଳରେ ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର୍ସ ଅପ୍ ଦଳ ସମେତ ଅନ୍ୟ ଦଳର ଖେଳାଳିମାନଙ୍କୁ ମିଳିବାକୁ ଥିବା ପୁରସ୍କାର ବାବଦ ଅର୍ଥରାଶି, ଟିଏ ଓ ଡିଏ ମିଳିନାହିଁ । ତେଣୁ ଖେଳାଳିମାନେ ଭୋକ ଉପାସରେ ରହିଛନ୍ତି । ଅନ୍ୟପକ୍ଷେ ଆୟୋଜକ ଅନୁଷ୍ଠାନ ମୁଖ୍ୟଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ଦିବ୍ୟାଙ୍ଗ ଖେଳାଳିମାନେ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଆବାସିକ ଅଫିସ୍ ଆଗରେ ଧାରଣା ଦେଇଛନ୍ତି । ଏ ସମ୍ପର୍କରେ ଉପଜିଲାପାଳ ଏନ୍. ସି ଜ୍ୟୋତିରଞ୍ଜନ ନାଏକଙ୍କୁ ପଚାରିବାରୁ ଆମେ କେବଳ ପଡିଆରେ ମ୍ୟାଚ୍ କରିବା ପାଇଁ ଅନୁମତି ଦେଇଥିଲୁ । ବେସରକାରୀ ଅନୁଷ୍ଠାନ ଏହାର ଆୟୋଜକ ଥିବାରୁ ସେଥିରେ ଆମର କିଛି କରିବାର ନାହିଁ ବୋଲି ସେ କହିଥିଲେ । ତେବେ ଏ ସମ୍ପର୍କରେ ଆୟୋଜକ ଅନୁଷ୍ଠାନର ମୁଖ୍ୟଙ୍କ ମତାମତ ମିଳିପାରିନାହିଁ ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ
# ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକଙ୍କୁ କୋର୍ଟ ଚାଲାଣ

**ବେତନଟୀ,୮।୬(ଡି.ଏନ୍.ଏ.):** କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ମୟୂରଭଞ୍ଜ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ୟୁନିଟର ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକ ସୁମନ୍ତ ସାହୁଙ୍କୁ ଶନିବାର ବାରିପଦା ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ଭଦ୍ରକ ଭିଜିଲାନ୍ସ ଡି.ଏସ୍.ପି. ସଞ୍ଜୟ କୁମାର ଦାସମହାପାତ୍ରଙ୍କ ନେତୃତ୍ୱରେ ସୁମନ୍ତଙ୍କ ବେତନଟୀ ଥାନା ଅଧିନ ସଠିଲୋ ଗ୍ରାମରେ ଥିବା ଘର ସମେତ ୫ଟି ସ୍ଥାନରେ ଚଢାଉ କରାଯାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଶୁକ୍ରବାର ସକାଳଠାରୁ ରାତି ୮ଟା ପର୍ଯ୍ୟନ୍ତ ଚଢାଉ ଚାଲିଥିବା ବେଳେ ସୁମନ୍ତଙ୍କୁ ଭିଜିଲାନ୍ସ ପୋଲିସ୍ ଅଟକ ରଖି ତଦନ୍ତ କରୁଥିଲେ।

# ଶିଶୁ ଶିଳ୍ପୀଙ୍କ ସ୍ପର୍ଶରେ ଜୀବନ୍ତ ହେଲା ମାଟିର ପ୍ରତିକୃତି

**ବାଲେଶ୍ୱର ଅଫିସ,୮।୬**

## ଟେରାକୋଟା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଫାମାସ' ପକ୍ଷରୁ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଟେରାକୋଟା ପ୍ରଶିକ୍ଷଣ ଶିବିର ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉତ୍ସବ ଗୁଞ୍ଜନ-୨୦୧୯ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଶିଶୁ ଶିବିରାର୍ଥୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସେହି ଶିଶୁ ଶିଳ୍ପୀଙ୍କ ସ୍ପର୍ଶରେ ମାଟିର ପ୍ରତିକୃତି ସତେ ଯେମିତି ଜୀବନ୍ତ ହୋଇ ଉଠିଥିଲା। ମାଟିରେ କିଛି ନା କିଛି ତିଆରି କରିବା ଶିଖି ଶିଶୁମାନେ ଏଥିରେ ମଜ୍ଜି ରହିଥିଲେ।

ବାଲେଶ୍ୱରର ଷ୍ଟେଶନ ରାସ୍ତାରେ ଥିବା ଏକ ଘରୋଇ ସ୍କୁଲ ପରିସରରେ ସନ୍ଧ୍ୟା ୭ଟା ସମୟରେ ଆୟୋଜିତ ହୋଇଥିଲା ଏହାର ଉଦ୍‌ଯାପନ ଉତ୍ସବ। ପଦ୍ମଶ୍ରୀ ଶିଳ୍ପୀଗୁରୁ ପ୍ରଭାକର ମହାରଣା ଉଦ୍‌ଘାଟକ ଭାବେ ଯୋଗଦେଇ 'ଫାମାସ' ପରିବାରର ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଝାଡ଼େଶ୍ୱର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍‌ର ଚେୟାରମ୍ୟାନ୍ ପରମାନନ୍ଦ ସାନ୍ତରା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ରୋହିଣୀକାନ୍ତ ରାୟ, ଅନସୂୟା ନାୟକ, ସମ୍ପାଦକ ଦିଲ୍ଲୀପ ପରିଡ଼ା, ବରିଷ୍ଠ ସଦସ୍ୟ ଡ. ଶାନ୍ତନୁ ଦାସ, କାର୍ଯ୍ୟକ୍ରମ ସଂଯୋଜକ ସୁରେଶ ଉପାଧ୍ୟାୟ, ଟେରାକଟା ପ୍ରଶିକ୍ଷକ ଗୁରୁ ଅଲେଖ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଟେରାକୋଟା ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିବ ବୋଲି ଅଭିଭାବକ ବିଜୟ ଦାସ ମତବ୍ୟକ୍ତ କରିଥିଲେ। ଅମୂଲ୍ୟ ମହାନ୍ତି, ପୂର୍ଣ୍ଣେନ୍ଦୁ ମହାନ୍ତି, ସଞ୍ଜୀବ ନାୟକ, ସାଇରୁଲ ହକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ପୌର ପରିଷଦ, ବେଲପାହାଡ଼

**ଧରିତ୍ରୀ** ସମ୍ବାଦପତ୍ରର ୧୩ତମ ସମ୍ବଲପୁର ସଂସ୍କରଣର ପ୍ରକାଶନ ପାଳନ ଉପଲକ୍ଷେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

**ପୌରବାସୀଙ୍କୁ ନିବେଦନ :-**

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ନାମଫଳକଗୁଡିକୁ ଓଡ଼ିଆ ଭାଷାରେ ଲେଖନ୍ତୁ।
- ପୌର ପରିଷଦର ଦେୟ ଯଥାସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣସାମଗ୍ରୀ ଯଥା :- ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

| | | |
|---|---|---|
| ଶ୍ରୀ ଲୋକନାଥ କୁମାର ତିୱାରୀ<br>ନିର୍ବାହୀ ଅଧିକାରୀ<br>ପୌର ପରିଷଦ, ବେଲପାହାଡ଼ | ଶ୍ରୀମତୀ ଅନୁପମା ଭଏଁସା<br>ଉପାଧ୍ୟକ୍ଷା<br>ଏବଂ ପରିଷଦ ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ | ଶ୍ରୀ ପର୍ଶୁରାମ ସାହୁ<br>ଅଧ୍ୟକ୍ଷ<br>ପୌର ପରିଷଦ, ବେଲପାହାଡ଼ |

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲା ବିଜେପୁର ସେବା ସମବାୟ ସମିତିର ସମସ୍ତ ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀମତୀ ଗୀତାରାଣୀ ମହାପାତ୍ର (ସଭାପତି) | ଶ୍ରୀ ଦୟାନିଧି ସାହୁ (ସମ୍ପାଦକ)

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡା ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀମତୀ ସୁବର୍ଣ୍ଣ ମେହେର (ସରପଞ୍ଚ) | ଶ୍ରୀ ପାଣ୍ଡବ ନନ୍ଦ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଲାଉମୁଣ୍ଡା ସେବା ସମବାୟ ସମିତିର ସମସ୍ତ ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀ ଲଳିତ ପଧାନ (ସଭାପତି) | ଶ୍ରୀ ଧନଞ୍ଜୟ ପଧାନ (ସମ୍ପାଦକ)

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ବଡ଼ବାଉଁଶେନ ସେବା ସମବାୟ ସମିତିର ସମସ୍ତ ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀ ସଂଜୀବ କୁମାର ପଣ୍ଡା (ସଭାପତି) | ଶ୍ରୀ କୃପାସିନ୍ଧୁ ସାହୁ (ସମ୍ପାଦକ)

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାନବାଉଁସେନ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।
ଶ୍ରୀମତୀ ଗୀତା ବରିହା (ସରପଞ୍ଚ) | ଶ୍ରୀ ଚୂଡାମଣି ସାହା କାର୍ଯ୍ୟନିର୍ବାହୀ ଅଧିକାରୀ


ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାଇପାଲି ସେବା ସମବାୟ ସମିତିର ସମସ୍ତ ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀ ଯୋଗେଶ୍ୱର ଧରୁଆ (ସଭାପତି) | ଶ୍ରୀ ରାଜେନ୍ଦ୍ର ସାହୁ (ସମ୍ପାଦକ)

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଏମ ଶ୍ରୀଗୀଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀ ସୌକିଲାଲ ଜେନା (ସରପଞ୍ଚ) | ଶ୍ରୀ ନୀଳାଞ୍ଚଳ ପଧାନ କାର୍ଯ୍ୟନିର୍ବାହୀ ଅଧିକାରୀ

ଧରିତ୍ରୀ ସମ୍ବଲପୁର ସଂସ୍କରଣର ଚତୁର୍ଦ୍ଦଶତମ ସ୍ୱନକ୍ଷତ୍ର ସମାରୋହରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଏମ ଶ୍ରୀଗୀଡ଼ା ସେବା ସମବାୟ ସମିତିର ସମସ୍ତ ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ।

ଶ୍ରୀ ନିମାଇଁ ଚରଣ ସାହୁ (ସଭାପତି) | ଶ୍ରୀ ନିର୍ମଳ କୁମାର ଜେନା (ସମ୍ପାଦକ)



# ଆଜି ଅଷ୍ଟ୍ରେଲିଆକୁ ଭେଟିବ ଭାରତ

ଲଣ୍ଡନ,୮।୬(ପି.ଟି.)

ବିଶ୍ୱକପ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ନୂଆ ଗୌରବ ସନ୍ଧାନରେ ଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ରବିବାର ଏକ ବଡ଼ ପରୀକ୍ଷାର ସମ୍ମୁଖୀନ ହେବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଭାରତ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ତେଣୁ ଭିନ୍ନ ଧରଣର ରଣନୀତି ନେଇ ଭାରତ ପଡିଆକୁ ଓହ୍ଲାଇବ। ବିଶ୍ୱ କ୍ରିକେଟର ଦୁଇ ମହାଶକ୍ତି ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ଯାଉଥିବାରୁ କ୍ରିକେଟ ପ୍ରଶଂସକ ଏହି ମ୍ୟାଚ୍ ଦେଖିବାକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚ୍‌ରେ ଭାରତ ସୁନ୍ଦର ପ୍ରଦର୍ଶନ କରିଥିଲା। ଅନ୍ୟପଟେ ଅଷ୍ଟ୍ରେଲିଆ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଆଫଗାନିସ୍ତାନକୁ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ୱେଷ୍ଟଇଣ୍ଡିଜ୍ ସୁବିଧାଜନକ ସ୍ଥିତିରେ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରି ଶେଷରେ ବାଜି ମାରିଥିଲା। ଦଳର ଦୁଇ ତାରକା ଖେଳାଳି ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ବଲ ଟାମ୍ପରିଂ ମାମଲାରେ ବାସନ୍ଦ ହେବା ପରେ ଅଷ୍ଟ୍ରେଲିଆ ଗୋଟିଏ ବର୍ଷ ସଂଘର୍ଷ କରିଥିଲା। ତେବେ ଶେଷରେ ଅଷ୍ଟ୍ରେଲିଆ ଲୟକୁ ଫେରିଛି ଓ ଏହି ଦୁଇ ଖେଳାଳି ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୫ଥର ବିଶ୍ୱକପ୍ ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଏବେ ଚାମ୍ପିୟନ ଭଳି ପ୍ରଦର୍ଶନ କରୁଛି।

ଏହା ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଘରୋଇ ପରିବେଶରେ ଭାରତ ଅଷ୍ଟ୍ରେଲିଆଠାରୁ ଗତ ଦିନିକିଆ ସିରିଜରେ ପରାଜୟ ବରଣ କରିଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଏବେ ମଧ୍ୟ ଭାରତ ସଠିକ୍ ମିଶ୍ରଣ ସନ୍ଧାନରେ ରହିଛି। ଅଷ୍ଟ୍ରେଲିଆ ବ୍ୟାଟିଂ କୋଚ୍ ରିକି ପଣ୍ଟିଂ ଭାରତ ପାଇଁ ଅଲଗା ରଣନୀତି ପ୍ରସ୍ତୁତ କରିବା ପାଇଁ ଯୋଜନା କରିଥିଲେ। ଭାରତ ନିକଟରେ ଏବେ ଏକ କ୍ୱାଲିଟି ପେସ୍ ବୋଲିଂ ରହିଥିବାରୁ ଅଷ୍ଟ୍ରେଲିଆ ବ୍ୟାଟିଂରେ ସ୍ୱତନ୍ତ୍ର ରଣନୀତି ଆପଣାଇବ। ଭାରତ ଜଣେ କ୍ୱାଲିଟି ସ୍ପିନର ଓ କେଦାର ଯାଦବଙ୍କ ଭଳି ସ୍ପିନ୍ ଅଲରାଉଣ୍ଡରଙ୍କୁ ଖେଳାଇବା ସହ ଆଉଜଣେ ଦ୍ରୁତ ବୋଲରଙ୍କୁ ଖେଳାଇବାର ସମ୍ଭାବନା ରହିଛି। ତେବେ ସବୁ ପ୍ରକାର ପରସ୍ଥିତି ପାଇଁ ଆମେ ପ୍ରସ୍ତୁତ ରହିବୁ ବୋଲି ପଣ୍ଟିଂ କହିଛନ୍ତି। ଗତ ସିରିଜରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ସଫଳତାର ସହ ଭାରତୀୟ ସ୍ପିନରଙ୍କର ମୁକାବିଲା କରିଥିଲେ। ୱାର୍ନର ଓ ସ୍ମିଥ୍‌ଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତର ଫ୍ଲାଟ୍ ପିଚ୍‌ରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ ନିରାଶ କରିଥିଲେ। କେଦାର ଯାଦବଙ୍କ ସାଇଡ ଆର୍ମ ଅଫ୍‌ସ୍ପିନ୍‌କୁ ମଧ୍ୟ ଅଧିନାୟକ ଆରୋନ ଫିଞ୍ଚ୍ ଓ ଉସମାନ ଖ୍ୱାଜା ସଫଳତାର ସହ ସାମ୍ନା କରିଥିଲେ।

ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଦଳରେ ପରିବର୍ତ୍ତନ କରିବା ଆଶାକରାଯାଉଛି। ଓଭାର ପିଚ୍ ଓ ଓଭରକାଷ୍ଟ ଅର୍ଥାତ ମେଘୁଆ ପାଗକୁ ଆଖିଆଗରେ ରଖି ଭାରତ ଦଳରେ କେତୋଟି ପରିବର୍ତ୍ତନ କରିବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ନ ଥିବା ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଇବାର ଯଥେଷ୍ଟ ସମ୍ଭାବାନା ରହିଛି। ଏକ ସୁଚିନ୍ତିତ ରଣନୀତିର ଅଂଶ ସ୍ୱରୂପ ସାମିଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇ ନ ଥିଲା। ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ମାନେ ଦୁଇ ରିଷ୍ଟ ସ୍ପିନରଙ୍କୁ ଖେଳିବାର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ କଥା ଅଲଗା ହେବ। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ସାମିଙ୍କୁ ଖେଳିବାର ଅବଶ୍ୟ ଅଷ୍ଟ୍ରେଲିଆ ଖେଳାଳିମାନେ ସାମାନ୍ୟ ସମସ୍ୟାରେ ପଡିଥାନ୍ତି। ଅନ୍ୟତମ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ସ୍ପେଲ୍ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ତେବେ ଦ୍ୱିତୀୟ ସ୍ପେଲ୍‌ରେ ଉନ୍ନତ ବୋଲିଂ କରି ଦୁଇଟି ଉଇକେଟ ଅକ୍ତିଆର କରିବା ସହ କଞ୍ଜୁସ୍ ବୋଲିଂ କରିଥିଲେ। ଯଦି ଭାରତ ଦୁଇ ରିଷ୍ଟ ସ୍ପିନରଙ୍କ ସହ ସାମିଙ୍କୁ ଖେଳାଏ ତାହାଲେ ଭୁବନେଶ୍ୱର ବାହାରେ ବସିବା ନିଶ୍ଚିତ। ପୁଣି ଯଦି ଦୁଇ ସ୍ପିନରଙ୍କ ମଧ୍ୟରୁ ଜଣଙ୍କୁ ଖେଳାଯାଏ ତାହାଲେ ଚହଲ ବାହାରେ ବସିବେ। କାରଣ ଅଷ୍ଟ୍ରେଲିଆ ବିପକ୍ଷରେ କୁଲଦୀପଙ୍କ ସଫଳତା ହାର ଯଥେଷ୍ଟ ଅଧିକ ରହିଛି। ଗତ ସିରିଜରେ ମୋହାଲିରେ ଚହଲ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ ଓ ୧୦ ଓଭର ବୋଲିଂ କରି ବିନା ସଫଳତା ସହ ସେ ୮୦ ରନ ବ୍ୟୟ କରିଥିଲେ। କୁଲଦୀପ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆଗରେ ରହିବେ। ଅଷ୍ଟ୍ରେଲିଆର ବାମହାତୀ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ କୁଲଦୀପ ନିଜର ବାଉନ୍ସ ଓ ବିବିଧତା ପାଇଁ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି।


ଅଭ୍ୟାସ ସେସନ ଅବସରରେ ଅଷ୍ଟ୍ରେଲିଆ ଖେଳାଳି।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କେଦାର ଯାଦବ, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ ଓ ରବୀନ୍ଦ୍ର ଜାଡେଜା।

■ **ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଡେଭିଡ ୱାର୍ନର, ଉସ୍‌ମାନ ଖ୍ୱାଜା, ଷ୍ଟିଭ ସ୍ମିଥ୍, ମାର୍କସ ଷ୍ଟୋଇନିସ୍, ଗ୍ଲେନ୍ ମ୍ୟାକ୍ସୱେଲ, ଆଲେକ୍ସ କ୍ୟାରୀ, ଆଡାମ ଜାମ୍ପା, ପ୍ୟାଟ୍ କୁମିନ୍ସ, ନାଥାନ କୁଲ୍ଟର ନାଇଲ, ମିଚେଲ ଷ୍ଟାର୍କ, ନାଥନ ଲିୟନ, ଶନ୍ ମାର୍ଶ, ଜାସନ ବେହରନଡୋର୍ଫ ଓ କେନ ରିଚାର୍ଡସନ।

## ସଚିନଙ୍କ ସମକକ୍ଷ ହେବାକୁ ସୁଯୋଗ

**ଲଣ୍ଡନ, ୮।୬ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ଆଉଏକ ମାଇଲଖୁଣ୍ଟ ତଥା ରେକର୍ଡର ନିକଟତର ହୋଇଛନ୍ତି। ଚଳିତ ବିଶ୍ୱକପ୍‌ରେ ରବିବାର ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଥିବାବେଳେ କୋହଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହେବାର ସୁଯୋଗ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷରେ କୋହଲି ସବୁବେଳେ ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ଆଉ ଗୋଟିଏ ଶତକ ହାସଲ କଲେ କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ଶତକ ହାସଲ କରିବାରେ ସଚିନଙ୍କ ରେକର୍ଡର ସମକକ୍ଷ ହେବେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ସଚିନ ସର୍ବାଧିକ ୯ଟି ଶତକ ହାସଲ କରିଥିଲେ। ଯଦି ରବିବାର କୋହଲି ଆଉ ଏକ ଶତକ ହାସଲ କରନ୍ତି ତାହାଲେ ସଚିନଙ୍କ ରେକର୍ଡର ସମକକ୍ଷ ହେବେ।

## ହାଇ କମିଶନରଙ୍କୁ ଭେଟିଲା ଭାରତୀୟ ଦଳ

**ନୂଆଦିଲ୍ଲୀ, ୮।୬:** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଲଣ୍ଡନସ୍ଥିତ ଭାରତୀୟ ହାଇ କମିଶନର ରୁଚି ଘନଶ୍ୟାମଙ୍କ ବାସଭବନକୁ ଗସ୍ତ କରିଛନ୍ତି। ଭାରତୀୟ ଦଳର ସମସ୍ତ ସଦସ୍ୟ ଓ ସପୋର୍ଟ ଷ୍ଟାଫ ଲଣ୍ଡନରେ ଥିବା ଭାରତୀୟ ପ୍ରତିନିଧିଙ୍କ ସହ ଫଟୋ ଉଠାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଟୁଇଟରରେ କିଛି ଫଟୋ ଶେୟାର କରାଯାଇଛି। ଭାରତୀୟ ଦଳ ରବିବାର ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ପ୍ରବଳ ବର୍ଷା ଯୋଗୁ ଭାରତୀୟ ଦଳ ଶୁକ୍ରବାର ପ୍ରାକ୍ଟିସ କରିପାରି ନ ଥିଲେ।

# ଭାରତୀୟ ଦଳ ସନ୍ତୁଳିତ

**କୁମାର ସଙ୍ଗକାରା**

ବିଶ୍ୱକପ୍ ଆରମ୍ଭ ହେବାର ସପ୍ତାହେ ସମୟ ବିତି ଗଲାଣି ଓ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟ ବେଶ୍ ମଜାଦାର ସାବ୍ୟସ୍ତ ହୋଇଛି। ଇତିମଧ୍ୟରେ କେତୋଟି ବିପର୍ଯ୍ୟୟ ଓ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିଛି। ଟୁର୍ନାମେଣ୍ଟ ଫେଭରାଇଟ୍ ତଥା ଆୟୋଜକ ଇଂଲଣ୍ଡକୁ ପାକିସ୍ତାନ ହରାଇବା ଘଟଣା ବେଶ୍ ଉପଭୋଗ୍ୟ ହୋଇଥିଲା। ପାକିସ୍ତାନ ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜଠାରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଟ୍ରେଣ୍ଟ ବ୍ରିଜ୍‌ରେ ପାକିସ୍ତାନ ସମ୍ପୂର୍ଣ୍ଣ ଭିନ୍ନ ଦଳ ଭାବେ ପଡିଆକୁ ଓହ୍ଲାଇଥିଲା ଓ ଉନ୍ନତ ବୋଲିଂ ଓ ବ୍ୟାଟିଂରେ ଇଂଲଣ୍ଡକୁ ଚକ୍‌ମା ଦେଇ ବିଜୟ ହାସଲ କରିଥିଲା। ଇଂଲଣ୍ଡ ବିପକ୍ଷରେ ବଡ଼ ସ୍କୋର ହାସଲ କରିବା ସହ ବୋଲିଂରେ ବାମହାତୀ ଦ୍ରୁତ ବୋଲର ୱାହାବ ରିୟାଜ ଓ ମହମ୍ମଦ ଆମିର କମାଲ କରିଥିଲେ।

ଏହି ପରାଜୟ ସତ୍ତ୍ୱେ ଇଂଲଣ୍ଡ ଫେଭରାଇଟ ଦଳ ଭାବେ ତା'ର ସ୍ଥିତି ବଜାୟ ରଖିଛି। ତେବେ କୌଣସି ଦଳ ବିଶ୍ୱକପ୍‌ରେ ଆତ୍ମସନ୍ତୁଷ୍ଟି ଲାଭ କରିପାରିବେ ନାହିଁ। ଇଂଲଣ୍ଡକୁ ବାଦ୍ ଦେଲେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟ ଅନ୍ୟତମ ଫେଭରାଇଟ ଦଳ ଭାବେ ବିବେଚିତ ହେଉଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଛି। ଏହା ଦଳର ଆତ୍ମବିଶ୍ୱାସରେ ବୃଦ୍ଧି ଘଟାଇଥିବ। ସେହିପରି ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ତା'ର ପ୍ରଥମ ବିଜୟ ହାସଲ କରି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି।




ଭାରତୀୟ ଦଳରେ ଜବରଦସ୍ତ ସନ୍ତୁଳନ ରହିଛି। ଭାରତ ପାଖରେ ବିଶ୍ୱସ୍ତରୀୟ ସ୍ପିନ୍ ବୋଲିଂ ରହିଛି। ଦ୍ରୁତ ବୋଲିଂରେ ଯଶପ୍ରୀତ ବୁମ୍‌ରା ବେଶ୍ ଚମତ୍କାର ତଥା ଅସାଧାରଣ ପ୍ରଦର୍ଶନ କରିଛନ୍ତି।

ଦକ୍ଷିଣ ଆଫ୍ରିକାର ରଣନୀତିରେ ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ଦଳ ଚୟନରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ପରିସ୍ଥିତି ଅନୁଯାୟୀ ଖେଳିବାର ବିଫଳ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଡେଭିଡ ମିଲରଙ୍କୁ କାହିଁକି ଖେଳାଗଲା ନାହିଁ ମୁଁ ତାହା ଏପର୍ଯ୍ୟନ୍ତ ବୁଝିପାରିନାହିଁ। ସେହିପରି ଅଲରାଉଣ୍ଡର କ୍ରିସ୍ ମୋରିସ୍ ଏକ ବିକଳ୍ପ ଭାବେ ବ୍ୟବହାର କରାଯିବା ଆଦୌ ଠିକ୍ ନ ଥିଲା ବୋଲି ମୁଁ ଭାବୁଛି। କେବଳ ଦ୍ରୁତ ବୋଲର କାଗିସେ ରାବଡ଼ାଙ୍କ ପ୍ରଦର୍ଶନ ଦକ୍ଷିଣ ଆଫ୍ରିକା ପାଇଁ ଆଶା ସଞ୍ଚାର କରିଛି। ଦ୍ରୁତ ଗତିରେ ସାହସୀ ବୋଲିଂ କରିବା ସହ ସେ ବଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଛନ୍ତି। ପ୍ରଥମ ୩ଟି ମ୍ୟାଚ୍‌ରେ ପରାଜୟବରଣ କରିବା ପରେ ଦକ୍ଷିଣ ଆଫ୍ରିକା ଏବେ ପରୀକ୍ଷା ସମ୍ମୁଖୀନ ହୋଇଛି। ଏବେ ଦକ୍ଷିଣ ଆଫ୍ରିକାକୁ ଆହୁରି ସାହସିକ ଖେଳ ପ୍ରଦର୍ଶନ କରିବାକୁ ହେବ। ଭାରତ ତା'ର ସାମର୍ଥ୍ୟ ଅନୁଯାୟୀ ଖେଳିଥିଲା। ବିରାଟ କୋହଲି ମଧ୍ୟ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିଲେ। କୋହଲିଙ୍କ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ମଧ୍ୟ ଦଳରେ ବାକି ଖେଳାଳିଙ୍କୁ ଉତ୍ସାହିତ କରିଥିଲା। ଫଳରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲା।

ପ୍ରଥମ ବିଜୟ ହାସଲ କରିବା ପାଇଁ ଶ୍ରୀଲଙ୍କାକୁ ଆଫଗାନିସ୍ତାନ ବିପକ୍ଷରେ ବେଶ୍ କଷ୍ଟ କରିବାକୁ ପଡିଥିଲା। ତେବେ ବିଜୟୀ ହେବାରୁ ଶ୍ରୀଲଙ୍କା ଆସ୍ୱସ୍ତି ଲାଭ କରିଥିବ। ବ୍ୟାଟିଂ ଅର୍ଡରରେ ଅଦଳ ବଦଳ ଅବଶ୍ୟ କାମ ଦେଇଥିଲା। କୁଶଲ ପେରେରାଙ୍କୁ ଓପନିଂ କରିବାକୁ ସୁଯୋଗ ଦେବା କାମରେ ଆସିଥିଲା। କୁଶଲ ଓ ଦିମୁଥ କରୁଣାରତ୍ନେ ଓପନିଂ ଯୋଡିରେ ୯୨ ରନ ସଂଗ୍ରହ କରିଥିଲେ। ଶ୍ରୀଲଙ୍କାକୁ ଏହି ଦୁଇ ବ୍ୟାଟ୍ସମ୍ୟାନ ବଡ଼ ସ୍କୋର ଦେବାରେ ସହାୟ ହେବ। ତେବେ ଏହା ପରେ ଶ୍ରୀଲଙ୍କା ବ୍ୟାଟିଂ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ବ୍ୟାଟ୍ସମ୍ୟାନମାନେ ନିଜର ସାଧାରଣ କୌଶଳ ବ୍ୟବହାର କରିବାରେ ବିଫଳ ହୋଇଥିଲେ। ମୋଟାମୋଟି ଉପରେ ଶ୍ରୀଲଙ୍କା ଆହୁରି ଭଲ ପ୍ରଦର୍ଶନ କରିପାରିଥାନ୍ତା। ୫ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବା ଶ୍ରୀଲଙ୍କାର ରଣନୀତି ଶେଷରେ ସଫଳ ହୋଇଥିଲା। ନୂଆନ ପ୍ରଦୀପ ଓ ଲସିଥ ମାଲିଙ୍ଗା ଉଇକେଟ ହାସଲ କରିଥିଲେ। ତେବେ ଜୀବନ ମେଣ୍ଡିସଙ୍କୁ ନ ଖେଳାଇବା ବଡ଼ ଭୁଲ ଥିଲା ବୋଲି ମୁଁ ଭାବୁଛି। ସେ ଜଣେ ଭଲ ସ୍ପିନର। ତାଙ୍କ ଲେଗ୍ ସ୍ପିନର ଦଳର ବୋଲିଂରେ ବିବିଧତା ଆଣିଥାଏ।

-(ଗେମ୍ ପ୍ଲାନ)

# ଇଂଲଣ୍ଡର ସହଜ ବିଜୟ

**କାର୍ଡିଫ୍, ୮।୬:** ସ୍ଥାନୀୟ ସୋଫିଆ ଗାର୍ଡେନଠାରେ ଚଳିତ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚରେ ଜାସନ ରୟଙ୍କ ଆକର୍ଷଣୀୟ ୧୫୩ ରନ ସହାୟତାରେ ଇଂଲଣ୍ଡ ୧୦୬ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ୩୮୭ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛାକରି ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ ହସନ(୧୨୧)ଙ୍କ ଶତକ ସହାୟତାରେ ୪୮.୫ ଓଭରରେ ୨୮୦ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ମୁସ୍‌ଫିକର ରହିମ ୪୪ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଏବଂ ଜୋଫ୍ରା ଆର୍ଚରେ ୩ଟି ଲେଖାଏଁ ଏବଂ ମାର୍କ ଉଡ୍ ୨ଟି ଉଇକେଟ ନେଇଥିଲେ। ଇଂଲଣ୍ଡ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଖେଳିଥିବା ୩ଟି ମ୍ୟାଚ ମଧ୍ୟରୁ ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ବାଂଲାଦେଶର ଏହା ଦ୍ୱିତୀୟ ପରାଜୟ।ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୬ ଉଇକେଟ ବିନିମୟରେ ୩୮୬ ରନ ସଂଗ୍ରହ କରିଥିଲା। ରୟ ତାଙ୍କ ୧୨୧ ବଲ୍‌ର ଇନିଂସରେ ୧୪ ଚୌକା ଏବଂ ୫ଟି ଛକା ଲଗାଇଥିଲେ। ସେ ଓପନର ଜନି ବେୟାରଷ୍ଟୋ (୫୧) ଏବଂ ପ୍ରଥମ ଡାଉନ୍‌ରେ ଜୋ ରୁଟ୍ (୨୧)ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି କରିଥିଲେ। ପରେ ବଟଲର ୪୪ ବଲ୍‌ରୁ ୬୪ ରନ କରିଥିଲେ। ଏଥିରେ ୪ ଛକା ଏବଂ ୨ ଚୌକା ସାମିଲ ରହିଥିଲା। ସେ ଅଧିନାୟକ ଇଅନ ମୋର୍ଗାନ (୩୫)ଙ୍କ ସହିତ ପାର୍ଟନରଶିପ୍‌ରେ ୯୫ରନ ଯୋଗ କରିଥିଲେ। ଫଳରେ ଇଂଲଣ୍ଡ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ୩୫୦ରୁ ଅଧିକ ରନ ସଂଗ୍ରହ କରିପାରିଥିଲା। ବାଂଲାଦେଶ ପକ୍ଷରୁ ମହମ୍ମଦ ସଇଫୁଦ୍ଦିନ (୨/୭୮) ଏବଂ ମେହିଦି ହସନ (୨/୬୭) ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।


ଜାସନ ରୟ

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ:** ୫୦ ଓଭରରେ ୩୮୬/୬ (ରୟ-୧୫୩, ବଟଲର-୬୪, ବେୟାରଷ୍ଟୋ-୫୧, ମେହିଦି ହସନ-୨/୬୭)।

**ବାଂଲାଦେଶ:** ୪୮.୫ ଓଭରରେ ୨୮୦/ଅଲଆଉଟ (ଶକିବ ଅଲ୍ ହସନ-୧୨୧, ମୁସ୍‌ଫିକର ରହିମ-୪୪, ବେନ୍ ଷ୍ଟୋକ୍ସ-୩/୨୩)।

# ଅଷ୍ଟ୍ରେଲିଆ ସପକ୍ଷରେ ରେକର୍ଡ

**ନୂଆଦିଲ୍ଲୀ, ୮।୬ :** ବିଶ୍ୱକପ୍ ଇତିହାସରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବେଶ୍ ରୋମାଞ୍ଚକ ହୋଇଥାଏ। ତେବେ ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଭାରତଠାରୁ ବହୁ ଆଗରେ ରହିଛି। ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ଦୁଇ ଦେଶ ପରସ୍ପରକୁ ୧୧ଥର ଭେଟିଛନ୍ତି। ଏଥିମଧ୍ୟରୁ ଅଷ୍ଟ୍ରେଲିଆ ୮ଥର ବିଜୟୀ ହୋଇଥିବା ବେଳେ ଭାରତ ମାତ୍ର ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ସେଞ୍ଚୁରିୟନରେ ଭାରତକୁ ହରାଇ ଟାଇଟଲ ଜିତିଥିଲା । ଅନ୍ୟପଟେ ଭାରତ ୨୦୧୧ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆକୁ କ୍ୱାର୍ଟର ଫାଇନାଲରେ ହରାଇଥିଲା । ସେହିପରି ୨୦୧୫ ବିଶ୍ୱକପ୍ ଅଷ୍ଟ୍ରେଲିଆ ଘରୋଇ ପରିବେଶରେ ଭାରତକୁ ସେମିଫାଇନାଲରେ ହରାଇ ଫାଇନାଲକୁ ଉଠିଥିଲା । ରେକର୍ଡରେ ଭାରତ ପଛରେ ଥିଲେ ମଧ୍ୟ ଏଥର ଅନ୍ୟତମ ଫେଭରାଇଟ ଦଳ ଭାବେ ବିବେଚିତ ହେଉଛି। ଦିନିକିଆ ଇତିହାସରେ ଭାରତ ଓ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୧୩୬ଟି ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ଭାରତ ୪୯ଟିରେ ବିଜୟୀ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୭୭ଟି ମ୍ୟାଚ୍‌ରେ ବାଜି ମାରିଛି। ୧୦ଟି ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି।

**ଆଜିର ମ୍ୟାଚ୍**
ଭାରତ
ବନାମ
ଅଷ୍ଟ୍ରେଲିଆ
ସ୍ଥାନ: ଓଭାଲ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






# ମେକ୍ସିକୋକୁ ହରାଇଲା ଆମେରିକା

ଭୁବନେଶ୍ୱର,୮।୬(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ପୁରୁଷ ସିରିଜ ଫାଇନାଲ୍ସରେ ଶନିବାର ଆମେରିକାର ଏକ ବୃହତ୍ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ପୁଲ୍ ବି'ରେ ଆମେରିକା ଓ ମେକ୍ସିକୋ ପରସ୍ପରକୁ ଭେଟିଥିଲେ। ତେବେ ଆମେରିକା ସମ୍ପୂର୍ଣ୍ଣରୂପ ଆଧିପତ୍ୟ ବିସ୍ତାର କରି ଖେଳିବା ସହ ୯-୦ ଗୋଲ ବୃହତ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା। ନିୟମିତ ବ୍ୟବଧାନରେ ଆମେରିକା ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା। ଅନ୍ୟପଟେ ମେକ୍ସିକୋ ଏକ ପ୍ରକାର ଆତ୍ମସମର୍ପଣ କରିଥିଲା ଓ ଗୋଟିଏ ହେଲେ ବି ଗୋଲ ସ୍କୋର କରିପାରି ନ ଥିଲା। ପେନାଲ୍ଟି କର୍ନର ଜରିଆରେ ଆମେରିକା ଖେଳାଳି ଦୁଇଟି ଗୋଲ ଦେଇଥିବା ବେଳେ ବାକି ୭ଟି ଫିଲ୍ଡ ଗୋଲ ହୋଇଥିଲା। ଏଥି ସହିତ ଆମେରିକା ଟୁର୍ନାମେଣ୍ଟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ବେଳେ ମେକ୍ସିକୋ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଏହାପୂର୍ବରୁ ଗୁରୁବାର ଆମେରିକା ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପଟେ ମେକ୍ସିକୋ ତା'ର ପ୍ରଥମ ମ୍ୟାଚ୍‌ରେ ଏସିଆନ ଗେମ୍ସ ଚାମ୍ପିୟନ ଜାପାନଠାରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। ଆମେରିକାର ସିନ ସିକ୍‌ଚ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଏଫ୍ଆଇଏଚ୍ ବିଶ୍ୱର୍‌ୟାଙ୍କିଙ୍ଗ୍‌ରେ ଆମେରିକା ୨୫ତମ ସ୍ଥାନରେ ରହିଥିବା ବେଳେ ପଡୋଶୀ ମେକ୍ସିକୋ ୩୯ତମ ସ୍ଥାନରେ ରହିଛି। ଆମେରିକା ଅପେକ୍ଷାକୃତ ଶକ୍ତିଶଳୀ ହୋଇଥିବା ବେଳେ ଆଶାନୁରୂପ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ମାଇକେଲ୍ ଜୁନିୟର ବାରମିନିସ୍କି ତୃତୀୟ ଓ ୫୩ତମ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ସିନ ସିକ୍‌ଚି ୩୭ ଓ ୫୨ତମ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ଜୁଲିଆନ କୁନେନବେଘ୍‌ସ ୧୪ତମ, ଟେଲର ସୁନଦୀନ



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ଆମେରିକା ଖେଳାଳି।

## ଆମେରିକାର ଗୋଲ୍ ବର୍ଷା

୩୦ତମ ମିନିଟରେ ଗୋଲ ଦେଇଥିଲେ। ନିୟମିତ ଅଧିନାୟକ ଆଜାଇ ଧାଡୱାଲ ଇଞ୍ଜୁରି କାରଣରୁ ଏହି ମ୍ୟାଚ୍ ଖେଳି ନ ଥିଲେ। ଫଳରେ ସୁନଦୀନ ତାଙ୍କ ସ୍ଥାନରେ ଖେଳିବାର ସୁଯୋଗ ହାସଲ କରିଥିଲେ। ସେହିପରି ଅଲବେର୍ଟୋ ମୋଣ୍ଟିଲା ୩୯ତମ, କ୍ରିଷ୍ଟିଆନ୍ ଡି ଆଞ୍ଜେଲିସ ୪୨ ଓ ଓ୍ୱିଲିୟମ ହୋଲ୍ଟ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମେକ୍ସିକୋକୁ ଆମେରିକା କୌଣସି ସୁଯୋଗ ଦେଇ ନ ଥିଲା। ମେକ୍ସିକୋ ମଧ୍ୟ ଗୋଲ ସୁଯୋଗ ସୃଷ୍ଟି କରିବାର ବିଫଳ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଆମେରିକ ୨-୦ରେ ଅଗ୍ରଣୀ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ଦେଇ ୩-୦ରେ ଅଗ୍ରଣୀ ହୋଇଥିଲା। ଏହାପରେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଆମେରି ୩ଟି ଲେଖାଏ ଗୋଲ ଦେଇ ବାଜି ମାରିଥିଲା। ଆମେରିକା ତା'ର ତୃତୀୟ ତଥା ପରବର୍ତ୍ତୀ ମ୍ୟାଚ୍‌ରେ ଜାପନକୁ ୧୦ ତାରିଖରେ ଭେଟିବ। ସେହିପରି ମେକ୍ସକୋ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ରୋମାଞ୍ଚ ଦେଖିବାକୁ ମିଳି ନ ଥିଲା।

# ଜାପାନର କ୍ରମାଗତ ୨ୟ ବିଜୟ

ଭୁବନେଶ୍ୱର,୮।୬(ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ସିରିଜ ଫାଇନାଲ୍ସରେ ଏସିଆନ୍ ଗେମ୍ସ ଚାମ୍ପିୟନ ଜାପାନ ପୁଲ୍ ବି'ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଶୁକ୍ରବାର ମେକ୍ସିକୋକୁ ୩-୧ ଗୋଲରେ ପରାସ୍ତ କରିଥିବା ଜାପାନ ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଜାପାନ ୨-୦ ଗୋଲରେ ବିଜୟୀ ହୋଇଛି। ଜାପାନ ତରଫରୁ କେଣ୍ଟାରୋ ଫୁକୁଡା ଓ କାଜୁମା ମୁରାଟା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମୁରାଟା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଏଫଆଇଏଚ୍ ସିରିଜ ଫାଇନାଲ୍ସ

ଆଜିର ମ୍ୟାଚ୍

ରୁଷିଆ ବନାମ ପୋଲାଣ୍ଡ
(ରାତି ୭ଟା)

ପ୍ରଥମ କ୍ୱାର୍ଟରରେ ବେଶ୍ ସଂଘର୍ଷ ଦେଖିବାକୁ ମିଳିଥିଲା। ଫଳରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରର ୨୬ତମ ମିନିଟ୍‌ରେ ଫୁକୁଡା ଫିଲ୍ଡ ଗୋଲ ଦେଇ ଜାପାନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ତୃତୀୟ କ୍ୱାର୍ଟରରେ ଜାପାନ ଆଉ ଏକ ଫିଲ୍ଡ ଗୋଲ ଦେବାରେ ସଫଳ ହୋଇଥିଲା। ୪୫ତମ ମିନିଟ୍‌ରେ କାଜୁମା ଏକ ଚମତ୍କାର ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ତରଫରୁ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। ତେବେ ଗୋଲ ସ୍କୋର ହୋଇପାରିନ ଥିଲା। ଦକ୍ଷିଣ ଆଫ୍ରିକା କେତୋଟି ସୁଯୋଗ ହାସଲ କରିଥିଲେ ମଧ ଗୋଲରେ ପରିଣତ କରିପାରି ନ ଥିଲା। ୫୬ତମ ମିନିଟ୍‌ରେ ଜାପାନର କାଜୁମାଙ୍କୁ ରେଫରି ୟେଲୋ କାର୍ଡ ଦେଖାଇଥିଲେ। ସେହିପରି ଦକ୍ଷିଣ ଆଫ୍ରିକାର ମାଥ୍ୟୁ ଡି ସୌସାଙ୍କୁ ୫୭ତମ ମିନିଟରେ ୟେଲୋ କାର୍ଡ ଦେଖାଯାଇଥିଲା। ଜାପାନ ତା'ର ତୃତୀୟ ତଥା ଅନ୍ତିମ ପୁଲ ମ୍ୟାଚ୍‌ରେ ୧୦ ତାରିଖ ସୋମବାର ଆମେରିକାକୁ ଭେଟିବ। ସେହିପରି ଦକ୍ଷିଣ ଆଫ୍ରିକା ଏହି ଦିନ ତା'ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ମେକ୍ସିକୋ ବିପକ୍ଷରେ ପଡିଆକୁ ଓହ୍ଲାଇବ। ପୁଲ ଏ' ଓ ବି'ର ଶୀର୍ଷ ଦଳ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିବେ। ସେହିପରି ପୁଲ ଏ'ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ପୁଲ ବି'ର ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ କ୍ରସ୍ ଓଭର ମ୍ୟାଚ୍‌ରେ ଭେଟିବ। ଏହି ମ୍ୟାଚ୍‌ର ବିଜୟୀ ଦଳ ସେମିଫାଇନାଲରେ ପୁଲ ବି'ର ଶୀର୍ଷ ଦଳକୁ ଭେଟିବ। ଅନ୍ୟପଟେ ପୁଲ ବି'ର ଦ୍ୱିତୀୟ ଓ ପୁଲ ଏ'ର ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ କ୍ରସ୍‌ଓଭର ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ର ବିଜୟୀ ଦଳ ସେମିଫାଇନାଲରେ ପୁଲ ଏ'ର ଶୀର୍ଷ ଦଳକୁ ଭେଟିବ। ଦୁଇଟି ଯାକ କ୍ରସ୍ ଓଭର ମ୍ୟାଚ୍ ୧୨ ତାରିଖ ଦିନ ଖେଳାଯିବ। ସେହିପରି ଦୁଇଟି ସେମିଫାଇନାଲ ୧୪ ତାରିଖରେ ଆୟୋଜନ ହେବ। ୧୫ ତାରିଖରେ ଫାଇନାଲ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ।


ଭାରତୀୟ ରିଜର୍ଭ ବ୍ୟାଙ୍କ
ଅଣ-ବ୍ୟାଙ୍କିଙ୍ଗ୍ ପର୍ଯ୍ୟବେକ୍ଷଣ ବିଭାଗ, ଭୁବନେଶ୍ୱର

ସାବଧାନ !!!
ଆପଣଙ୍କ କଷ୍ଟ ଅର୍ଜିତ ଧନର ବିନିଯୋଗ/ ଜମା କରିବା ପୂର୍ବରୁ ଚିନ୍ତା କରନ୍ତୁ !!!
ଲୋଭ ଦୁଃଖର କାରଣ

୧. ଆପଣଙ୍କ କଷ୍ଟଲବ୍ଧ ଧନକୁ କୌଣସି ସଂସ୍ଥାରେ ଜମା କରିବା ପୂର୍ବରୁ ଉକ୍ତ ସଂସ୍ଥା ଆର ବି ଆଇ/ସେବି/ଏନ୍ ଏଚ୍ ବି/ଆଇ ଆର ଡ଼ି ଏ ଆଇ/ରାଜ୍ୟ ସରକାରଙ୍କ ଅଧିନରେ ପଞ୍ଜିକୃତ ବୋଲି ସୁନିଶ୍ଚିତ କରନ୍ତୁ।
୨. ପ୍ରୋସେସିଂ ଫିଜ୍, ଟ୍ୟାକ୍ସ କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ନାମରେ ଟଙ୍କା ଜମା ପାଇଁ ଏସ୍ ଏମ୍ ଏସ୍/ ଇ-ମେଲ୍/ଫୋନ କଲ୍ କିମ୍ବା ସୋସିଆଲ୍ ମିଡ଼ିଆ ଯେପରିକି ଫେସବୁକ୍, ହ୍ୱାଟ୍ସଆପ୍ ଇତ୍ୟାଦି ମାଧ୍ୟମରେ ଯଚା ଯାଉଥିବା ଉପହାର/ଲଟେରୀ ପ୍ରାଇଜ୍ ମନି/ଲୋନ୍ ଇତ୍ୟାଦି ପ୍ରତି ପ୍ରଲୋଭିତ / ଆକର୍ଷିତ ହୁଅନ୍ତୁ ନାହିଁ। ମନେରଖନ୍ତୁ, ଏହି ସବୁ ପ୍ରସ୍ତାବ କେବଳ ଠକାମି ଛଡ଼ା ଅନ୍ୟ କିଛି ନୁହେଁ।
୩. ଆର ବି ଆଇ/ଆଇ ଆର ଡ଼ି ଏ ଆଇ / ଆୟକର ବିଭାଗ ଇତ୍ୟାଦିର ନାମକୁ ବ୍ୟବହାର କରି ଟଙ୍କା ବିନିଯୋଗ କରିବା ଏବଂ ବୋନସ୍/ଅଧିକ ଲାଭ/ଅଧିକ ରିଟର୍ଣ୍ଣ/ଉପହାର ଇତ୍ୟାଦି ପ୍ରଦାନ କରିବା ପାଇଁ ଉତ୍ସାହିତ କରୁଥିବା ନକଲି ଫୋନ କଲ୍ ଏବଂ ଇ-ମେଲ୍ ଠାରୁ ସାବଧାନ ରୁହନ୍ତୁ।
୪. କୌଣସି କମ୍ପାନୀ ସଂଗୃହିତ ଜମାରାଶି ଉପରେ ବାର୍ଷିକ ୧୨.୫% ରୁ ଅଧିକ ସୁଧ ପ୍ରଦାନ କରି ପାରିବ ନାହିଁ। ଅଧିକ ସୁଧର ପ୍ରତିଶୃତି ମାନେ ହିଁ ଜାଣିବେ ଅଧିକ ବିପଦ।
୫. ବହୁ ରାଜ୍ୟ (ମଲ୍ଟି ଷ୍ଟେଟ୍) ସମବାୟ ସମିତି ଗୁଡ଼ିକ ଦ୍ୱାରା ଜନସାଧାରଣଙ୍କ ଠାରୁ / ନାମମାତ୍ର ସଭ୍ୟ ଆଦିଙ୍କ ଠାରୁ ଜମା ଗ୍ରହଣ କରିବା ନିଷିଦ୍ଧ କରାଯାଇଛି।

ଦୁଃଖ ଭୋଗିବା ଅପେକ୍ଷା ନିରାପଦରେ ରହିବା ଭଲ।

ଅଧିକ ଜାଣିବା ପାଇଁ ଏହି ଟେଲିଫୋନ ନମ୍ବର ଅଥବା ଇ-ମେଲ୍‌ରେ ଯୋଗାଯୋଗ କରନ୍ତୁ।
ଭାରତୀୟ ରିଜର୍ଭ ବ୍ୟାଙ୍କ : 1800-345-7154, ଇ-ମେଲ୍ : dnbsbhubaneswar@rbi.org.in
ଏବଂ https://sachet.rbi.org.in ଦେଖନ୍ତୁ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜନହିତରେ ଜାରୀ


# ବାର୍ଟିଙ୍କୁ ଫ୍ରେଞ୍ଚ ଓପନ ଟାଇଟଲ

**ପ୍ୟାରିସ, ୮।୬:** ଅଷ୍ଟ୍ରେଲିଆର ତଥା ୮ମ ସିଡ୍ ଆସଲେ ବାର୍ଟି ଏଥର ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ଚେକ୍ ରିପବ୍ଲିକର ୧୯ ବର୍ଷୀୟା ମାର୍କେଟା ଭୋଣ୍ଡ୍ରୋସୋଭାଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ।

## ଜୋକୋଭିଚ୍ ପରାସ୍ତ

ପୁରୁଷ ସିଙ୍ଗଲ୍ସ ଫାଇନାଲ ୧୧ଥର ଚାମ୍ପିୟନ ସ୍ପେନର ରାଫାଲ ନାଡାଲ ଏବଂ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କ ମଧ୍ୟରେ ହେବ। ଶନିବାର ଶେଷ ହୋଇଥିବା ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ସେମିଫାଇନାଲରେ ଚତୁର୍ଥ ସିଡ୍ ଥିମ୍ ବିଶ୍ୱର ନମ୍ବର ଓ୍ୱାନ ଖେଳାଳି ଜୋକୋଭିଚ୍‌ଙ୍କୁ ୬-୨, ୩-୬, ୭-୫, ୫-୭, ୭-୫ ସେଟରେ ହରାଇ ଦେଇଛନ୍ତି। ପରାଜୟ ଦ୍ୱାରା ଏକାଥରକେ ସମସ୍ତ ଗ୍ରାଣ୍ଡସ୍ଲାମ ଟାଇଟଲ ହାତେଇବା ଲାଗି ଜୋକୋଭିଚ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଧୂଳିସାତ୍ ହୋଇଯାଇଛି। ମ୍ୟାଚଟି ପ୍ରକୃତରେ ଶୁକ୍ରବାର ଆରମ୍ଭ ହୋଇଥିଲା। ମାତ୍ର ବର୍ଷା କାରଣରୁ ଏହା ୩ଥର ବାଧାପ୍ରାପ୍ତ ହୋଇଥିଲା। ଶନିବାର ଏହି ବିଜୟ ଦ୍ୱାରା ୨୫ବର୍ଷୀୟ ଥିମ୍ ଦୁଇଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବାରେ ପ୍ରଥମ ଅଷ୍ଟ୍ରୀୟ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମ୍ୟାଚ ପରେ ଅଷ୍ଟ୍ରୀୟ ଖେଳାଳି କହିଛନ୍ତି, ମୋ ପାଇଁ ଏହା ଏକ ଅବିଶ୍ୱସନୀୟ ଦିବସ ଥିଲା। ଥିମ୍ ଏହା ପୂର୍ବରୁ କୌଣସି ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ଥରେ ହେଲେ ଜୋକୋଭିଚ୍‌ଙ୍କୁ ପରାସ୍ତ କରିପାରି ନ ଥିଲେ। ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ ରବିବାର ଖେଳାଯିବ।



ଟ୍ରଫି ସହ ଆସଲେ ବାର୍ଟି।

## ରତୁରାଜ, ଗିଲ୍‌ଙ୍କ ଶତକ: ଭାରତ-ଏ' ବିଜୟୀ

ବେଲାଗାଭି (କର୍ଣାଟକ), ୮।୬: ଦୁଇ ଓପନର୍ ରତୁରାଜ ଗାଏକ୍ୱାଡ ଓ ଶୁବମନ ଗିଲଙ୍କ ଅପରାଜିତ ଶତକ ବଳରେ ଭାରତ-ଏ ଦଳ ଶନିବାର ଏଠାରେ ଅନୁଷ୍ଠିତ ୨ୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା-ଏକୁ ୧୦ ଉଇକେଟ୍‌ରେ ପରାସ୍ତ କରିଛି। ଶ୍ରୀଲଙ୍କା-ଏ ପକ୍ଷରୁ ଧାର୍ଯ୍ୟ ୨୪୩ ରନର ଲକ୍ଷ୍ୟକୁ ପିଛା କରି ଭାରତ-ଏ ବିନା କୌଣସି ଉଇକେଟ୍ ହରାଇ ୩୩.୩ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ରତୁରାଜ ୯୪ ବଲରୁ ୧୨୫ ରନ (୧୪ ଚୌକା, ୪ ଛକା) କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତେବେ ଅନ୍ୟତମ ଓପନର୍ ଗିଲ୍ ୯୬ ବଲ୍‌ରୁ ୧୦୯ ରନ (୧୪ ଚୌକା, ୨ ଛକା) କରି ଖେଳୁଥିବାବେଳେ ଆଘାତପ୍ରାପ୍ତ ହୋଇ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବଦଳରେ କ୍ରିଜକୁ ଆସିଥିବା ପ୍ରଶାନ୍ତ ଚୋପ୍ରା ୧ ରନ କରି ଅପରାଜିତ ରହିଥିଲେ। ସିରିଜରେ ରତୁରାଜଙ୍କ ଏହା ଲଗାତର ୨ୟ ଶତକ। ପ୍ରଥମ ମ୍ୟାଚ୍‌ରେ ସେ ଅପରାଜିତ ୧୮୭ ରନର ମାରାଥନ ଇନିଂସ ଖେଳିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ଭ୍ରମଣକାରୀ ଶ୍ରୀଲଙ୍କା-ଏ ୫୦ ଓଭରରେ ୭ ଉଇକେଟ୍ ହରାଇ ୨୪୨ ରନ କରିଥିଲା। ଶେହାନ ଜୟସୁରିଆ ୧୦୧ ରନ ଓ ଇଶାନ ଜୟରତ୍ନେ ୭୯* ରନ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ତୁଷାର ଦେଶପାଣ୍ଡେ ଓ ଶିବମ ଦୁବେ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ବିଜୟ ସହ ଇଶାନ କିଶାନଙ୍କ ନେତୃତ୍ୱାଧୀନ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଦାଉ ସାଧିଲା ବର୍ଷା

ଅତାବିରା, ୮।୬ (ଡି.ଏନ.ଏ)- କାଳବୈଶାଖୀ ତାଣ୍ଡବ ବର୍ଷା ଯୋଗୁ ପନିପରିବା ଚାଷୀ ଓ ବେପାରୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ସାପ୍ତାହିକ ବଜାର ଖୁଣ୍ଟୁଲିପାଲି ବଜାରରେ ଦେଖିବାକୁ ମିଳିଥିଲା। ବର୍ଷା ପୂର୍ବରୁ ଟମାଟୋ କିଲୋ ୫୦ ଟଙ୍କା ଥିଲା । ହଠାତ ଝଡ ବତାସ ସହ ପ୍ରବଳ ବର୍ଷା ହେବାରୁ ତାହା ୨୦ ଟଙ୍କାକୁ ଖସି ଆସିଥିଲା । ସେହିପରି ବାଇଗଣ କିଲୋ ୧୦, ପୋଟଳ ୩୦, ଝୁଲେର ୧୦ ଟଙ୍କା ଥିଲା ।

### ଦୁର୍ଘଟଣାରେ ଯୁବକ ମୃତ

ଭଟଲି, ୮।୬(ଡି.ଏନ୍.ଏ.) ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଗୋପାଳପୁର-ମୂଲବାର ରାସ୍ତାରେ ଶନିବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଟୁକୁର୍ଲା ଗ୍ରାମର ଅନୀଲ ମିଶ୍ର(୩୨) । ଖବର ପାଇ ଭଟଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନ.୧୦୩/୧୯) ରୁଜୁ ହୋଇଛି ।



### ମନ୍ଦ ପାଇଁ ବିଧବା ଭତ୍ତା ସାତସପନ

ତଳଗା,୮।୬(ଡି.ଏନ.ଏ) ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ମାଧପୁର ଗ୍ରାମର ବିଧବା ମହିଳା ମନ୍ଦ ମଲିକ (୬୦)। ସେ ଭତ୍ତା ପାଇଁ ପଞ୍ଚାୟତରୁ ବ୍ଲକ ଅଫିସ୍‌କୁ ଦୌଡି ଦୌଡି ନୟାନ୍ତ ହେଲେଣି । ତଥାପି ତାଙ୍କୁ ଭତ୍ତା ମିଳିପାରିନି । ତିନି ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିବା ପରେ ମନ୍ଦ ବିଧବା ଭତ୍ତା ପାଇଁ ଆବେଦନ କରିଥିଲେ। ଏହି ମହିଳା ଜଣକ ଆଦିବାସୀ ସମ୍ପ୍ରଦାୟର । ସେ ଜଙ୍ଗଲରୁ ପତ୍ର, ମହୁଲ ଫୁଲ, ଶାଳମଞ୍ଜି, ଟୁଲ ମଞ୍ଜି ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ମନ୍ଦ ଦାବି କରିଛନ୍ତି ।

### ରୁଷୁଡ଼ା, ଜାଣ୍ଡୋଲରେ ଶୀତଳଷଷ୍ଠୀ

ଭେଡ଼େନ, ୮।୬ (ଡ଼ି.ଏନ.ଏ) ଭେଡ଼େନ ବ୍ଲକ ରୁଷୁଡ଼ା ଏବଂ ଜାଣ୍ଡୋଲ ଗ୍ରାମରେ ଶିବ ବିବାହ ପାରମ୍ପରିକ ରୀତିରେ ପାଳିତ ହୋଇଛି । ରୁଷୁଡ଼ାର ବାବା ସିଦ୍ଧେଶ୍ୱର ମହାଦେବଙ୍କ ଷଷ୍ଠୀ ପର୍ବରେ ବରପିତା ଭାବେ ଫକୀର କଳତା ଦାୟିତ୍ୱ ନିର୍ବାହ କରିଥିବା ବେଳେ କନ୍ୟାପିତା ଭାବେ ହାଟଗାଁର ଅର୍ଜୁନ ମୁଦୁଲି କାର୍ଯ୍ୟ ତୁଲାଇଥିଲେ । ଶୁକ୍ରବାର ରାତିରେ ଦେବ ବିବାହ ସମ୍ପନ୍ନ ହୋଇ ଶନିବାର ଯୁଗଳ ମୂର୍ତ୍ତିଙ୍କ ମନ୍ଦିର ପ୍ରବେଶ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଜାଣ୍ଡୋଲର ଜମ୍ଭେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ପର୍ବ ପାଳିତ ହୋଇଛି । ଶୁକ୍ରବାର ରାତିରେ ମହାଦେବ ମନ୍ଦିରରୁ ବରାତିରେ ଆସି କନ୍ୟାପିତାଙ୍କ ଘରେ ପହଞ୍ଚିଥିଲେ । ପରେ ବିବାହ ପାଣିଗ୍ରହଣ ହୋଇ ଶନିବାର ସନ୍ଧ୍ୟାରେ ଦେବୀଦେବଙ୍କ ବିଦାୟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

■ ବଛରେ ହେଲା ଥଁଡା ପାଏନ୍ ପ୍ରକଳ୍ପ ଅଚଲ

# ଉଲ୍‌ଗୁଲାନର ଚେତାବନୀ ଦେଲା ବେଉସାୟୀ ସଂଘ

**ମନମୁଣ୍ଡା, ୮।୬ (ଡି.ଏନ.ଏ):**

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାଡ଼ାକେ ଲାଗି ୨୦୧୬ ସାଲେ ୩ ଲାଖ୍ ଟଁକା ଖରଚ୍‌ରେ ଗୁଟେ ଥଁଡା ପାଏନ୍ ପ୍ରକଳ୍ପ ତିଆର କରାଯାଇଥିଲା। ଉଦେଶ୍ ଥିଲା ରୁଗୀ ଆର ତାକର ସହଯୋଗୀମାନେ ଅତିକମ୍‌ରେ ଖରାଦିନେ ଥଁଡା ପିଇଲା ପାଏନ୍ ଟିକେ ପାଏବେ। ହେଲେ ପ୍ରକଳ୍ପଟା ଦିନାକେତେ ଠିକ୍‌ଠାକ୍ ଚାଲ୍‌ଲା ଉତାରୁ ମୋଟର ପୁଡ଼ି ଅଚଲ ହେଇଯାଇଥିଲା। ପଁଚେତ୍ ତରଫୁ ମୋଟର ମରାମତି କରାଯାଇଥିଲା ବଲି ଥାନୀୟ ସରପଁଚ୍ ମିନାକ୍ଷୀ ସାହୁଙ୍କଁରନୁ ଜନାପଡ଼ିଛେ। ହେଲେ ଦେଖ୍‌ଭାଲ ଅଭାବୁ ହେଉ କି ଉନିଆଁ କେହେନ୍‌ସି କାରନ୍‌ରୁ ପ୍ରକଳ୍ପର ମୋଟର ଫେନ୍ ଅଚଲ ହେଇଯାଇଛେ। ଯେନ୍‌ଥିରଲାଗି ଆଏଜ୍‌କେ ପାଖାପାଖି ବଛରେ ହେଲା ଥଁଡା ପାଏନ୍ ପ୍ରକଳ୍ପ ଅଚଲ ହେଇ ପଡ଼ିରହିଛେ। ଇ ପ୍ରକଳ୍ପରେ ସବୁ ଲୁକ୍‌କର ସୁବିଧା ଲାଗି ମୁଖିଆ ରାସ୍‌ତା ଏନ୍‌ଏଚ୍-୫୭ ଫାଲକେ




ଅଚଲ ହେଇ ପଡ଼ିଥିବାର ଥଁଡା ପାଏନ୍ ପ୍ରକଳ୍ପ।

କେତେଟା ଟ୍ୟାପର ବେବସ୍‌ତା କରାଯାଇଥିଲାବେଲେ ଡାକ୍‌ତରଖାନା ପରିସର ଭିତିରକେ ବି ଟ୍ୟାପ୍ ରହିଛେ। ଇ ମୁଡ଼ଫଟା ଖରା ଝାଉକେ ପ୍ରକଳ୍ପଟା ଅଚଲ ହେଇ ପଡ଼ି ରହିଲାବେଲେ ସାଧାରନ୍ ଲୋକ୍, ରୁଗୀ ଆର ତାକର ସହଯୋଗୀମାନେ ଥଁଡା ପାଏନ୍ ଟିକେର ଲାଗି ଦହଗଁଜ୍ ହେଉଥିବାର ଦେଖିବାକେ ମିଲୁଛେ। ମନମୁଣ୍ଡା ଡାକ୍‌ତରଖାନା ଛକରେ ଜଲଛତରଟେ ବି ନାଁଇଁନ। ସେନ୍‌ତା ଥାନୀୟ ଲୋକ୍, ରୁଗୀ ଆର ତାକର ଲୋକ୍‌ମାନେ ଡାକ୍‌ତରଖାନା ପାସେ ଥିବାର ଗୁଟେ ନଲ୍‌ଟୁଆଁ ଉପରେ ଭରସା କରି ଚଲୁଛନ୍। ହେଲେ ସେ ନଲ୍‌ଟୁଆଁର ପାଏନ୍ ବି ପିବାକେ ସୁଆଦିଆ ନୁହେ। ହେଲେ ଲୋକ୍ ଉପେ ଶୁଇନ୍ ହେଇ ସେ ପାଏନ୍‌କେ ବେଭାର କରୁଛନ୍। ଇ ବାବ୍‌ଦେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍‌ତର ମହେନ୍ଦ୍ର କୁମାର ସଏଙ୍କୁ ପଚରାଲାରୁ ପ୍ରକଳ୍ପ ପଁଚେତ୍ ବିଭାଗ ଦାୟୀତିଅରେ ଅଛେ। ରୁଗୀମାନକର ଲାଗି ସ୍ୱାସ୍ଥ୍ୟ କେନ୍ଦ୍ର ତରଫୁ ଓ୍ୱାର୍ଡ ପାସେ ଥଁଡା ପାଏନ୍‌ର ବେବସ୍‌ତା ଥିବାର ସେ କହିଥିଲେ। ସେନ୍‌ତା ସରପଁଚ୍ ମିନାକ୍ଷୀ ସାହୁଙ୍କୁ ପଚରାଲାରୁ ପ୍ରକଳ୍ପ ବ୍ଲକ ତରଫୁ ହେଇଛେ। ବ୍ଲକ, ଆରଡବ୍ଲୁଏସ୍‌ଏସ୍ ଜେଇଙ୍କୁ ଫୋନ କଲେ ନାଇଁ ଉଠାବାର ବଲି ସେ କହିଥିଲେ। ବିଭାଗୀୟ କତୁରପକ୍ଷଙ୍କର ଅବହେଲାର ଲାଗି ବହୁତ୍ ଦିନ ହେଲା ପ୍ରକଳ୍ପ ଅଚଲ ହେଇ ପଡ଼ିଛେ। ଯେନ୍‌ଥିରଲାଗି ଜନସାଧାରନରେ ଅସନ୍‌ତୋଷ ଦେଖାଦେଇଛେ। ଯେତେ ଜଲ୍‌ଦି ହେବା ପ୍ରକଳ୍ପକେ ସଚଲ କରାଯାଉ ନାଇଁହେଲେ ଆଏବାର ଦିନେ ଆଂଦୋଲନ କରାଯିବା ବଲି ଡାକ୍‌ତରଖାନା ଛକ ବେଉସାୟୀ ଆର ବୁଧିଜୀବୀମାନେ ଚେତାବନୀ ଦେଇଛନ୍।

## ଲମ୍ଫାନୀ ଶୋଭାଯାତ୍ରାରେ ଆସିଲେ ପାର୍ବତୀ

**ବରପାଲି, ୮।୬ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ହିମାଦ୍ରିନଗରରେ ଦେବଦମ୍ପତିଙ୍କ ଲୌକିକ ବିବାହ ସମ୍ପନ୍ନ ହେବା ପରେ ଶୀତଳ ଷଷ୍ଠୀ ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା ଶନିବାର ସକାଳେ ଯାତ୍ରା କମିଟି ପକ୍ଷରୁ ହାକରା ଭାର ଶୋଭାଯାତ୍ରାରେ ବାହାରି କୁଷ୍ଟାପଡା ସ୍ଥିତ ହିମାଦ୍ରିନଗରରେ ପହଞ୍ଚିଥିଲା। ସେଠାରେ ଦେବୀ ପାର୍ବତୀଙ୍କୁ ଶ୍ୱଶୁରାଳୟ ଆଗମନ ପାଇଁ ପ୍ରାର୍ଥନା କରାଯାଇଥିଲା ଅପରାହ୍ନରେ ପରମ୍ପରା ଅନୁଯାୟୀ ପାର୍ବତୀଙ୍କ ଲମ୍ଫାନୀ ଶୋଭାଯାତ୍ରା ବାହାରିଥିଲା । ଘଣ୍ଟ, ଶଙ୍ଖ, ହୁଳହୁଳି, ଲୋକନୃତ୍ୟ, ଗୀତ ଓ ବିଭିନ୍ନ ଆତସବାଜିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ରାତିରେ ଦେବଦମ୍ପତି ସ୍ଥାନୀୟ ଯାତ୍ରା ମଣ୍ଡପକୁ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇ ନବଦମ୍ପତିଙ୍କୁ ସହସ୍ର ଆରତୀ ପ୍ରଦାନ କରାଯାଇଥିଲା। ପରେ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହା ଗଙ୍ଗାଧର କ୍ଲବ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିରଜୀ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ଜନସମାଗମ ହୋଇଥିଲା ।

## ମଣ୍ଡିରେ ପଡ଼ିଛି ଲକ୍ଷାଧିକ ଧାନବସ୍ତା

■ ମଣ୍ଡି ପରିଦର୍ଶନ କଲେ ବିଧାୟିକା

■ ଟାର୍ଗେଟ ବଢ଼ାଇବାକୁ ଦାବି



ଅତାବିରାର ଏକ ମଣ୍ଡିରେ ଧାନ ପଡିରହିଛି ।

**ଅତାବିରା, ୮।୬ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ମଣ୍ଡି ଗୁଡିକରେ ଲକ୍ଷାଧିକ ଧାନ ବସ୍ତା ବିକ୍ରି ହୋଇ ନ ପାରି ପଡି ରହିଛି । ଶୁକ୍ରବାର ଓ ଶନିବାର କାଳବୈଶାଖୀ ତାଣ୍ଡବରେ ମଣ୍ଡି ଗୁଡିକରେ ବର୍ଷା ପାଣିରେ ଧାନ ଭିଜିଯାଉଛି । ଚାଷୀଙ୍କ ଖଳା, ଜମିରେ ଥିବା ଧାନ ମଧ୍ୟ ଭିଜିଯାଇଛି । ମଣ୍ଡି ଗୁଡିକରେ ଚାଷୀଙ୍କ ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି । ମଣ୍ଡି ଗୁଡିକରେ ତାରପଲିନ ଥିଲେ ମଧ୍ୟ ହଠାତ ବର୍ଷା ଆସିଯିବାରୁ ଧାନ ଘୋଡାଇବା ସମ୍ଭବ ହେଉ ନ ଥିବାରୁ ତାହା ଭିଜିଯାଉଥିବା ଦେଖିବାକୁ ମିଳୁଛି । ଅତାବିରା ଆରଏମସି ମଣ୍ଡି ଗୁଡିକରେ ୩୦ ଲକ୍ଷ କୁଇଣ୍ଟାଲ ଧାନ ପଞ୍ଜୀକରଣ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୨୧ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ହୋଇପାରିଛି । ଧାନ ପଞ୍ଜୀକରଣ ଅନୁସାରେ ଟାର୍ଗେଟ ଆସୁ ନ ଥିବାରୁ ଧାନ ବିକ୍ରି ହୋଇ ନ ପାରି ପଡି ରହିଛି । ଆହୁରି ୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷଧାର୍ଯ୍ୟ ରହିଛି । ଆଉ ଗୋଟିଏ ସପ୍ତାହ ମଧ୍ୟରେ ମୌସୁମୀ ଆସି ଯିବ । ଶନିବାର ସନ୍ଧ୍ୟାରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଖୁଣ୍ଟୁଲିପାଲି ମଣ୍ଡିକୁ ପରିଦର୍ଶନ କରିବାକୁ ଆସିଥିଲେ । ସେ ମଣ୍ଡି ଇନଚାର୍ଜ ଭରତ ପ୍ରଧାନଙ୍କଠାରୁ ସମସ୍ୟା ଉପରେ ବୁଝିଥିଲେ । ଏ ନେଇ ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ପଚରାଯିବାରୁ ଧାନ ପଞ୍ଜୀକରଣ ଅନୁସାରେ ଟାର୍ଗେଟ ଆସୁ ନ ଥିବାରୁ ବିକି ହୋଇ ପାରୁ ନ ଥିବା କହିଥିଲେ ।

**ଶୀତଳଷଷ୍ଠୀ ପାଇଁ ବୌଦ୍ଧ ଉତ୍ସବମୁଖର**

## ଯୁଗଳ ମୂର୍ତ୍ତି ଦର୍ଶନ କଲେ ଭକ୍ତ

**ବୌଦ୍ଧ,୮।୬(ସ୍ୱ.ପ୍ର)**

ଶୀତଳ ଷଷ୍ଠୀ ଉତ୍ସବ ପାଇଁ ବୌଦ୍ଧ ସହର ଉତ୍ସବ ମୁଖର ହୋଇ ଉଠିଛି । ଦେବାଧିଦେବ ମହାଦେବ ଶୁଭ ଲଗ୍ନରେ ପାରମ୍ପରିକ ରୀତିନୀତି ଅନୁସାରେ ଶୁକ୍ରବାର ବିରାଟ ଶୋଭାଯାତ୍ରାରେ କନ୍ୟାପିତା ଘରକୁ ବିବାହ ପାଇଁ ଯାଇଥିଲେ । ବ୍ରାହ୍ମ ମୂହୁର୍ତ୍ତରେ ବୈଦିକ ରୀତିରେ ବୌଦ୍ଧର ମହାନଦୀ କୂଳରେ ଥିବା ମାତଙ୍ଗେଶ୍ୱର ବାବାଙ୍କ ବିବାହ ଦେବୀ ପାର୍ବତୀଙ୍କ ସହ ସମ୍ପନ୍ନ ହେବା ପରେ ଶନିବାର ମହାଦେବ ଓ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ସହର ପରିକ୍ରମା କରିଥିଲା। ସନ୍ଧ୍ୟାରେ ମାତଙ୍ଗେଶ୍ୱର ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାରେ ଢୋଲ, ଘଣ୍ଟବାଦ୍ୟ, ହୁଳହୁଳି, ଡିଜେ ସାଉଣ୍ଡ ଓ ଆତସବାଜିରେ ସହର କମ୍ପି ଉଠିଥିଲା। ଶୋଭାଯାତ୍ରା ସମୟରେ ମହାପ୍ରଭୁଙ୍କ ଯୁଗଳ ମୂର୍ତ୍ତି ଦର୍ଶନ ଦେଖିବା ପାଇଁ ଭକ୍ତଙ୍କ ଭିଡ ଲାଗିରହିଥିଲା । ଚଳିତବର୍ଷ ମାତଙ୍ଗେଶ୍ୱର ବାବାଙ୍କ ବିବାହରେ ପୋଡାପଡାର ମହେଶ କୁମାର ପାତ୍ର ବରପିତା ଓ ଅନୀଲ କୁମାର ଦଲାଲ କନ୍ୟାପିତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଶହ ଶହ କଳାକାର, ଭକ୍ତ ଓ ଦର୍ଶକ ବିବାହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ବିଧାୟକଙ୍କ ଗିରଫ ଦାବିକଲା ଇଞ୍ଜିନିୟର ସେବାସଂଘ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବରଗଡ଼ ଶାଖାର କର୍ମକର୍ତ୍ତା, ସଦସ୍ୟବୃନ୍ଦ ।

**ବରଗଡ଼ ଅଫିସ୍,୮।୬**

ବଲାଙ୍ଗୀର ଜିଲା ପାଟଣାଗଡ଼ରେ ଜଣେ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସ୍ଥାନୀୟ ବିଧାୟକ ସରୋଜ ମେହେରଙ୍କ ଅଶାଳୀନ ଆଚରଣକୁ ନେଇ ଦେଖାଯାଇଥିବା ଅସନ୍ତୋଷର ତାତି ବରଗଡ଼ରେ ଦେଖିବାକୁ ମିଳିଛି । ଏହି କ୍ରମରେ ଶନିବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଆହୂତ ଏକ ଖବରଦାତା ସମ୍ମିଳନୀରେ ପାଟଣାଗଡ଼ ବିଧାୟକଙ୍କ ସେଭଳି ଆଚରଣକୁ ନିନ୍ଦା କରାଯିବା ସହିତ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଛି । ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ କହିଥିଲେ, ପାଟଣାଗଡ଼ ବିଧାୟକ ମେହେର ସେଠାରେ କାର୍ଯ୍ୟରତ ଯନ୍ତ୍ରୀ ଶବରଙ୍କୁ ରାସ୍ତା ମଝିରେ ସର୍ବସମ୍ମୁଖରେ କାନ ଧରି ଉଠ୍‌ବସ୍ କରାଇବା, ଜାତିକୁ ଆକ୍ଷେପ କରି ଗାଳି ଦେବା ଏବଂ ତାଙ୍କୁ ଚାପୁଡ଼ା ମାରିବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଭଳି ଅଶୋଭନୀୟ ଆଚରଣ ପ୍ରଦର୍ଶନ କଲେ, ତାହା ଆଦୌ ଶୋଭନୀୟ ନୁହେଁ । ସେଭଳି ଆଚରଣ ପ୍ରଦର୍ଶନ କରି ବିଧାୟକ ମେହେର ଆଇନକୁ ହାତକୁ ନେଇଛନ୍ତି। ଫଳରେ ଆଇନ ଅନୁଯାୟୀ ଅଭିଯୁକ୍ତ ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ କହିଛନ୍ତି । ନଚେତ ଆଗାମୀ ଦିନରେ ସଂଘ ପକ୍ଷରୁ ବିଧାୟକଙ୍କ ଗିରଫ ଦାବି ନେଇ ବିକଳ୍ପ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଖବରଦାତା ସମ୍ମିଳନୀରେ ସଂଘର ବରଗଡ଼ ଜିଲା ଶାଖା ଉପଦେଷ୍ଟା ରେବତୀ ରଞ୍ଜନ ମହାନ୍ତି, ସଭାପତି ସରୋଜ କୁମାର ମହାପାତ୍ର, ସମ୍ପାଦକ ସୁନୀଲ କୁମାର ମହାନ୍ତି, ଜୋନାଲ ସମ୍ପାଦକ ଟେକଚାନ୍ଦ କାଲୋ, ଗଜେନ୍ଦ୍ର କୁମାର ବେହେରା, ପବିତ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେରାର ଅଭିଯୁକ୍ତ ଗିରଫ

**ଘଣ୍ଟାପଡା, ୮।୬(ଡି.ଏନ.ଏ.)**

ଗଞ୍ଜେଇ ଚାଲାଣ ମାମଲାର ଜଣେ ଫେରାର ଅଭିଯୁକ୍ତଙ୍କୁ ବୌଦ୍ଧ ଜିଲା ଘଣ୍ଟାପଡା ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁରୁକୁପା ଗ୍ରାମର ଗୁରୁଦେବ କୁମ୍ଭାର । ସୂଚନା ଅନୁସାରେ, ଗତ ମାର୍ଚ୍ଚ ୭ ତାରିଖରେ ଗଞ୍ଜେଇ ନେଇ ଯାଉଥିବା ଏକ କାର କନ୍ଧମାଳ ନିକଟସ୍ଥ ବଜାଜ ଶୋ ରୁମ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରୁ ଗଞ୍ଜେଇ ବସ୍ତା ସବୁ ବାହାରି ପଡିଥିଲା ଏବଂ କାର୍‌ରେ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଥିଲେ। ଅନ୍ୟ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । କନ୍ଧମାଳ ପୋଲିସ ସମ୍ପୃକ୍ତ କାର୍ ଏବଂ ଗଞ୍ଜେଇକୁ ଜବତ କରି ତଦନ୍ତ ଜାରି ରଖିଥିଲା । ଏ ନେଇ ଘଣ୍ଟାପଡା ଥାନାରେ ଏକ ମାମଲା (ନଂ.୪୮/୧୯) ରୁଜୁ ହୋଇଥିଲା ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ, ୨ ଗୁରୁତର

**ପାଇକମାଳ,୮।୬(ଡି.ଏନ.ଏ)**

ପାଇକମାଳ ସଦର ମହକୁମାଠାରୁ ୩ କିମି ଦୂର ରଣଜିତପୁର ତାରିଣୀ ମନ୍ଦିର ନିକଟରେ ଶନିବାର ଏକ ବାଇକ ଭାରସାମ୍ୟ ହରାଇ ମନ୍ଦିର କାନ୍ଥରେ ପିଟି ହୋଇଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବଇଦପାଲି ଗ୍ରାମର ରସାନନ୍ଦ ଛତର (୨୮)। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ପଦ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପାଇକମାଳ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି । ଏ ନେଇ ଏକ ମାମଲା (ନଂ.୯୦/୧୯) ରୁଜୁ ହୋଇଛି । ସୂଚନା ଅନୁସାରେ, ରସାନନ୍ଦ ତାଙ୍କ ବଡ ଭାଇ ବିଷ୍ଣୁ ଛତର (୩୨) ଓ ନବୀନ ଛତର (୨୫)ଙ୍କ ସହିତ ଏକ ବାଇକ୍ ଯୋଗେ ପଦ୍ମପୁର ଯାଉଥିଲେ । ବାଟରେ ତାରିଣୀ ମନ୍ଦିର ନିକଟରେ ବାଇକ ଭାରସାମ୍ୟ ହରାଇ ମନ୍ଦିର କାନ୍ଥରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗାଡି ଚାଳକ ରସାନନ୍ଦଙ୍କ ମୃତ୍ୟୁ ହୋଇଥିଲା।

■ ଗାଇସିଲେଟରେ ଶୀତଳ ଷଷ୍ଠୀ

## ଦେବ ଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

**ଗାଇସିଲେଟ,୮।୬ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ଗ୍ରାମପଞ୍ଚାୟତ କଣ୍ଟାଜୁଡା-ସଂକ୍ରିପାଣି ଜଙ୍ଗଲ ମଧ୍ୟରେ ଥିବା ବାବା ଧବଳେଶ୍ୱର ଏବଂ ଜଗତଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ଶୁକ୍ରବାର ବିଳମ୍ବିତ ରାତିରେ ଲଗ୍ନ ଅନୁସାରେ ସମ୍ପନ୍ନ ହୋଇଛି। ମନ୍ଦିରରୁ ସନ୍ଧ୍ୟା ୪ଟାରେ ବରଯାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ ସଂକ୍ରିପାଣି ଗ୍ରାମକୁ ଯାଇଥିଲେ। ପରେ କଣ୍ଟାଝୁଡା ଗ୍ରାମକୁ ବରାତି ଆସିଥିଲା । ଉଭୟ ଗ୍ରାମରେ ପ୍ରତ୍ୟେକଙ୍କ ଘର ସମ୍ମୁଖରେ କଳସ ବସାଇ ଦୀପ ଜାଳି ମହାଦେବଙ୍କୁ ସ୍ୱାଗତ କରିଥିଲେ । ପରେ ଜଗତ୍‌ଜନନୀ ମାତା ପାର୍ବତୀ ଥିବା ମଣ୍ଡପରେ କନ୍ୟା ପକ୍ଷରୁ ବରଯାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଦିନ ୧୦ଟାରେ ସମସ୍ତ ଯାନି ଯୌତୁକ ସହିତ ଦେବ ଦମ୍ପତିଙ୍କୁ ମହିଳାପୁରୁଷ ଶୋଭାଯାତ୍ରାରେ ମନ୍ଦିରକୁ ନେଇଥିଲେ। ସେହିପରି ମନ୍ଦିରରେ ଚାଲିଥିବା ଅଖଣ୍ଡ ନାମ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ନାମଯଜ୍ଞରେ ସଂକ୍ରିପାଣି, ଗୋରେନମୁଣ୍ଡା, ନଟବରପୁର, ବଡ ସାହାଜବାହାଲ ଓ ଗାଇସିଲେଟର ମହିଳା କୀର୍ତ୍ତନ ଦଳ ଭାଗ ନେଇଥିଲେ। ଗୁରୁଦେବ ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଏବଂ ପଣ୍ଡିତ ସାଗର ପଣ୍ଡା ଓ ଚତୁର୍ଭୁଜ ପଣ୍ଡା ପୂଜକ ତଥା ଜପକ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ସାଲନା ଗାଁ ଗୌନ୍ତିଆଙ୍କ ପରଲୋକ

**ଅତାବିରା, ୮।୬ (ଡି.ଏନ.ଏ)**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ସାଲନା ଗ୍ରାମର ଗୌନ୍ତିଆ ମାନସ ରଞ୍ଜନ ହୋତା (୫୯)ଙ୍କ ଶନିବାର ପରଲୋକ ହୋଇଛି । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ପଞ୍ଚାୟତର ଜଣେ ସକ୍ରିୟ ବିଜେଡି ନେତା ଥିଲେ ଏବଂ ଦେଶକୁମ୍ଭାରୀ ଜଗନ୍ନାଥ ମନ୍ଦିରର ତଦାରଖ କରିଆସୁଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସାମାଜିକ କର୍ମୀ ପ୍ରମୋଦ ଦନ୍ତା, ବସୁଦେବ ପ୍ରଧାନ, ଯୋଗେଶ ଦାଶ ମୃତକଙ୍କ ଘରକୁ ଆସି ପରିବାର ଲୋକଙ୍କୁ ଶାନ୍ତ୍ୱନା ଜଣାଇଥିଲେ ।

■ ବିଜେପୁର ଉପନିର୍ବାଚନ ଚର୍ଚ୍ଚା

## ରୀତା ସାହୁଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱକୁ ବିରୋଧ

**ବିଜେପୁର, ୮।୬ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦେବାର ସାତ ଦିନ ନ ବିତୁଣୁ ବିଧାୟକ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ଆସନରେ ବିଜେଡିରୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବି ଚାଲିଛି। ତେବେ ଗତ ଉପନିର୍ବାଚନରେ ବିଜୟୀ ହୋଇଥିବା ବିଧାୟିକା ରୀତା ସାହୁଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱକୁ ନେଇ ବିରୋଧର ସ୍ୱର ଉଠିଲାଣି । ଏ ପରିପ୍ରେକ୍ଷୀରେ ଏହି ବ୍ଲକ ଅନ୍ତର୍ଗତ ପଥର୍ଲା ଗ୍ରାମରେ ରୀତା ସାହୁଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଶନିବାର ବିଜେଡି ନେତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ ଅଧକ୍ଷ ଗତିକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ବିଜେଡି ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ପୂର୍ବତନ ବ୍ଲକ ସଭାପତି ଦିବ୍ୟ ସିଂ, ଦେବାନନ୍ଦ ଗଡତିଆ, ଜିଲା ପରିଷଦ ସଦସ୍ୟ ଲଳିତ ସାହୁ, ମୋତିରାମ ମେହେର, ସରପଞ୍ଚ ବିନୋଦ ବିଶ୍ୱାଳ, ରାଜେଶ ସେଠ, ସମିତି ସଭ୍ୟ ଗୋପାଳ ମେହେର, ତୁଳସୀ ତନସନା ପ୍ରମୁଖ ଯୋଗ ଦେଇଥିଲେ । ଏହା ସହିତ ବ୍ଲକର ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ଆଗାମୀ ଦିନରେ ବିଜେପୁର ଉପନିର୍ବାଚନରେ ରୀତା ସାହୁଙ୍କୁ ବିଜେଡି ପ୍ରାର୍ଥୀ କରାଗଲେ ନିର୍ବାଚନ ବୈତରଣୀ ପାରି ହେବା କାଠିକର ପାଠ ହେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏଠାରେ ସୁଚିନ୍ତିତ ସର୍ଭେ କରି ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବାକୁ ଆଲୋଚନା ହୋଇଥିଲା । ସମିତି ସଭ୍ୟ ସର୍ଜନ ଚିରଗୁଣ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ପୂର୍ବତନ ବିଧାୟିକା ରୀତା ସାହୁଙ୍କ ପ୍ରାର୍ଥିତ୍ୱଙ୍କ ବିରୋଧ କରି ଅର୍ଡା ଗ୍ରାମରେ ବୈଠକ ହୋଇଥିଲା । ଶନିବାର ପୁନର୍ବାର ବିଜେଡି ନେତାଙ୍କ ବୈଠକ ହୋଇଥିବାରୁ ଦଳରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହେଲାଣି ବୋଲି ଆଲୋଚନା ହେଉଛି ।



ପଥର୍ଲା ଗ୍ରାମରେ ବିଜେଡି ନେତାମାନଙ୍କ ବୈଠକ ଚାଲିଛି ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



ପୋକରୀ ହିଡରେ ଜଳି ଯାଇଥିବା ବାଇକ।

### ବାଇକ ପୋଡିଦେଲେ ଦୁର୍ବୃତ୍ତ

**ଉଲୁଣ୍ଡା, ୮।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ନିକଟ ପିପିଲିକାନୀ ଗ୍ରାମର ନବକିଶୋର ସାହୁଙ୍କ ବାଇକକୁ କେହି ପୋଡି ଦେଇଥିବା ନେଇ ଉଲୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ନବକିଶୋର ସୋନପୁର -ସମ୍ବଲପୁର ମୁଖ୍ୟ ରାସ୍ତାର ପୋଢଟିକିରା ଛକରେ ଏକ ଜଳଖିଆ ଦୋକାନ ଦେଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ନବ ଏବଂ ତାଙ୍କ ଭାଇ ବିପିନ ବାଇକ ଯୋଗେ ତାଙ୍କ ଗ୍ରାମର ପୋଖରିକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରି ହିଡରେ ବାଇକକୁ ରଖିଦେଇ ଗାଧୋଉଥିଲେ। ଏହି ସମୟରେ କେହି ତାଙ୍କ ବାଇକରେ ନିଆଁ ଲଗାଇଦେଇଥିଲା। ପରେ ବାଇକ ଟାଙ୍କି ଫାଟି ପ୍ରଚଣ୍ଡ ଶବ୍ଦ କରିଥିଲା। ଶବ୍ଦ ଶୁଣି ନବ ଆସି ଦେଖିଲା ବେଳକୁ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଏ ନେଇ ନବକିଶୋର ଆଜି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ଆଇଆଇସି ବିଦ୍ୟୁଭୂଷଣ ପୁଟା ସୂଚନା ଦେଇଛନ୍ତି।

■ ଦ୍ୱାରଦେଶରେ ମୌସୁମୀ

# ନାଳରେ ଆବର୍ଜନା, ଜଳାର୍ଣ୍ଣବ ହେବ ସହର

**ସୋନପୁର, ୮।୬(ନି.ପ୍ର.)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ସ୍ପର୍ଶ କରିସାରିଛି। ସପ୍ତାହକ ଭିତରେ ଓଡିଶାରେ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଜିଲାର ସୁବର୍ଣ୍ଣପୁର ପୌରପାଳିକା, ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏଯାଏ ବିଶେଷ କିଛି ପଦକ୍ଷେପ ନିଆଯାଇ ନାହିଁ। ବର୍ଷାଋତୁ ପୂର୍ବରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସହରରେ ଥିବା ଡ୍ରେନ୍‌ଗୁଡିକ ମରାମତି କରାଯିବା ସହ ପଙ୍କ, କାଦୁଅ ସବୁ ଉଦ୍ଧାର କରାଯାଏ। ମୌସୁମୀ ପୂର୍ବରୁ ସହରରେ ଥିବା ଛୋଟ ନାଳ ଓ ଡ୍ରେନ୍ ଗୁଡିକର ସଫେଇ କାର୍ଯ୍ୟ ସାରିବାକୁ ଏବଂ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସକାଶେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସପ୍ତାହେ ପୂର୍ବରୁ ରାଜ୍ୟର ସମସ୍ତ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୁବର୍ଣ୍ଣପୁର ସହରରେ ମୋଟ ୧୫.୩୦୦ କିଲୋମିଟର ଡ୍ରେନ୍ ଅଛି। ସହରର ପ୍ରମୁଖ ଡ୍ରେନ୍‌ଗୁଡିକ ପଙ୍କ ଭର୍ତ୍ତି ହୋଇ ରହିଛି। ମୌସୁମୀ ପ୍ରଭାବରେ ଲଗାଣ ବର୍ଷା ହେଲେ ପ୍ରଥମ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳରେ କୃତ୍ରିମ ବନ୍ୟା ହେବାର ଆଶଙ୍କା ରହିଛି। ବିଜୁ ପଟ୍ଟନାୟକ ଛକରୁ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା ମୁଖ୍ୟ ଡ୍ରେନ୍ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ପଞ୍ଚରଥ ମନ୍ଦିର ଛକରୁ ଅନାଥାଶ୍ରମ, ମାଝିପଡା ମାର୍କେଟ ଓ ଥାନାରୁ ମସଜିଦ୍ ଛକ ପର୍ଯ୍ୟନ୍ତ ଥିବା ଡ୍ରେନ୍‌ରୁ ପଙ୍କ ଉଦ୍ଧାର ହୋଇନି। ସେହିପରି ପଶ୍ଚିମ ସୋମନାଥ ମନ୍ଦିରରୁ ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ଡ୍ରେନ୍ ଓ ମହାବୀର ମାର୍ଗରୁ ଭଗବତୀ ମନ୍ଦିର ହୋଇ କୁମ୍ଭାରପଡା ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ଡ୍ରେନ୍‌ଗୁଡିକ ଅଳିଆ ଆବର୍ଜନା ପଡି ଏକପ୍ରକାର ଜାମ୍ ହୋଇଯାଇଛି। ଗାର୍ଲସ୍ ହାଇସ୍କୁଲ ଛକରୁ ବିଦ୍ୟୁତ୍ ଥାନା ଓ ଷ୍ଟେଟ୍ ବ୍ୟାଙ୍କରୁ ପ୍ରଭାସ ଲଜ୍ ମଧ୍ୟରେ ଥିବା ଡ୍ରେନ୍, ଜୟଗୁରୁ ମାର୍କେଟ୍, ବ୍ଲକ ଛକର ଡ୍ରେନ୍‌ଗୁଡିକ କେବେଠୁଁ ମାଟିରେ ପୋତି ହୋଇଗଲାଣି। ବିଭିନ୍ନ ପଡାମାନଙ୍କରେ ଥିବା ଡ୍ରେନ୍‌ର ଅବସ୍ଥା ମଧ୍ୟ ଅନୁରୂପ। କେଉଁଠି ଆଦୌ ଡ୍ରେନ୍ ନାହିଁ ତ ଆଉ କେଉଁଠି ଭାଙ୍ଗି ମାଟିରେ ପୋତି ହୋଇଗଲାଣି। ଆଉ କେଉଁଠି ଡ୍ରେନ୍ ଉପରେ ଜବରଦଖଲ ଯୋଗୁଁ ଅଳିଆ ଆବର୍ଜନା ଓ ପଙ୍କ ଉଦ୍ଧାର ହୋଇପାରିନି। ଜବରଦଖଲ ସମସ୍ୟା ଯୋଗୁଁ ଗଙ୍ଗାଧର ମେହେର ଛକରୁ ବଡବଜାର-ଗାର୍ଲସ ହାଇସ୍କୁଲ ରାସ୍ତାରେ ଡ୍ରେନ୍ ନିର୍ମାଣ ହୋଇ ପାରିଲାନି। ଦୁର୍ବଳ ପ୍ରଶାସନ ପାଇଁ ୫ବର୍ଷ ପୂର୍ବରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ଫେରିଗଲା। ବର୍ତ୍ତମାନ ଖରାଦିନ ଯୋଗୁଁ ସେମିତି କିଛି ଗୁରୁତର ପରିସ୍ଥିତି ସୃଷ୍ଟି ହେଉନଥିବା ବେଳେ ଆଗକୁ ବର୍ଷା ଦିନ ଥିବାରୁ ସହରରେ କୃତ୍ରିମ ବନ୍ୟା ହେବାର ଆଶଙ୍କା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରିଂରୋଡ ନିର୍ମାଣରେ ମନ୍ଥରତା। କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସହରର ଜଳ ବର୍ଷାଦିନେ ନିଷ୍କାସିତ ହେବାରେ ସମସ୍ୟା ସୃଷ୍ଟି ହୋଇପାରେ। କାରଣ ସହରର ଆବର୍ଜନା, ବର୍ଜ୍ୟବସ୍ତୁ ଓ ବର୍ଷା ଜଳ ୫ଟି ଡ୍ରେନ୍ ଦେଇ ସିଧାସଳଖ ମହାନଦୀରେ ମିଶିଥାଏ। ଏବେ ମାଟିବନ୍ଧ ଯୋଗୁଁ ନିଷ୍କାସନରେ କିଛି ପରିମାଣରେ ବାଧା ଉପୁଜିବ। ତେଣୁ ସ୍ଥିତିର ସମୀକ୍ଷା କରାଯିବା ସହିତ ମୌସୁମୀ ପୂର୍ବରୁ ଡ୍ରେନ୍‌ରୁ ପଙ୍କ ଓ ଆବର୍ଜନା ସଫା କରିବା, ଡ୍ରେନ୍‌ଗୁଡିକ ମରାମତି କରିବା ଓ ଆବଶ୍ୟକ ସ୍ଥଳେ ନାଳଗୁଡିକୁ ସଫା କରିବାକୁ ସହରବାସୀ ଦାବି କରିଛନ୍ତି। ବଡବଜାର ଦୁର୍ଗାମଣ୍ଡପ ଅଞ୍ଚଳର ବ୍ୟବସାୟୀ ଗୋପାଳ ଭୁତ କୁହନ୍ତି, ପୌର କର୍ତ୍ତୃପକ୍ଷ ମାସ ମାସ ଧରି ଅଳିଆ ସଫା କରୁନାହାନ୍ତି। ସକାଳେ ପୌର କର୍ମଚାରୀ ମାନେ ଅଳିଆକୁ ଠୁଳ କରି ନିଆଁ ଲଗାଇ ଦେଉଛନ୍ତି। ଏହା ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି। ପରିମଳ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। କେତେକ ସ୍ଥାନରେ ଜବରଦଖଲ ଭଳି ସମସ୍ୟା ପାଇଁ ସଫେଇ କର୍ମଚାରୀମାନେ ଡ୍ରେନ୍ ସଫା କରି ପାରୁନାହାନ୍ତି। ଡ୍ରେନ୍‌ରୁ ଜବରଦଖଲ ହଟାଇବା ଜରୁରି ହୋଇପଡିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡୁଡା ଶରତ ଚନ୍ଦ୍ର ପଣ୍ଡା କୁହନ୍ତି, ଆସନ୍ତା ରଥଯାତ୍ରା ଓ ମୌସୁମୀକୁ ଦୃଷ୍ଟିରେ ରଖି ୩ଟି ସହରର ଡ୍ରେନ୍ ସଫେଇ କାର୍ଯ୍ୟ ଶୀଘ୍ର ସାରିବାକୁ ସମ୍ପୃକ୍ତ ଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟର ଅଗ୍ରଗତି ନେଇ ନିଶ୍ଚିତ ସମୀକ୍ଷା କରାଯିବ।



ସୁବର୍ଣ୍ଣପୁର ସହରର ଡ୍ରେନ୍‌ଗୁଡିକରେ ଅଳିଆ ଭର୍ତ୍ତି ହୋଇରହିଛି।

## କୁକୁଡା ଫାର୍ମ ସ୍ଥାନାନ୍ତର ନହେଲେ ରାସ୍ତାରୋକୋ

**ଉଲୁଣ୍ଡା, ୮।୫(ଡି.ଏନ.ଏ.)**

ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତାର ଅଇଁଲାଛାଟ ଛକ ନିକଟରେ ଏକ କୁକୁଡା ଫାର୍ମ ରହିଛି। ସେହି ଫାର୍ମର ମଇଳା, ଆବର୍ଜନା ଜମାରହି ସାମାନ୍ୟ ପବନ ହେଲେ ଦୁର୍ଗନ୍ଧ ବାହାରୁଛି। ଫଳରେ ଅଇଁଲାଛାଟ ସମେତ ଛକରେ ଥିବା ଦୋକାନୀ, ଶିଶୁମନ୍ଦିରର ଛାତ୍ରୀଛାତ୍ରଙ୍କ ପାଇଁ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏ ନେଇ ସ୍ଥାନୀୟ ବାସିନ୍ଦା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର ଦାବି କରି ମେ ୧୪ତାରିଖରେ ଜିଲା ପ୍ରଶାସନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଅଦ୍ୟାବଧି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆସନ୍ତା ୧୧ତାରିଖରେ ଅଞ୍ଚଳବାସୀ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଏକ ପ୍ରସ୍ତୁତି ବୈଠକ ସୁରେଶ କୁମାର ଦେହୁରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଲୁଣ୍ଡା ବ୍ଲକ ଚଡେଇପଙ୍କ ପଞ୍ଚାୟତର ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ଜଉଁରାଭଉଁରା ସରପଞ୍ଚ ଝରଣା ସାହୁ, ସିଣ୍ଢୋଲ ସରପଞ୍ଚ ଚିନ୍ମୟୀ ମେହେର, ଏସ.ପତ୍ରାପାଲି ସରପଞ୍ଚ ସୁରମା ମହାଲିଙ୍ଗ ପ୍ରମୁଖଙ୍କ ସମେତ ବହୁତ ନାଗରିକ ଯୋଗଦେଇ ଉପରୋକ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ଉକ୍ତ କୁକୁଡା ଫାର୍ମର ବର୍ଜ୍ୟବସ୍ତୁ ଯୋଗୁଁ ଉତ୍କଟ ଦୁର୍ଗନ୍ଧ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରି ଯଥାଶୀଘ୍ର ଫାର୍ମକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

■ ସୁରେଶ୍ୱରୀଙ୍କୁ ଦର୍ଶନ କଲେ ପର୍ଯ୍ୟଟନ ମନ୍ତ୍ରୀ

# ଜଳ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି



ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ।

**ସୋନପୁର,୮।୬(ନି.ପ୍ର.)**

ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶନିବାର ସୁବର୍ଣ୍ଣପୁରର ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ମଧ୍ୟାହ୍ନରେ ମନ୍ତ୍ରୀ ମା'ଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ସର୍କିଟ୍ ହାଉସଠାରେ ଜିଲାର ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାତନ ମନ୍ଦିରଗୁଡିକର ପୁନରୁଦ୍ଧାର, ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହର ଦୁଇ ପାର୍ଶ୍ୱଦେଇ ମହାନଦୀ ଓ ତେଲନଦୀ ବହି ଯାଇଛି। ତଳମୁଣ୍ଡରେ ଏକ ବ୍ୟାରେଜ୍ ନିର୍ମାଣ ହେଲେ ଜଳ ଗଚ୍ଛିତ ହୋଇ ରହିପାରନ୍ତା। ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରନ୍ତା। ଏଠାରେ ଜଳ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ ଓ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ରାମପୁରସ୍ଥିତ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ପର୍ଯ୍ୟଟନ ମନ୍ତ୍ରୀ। ପର୍ଯ୍ୟଟନର ବିକାଶ ସମ୍ପର୍କରେ ଉଭୟ ଆଲୋଚନା କରିଥିଲେ। ଶୀତଳ ଷଷ୍ଠୀ ଉତ୍ସବରେ ଯୋଗଦେବା ପାଇଁ ପଯର୍ୟଟନ ମନ୍ତ୍ରୀ ଏଠାରୁ ସମ୍ବଲପୁର ଅଭିମୁଖେ ଯାଇଥିଲେ।

## ଦେବ ଦମ୍ପତିଙ୍କ ଗମ୍ଭୀରା ପ୍ରବେଶ

**ବିନିକା, ୮।୬(ଡି.ଏନ୍.ଏ.)**

ସୁବର୍ଣପୁର ଜିଲା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୪ଦିନ ଧରି ଚାଲିଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଶନିବାର ଗମ୍ଭୀରା ପ୍ରବେଶ ସହିତ ସମ୍ପନ୍ନ ହୋଇଛି। ଏହି ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭିଡ ଜମିଥିଲା। ବିନିକା ସହର ଶୀତଳଷଷ୍ଠୀ କମିଟି ସଭାପତି ସୁଧାଂଶୁ ଶେଖର ଦାଶ, କାର୍ଯ୍ୟକାରୀ ସଭାପତି ଅଜିତ କୁମାର ସାମନ୍ତରା, ସମ୍ପାଦକ ମାନଗୋବିନ୍ଦ ମେହେର, ଉପସଭାପତି ସନ୍ତୋଷ କୁମାର ମେହେର, ସହସମ୍ପାଦକ ସମ୍ବିତ୍ କୁମାର ନେପାକ ଓ କୋଷାଧ୍ୟକ୍ଷ ହରିବକ୍ତ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



■ ଅନ୍ତର୍ଜାତୀୟ ଟାଏକୋଣ୍ଡୋ

# ସୁବର୍ଣ୍ଣପୁର ଜିଲାରୁ ଭାଗନେବେ ୫ପ୍ରତିଯୋଗୀ

**ବୀରମହାରାଜପୁର, ୮।୬(ଡି.ଏନ.ଏ.)**

ଅନ୍ତର୍ଜାତୀୟ କ୍ରୀଡାସ୍ତରରେ ଭାଗନେବା ପାଇଁ ପୁଣି ସୁଯୋଗ ଲାଭ କରିଛନ୍ତି ସୁବର୍ଣ୍ଣପୁର ଜିଲାର କ୍ରୀଡାବିତ । ଆସନ୍ତା ୯ ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଟାଏକୋଣ୍ଡୋ ଓ ଟାଏକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ହାଇଦ୍ରାବାଦର କୋଟାଲା ବିଜୟ ଭାସ୍କର ରେଡି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳିବେ ସୁବର୍ଣ୍ଣପୁର ଜିଲାର ୫ ଉଦୟୀମାନ କ୍ରୀଡାବିତ । ଦ୍ୱିତୀୟ ଥର ପାଇଁ ଭାରତ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର କୋଚ ତଥା ଅନ୍ତର୍ଜାତୀୟ କ୍ରୀଡାବିତ ଏହେସାସ ହୋତାଙ୍କ ସମେତ ଅନ୍ୟ ୪ ପ୍ରତିଯୋଗୀ ଭାଗନେବେ । ସିନିଅର ୫୪ କେଜି ବର୍ଗରେ ଏହେସାସ ଏବଂ ଶୁଭମ ପଟ୍ଟନାୟକ, କ୍ୟାଡେଟ୍ (ପୁରୁଷ) ୪୧ କେଜିରେ ଅନ୍ୱେଶ ହୋତା, ମହିଳା ବର୍ଗରେ ଅନନ୍ୟା ସାହୁ ଏବଂ କ୍ୟାଡେଟ୍ ୩୭ କେଜି ବର୍ଗରେ ଦୁର୍ଲଭ ନାୟକ ଅଂଶଗ୍ରହଣ କରିବାକୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିସାରିଛନ୍ତି। ପୁର୍ବରୁ ଏହେସାସ ୨ ଥର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେଇ ଦେଶ ପାଇଁ ଗୌରବ ଆଣିସାରିଥିବାବେଳେ ଏବେ ପୁଣିଥରେ ମେଡାଲ ଜିଣିବା ସହ ତାଙ୍କଠାରୁ ତାଲିମ ନେଇଥିବା ଅନ୍ୟ କ୍ରୀଡାବିତମାନେ ମଧ୍ୟ ସଫଳତା ପାଇବେ ବୋଲି ଆଶା କରାଯାଉଛି। ଏହେସାସ ଜଣେ ଜାତୀୟ ରେଫରୀ ଥାଇ ଏବେ ପୁଣି ଏସିଆ କୋଚ ଭାବେ ଚୟନ ହୋଇଥିବାରୁ ଜିଲଶ ଟାଏକୋଣ୍ଡୋ ସଂଘ ପକ୍ଷରୁ ଜିଲା ସଭାପତି ରବୀନ୍ଦ୍ର ହୋତା ଶୁଭେଚ୍ଛା ଜଣାଇଛନ୍ତି।



ଅନ୍ତର୍ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ସୁବର୍ଣ୍ଣପୁର ଜିଲାର ୫ ଯୁବ ଖେଳାଳି।

■ ରତ୍ନପଥର ଖନନ ପାଇଁ ଲୁଟେରାଙ୍କ ମେଳି ଘଟଣା

# ୧୪୪ ଧାରା ଜାରି କଲା ପ୍ରଶାସନ

**ବୀରମହାରାଜପୁର, ୮।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଧିନ ଗୋପପାଲି ଗ୍ରାମରେ ବେଆଇନ ଭାବେ ରତ୍ନପଥର ଖନନ କରିବାକୁ ଯାଇ ଲୁଟେରାଙ୍କ ମେଳି ବଢିବାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଶେଷରେ ପ୍ରଶାସନ ନିଷେଧାଦେଶ ଜାରି କରିବାକୁ ବାଧ୍ୟ ହୋଇଛି। ଶନିବାର ସ୍ଥାନୀୟ ଉପଜିଲାପାଳଙ୍କ ଆଦେଶକ୍ରମେ ବୀରମହାରାଜପୁର ପୋଲିସ, ତହସିଲଦାର ଏବଂ ମୁଷୁଣ୍ଡୀ ରାଜସ୍ୱ ନିରୀକ୍ଷକ ବିବାଦୀୟସ୍ଥଳୀରେ ପହଞ୍ଚି ୧୪୪ ଧାରା ଜାରି କରିଛନ୍ତି। ଏହା ଫଳରେ ସମ୍ପୃକ୍ତ ଜମି ମାଲିକ କିମ୍ବା ବାହ୍ୟ ବ୍ୟକ୍ତିଙ୍କ ପ୍ରବେଶକୁ ସାମୟିକ ଭାବେ ରୋକାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୀରମହାରାଜପୁରଠାରୁ ପ୍ରାୟ ୧୦ କିଲୋମିଟର ଦୂରବର୍ତ୍ତୀ ମୁଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଗୋପପାଲି ଗାଁ ନିକଟ ଘରୋଇ ମାଲିକାନାରେ ଥିବା ଏକ ଜମିରୁ ରତ୍ନପଥରର ସନ୍ଧାନ ମିଳିଥିବା ନେଇ ପ୍ରଚାର ହୋଇଥିଲା। ତେଣୁ ଗତ ଏକ ସପ୍ତାହ ଧରି ରତ୍ନ ପଥର ସନ୍ଧାନରେ ଦିନରାତି ଲୁଟେରାଙ୍କ ମେଳି ଜମୁଥିବା ଦେଖିବାକୁ ମିଳିଥିଲା। ପରିସ୍ଥିତି ଅନୁଧ୍ୟାନ କରିବାକୁ ଯାଇ ପୋଲିସକୁ ମଧ୍ୟ ନାକେଦମ ହେବାକୁ ପଡିଥିଲା। ଅନ୍ୟପକ୍ଷରେ ଏହାକୁ କେନ୍ଦ୍ରକରି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଶଙ୍କାରେ ୧୪୪ ଜାରି ସକାଶେ ପୋଲିସ ପକ୍ଷରୁ ବୀରମହାରାଜପୁର ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଙ୍କୁ ରିପୋର୍ଟ କରାଯାଇଥିଲା। ଏହାକୁ ଭିତ୍ତିକରି ଏସଡିଏମ ସୁବ୍ରତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ନିଷେଧାଦେଶ ଜାରି କରାଯାଇଥିବା ପ୍ରକାଶ।



ଗୋପପାଲି ମୌଜାରେ ପ୍ରଶାସନ ଦ୍ୱାରା ଘୋଷିତ ନିଷେଧାଞ୍ଚଳ।

■ ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା

# ଦେବଦମ୍ପତିଙ୍କ ଯୁଗଳ ଦର୍ଶନ

**ସୋନପୁର, ୮।୬(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଘୋଡାଘାଟପଡା ଦଧିବାମନ ମଣ୍ଡପରେ ଶନିବାର ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଶିବ ପାର୍ବତୀଙ୍କ ଦର୍ଶନ କରିଥିଲେ। ଶୁକ୍ରବାର ରାତିରେ ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ କନ୍ୟାପିତାଙ୍କ ବାସଗୃହରେ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଦେବ ଦମ୍ପତି ଗଣ୍ଡୁଆଳ ହୋଇ ନଗର ପରିକ୍ରମା କରୁଛନ୍ତି। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁବର୍ଣ୍ଣ ନାଗ ପ୍ରତିମା ବର ବେଶରେ ରୂପା ବିମାନରେ ବିଜେ ହୋଇଛନ୍ତି। ଆକର୍ଷଣୀୟ ମେଢରେ ସଜ୍ଜିତ ଦେବଦମ୍ପତିଙ୍କ ଶୋଭାରାଜି ଭକ୍ତଙ୍କ ମନ ମୋହୁଛି। ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ନଗର ପରିକ୍ରମା କରିଥିଲେ। ଶୀତଳଷଷ୍ଠୀ ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା । ଶୋଭାଯାତ୍ରା ଯିବା ବାଟରେ ମହିଳା ଓ ପୁରୁଷମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରିବା ସହିତ ଭୋଗ ଲଗାଇଥିଲେ । ଶାସ୍ତ୍ରାନୁସାରେ ଦେବ ଦମ୍ପତିଙ୍କ ଏହି ଅପୂର୍ବ ବେଶ ଦେଖିଲେ ଅଭିଶପ୍ତ ଜୀବନରୁ ମୁକ୍ତି ମିଳେ ବୋଲି ଲୋକ ବିଶ୍ୱାସ ରହିଛି। ଦେବ ଦମ୍ପତିଙ୍କ ନଗର ପରିକ୍ରମା ବେଳେ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, କଳାକାରଙ୍କ ପାରମ୍ପରିକ ଲୋକବାଦ୍ୟ, ଲୋକଗୀତ, କିନ୍ନରମାନଙ୍କ ନୃତ୍ୟ ଓ ଆଧୁନିକ ନୃତ୍ୟରେ ରାସ୍ତାଘାଟ ସମେତ ଦୁଲୁକି ଉଠିଛି ।



ଦଧିବାମନ ମଣ୍ଡପରେ ଶିବ ପାର୍ବତୀଙ୍କ ଯୁଗଳ ଦର୍ଶନ ।

■ ବୀରମହାରାଜପୁରରେ ଶୀତଳ ଷଷ୍ଠୀ ଯାତ୍ରା

# ସମ୍ପନ୍ନ ହେଲା ଦେବଦମ୍ପତିଙ୍କ ବିବାହ

**ବୀରମହାରାଜପୁର, ୮।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର ମନ୍ଦିର କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରଥମକରି ଆରମ୍ଭ କରାଯାଇଥିବା ଶୀତଳ ଷଷ୍ଠୀ ଯାତ୍ରା ମହା ସମାରୋହରେ ସମ୍ପନ୍ନ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମହାନଦୀ ତଟବର୍ତ୍ତୀ ମନ୍ଦିର ପରିସରରୁ ବାବା ଗୋଧେନେଶ୍ୱରଙ୍କ ବରଯାତ୍ରୀ ଶୋଭାଯାତ୍ରା ଗୋବିନ୍ଦପୁରସ୍ଥିତ କନ୍ୟାପିତାଙ୍କ ବାସଭବନ ଅଭିମୁଖେ ବାହାରିଥିଲା। ବ୍ରାହ୍ମ ମୂହୁର୍ତ୍ତରେ ପାରମ୍ପରିକ ରୀତିନୀତି ଓ ଲୋକାଚାରମତେ ଦେବଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ବିବାହ କାର୍ଯ୍ୟ ସମ୍ପନ୍ନ ହେବାପରେ କନ୍ୟା ମାତାପିତା ମୀନାକ୍ଷୀ ହୋତା ଓ ଅଶୋକ ପୁରୋହିତ ଶନିବାର ସକାଳେ କନ୍ୟା ବିଦା କରିଥିଲେ। ଲେଉଟାଣି ଶୋଭାଯାତ୍ରା ଗୋବିନ୍ଦପୁରରୁ ବାହାରି ଗୋଧେନେଶ୍ୱରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ସହସ୍ରାଧିକ ବରଯାତ୍ରୀଙ୍କୁ କନ୍ୟାପିତାଙ୍କ ପକ୍ଷରୁ ଭୋଜିଭାତରେ ଆପ୍ୟାୟିତ କରାଯାଇଥିଲା। ତେଣେ ନବଦମ୍ପତି ସାଜିଥିବା ଶିବପାର୍ବତୀ ମନ୍ଦିର ବାହୁଡିବା ପରେ ବରପିତାଙ୍କ ତରଫରୁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ସୁନୀତା ମିଶ୍ର ଓ ସନ୍ତୋଷ କୁମାର ମିଶ୍ର ବର ମାତାପିତାଙ୍କ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଶନିବାର ଅପରାହ୍ନରେ ଏକ ଭଜନ ସମାରୋହ ମନ୍ଦିର ବେଢାରେ ଅୟୋଜିତ ହୋଇଥିଲା। ବୀରମହାରାଜପୁରସ୍ଥିତ ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ଯୁଗଳ କିଶୋର ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା ଓ ଗିରିଧାରୀ ହୋତାଙ୍କ ତତ୍ତ୍ୱାବଧାନରେ ଏହାର ସଦସ୍ୟମାନେ ଭଜନ ଓ ଜଣାଣ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିଲୋଚନ ସାହୁ ସହଯୋଗ କରିଥିଲେ।



ବରପିତା ଓ କନ୍ୟାପିତାଙ୍କ ସହ ଦେବଦେବ ମହାଦେବ ଓ ମାତା ପାର୍ବତୀ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



ପୋକରୀ ହିଡରେ ଜଳି ଯାଇଥିବା ବାଇକ।

### ବାଇକ ପୋଡିଦେଲେ ଦୁର୍ବୃତ୍ତ

**ଉଲୁଣ୍ଡା, ୮।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ନିକଟ ପିପିଲିକାନୀ ଗ୍ରାମର ନବକିଶୋର ସାହୁଙ୍କ ବାଇକକୁ କେହି ପୋଡି ଦେଇଥିବା ନେଇ ଉଲୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ନବକିଶୋର ସୋନପୁର -ସମ୍ବଲପୁର ମୁଖ୍ୟ ରାସ୍ତାର ପୋଡଟିକିରା ଛକରେ ଏକ ଜଳଖିଆ ଦୋକାନ ଦେଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ନବ ଏବଂ ତାଙ୍କ ଭାଇ ବିପିନ ବାଇକ ଯୋଗେ ତାଙ୍କ ଗ୍ରାମର ପୋଖରିକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରି ହିଡରେ ବାଇକକୁ ରଖିଦେଇ ଗାଧୋଉଥିଲେ। ଏହି ସମୟରେ କେହି ତାଙ୍କ ବାଇକରେ ନିଆଁ ଲଗାଇଦେଇଥିଲା। ପରେ ବାଇକ ଟାଙ୍କି ଫାଟି ପ୍ରଚଣ୍ଡ ଶବ୍ଦ କରିଥିଲା। ଶବ୍ଦ ଶୁଣି ନବ ଆସି ଦେଖିଲା ବେଳକୁ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଏ ନେଇ ନବକିଶୋର ଆଜି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ଆଇଆଇସି ବିଦ୍ୟୁଭୂଷଣ ପୁଟା ସୂଚନା ଦେଇଛନ୍ତି।

■ ଦ୍ୱାରଦେଶରେ ମୌସୁମୀ

# ନାଳରେ ଆବର୍ଜନା, ଜଳାର୍ଣ୍ଣବ ହେବ ସହର

**ସୋନପୁର, ୮।୬(ନି.ପ୍ର.)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ସ୍ପର୍ଶ କରିସାରିଛି। ସପ୍ତାହକ ଭିତରେ ଓଡିଶାରେ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଜିଲାର ସୁବର୍ଣ୍ଣପୁର ପୌରପାଳିକା, ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏଯାଏ ବିଶେଷ କିଛି ପଦକ୍ଷେପ ନିଆଯାଇ ନାହିଁ। ବର୍ଷାଋତୁ ପୂର୍ବରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସହରରେ ଥିବା ଡ୍ରେନ୍‌ଗୁଡିକ ମରାମତି କରାଯିବା ସହ ପଙ୍କ, କାଦୁଅ ସବୁ ଉଦ୍ଧାର କରାଯାଏ। ମୌସୁମୀ ପୂର୍ବରୁ ସହରରେ ଥିବା ଛୋଟ ନାଳ ଓ ଡ୍ରେନ୍ ଗୁଡିକର ସଫେଇ କାର୍ଯ୍ୟ ସାରିବାକୁ ଏବଂ କଠିନ ବର୍ଜ୍ୟବସ୍ତୁର ପରିଚାଳନା ସକାଶେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସପ୍ତାହେ ପୂର୍ବରୁ ରାଜ୍ୟର ସମସ୍ତ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୁବର୍ଣ୍ଣପୁର ସହରରେ ମୋଟ ୧୫.୩୦୦ କିଲୋମିଟର ଡ୍ରେନ୍ ଅଛି। ସହରର ପ୍ରମୁଖ ଡ୍ରେନ୍‌ଗୁଡିକ ପଙ୍କ ଭର୍ତ୍ତି ହୋଇ ରହିଛି। ମୌସୁମୀ ପ୍ରଭାବରେ ଲଗାଣ ବର୍ଷା ହେଲେ ପ୍ରଥମ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳରେ କୃତ୍ରିମ ବନ୍ୟା ହେବାର ଆଶଙ୍କା ରହିଛି। ବିଜୁ ପଟ୍ଟନାୟକ ଛକରୁ ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା ମୁଖ୍ୟ ଡ୍ରେନ୍ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ପଞ୍ଚରଥ ମନ୍ଦିର ଛକରୁ ଅନାଥାଶ୍ରମ, ମାଝିପଡା ମାର୍କେଟ ଓ ଥାନାରୁ ମସଜିଦ୍ ଛକ ପର୍ଯ୍ୟନ୍ତ ଥିବା ଡ୍ରେନ୍‌ରୁ ପଙ୍କ ଉଦ୍ଧାର ହୋଇନି। ସେହିପରି ପଶ୍ଚିମ ସୋମନାଥ ମନ୍ଦିରରୁ ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ଡ୍ରେନ୍ ଓ ମହାବୀର ମାର୍ଗରୁ ଭଗବତୀ ମନ୍ଦିର ହୋଇ କୁମ୍ଭାରପଡା ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ଡ୍ରେନ୍‌ଗୁଡିକ ଅଳିଆ ଆବର୍ଜନା ପଡି ଏକପ୍ରକାର ଜାମ୍ ହୋଇଯାଇଛି। ଗାର୍ଲସ୍ ହାଇସ୍କୁଲ ଛକରୁ ବିଦ୍ୟୁତ୍ ଥାନା ଓ ଷ୍ଟେଟ୍ ବ୍ୟାଙ୍କରୁ ପ୍ରଭାସ ଲଜ୍ ମଧ୍ୟରେ ଥିବା ଡ୍ରେନ୍, ଜୟଗୁରୁ ମାର୍କେଟ୍, ବ୍ଲକ ଛକର ଡ୍ରେନ୍‌ଗୁଡିକ କେବେଠୁଁ ମାଟିରେ ପୋତି ହୋଇଗଲାଣି। ବିଭିନ୍ନ ପଡାମାନଙ୍କରେ ଥିବା ଡ୍ରେନ୍‌ର ଅବସ୍ଥା ମଧ୍ୟ ଅନୁରୂପ। କେଉଁଠି ଆଦୌ ଡ୍ରେନ୍ ନାହିଁ ତ ଆଉ କେଉଁଠି ଭାଙ୍ଗି ମାଟିରେ ପୋତି ହୋଇଗଲାଣି। ଆଉ କେଉଁଠି ଡ୍ରେନ୍ ଉପରେ ଜବରଦଖଲ ଯୋଗୁଁ ଅଳିଆ ଆବର୍ଜନା ଓ ପଙ୍କ ଉଦ୍ଧାର ହୋଇପାରିନି। ଜବରଦଖଲ ସମସ୍ୟା ଯୋଗୁଁ ଗଙ୍ଗାଧର ମେହେର ଛକରୁ ବଡବଜାର-ଗାର୍ଲସ ହାଇସ୍କୁଲ ରାସ୍ତାରେ ଡ୍ରେନ୍ ନିର୍ମାଣ ହୋଇ ପାରିଲାନି। ଦୁର୍ବଳ ପ୍ରଶାସନ ପାଇଁ ୫ବର୍ଷ ପୂର୍ବରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ଫେରିଗଲା। ବର୍ତ୍ତମାନ ଖରାଦିନ ଯୋଗୁଁ ସେମିତି କିଛି ଗୁରୁତର ପରିସ୍ଥିତି ସୃଷ୍ଟି ହେଉନଥିବା ବେଳେ ଆଗକୁ ବର୍ଷା ଦିନ ଥିବାରୁ ସହରରେ କୃତ୍ରିମ ବନ୍ୟା ହେବାର ଆଶଙ୍କା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରିଂରୋଡ ନିର୍ମାଣରେ ମନ୍ଥରତା। କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସହରର ଜଳ ବର୍ଷାଦିନେ ନିଷ୍କାସିତ ହେବାରେ ସମସ୍ୟା ସୃଷ୍ଟି ହୋଇପାରେ। କାରଣ ସହରର ଆବର୍ଜନା, ବର୍ଜ୍ୟବସ୍ତୁ ଓ ବର୍ଷା ଜଳ ୫ଟି ଡ୍ରେନ୍ ଦେଇ ସିଧାସଳଖ ମହାନଦୀରେ ମିଶିଥାଏ। ଏବେ ମାଟିବନ୍ଧ ଯୋଗୁଁ ନିଷ୍କାସନରେ କିଛି ପରିମାଣରେ ବାଧା ଉପୁଜିବ। ତେଣୁ ସ୍ଥିତିର ସମୀକ୍ଷା କରାଯିବା ସହିତ ମୌସୁମୀ ପୂର୍ବରୁ ଡ୍ରେନ୍‌ରୁ ପଙ୍କ ଓ ଆବର୍ଜନା ସଫା କରିବା, ଡ୍ରେନ୍‌ଗୁଡିକ ମରାମତି କରିବା ଓ ଆବଶ୍ୟକ ସ୍ଥଳେ ନାଳଗୁଡିକୁ ସଫା କରିବାକୁ ସହରବାସୀ ଦାବି କରିଛନ୍ତି। ବଡବଜାର ଦୁର୍ଗାମଣ୍ଡପ ଅଞ୍ଚଳର ବ୍ୟବସାୟୀ ଗୋପାଳ ଭୁତ କୁହନ୍ତି, ପୌର କର୍ତ୍ତୃପକ୍ଷ ମାସ ମାସ ଧରି ଅଳିଆ ସଫା କରୁନାହାନ୍ତି। ସକାଳେ ପୌର କର୍ମଚାରୀ ମାନେ ଅଳିଆକୁ ଠୁଳ କରି ନିଆଁ ଲଗାଇ ଦେଉଛନ୍ତି। ଏହା ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି। ପରିମଳ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। କେତେକ ସ୍ଥାନରେ ଜବରଦଖଲ ଭଳି ସମସ୍ୟା ପାଇଁ ସଫେଇ କର୍ମଚାରୀମାନେ ଡ୍ରେନ୍ ସଫା କରି ପାରୁନାହାନ୍ତି। ଡ୍ରେନ୍‌ରୁ ଜବରଦଖଲ ହଟାଇବା ଜରୁରି ହୋଇପଡିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡୁଡା ଶରତ ଚନ୍ଦ୍ର ପଣ୍ଡା କୁହନ୍ତି, ଆସନ୍ତା ରଥଯାତ୍ରା ଓ ମୌସୁମୀକୁ ଦୃଷ୍ଟିରେ ରଖି ୩ଟି ସହରର ଡ୍ରେନ୍ ସଫେଇ କାର୍ଯ୍ୟ ଶୀଘ୍ର ସାରିବାକୁ ସମ୍ପୃକ୍ତ ଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟର ଅଗ୍ରଗତି ନେଇ ନିଶ୍ଚିତ ସମୀକ୍ଷା କରାଯିବ।



ସୁବର୍ଣ୍ଣପୁର ସହରର ଡ୍ରେନ୍‌ଗୁଡିକରେ ଅଳିଆ ଭର୍ତ୍ତି ହୋଇରହିଛି।

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଡାକ୍ତରଖାନା ଘେରାଉ

**କଣ୍ଟାବାଞ୍ଜି, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟ ଗତି କରୁଛି। ରୋଗୀ ସେବା ସହିତ ପରିମଳ ସେବା ଏବଂ ମାଗଣା ରକ୍ତ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଏହିପରି ଅଭିଯୋଗ କରି ଶନିବାର ବିଜେଡି ନେତା ତଥା ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରାଯାଇଥିଲା। ଏହି ସମୟରେ ଡାକ୍ତରଖାନାକୁ ଆସିଥିବା ରୋଗୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ଅଭିଯୋଗ କରିଥିଲେ। ପରେ ଦାସ ମେଡିକାଲ ଅଫିସର ଡା.ପ୍ରଦ୍ୟୁମ୍ନ କିଶୋର ପାତ୍ରଙ୍କ ସହ ଆଲୋଚନା କରି ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଡାକ୍ତରଖାନା ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ମେଡିକାଲ ଅଫିସର ପାତ୍ର ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅରୁଣ ଆର୍ଯ୍ୟା, ଚିତ୍ରଭାନୁ ବେହେରା, ସୁଧିର ବେହେରା ଉପସ୍ଥିତ ଥିଲେ।

■ ସୁରେଶ୍ୱରୀଙ୍କୁ ଦର୍ଶନ କଲେ ପର୍ଯ୍ୟଟନ ମନ୍ତ୍ରୀ

# ଜଳ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି



ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ।

**ସୋନପୁର, ୮।୬(ନି.ପ୍ର.)**

ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶନିବାର ସୁବର୍ଣ୍ଣପୁରର ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ମଧ୍ୟାହ୍ନରେ ମନ୍ତ୍ରୀ ମା'ଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ସର୍କିଟ୍ ହାଉସଠାରେ ଜିଲାର ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାତନ ମନ୍ଦିରଗୁଡିକର ପୁନରୁଦ୍ଧାର, ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହର ଦୁଇ ପାର୍ଶ୍ୱଦେଇ ମହାନଦୀ ଓ ତେଲନଦୀ ବହି ଯାଇଛି। ତଳମୁଣ୍ଡରେ ଏକ ବ୍ୟାରେଜ୍ ନିର୍ମାଣ ହେଲେ ଜଳ ଗଚ୍ଛିତ ହୋଇ ରହିପାରନ୍ତା। ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରନ୍ତା। ଏଠାରେ ଜଳ ପର୍ଯ୍ୟଟନର ଅପାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ ଓ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ରାମପୁରସ୍ଥିତ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ପର୍ଯ୍ୟଟନ ମନ୍ତ୍ରୀ। ପର୍ଯ୍ୟଟନର ବିକାଶ ସମ୍ପର୍କରେ ଉଭୟ ଆଲୋଚନା କରିଥିଲେ। ଶୀତଳ ଷଷ୍ଠୀ ଉତ୍ସବରେ ଯୋଗଦେବା ପାଇଁ ପଯରୟଟନ ମନ୍ତ୍ରୀ ଏଠାରୁ ସମ୍ବଲପୁର ଅଭିମୁଖେ ଯାଇଥିଲେ।

### ମୋଟର ଅଚଳ, ପାନୀୟ ଜଳ ଯୋଗାଣ ବନ୍ଦ

**ଲୋଇସିଂହା, ୮।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପାନୀୟ ପ୍ରକଳ୍ପ ମୋଟର ଅଚଳ ହୋଇ ପଡିଛି । ଏହାର ମରାମତି ହୋଇ ନ ଥିବାରୁ ଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ ହୋଇ ପଡିଛି । ଫଳରେ ୮ୱାର୍ଡ ବିଶିଷ୍ଟ ଏହି ଗାଁର ଜନସାଧାରଣ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅଭିଯୋଗମତେ, ଲୋଇସିଂହା ବ୍ଲକ ଯୋଗୀସର୍ଡ ପଞ୍ଚାୟତ ସଦର ଗାଁକୁ ଛେଲବାହାଲସ୍ଥିତ ସୁତେଲ ନଦୀରୁ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା ରହିଛି । ନଦୀ ପଠା ପମ୍ପରୁ ପଞ୍ଚାୟତ ପରିସରରେ ଥିବା ପାଣି ଟାଙ୍କିକୁ ଭର୍ତ୍ତି କରାଯାଇଥାଏ । ଏହାପରେ ସ୍ଥାନୀୟ ପମ୍ପଗୃହରୁ ବସ୍ତିକୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ଗତକିଛି ଦିନହେଲା ପଞ୍ଚାୟତ ପରିସରସ୍ଥ ପମ୍ପ ଗୃହ ମୋଟର ଅଚଳ ହୋଇ ପଡିଛି । ଏହାକୁ ପଞ୍ଚାୟତ କର୍ତ୍ତୃପକ୍ଷ ମରାମତି ପାଇଁ ପଠାଇଛନ୍ତି। ହେଲେ ଅଦ୍ୟାବଧି ମୋଟର ସଜଡା ହୋଇ ଆସିନାହିଁ। ଏପଟେ ଗ୍ରାମର ନଳକୂପ ମାନଙ୍କରୁ ଆବଶ୍ୟକ ମୁତାବକ ପାଣି ବାହାରୁନାହିଁ। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଖୋଲା କୂଅର ପାଣିକୁ ବ୍ୟବହାର କରୁଛନ୍ତି। ଏଣୁ ଅବିଳମ୍ବେ ପ୍ରକଳ୍ପ ଚାଲୁ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ କହିଛନ୍ତି ଯେ, ୩ଦିନ ହେଲା ମୋଟର ସଜାଡିବା ପାଇଁ ଦିଆଯାଇଛି । ରବିବାର ସୁଦ୍ଧା ମୋଟର ମରାମତି ହୋଇ ଆସିଯିବ ବୋଲି କହିଛନ୍ତି।

■ ଅନ୍ତର୍ଜାତୀୟ ଟାଏକୋଣ୍ଡୋ

# ସୁବର୍ଣ୍ଣପୁର ଜିଲାରୁ ଭାଗନେବେ ୫ପ୍ରତିଯୋଗୀ

**ବୀରମହାରାଜପୁର, ୮।୬(ଡି.ଏନ.ଏ.)**

ଅନ୍ତର୍ଜାତୀୟ କ୍ରୀଡାସ୍ତରରେ ଭାଗନେବା ପାଇଁ ପୁଣି ସୁଯୋଗ ଲାଭ କରିଛନ୍ତି ସୁବର୍ଣ୍ଣପୁର ଜିଲାର କ୍ରୀଡାବିତ । ଆସନ୍ତା ୯ ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଟାଏକୋଣ୍ଡୋ ଓ ଟାଏକୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ହାଇଦ୍ରାବାଦର କୋଟାଲା ବିଜୟ ଭାସ୍କର ରେଡି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳିବେ ସୁବର୍ଣ୍ଣପୁର ଜିଲାର ୫ ଉଦୀୟମାନ କ୍ରୀଡାବିତ । ଦ୍ୱିତୀୟ ଥର ପାଇଁ ଭାରତ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର କୋଚ ତଥା ଅନ୍ତର୍ଜାତୀୟ କ୍ରୀଡାବିତ ଏହେସାସ ହୋତାଙ୍କ ସମେତ ଅନ୍ୟ ୪ ପ୍ରତିଯୋଗୀ ଭାଗନେବେ । ସିନିଅର ୫୪ କେଜି ବର୍ଗରେ ଏହେସାସ ଏବଂ ଶୁଭମ ପଟ୍ଟନାୟକ, କ୍ୟାଡେଟ୍ (ପୁରୁଷ) ୪୧ କେଜିରେ ଅନ୍ୱେଶ ହୋତା, ମହିଳା ବର୍ଗରେ ଅନନ୍ୟା ସାହୁ ଏବଂ କ୍ୟାଡେଟ୍ ୩୭ କେଜି ବର୍ଗରେ ଦୁର୍ଲଭ ନାୟକ ଅଂଶଗ୍ରହଣ କରିବାକୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିସାରିଛନ୍ତି। ପୂର୍ବରୁ ଏହେସାସ ୨ ଥର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେଇ ଦେଶ ପାଇଁ ଗୌରବ ଆଣିସାରିଥିବାବେଳେ ଏବେ ପୁଣିଥରେ ମେଡାଲ ଜିଣିବା ସହ ତାଙ୍କଠାରୁ ତାଲିମ ନେଇଥିବା ଅନ୍ୟ କ୍ରୀଡାବିତମାନେ ମଧ୍ୟ ସଫଳତା ପାଇବେ ବୋଲି ଆଶା କରାଯାଉଛି। ଏହେସାସ ଜଣେ ଜାତୀୟ ରେଫରୀ ଥାଇ ଏବେ ପୁଣି ଏସିଆ କୋଚ ଭାବେ ଚୟନ ହୋଇଥିବାରୁ ଜିଲଶ ଟାଏକୋଣ୍ଡୋ ସଂଘ ପକ୍ଷରୁ ଜିଲା ସଭାପତି ରବୀନ୍ଦ୍ର ହୋତା ଶୁଭେଚ୍ଛା ଜଣାଇଛନ୍ତି ।



ଅନ୍ତର୍ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ସୁବର୍ଣ୍ଣପୁର ଜିଲାର ୫ ଯୁବ ଖେଳାଳି।

# ଦେବଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

### ଯୁଗଳ ଦର୍ଶନ ପାଇଁ ଭକ୍ତଙ୍କ ଭିଡ

**ଗୁଡ଼ଭେଲା, ୮।୬(ଡ଼ି.ଏନ.ଏ.)**

ଦେବ ମହାଦେବ ଓ ମା' ପାର୍ବତୀଙ୍କ ଲୌକିକ ବିବାହ ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ କଟକିଆପଡାରେ ସମ୍ପନ୍ନ ହେବା ପରେ ଦେବଦମ୍ପତି କପିଳେଶ୍ୱର ମନ୍ଦିରକୁ ଶନିବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁଗଳ ଦର୍ଶନ ପାଇଁ ଭକ୍ତଙ୍କ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ସୁସଜ୍ଜିତ ରଥରେ ବରବେଶରେ ସଜ୍ଜିତ ହୋଇ କପିଳେଶ୍ୱର ମନ୍ଦିରରୁ ଦେବଦେବ ମହାଦେବଙ୍କ ବରଯାତ୍ରୀ ସହ ମାତା ପାର୍ବତୀଙ୍କ ଘର ଅଭିମୁଖେ ବାହାରିଥିଲେ। ଘଣ୍ଟ, ବାଜା, ଆଦିବାସୀ ନୃତ୍ୟ, ଘୋଡା ନାଚ, ବାଇନାଚ ସହ ଜିଲା ବାହାର କଳାକାରଙ୍କ ନୃତ୍ୟରେ ତୁଷୁରା ସହର ଦୁଲୁକି ଉଠିଥିଲା। ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାତା ପାର୍ବତୀଙ୍କ ଘରେ ପହଞ୍ଚିବା ପରେ ଦେବଦମ୍ପତିଙ୍କ ଶୁଭ ବିବାହ ବ୍ରହ୍ମ ମୁହୂର୍ତ୍ତରେ ଶେଷ ହୋଇଥିଲା। ବର ମାତାପିତାଭାବେ ସଂଯୁକ୍ତା ଅଗ୍ରୱାଲ ଓ ଆଶିଷ ଅଗ୍ରୱାଲ ଏବଂ କନ୍ୟା ମାତାପିତାଭାବେ ସଙ୍ଗୀତ ଜୈନ ଓ ବବଲି ଜୈନ କାର୍ଯ୍ୟ ତୁଲାଇଥିଲେ । ସ୍ଥାନୀୟ ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଜୈନଙ୍କ ନେତୃତ୍ୱରେ ବସ୍ଷ୍ଟାଣ୍ଡ ଓ କପିଳେଶ୍ୱର ମନ୍ଦିରରେ ଭକ୍ତଙ୍କୁ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ଗଣେଶ ଅଗ୍ରୱାଲ, ବୀରେନ୍ଦ୍ର ଜୈନ, ବିମଳ ଜୈନ, ଈଶ୍ୱର ଦୟାଲ କେଡିଆ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଦେବଦମ୍ପତି କପିଳେଶ୍ୱର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।



ଶୀତଳଷଷ୍ଠୀ ଯାତ୍ରା ପାଇଁ ବାହାରିଥିବା ଶୋଭାଯାତ୍ରା।

# ହରିଶଙ୍କରରେ ଶୀତଳଷଷ୍ଠୀ ଉତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ, ୮।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଶିବ ବିବାହ ଏବଂ ଶୀତଳ ଷଷ୍ଠୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ରାତିରେ ହରିଶଙ୍କର ମନ୍ଦିରରୁ ଶିବ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ସେବକମାନେ ଶୋଭାଯାତ୍ରାରେ ନିକଟରେ ଥିବା ବିନ୍ଧ୍ୟବାସିନୀ ମନ୍ଦିରକୁ ଯାଇଥିଲେ । ସେଠାରେ ବିଂଝାଲ ସମାଜ ତରଫରୁ କନ୍ୟାପକ୍ଷ ଭାବରେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ବରଯାତ୍ରୀଙ୍କୁ ସସମ୍ମାନେ ପାଛୋଟି ନିଆଯାଇଥିଲା। ବେଦିକ ରୀତିରେ ବିନ୍ଧ୍ୟବାସିନୀ ମନ୍ଦିର ସମ୍ମୁଖରେ ପାର୍ବତୀ ଏବଂ ଶିବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରପିତା ଭାବେ ହରିଶଙ୍କର ମନ୍ଦିର ପୂଜକ ତ୍ରିନାଥ ପୁଝାରୀ ଏବଂ କନ୍ୟା ପିତା ଚନ୍ଦ୍ରଶେଖର ବରିହା ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିଲେ । ଶନିବାର ବରକନ୍ୟାଙ୍କ ଶୋଭାଯାତ୍ରା ସହିତ ଶୀତଳ ଷଷ୍ଠୀ ପୂଜା ଉଦ୍‌ଯାପିତ ହୋଇଥିଲା । ଏହି ଅବସରରେ ହରିଶଙ୍କର ମନ୍ଦିର ପରିଚାଳକ ବେଣୁଧର ସାହୁ , ବିପିନ ପଟେଲ, ଶଶୀ ପୂଝାରୀ, ବିପ୍ର ବିଶି, ନରସିଂହ ପୂଜାରୀ, ସୋନୁ ପୂଝାରୀ, ମନୋରଞ୍ଜନ ପାଣିଗ୍ରାହୀ, କମଳାପତି ପାଣିଗ୍ରାହୀ, ନାରାୟଣ ପୂଜହାରୀ, ବୀରେନ୍ଦ୍ର ପଣ୍ଡା, ବିଂଝାଲ ସମାଜ ସଭାପତି ଲୋଚନ ବରିହା, ଗୌର ବରିହା, ବିମାନ ବରିହାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ମନୋରଞ୍ଜନ ପାଇଁ ଦଣ୍ଡ ନୃତ୍ୟର ବ୍ୟବସ୍ଥା କରାଯାଇଥିଲା।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଲୋଇସିଂହା, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆମାମୁଣ୍ଡା ଗ୍ରାମର ଜେନୈକ ଯୁବତୀ ଗତ ଗୁରୁବାରଠାରୁ ନିଖୋଜ ଥିଲେ । ହେଲେ ଶନିବାର ଗାଁ କଟାଁ(ପୋଖରୀ)ସମୀପ ଏକ ପଳାସ ଗଛରେ ସମ୍ପୃକ୍ତ ଯୁବତୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯)ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି । ପୋଲିସ ସୂଚନା ମତେ, ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଅମାମୁଣ୍ଡା ଗାଁର ଏହି ୧୮ବର୍ଷୀୟା ଯୁବତୀ ଜଣକ ଗତ ଗୁରୁବାରଠାରୁ ଘରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କ କୌଣସି ପତ୍ତା ପାଇ ନ ଥିଲେ। ଏନେଇ ପରିବାର ଲୋକେ ଥାନାରେ କୌଣସି ଅଭିଯୋଗ କରି ନ ଥିଲେ । ଶନିବାର ସକାଳେ ଗାଁ କଟାଁ(ପୋଖରୀ)କୁ ସ୍ନାନ, ଶୌଚ ପାଇଁ ଯାଇଥିବା ଗ୍ରାମର କେତେକ ଲୋକେ ଏକ ପଳାସ ଗଛରେ ଜଣେ ଯୁବତୀଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଯୁବତୀଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ତିନିଦିନ ଧରି ଘରୁ ନିଖୋଜ ହେବା ଏବଂ ଶେଷରେ ପୋଖରୀ ହୁଡା ଗଛରୁ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିବାକୁ ମୃତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ତାଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ନେଇ ଏଏସଆଇ ଆର୍ତ୍ତତ୍ରାଣ ସାହୁ କହିଛନ୍ତି ଯେ, ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡିବ।

## ସଂକ୍ଷେପରେ

### ବନ୍ୟଜନ୍ତୁ ସୁରକ୍ଷା ନେଇ ଆଲୋଚନା

**ବଲାଙ୍ଗୀର ଅଫିସ, ୮।୬:** ମଠଖାଇ ପାଦଦେଶରେ ଥିବା ବଲାଙ୍ଗୀର ସଦର ବ୍ଲକ ଖର୍ଲକାନୀ ଓ ଦେଓଗାଁ ବ୍ଲକର ରତନପୁରରେ ବନ୍ୟଜନ୍ତୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଉଭୟ ଗ୍ରାମ ଜଙ୍ଗଲ ସୁରକ୍ଷା କମିଟି ସହଯୋଗରେ ପରିବେଶ ପ୍ରେମୀ ସତ୍ୟସୁନ୍ଦର ଭଞ୍ଜ ଓ ଯୁଜେଷ୍ଟି ମେହେର ବନ୍ୟଜନ୍ତୁ ସୁରକ୍ଷା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ବାସସ୍ଥାନ କିପରି ସୁରକ୍ଷିତ ରହିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ପାରମ୍ପରିକ ଜଳାଶୟ, ଚହଲା ସୃଷ୍ଟି ଓ ବନ୍ୟଜନ୍ତୁ, ସରୀସୃପଙ୍କ ପାଇଁ ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ହାତୀ ଚଲାପଥ କିପରି ଅବରୋଧ ନହେବ ସେଥିପ୍ରତି ଦୃଷ୍ଟିଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖର୍ଲକାନୀ ଗ୍ରାମ କମିଟି ପକ୍ଷରୁ ଭାଗିରଥି ବଗର୍ତ୍ତୀ, ବନ କର୍ମଚାରୀ ରଘୁନାଥ ମିଶ୍ର, ଜଗନ୍ନାଥ ପ୍ରଧାନ, ପ୍ରମୋଦ ନାଏକ, ମମତା ଭୁଏ, ମଲ୍ଲୀ ଭୁଏ, ଜାହ୍ନବୀ ବଗର୍ତ୍ତୀ, ପଙ୍କଜିନୀ ବିଶ୍ୱାଳ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରତନପୁର କମିଟି ପକ୍ଷରୁ ଗୋପାଳ ବାଗ, ହେମନ୍ତ ଭୋଇ, ଶ୍ରୀବତ୍ସ ଦଳପତି ଚମାର କୁମୁରାଙ୍କ ସହ ଏସ୍ଏଚଜି ମହିଳା ସାମିଲ ହୋଇଥିଲେ।

■ ୟୁଜିବି କର୍ମଚାରୀ ସଂଘ ପକ୍ଷରୁ ମହିଳା ସମ୍ମିଳନୀ

# କ୍ଷମତା ଅଛି, ଆତ୍ମବିଶ୍ୱାସ ଲୋଡ଼ା

**ବଲାଙ୍ଗୀର ଅଫିସ,୮।୬**



ବଲାଙ୍ଗୀର ଠାରେ ଆୟୋଜିତ ୟୁଜିବି ମହିଳା ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) କର୍ମଚାରୀ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ହୋଟେଲ ତ୍ରିବେଣୀଠାରେ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ୟୁଜିବି ଚେୟାରମ୍ୟାନ୍ ରଞ୍ଜିତ କୁମାର ମିଶ୍ର, ନାରୀନେତ୍ରୀ ସରସ୍ୱତୀ ନନ୍ଦ, ଅଖିଳ ଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ସି. ରାଜୀବନ୍, ପ୍ରଦୀପ ଷଡଙ୍ଗୀ, ଜାତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ଏସ୍.ଦ୍ୱିବେଦୀ, ଅଖିଳ ଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ମହିଳା ସବ୍‌କମିଟି ସଦସ୍ୟା ନୀତା ହୋରେ, ସୁଚରିତା ବିଶ୍ୱାସ, ମହିଳା ସବ୍‌କମିଟି ଆବାହିକା ଏମ୍. ନାୟାର ମଞ୍ଚାସୀନ ଥିଲେ । ପ୍ରଥମେ ନାୟାର ପତାକା ଉତ୍ତୋଳନ କରିଥିଲେ। ୟୁଜିବି ଚେୟାରମ୍ୟାନ୍ ମିଶ୍ର ତାଙ୍କ ବକ୍ତବ୍ୟରେ କାର୍ଯ୍ୟରତ ମହିଳାଙ୍କ ଚ୍ୟାଲେଞ୍ଜ ସମ୍ପର୍କରେ କହିଥିଲେ । କଲେଜ ଜୀବନ ଓ ଚାକିରୀ ଜୀବନର ଆହ୍ୱାନ ସବୁର ସଫଳ ମୁକାବିଲା କରି ମହିଳାମାନେ ଆଜି ବହୁ ଆଗକୁ ବଢୁଛନ୍ତି । ୨୦୧୨ ମସିହା ପୂର୍ବରୁ ଗ୍ରାମୀଣ ବ୍ୟାଙ୍କରେ ୫ ପ୍ରତିଶତ ମହିଳା କାର୍ଯ୍ୟରତ ଥିବାବେଳେ ଆଜି ଏହା ୧୬ ପ୍ରତିଶତରେ ପହଞ୍ଚିଥିବା ସେ କହିଥିଲେ । ମହିଳାଙ୍କ ଭାଗିଦାରୀ ବଢୁଥିବାକୁ ସେ ପ୍ରଶଂସା କରିଥିଲେ। ନୀତା ହୋରେ ତାଙ୍କ ବକ୍ତବ୍ୟରେ ମହିଳାମାନେ କୌଣସି ଗୁଣରେ କମ୍ ନୁହଁନ୍ତି ଓ ସେମାନଙ୍କ ପାଖରେ ସମସ୍ତ ପ୍ରକାର କ୍ଷମତା ଓ ଦକ୍ଷତା ଭରି ରହିଛି ବୋଲି କହିଥିଲେ । ଆତ୍ମବିଶ୍ୱାସର ସହ ଆଗେଇ ଆସିଲେ ମହିଳା ଯେକୌଣସି ଚ୍ୟାଲେଞ୍ଜକୁ ଗ୍ରହଣ କରିପାରିବେ ବୋଲି କହିଥିଲେ । ଆଉ ଏହି ଆତ୍ମବିଶ୍ୱାସ ନିଜ ଭିତରେ ହିଁ ତିଆରି କରିବାକୁ ପଡିବ । ମହିଳାମାନେ ଆତ୍ମନିର୍ଭରଶୀଳ ଓ ସେମାନେ ପୁରୁଷଠାରୁ ସହାନୁଭୂତି ଲୋଡନ୍ତି ନାହିଁ କୌଣସି ମହିଳା ସହାନୁଭୂତି ନେଇ ଆଗକୁ ବଢ଼ିପାରିବେ ନାହିଁ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ସରସ୍ୱତୀ ନନ୍ଦ ତାଙ୍କ ବକ୍ତବ୍ୟରେ ମହିଳାଙ୍କ ଶକ୍ତି ଓ ସାମର୍ଥ୍ୟ ଉପରେ କହି ସେମାନେ ସବୁ କିଛି କରିପାରିବାର ଶକ୍ତି ରଖିଛନ୍ତିକହିଥିଲେ । ମମତା ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରୋମୋଦିନୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ଡ଼ା ରଥଯାତ୍ରା ପ୍ରସ୍ତୁତି ଚୂଡାନ୍ତ

**ଦେଓଗାଁ, ୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଅର୍ଡାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିପାଇଁ ଚଳିତବର୍ଷ ଗ୍ରାମବାସୀଙ୍କ ଉଦ୍ୟମ ଓ ଅଞ୍ଚଳବାସୀଙ୍କ ସହଯୋଗରେ ପୁରୀର ୪ଜଣ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୬ ଚକିଆ ରଥ ନିର୍ମାଣ କାମ ପ୍ରାୟତଃ ଚୂଡାନ୍ତରେ ପହଞ୍ଚିଛି । ଗାଁର ବୟୋଜ୍ୟେଷ୍ଠଙ୍କ କହିବା ଅନୁସାରେ ୧୯୫୯ ମସିହାରେ ଅର୍ଡାର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା ଓ ସେ ସମୟରେ ମଧ୍ୟ ପୁରୀର ମହାରଣାମାନେ ଯୋଗଦେଇଥିଲେ। ୧୯୬୨ରେ ପ୍ରଥମ କରି ଅର୍ଡାରେ ୧୬ ଚକିଆ ରଥ ନିର୍ମାଣ କରାଯାଇ ରଥଯାତ୍ରା ଉତ୍ସବ ପାଳନ କରାଯିବା ସହ ଠାକୁରଙ୍କ ଦଶ ଅବତାର ମଧ୍ୟ ଆଡମ୍ବରପୂର୍ଣ୍ଣଭାବେ ଆରମ୍ଭ ହୋଇଥିଲା। ହେଲେ କିଛି ବର୍ଷହେଲା ପୁରୁଣା ରଥ ନଷ୍ଟ ହୋଇଯିବାରୁ ୪ଚକିଆ ରଥରେ ଉତ୍ସବ ପାଳନ ହୋଇଆସୁଥିଲା । ଚଳିତ ବର୍ଷ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମ ତଥା ଅଞ୍ଚଳବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗରେ ପୁଣିଥରେ ୧୬ଚକିଆ ରଥ ନିର୍ମାଣ ପ୍ରାୟ ସରିବାକୁ ବସିଛି । ପୁରୀରୁ ଆସିଥିବା ମୁଖ୍ୟ ମହାରଣା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ କହିବାନୁସାରେ ତାଙ୍କ ବାପା ଜମ୍ବେଶ୍ୱର ମହାପାତ୍ର ଏହି ମନ୍ଦିର ପ୍ରତିଷ୍ଠା ଓ ରଥ ନିର୍ମାଣରେ ଯୋଗଦେଇଥିଲେ। ଏଣୁ ତାଙ୍କ ପରିବାର ସହ ଗ୍ରାମର ଅନେକ ବର୍ଷରୁ ସମ୍ପର୍କ ରହିଆସିଛି। ଗ୍ରାମବାସୀଙ୍କଠାରୁ



ଖବର ପାଇବା ପରେ ସେ ଓ ତାଙ୍କ ୩ ସହଯୋଗୀ ପଞ୍ଚାନନ ମହାପାତ୍ର, ନୃସିଂହ ମହାପାତ୍ର ଓ ଚିତ୍ତ ରଞ୍ଜନ ମହାପାତ୍ର ଗତ ୨ମାସ ତଳେ ରଥ ନିର୍ମାଣ କାମ ଆରମ୍ଭ କରିଥିଲେ । ଏହାସହ ରଥ ନିର୍ମାଣରେ କଳାହାଣ୍ଡି ଜିଲା କେନ୍ଦୁମୁଣ୍ଡି ଗାଁର କାରିଗର ଚନ୍ଦ୍ରମଣି ଭୋଇ, ଚବିତ ଭୋଇ, ସନ୍ତୋଷ ବାଗ ଓ ସ୍ଥାନୀୟ କାରିଗର ମକରଧ୍ୱଜ ମେହେର,ଟିକେଶ୍ୱର ମହାକୁର, ଦୁର୍ଯ୍ୟୋଧନ ବଗର୍ତ୍ତି, ଅକ୍ରୁର ଭୋଇ, ନୀଳ ସାମଲ ,କାଶିନାଥ ମାଝୀ, ବିରାଟ ଭୋଇ, ଚୈତନ୍ୟ ଧରୁଆ, ଗିରନ ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି । ଚଳିତ ବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଏହାକୁ ଜଗନ୍ନାଥ ପରିଚାଳନା କମିଟି ସଭାପତି ଅନି ବେହେରା, ସମ୍ପାଦକ ଚାପ ବଗର୍ତ୍ତି, ରଥ ନିର୍ମାଣ କମିଟି ସଭାପତି ଅନି ମାଝୀ ଓ ଗଣେଷ ମେହେର ତଥା କମିଟିର ସମସ୍ତ ସଭ୍ୟ ଏଥିରେ ସହଯୋଗ କରୁଛନ୍ତି ।

■ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଦାବି

# ରାଜପଥ ଅବରୋଧ କଲେ ଗ୍ରାମବାସୀ

**ସଇଁତଲା, ୮।୬ (ଡି.ଏନ.ଏ.)**

■ ତିନିଦିନ ହେଲା ଗ୍ରାମରେ ବିଜୁଳି ନାହିଁ
■ ପୋଲିସର ହସ୍ତକ୍ଷେପ, ଅବରୋଧ ହଟିଲା

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତଗତ ଗଣ୍ଡପତ୍ରାପାଲିଠାରେ ଗତ ୫ତାରିଖ ଦିନ ଝଡ଼ବାତ୍ୟା ହୋଇଥିଲା। ଏଥିଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ହେଲେ ଶନିବାର ସୁଦ୍ଧା ବିଜୁଳି ସେବା ଉପଲବ୍ଧ କରି ପାରିଲାନି ବିଭାଗ। ଏହାର ପ୍ରତିବାଦ କରି ଅପରାହ୍ଣ ୩ଟାରେ ଗ୍ରାମବାସୀ ସଇଁତଲା ନବୀନ ଛକଠାରେ ଜାତୀୟ ରାଜପଥ-୨୬ ଅବରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ତିନିଦିନ ତଳେ ସଇଁତଲା ବ୍ଲକ ଅଞ୍ଚଳରେ ପ୍ରବଳ ଝଡ଼ବତାସ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡିଯିବାରେ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ୨୪ଘଣ୍ଟା ମଧ୍ୟରେ ସଇଁତଲା ସହରରେ ବିଦ୍ୟୁତ୍ ସରବରାହ ସ୍ୱାଭବିକ ହୋଇଥିବାବେଳେ ଗଣ୍ଡପତ୍ରାପାଲି ଗ୍ରାମରେ ଏଯାବତ ତାହା ହୋଇପାରିନାହିଁ । ଗ୍ରାମବାସୀ ସଇଁତଲାରେ ଅବସ୍ଥାପିତ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିବାରୁ ଖୁମ୍ବ ପୋତିବା ପାଇଁ କର୍ମଚାରୀ ନ ଥିବା କହିଥିଲେ। ଗ୍ରାମବାସୀ ନିଜ ଉଦ୍ୟମରେ ଖୁମ୍ବ ପୋତିଥିଲେ ଏବଂ ବିଦ୍ୟୁତ ସଂଯୋଗ ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ । କନିଷ୍ଠ ଯନ୍ତ୍ରୀ ଶୁକ୍ରବାର ନିଜେ ଉକ୍ତ ଅଞ୍ଚଳ ଗସ୍ତ କରି ଖୁଣ୍ଟ ପୋତାଯାଇଥିବା ଦେଖିବା ସହ ସନ୍ଧ୍ୟା ସୁଦ୍ଧା ସରବରାହ ହୋଇଯିବ ବୋଲି କହିଥିଲେ। ହେଲେ ଶନିବାର ଅପରାହ୍ଣ ୨ଟା ସୁଦ୍ଧା ବିଦ୍ୟୁତ୍ ସରବରାହ ଠିକ ହୋଇ ନ ଥିବା ବେଳେ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ ଉଠାଇ ନଥିଲେ । ପରେ ଗ୍ରାମବାସୀ ସଇଁତଲାସ୍ଥିତ ଗ୍ରୀଡ଼ ଷ୍ଟେଶନକୁ ଆସିଥିଲେ । ସେଠାରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଭେଟି ପାରି ନ ଥିଲେ । ଦୀର୍ଘ ସମୟ ଅପେକ୍ଷା କରିବା ପରେ ବାଧ୍ୟ ହୋଇ ନବୀନ ଛକଦେଇ ଯାଇଥିବା ଜାତୀୟ ରାଜପଥ-୨୬କୁ ଅବରୋଧ କରିଥିଲେ। ଖବର ପାଇ ସଇଁତଲା ଥାନା ଏସଆଇ ଦୁର୍ବାଦଳ ମେହେର, ଏଏସଆଇ ବିଚିତ୍ରାନନ୍ଦ ପଧାନ, ସଙ୍ଗୀତା ବେକ ପ୍ରମୁଖ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ଆନ୍ଦୋଳନ ହଟିଥିଲା। ହେଲେ ତତ୍‌କ୍ଷଣାତ ଘଟଣାସ୍ଥଳରେ ପହଞ୍ଚିବାର ପ୍ରତିଶ୍ରୁତି ଦେଇଥିବା ବିଦ୍ୟୁତ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଦୀର୍ଘ ତିନି ଘଣ୍ଟା ପରେ ମଧ୍ୟ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।


ନବୀନ ଛକରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ ।

# ଫର୍ନିଚର ଦୋକାନରେ ବନବିଭାଗ ଚଢ଼ାଉ

**ଲାଠୋର, ୮।୬ (ଡି.ଏନ.ଏ.)**


ଫର୍ନିଚର ଦୋକାନରୁ ଜବତ ହୋଇଥିବା କାଠ ସାମଗ୍ରୀ।

■ ଲକ୍ଷାଧିକ ଟଙ୍କାର କାଠ ସାମଗ୍ରୀ, ଯନ୍ତ୍ରପାତି ଜବତ
■ ଦୋକାନ ମାଲିକଙ୍କ ସହ ୬ ଗିରଫ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଥିବା ଏକ ଫର୍ନିଚର ଦୋକାନ ଉପରେ ବନବିଭାଗ ଶନିବାର ଚଢ଼ାଉ କରିଥିଲା। ଚଢାଉ ବେଳେ ଲକ୍ଷାଧିକ ଟଙ୍କାର ନିର୍ମିତ କାଠ ସାମଗ୍ରୀ ଓ ଯନ୍ତ୍ରପାତି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଥିବା ଡିଏଫଓ ସମୀର କୁମାର ଶତପଥୀ ସୂଚନା ଦେଇଛନ୍ତି। ଡିଏଫଓ ଶତପଥୀଙ୍କ ସୂଚନା ଅନୁସାରେ ଉକ୍ତ ଫର୍ନିଚର ଦୋକାନରେ ବେଆଇନ ଭାବେ କାଠ ସାମଗ୍ରୀ ନିର୍ମାଣ କରି ବାହାରକୁ ଚାଲାଣ କରାଯାଉଥିବା ନେଇ ୧୫ଦିନ ତାଙ୍କୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ଶନିବାର ଏକ ଟିମ୍ ଗଠନ କରାଯାଇ ଉକ୍ତ ଦୋକାନ ଉପରେ ଚଢାଉ କରାଯାଇଥିଲା। ଶନିବାର ପୂର୍ବାହ୍ଣ ୯ ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ସାଗୁଆନ କାଠରେ ତିଆରି ପଲଙ୍କ, ସୋଫା, କବାଟ ଏବଂ ଅର୍ଦ୍ଧନିର୍ମିତ ସାମଗ୍ରୀ ଜବତ କରାଯାଇଥିଲା। ଏହା ସହ ସାଗୁଆନ କାଠ ଗଣ୍ଡି, ପଟା, ସିମିଳି ଗଣ୍ଡି, କେନ୍ଦୁ କାଠ ସହ ସାମଗ୍ରୀ ତିଆରି ପାଇଁ ବ୍ୟବହୃତ ବିଭିନ୍ନ ଯନ୍ତ୍ର ଜବତ କରାଯାଇଛି। ଏସବୁର ସରକାରୀ ମୂଲ୍ୟ ୨୦ ଲକ୍ଷରୁ ଅଧିକ ହେବ ବୋଲି ଡିଏଫଓ ଶତପଥୀ ପ୍ରକାଶ କରିଛନ୍ତି। ଜବତ ସମସ୍ତ ସାମଗ୍ରୀକୁ ଟ୍ରାକ୍ଟର ଯୋଗେ ଲାଠୋର ବନ କାର୍ଯ୍ୟାଳୟକୁ ନିଆଯାଇଛି। ଦୀର୍ଘଦିନରୁ ଲାଠୋରରେ ଏହି ବେଆଇନ କାରବାର ଚାଲୁଥିବା ଜବତ ସାମଗ୍ରୀକୁ ଦେଖିଲେ ସ୍ପଷ୍ଟରୂପେ ଜଣାପଡୁଛି। ନିୟମ ଅନୁସାରେ ବିନ ବିଭାଗର ଅନୁମତି ନେଇ ସାମଗ୍ରୀ ନିର୍ମାଣ କରିବା କଥା। ହେଲେ ଏଠାରେ ତାହାର ଉଲ୍ଲଂଘନ କରାଯାଇଥିବା ଚଢାଉରୁ ଜଣାପଡିଥିଲା। ଫଳରେ କରତକଳର ମାଲିକ ପବନ ଶର୍ମା ଓ ମୁକେଶ ଶର୍ମାଙ୍କ ସହିତ କାଠ ମିସ୍ତ୍ରୀ ତୁଖାରାମ ନାଗ, କୃଷ୍ଣ ପାତ୍ର, କୈଳାସ ପୁଟେଲ, ହାଲିଫ ଘୋଷିଙ୍କୁ ଗିରଫ କରାଯାଇଛି। ଡିଏଫଓ ଶତପଥୀଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ବଲାଙ୍ଗୀର ଏସିଏଫ ବାବାଜୀ ଚରଣ ରାଉଳ, ଲାଠୋର ରେଞ୍ଜର ଦେବଦତ୍ତ ସୂତାର, ମୋବାଇଲ ସ୍କାଡ, ଏପିଆର ଫୋର୍ସ, କଣ୍ଟାବାଞ୍ଜି ଓ ଲାଠୋର ବନକର୍ମଚାରୀ ସାମିଲ ଥିଲେ।

# ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

**ଟିକ୍ରାପଡା, ୮।୬ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡସାଇମରା ପଞ୍ଚାୟତ ଅଧିନ ଅଣ୍ଡାଳଦର ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ଶତାଧିକ ମହିଳା ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ରବିବାରଠାରୁ ନାମଯଜ୍ଞ ଆରମ୍ଭ ହେବ । ୱାର୍ଡସଭ୍ୟ ବିଶ୍ୱ ମଲ୍ଲିକ କର୍ତ୍ତା ରହିଛନ୍ତି। ସୁଚୀନ୍ଦ୍ର ଯୋଶୀ ପୂଜାକାର୍ଯ୍ୟ ତୁଲାଉଛନ୍ତି।

■ ଘନଉଛି ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରାଇବା ଘଟଣା

# ବିଧାୟକ ପଦ ରଦ୍ଦ କରିବାକୁ ଆଦିବାସୀ ସଂଘର ଦାବି

**ବଲାଙ୍ଗୀର ଅଫିସ, ୮।୬**

■ ୧୨ରେ ବଲାଙ୍ଗୀରରେ ଆଦିବାସୀଙ୍କ ଆନ୍ଦୋଳନ
■ ଲରମ୍ବା, ମୁରିବାହାଲ, ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ଦାଖଲ

କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସାଧାରଣ ସ୍ଥାନରେ ଲୋକଙ୍କ ସମ୍ମୁଖରେ ଉଠବସ୍ ହେବାକୁ ବାଧ କରିବା ଏବଂ ବିଧାୟକଙ୍କ କହିବା ମୁତାବକ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀଙ୍କ ଚାପୁଡା ମରିବା ଘଟଣା ଦିନକୁ ଦିନ କ୍ଲିଷ୍ଟ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଆଦିବାସୀ ସଂଘ ପ୍ରତିକ୍ରିୟା ପ୍ରକାଶ କରିବା ପରେ ପାଟଣାଗଡ ବିଧାୟକଙ୍କ ଅଡୁଆ ଘନେଇବାରେ ଲାଗିଛି । ଶବରଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପାଟଣାଗଡ ଥାନାରେ ବିଧାୟକ ମେହେରଙ୍କ ବିରୋଧରେ ଶୁକ୍ରବାର ମାମଲା ରୁଜୁ ହୋଇସାରିଛି । ଶନିବାର ଲରମ୍ବା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଥାନାରେ ବ୍ଲକ୍ ଆଦିବାସୀ ସଂଘ ପକ୍ଷରୁ ବିଧାୟକଙ୍କ ବିରୋଧରେ ଅଭିଯୋଗ କରାଯାଇ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି । ଏ ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘ ସଚିବ ନିରଞ୍ଜନ ବିଶିଙ୍କୁ ପଚାରିବାରୁ ବିଧାୟକ ମେହେର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ତାଙ୍କ ଘରୁ ଡାକି ନେଇ ଗମ୍ଭାରୀ ଗାଁରେ ଲୋକଙ୍କ ସମ୍ମୁଖରେ ଶହେ ଥର ଉଠ୍‌ବସ୍ ହେବାକୁ ବାଧ କରିବା ସାଧାରଣ କଥା ନୁହେଁ ବୋଲି କହିଛନ୍ତି । ତାଙ୍କୁ ଯେଭଳି ଅପମାନିତ କରାଯାଇଛି ତାଙ୍କ ମାନବିକ ଅଧିକାରର ଉଲ୍ଲଂଘନ। ଏଣୁ ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘ ଦାବି କରୁଛି ବୋଲି ସେ କହିଛନ୍ତି। ପାଟଣାଗଡ ବିଧାୟକଙ୍କ ପଦବୀ ରଦ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଥିବା ଜଣାଇଛନ୍ତି । ଏହା ନହେଲେ ଆଦିବାସୀ ଆନ୍ଦୋଳନ ଭୟାବହ ହେବ ବୋଲି ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ବ୍ଲକ ସଭାପତି ଅଷ୍ଟରତ୍ନ ବରିହା, ବିପ୍ର ବିଶି, ଚୌବନ ମାଝି, ଘିମାନନ୍ଦ ଭୋଇ, ଶରତଚନ୍ଦ୍ର ସିଂଭୋଇ ପ୍ରମୁଖ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଆସନ୍ତା ୧୨ ତାରିଖ ଦିନ ଏହି ଘଟଣାକୁ ନେଇ ବଲାଙ୍ଗୀରରେ ଜିଲା ଆଦିବାସୀ କଲ୍ୟାଣ ସଂଘ ବିରୋଧ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି । ବିଧାୟକଙ୍କୁ ଗିରଫ କରିବା ପାଇଁ ବାଚସ୍ପତିଙ୍କ ଅନୁମତି ପ୍ରଦାନ ଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ସଂଘ ସଚିବ ବିଶି ଜଣାଇଛନ୍ତି।

■ ବୁଢ଼ାବୁଢ଼ୀ ଭତାରୁ ବଞ୍ଚିତ୍ କୁଆଦେଇ

# ବଢୁଛେ ବଏସ୍, କମୁଛେ ଆଶ୍

**ଭୁବନେଶ୍ୱର ବାରିକ**
**ଲାଠୋର, ୮।୬ (ଡି.ଏନ୍.ଏ):**

ସରକାର ୬୦ ବଛର୍‌ରୁ ଅଧିକା ବୁଢ଼ାବୁଢ଼ି, ବିଧବା, ଦିବ୍ୟାଙ୍ଗମାନକୁ ମାସିକ ୫ଶହ ଟଁକା ଭତା ଯୁଗେଇ ଦେଉଛନ୍। ସେନ୍‌ତା ୮୦ ବଛର୍‌ରୁ ଅଧିକା ବୁଢ଼ାବୁଢ଼ିକୁ ମାସିକ ୭ଶହ ଟଁକା ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ପରଶାସନିକ ଅବହେଲାର ଲାଗି ବୁଢ଼ାବୁଢ଼ି, ଦିବ୍ୟାଙ୍ଗ ଭତା ପାଏବାରୁ ବଁଚିତ୍ ହେଉଥିବାର ଦେଖିବାକେ ମିଲୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗାଁରେ।

ସୂଚନା ଅନ୍‌ସାରେ ଲାଠୋର ଗାଁର ବିଧବା ମହିଲା କୁଆଦେଇ କରୁଆଁ(୮୦)। ଆପ୍‌ନେ ବେଠିଆ କରୁଆଁ ଆରପାରକେ ଚାଲିଯିବାର ଆଏଜ୍‌କେ ୩୦ ବଛର ବିତିଗଲାନ। କୁଆଦେଇ ବନେ ବଛରକେତେ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟା ହିସାବେ କାମ୍‌କରି ନିଜର ପେଟ୍ ପାଲୁଥିଲେ। ହେଲେ ବଏସ୍ ଅଧିକା ହେଲାରୁ ସେ କାମ୍ କରି ନାଇଁପାରଲେ। ସ୍କୁଲ ଛାଡ଼ିଦେଲା ଉତାରୁ ସେ ଉପେ ଶୂଇନ୍ ହେଇ ନିଜର ବିଧବା ଝି’ ଘରେ ଆଶ୍‌ରେ ନେଇଛନ୍। ସରକାରୀ ସାହାଯ୍ କହେଲେ ପଁଚେତ୍‌ରୁ ପାଉଥିବାର ୧୦ କେ.ଜି ଚାଉଲକେ ଛାଡ଼ିଦେଲେ ବାକି କେହେନ୍‌ସି ସୁବିଧା ନାଇଁ ପାଏବାର। ତାକର ବଏସ୍‌କେ ଦେଖିଲେ ସେ ଏହେଦେ ୭ ଶହ ଟଁକା ବୁଢ଼ାବୁଢ଼ି ଭତା ପାଏବାର କଥା। ଭତା ପାଏବାର ଲାଗି ଲାଠୋର ପଁଚେତ୍‌ରେ ଗୁହାରି ବି କରିଥିଲେ। ହେଲେ ଭୋଟ ପରିଚଏ ପତର ଆର ଆଧାର କାର୍ଡ ଅଭାବୁ ପଁଚେତ୍ କତ୍ତୃରପକ୍ଷ ତାହାକୁ ଫିରେଇ


କୁଆଦେଇ କରୁଆଁ।

ଦେଇଥିଲେ। ଇଆଡ଼େ ଭୋଟ ପରିଚଏ ପତର ଆର ଆଧାର କାର୍ଡ କେନ୍‌ଥେଇ ସୁବିଧାରେ ଗାଁଗଁଲିର ଲୋକ୍ ପାଇପାରବେ ସେଥିରଲାଗି କେନ୍ଦ୍ର ଆର ରାଏଜ୍ ସରକାର ସବୁବେଲେ ଚେଷ୍ଟା କରୁଛନ୍। ହେଲେ ଇ କମ୍‌ରେ ନିୟୋଜିତ ଥିବାର କରମଚାରୀମାନ୍‌କର ଅବହେଲାର ଲାଗି ଆଜି ଇ ନିସାହା ବୁରୁଧ୍ ବିଧବା ମହିଳା ଝନ୍‌କ ସବୁପରକାର ସରକାରୀ ସୁବିଧାରୁ ବଁଚିତ୍ ହେଇଛନ୍। ଇ ବାବ୍‌ଦେ ଲାଠୋର ସରପଁଚ୍ ପ୍ରବିଣ ଅଗ୍ରୱାଲକୁଁ ପଚରାଲାରୁ କୁଆଦେଇକଁର ପାସେ ଦରକାରୀ କାଗଜପତର ନାଁଇଁ। ଯେନ୍‌ଥିରଲାଗି ସେ ସରକାରୀ ସୁବିଧା ପାଏବାରୁ ବଁଚିତ୍ ହେଇଛନ୍। ମୋର ଦୁଆରା ଯାହା ହେଇପାରବା ନିହାତି ଚେଷ୍ଟା କରମି ବଲି ସେ କହିଥିଲେ। ହେଲେ ନିସାହା କୁଆଦେଇ କେନ୍‌ଥେଇ ସୁବିଧାରେ ଭୋଟ ପରିଚଏପତର ଆର ଆଧାର କାର୍ଡ ପାଇପାରବେ ସେ ଦିଗେ ଉଭଏ ପଁଚେତ୍ ଆର ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ତାହାକୁ ସହଯୋଗ କରବାକେ ଜନସାଧାରନ୍‌ରେ ଦାବି ହେଉଛେ।

ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ୯ ଜୁନ୍, ୨୦୧୯



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ବେକରେ ଶାଢ଼ୀ ବାନ୍ଧି ଯୁବତୀଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା, ୮।୬(ଡି.ଏନ.ଏ.)- କୁଆଁରମୁଣ୍ଡା ଫାଣ୍ଡି କଟାରୁ ଗ୍ରାମର ପୁକି ନାଗ (୨୨) ନାମ୍ନୀ ଜଣେ ଯୁବତୀ ଶୁକ୍ରବାର ସନ୍ଧ୍ୟାରେ ନିଜ ଘରେ ଏକ ଶାଢ଼ୀକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୯) ରୁଜୁ ହୋଇଛି। ଫାଣ୍ଡି ପୋଲିସ ଶନିବାର ରାଉରକେଲା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପାରିବାରିକ କଳହ ଯୋଗୁ ଯୁବତୀ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ୧୯ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଚୟନ ଶିବିର ୧୨ରେ

ସୁନ୍ଦରଗଡ଼, ୮।୬ (ଡି.ଏନ୍.ଏ) – ଓଡିଶା କ୍ରିକେଟ ଆସୋସିଏଶସନ୍ର ଆହ୍ୱାନ କ୍ରମେ ସୁନ୍ଦରଗଡ ଜିଲାରୁ ୧୯ବର୍ଷରୁ କମ୍ ବୟସର ୪ଜଣ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଚୟନ ଶିବିରକୁ ପଠାଯିବ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଜିଲାର ସମସ୍ତ ବ୍ଲକରୁ ୧୯ବର୍ଷରୁ କମ୍ ବର୍ଗର କ୍ରିକେଟ ଖେଳାଳିମାନଙ୍କ ପାଇଁ ଏକ ଚୟନ ଶିବିର ଜୁନ୍ ୧୨ରେ ଅନୁଷ୍ଠିତ ହେବ। ସୁନ୍ଦରଗଡ ଷ୍ଟାଡିୟମଠାରେ ହେବାକୁ ଥିବା ଏହି ଚୟନ ଶିବିରରେ ଆଗ୍ରହୀ ଖେଳାଳି ସକାଳ ୭ଟାସୁଦ୍ଧା ଉପସ୍ଥିତ ହେବା ପାଇଁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ଏଥି ନିମନ୍ତେ ଆଗ୍ରହୀ ଖେଳାଳିମାନେ ଚୟନ ପାଇଁ ଆସିବା ସମୟରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ ତାଙ୍କର ବୟସ ପ୍ରମାଣ ସମ୍ପର୍କୀତ ଏକ ଆଫିଡେଭିଟ ମୁନିସପାଲିଟି କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ମୂଳ ଜନ୍ମ ପ୍ରମାଣପତ୍ର, ବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ପାସ କରିଥିବା ଓ ଅନ୍ୟାନ୍ୟ ପ୍ରମାଣପତ୍ର ସାଙ୍ଗରେ ଆଣିବାକୁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଲଙ୍କୁ ଅନୁରୋଧ କରିଛନ୍ତି।

■ ଲୋକାଚାରରେ ସରିଲା ଦେବଦମ୍ପତିଙ୍କ ବିବାହ

# ମନ୍ଦିର ଫେରିଲେ ଶିବ ପାର୍ବତୀ

କୁଆଁରମୁଣ୍ଡା, ୮।୬(ଡି.ଏନ.ଏ)

ପବିତ୍ର ଶୀତଳଷଷ୍ଠୀରେ ମହାଦେବ ଓ ମାତା ପାର୍ବତୀଙ୍କ ଲୋକାଚାର ବିବାହ ଅନୁଷ୍ଠିତ ହୋଇଆସୁଛି। ଏହି ଉଦ୍ଦେଶ୍ୟରେ ଜ୍ୟେଷ୍ଠ ମାସ ଶୁକ୍ଳ ପଞ୍ଚମୀ ଶୁକ୍ରବାର ରାତି ସାଢେ ୮ଟାରେ କୁଆଁରମୁଣ୍ଡାର ବାବା ଲୋକନାଥ ମନ୍ଦିରରୁ ମହାଦେବ ବରାତିରେ ବାହାରି ମାତା ପାର୍ବତୀଙ୍କ ଘର କୁହାଯାଉଥିବା କୁଆଁରମୁଣ୍ଡା ବ୍ଲକ ଚନ୍ଦ୍ରଚୂଡ ମନ୍ଦିରରେ ପହଞ୍ଚିଥିଲେ। ଏହି ସମୟରେ ବାବା ଲୋକନାଥଙ୍କ ବରାତି ଶୋଭାଯାତ୍ରାରେ ଆସିଥିବା ସମସ୍ତ ଭକ୍ତଙ୍କୁ କନ୍ୟା ପକ୍ଷ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଳମ୍ବିତ ରାତିରେ ଦେବଦମ୍ପତିଙ୍କ ମଧ୍ୟରେ ପାରମ୍ପରିକ ଲୋକାଚାରରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକ ମନ୍ଦିର କମିଟି ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ବିବାହ ଉତ୍ସବରେ ଅଂଶଗ୍ରହଣ କରି ଅନ୍ନପ୍ରସାଦ ସେବନ କରିଥିଲେ। କନ୍ୟାପିତା ଭାବେ ଚଳିତବର୍ଷ ଅରୁଣ କୁମାର ବରାଳ କନ୍ୟାଦାନ କରିଛନ୍ତି। ପଣ୍ଡିତ ନେତ୍ରାନନ୍ଦ ଦୁବେ, ଭୁବନ ଦାଶ, ବାବୁଲା ଦାଶ, କୈଳାସ ତ୍ରିପାଠୀ, ରାଜୀବଲୋଚନ ପୁରୋହିତ ଉପସ୍ଥିତ ରହି ସମସ୍ତ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥିଲେ। ଏହା ପରେ ବିଳମ୍ବିତ ରାତିରେ ମାତା ପାର୍ବତୀଙ୍କୁ ମହାଦେବଙ୍କ ସହ ବାବା ଲୋକନାଥ ମନ୍ଦିରକୁ ଯିବା ପାଇଁ ବିଦାୟ ନୀତି ସମ୍ପନ୍ନ କରାଯାଇଥିଲା। ବ୍ଲକ ମନ୍ଦିର କମିଟି ପକ୍ଷରୁ ଏବିଡିଓ ଭବାନୀଶଙ୍କର ପାଢୀ, ଜିପିଇଓ ନିରଞ୍ଜନ ନାଏକ, ପିଇଓ ଦେବବ୍ରତ ଦାଶ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଅନୁରୂପଭାବେ ବାବା ଲୋକନାଥ ମନ୍ଦିରରେ ଦେବଦମ୍ପତିଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବାବା ଲୋକନାଥ ମନ୍ଦିର କମିଟି ପକ୍ଷରୁ ଶୈଳେଶ ତିୱାରୀ, ଘନଶ୍ୟାମ ଦେବତା, ସରୋଜ ମହାନ୍ତି, ବାଲକ୍ରିଷ୍ଣ ଅଗ୍ରୱାଲ,ସୁରେଶ ଅଗ୍ରୱାଲ,ଦିଲ୍ଲୀପ ପଟେଲ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି।



ବାବା ଲୋକନାଥଙ୍କୁ ବରାତି ଶୋଭାଯାତ୍ରାରେ ନିଆଯାଉଛି।

## ବଜ୍ରପାତରେ ୭ ଗୋରୁ ମୃତ

ହେମଗିର, ୮।୬ (ଡି.ଏନ.ଏ)

ହେମଗିର ବ୍ଲକ ଆଙ୍କେଲବିରା ପଞ୍ଚାୟତର ସେମେଲବାହାଲ ଗ୍ରାମରେ ବଜ୍ରପାତ ଯୋଗୁ ସାତ ଗୋରୁ ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ଘଡଘଡି ସହ ବର୍ଷା ଓ ପବନ ଯୋରରେ ବହିଥିଲା। ଏହା ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଲାଗି ରହିଥିଲା। ଠିକ ଏହି ସମୟରେ ଆଙ୍କେଲବିରା ପଞ୍ଚାୟତର ସେମେଲବାହାଲ ଗ୍ରାମରେ ସନ୍ଧ୍ୟା ପ୍ରାୟ ୭ଟା ପାଖାପାଖି ଗାଈ ଗୋରୁ ଗୁଡିକ ଘରକୁ ଫେରୁଥିଲେ। ଝଡ ତୋଫାନ ମାଡି ଆସିବାରୁ ଗାଁ ମୁଣ୍ଡରେ ଥିବା ଗଛ ମୂଳେ ଛିଡା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା । ଏଥିରେ ସେହି ଗ୍ରାମର ବିନୋଦ ବେହେରାଙ୍କ ଚାରୋଟି, ଶୁକ୍ରୁ ମାଝୀଙ୍କ ଗୋଟିଏ ଓ ଟିକେଶ୍ୱର ମାଝଙ୍କ ଦୁଇଟି ଗୋରୁ ସେଠାରେ ମୃତ୍ୟୁବରଣ କରିଥିଲେ।



ବଜ୍ରପାତରେ ୭ଗୋରୁ ମରିପଡ଼ିଛନ୍ତି।

## ହ୍ୱାଟ୍ସ ଆପ୍ ଗ୍ରୁପରେ ଛାତ୍ରୀଙ୍କ ନଗ୍ନଭିଡିଓ ଭାଇରାଲ

ଦେବଗଡ, ୮।୬(ଡି.ଏନ.ଏ)

ଜଣେ ଛାତ୍ରୀଙ୍କ ନଗ୍ନ ଭିଡିଓ ତାଙ୍କର ଜଣେ ସହପାଠୀ ଏକ ନିର୍ଦ୍ଦିଷ୍ଟ ହ୍ୱାଟସଆପ୍ ଗ୍ରୁପରେ ଭାଇରାଲ କରିବା ଘଟଣା ଶନିବାର ଦେବଗଡ ଜିଲାରେ ଚର୍ଚ୍ଚାର ବିଷୟ ସାଜିଛି। ଏନେଇ ଛାତ୍ରୀ ପରିବାର ଲୋକଙ୍କ ସହ ଜିଲା ଶିଶୁ ସୁରକ୍ଷା ସମିତିର ଦ୍ୱାରସ୍ଥ ହେବା ପରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ନାବାଳିକା ଛାତ୍ରୀଙ୍କର ନଗ୍ନଭିଡିଓ ଭାଇରାଲ କରିଥିବା ନାବାଳକଙ୍କ ଜଣେ ସମ୍ପର୍କୀୟ ଦେବଗଡ ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ନାବାଳିକାଙ୍କ ପରିବାର ଲୋକେ ଆଶଙ୍କା ପ୍ରକଟ କରିଛନ୍ତି। ଖବର ମୁତାବକ କିଛିମାସ ପୂର୍ବେ ବାରକୋଟ ବ୍ଲକର ଏକ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳିକାଙ୍କର ନଗ୍ନ ଭିଡିଓ ସେହି ହାଇସ୍କୁରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଅନ୍ୟ ଜଣେ ଛାତ୍ର ଲୋକାଲ ହ୍ୱାଟସଆପ୍ ଗ୍ରୁପରେ ଭାଇରାଲ କରିଥିଲେ। ଏକଥା ଜଣାପଡିବାପରେ ନାବାଳିକାଙ୍କ ପରିବାର ଲୋକ ଦେବଗଡ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ରଙ୍କ ପରାମର୍ଶ କ୍ରମେ ଚାଇଲ୍ଡଲାଇନର କର୍ମକର୍ତ୍ତା ଉପେନ୍ଦ୍ର ଭଞ୍ଜଙ୍କ ସହ ଦେବଗଡ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ପାଟଣାଗଡ଼ ବିଧାୟକ, ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଗିରଫ ଦାବି

ଭବାନୀପାଟଣା,୮।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ନବନିର୍ବାଚିତ ବିଧାୟକ ସରୋଜ ମେହେର ଆଦିବାସୀ ସମ୍ପ୍ରଦାୟର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଉଠ୍‌ବସ୍ କରାଇବା ଓ ଜାତିଆଣ ଆପେକ୍ଷ କରି ଗାଳିଗୁଲଜ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ସମ୍ପୃକ୍ତ ବିଧାୟକ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ବାଧହୋଇ ରାଜ୍ୟରେ ଆଦିବାସୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଆଦିବାସୀ କଲ୍ୟାଣ ସଂଘ କଳାହାଣ୍ଡି ଶାଖା ତରଫରୁ କୁହାଯାଇଛି। ପ୍ରକାଶ ଯେ, ନିମ୍ନମାନର କାମକୁ ନେଇ ପାଟଣାଗଡ ନବନିର୍ବାଚିତ ବିଧାୟକ ମେହେର ସର୍ବସାଧାରଣଙ୍କ ସମ୍ମୁଖରେ ପାଟଣାଗଡ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ଶବରଙ୍କୁ ଉଠ୍‌ବସ୍ କରାଇବା ସହିତ ଜାତିଆଣ ଆପେକ୍ଷ କରି ଗାଳିଗୁଲଜ କରିବା ଏବଂ ନିର୍ବାହି ଯନ୍ତ୍ରୀ ଲୋକନାଥ ମିଶ୍ର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଚାପୁଡା ମାରିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଶବରଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ଆଜିସୁଦ୍ଧା ତାଙ୍କୁ ଗିରଫ କରାଯାଇ ନାହିଁ । ତୁରନ୍ତ ସମ୍ପୃକ୍ତ ବିଧାୟକ ଓ ନିର୍ବାହି ଯନ୍ତ୍ରୀଙ୍କୁ ଗିରଫ କରିବା ପାଇଁ କଳାହାଣ୍ଡି ଆଦିବାସୀ କଲ୍ୟାଣ ସଂଘ ସଭାପତି ପରମାନନ୍ଦ ମାଝି, ଉପସଭାପତି ଚୁଡାମଣୀ ମାଝି, ତନୁ ମାଝି, ନିରାକାର ପାତ୍ର, କୁମୁଦକାନ୍ତ ମାଝି, ହୋମସାଗତ ମାଝି, ଭକ୍ତରାମ ମାଝି ଓ ରବୀ ମାଝି ପ୍ରମୁଖ ଦାବି କରିଛନ୍ତି।

ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କୁ ସମ୍ବର୍ଦ୍ଧନା

## ଆପଣମାନଙ୍କ ସହିତ ମିଶି କାମ କରିବି



ଏମ୍‌ପି ଜୁଏଲ ଓରାମ ଉଦ୍‌ବୋଧନ ଦେଉଛନ୍ତି।

ବଡ଼ଗାଁ, ୮।୬ (ଡି.ଏନ.ଏ)

ମୁଁ ଏବେ ଦାୟିତ୍ୱମୁକ୍ତ। ଆରାମରେ ଆପଣମାନଙ୍କ ସହିତ ମିଶି କାମ କରିବି। ମୋତେ ମନ୍ତ୍ରୀ କରା ନ ଗଲା ସେଥିରେ ଦୁଃଖିତ ନୁହେଁ ବୋଲି ଶନିବାର ସୁନ୍ଦରଗଡ ଜିଲା ବଡଗାଁ ପୂର୍ତ୍ତ ଡାକବଙ୍ଗଳାରେ ସ୍ଥାନୀୟ ଭାଜପା ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ଜୁଏଲ ଓରାମ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଭାରତମାତାଙ୍କ ବନ୍ଦନା ପରେ ଏମ୍‌ପି ଏବଂ ଜିଲା ସଭାପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ସଭା ଆରମ୍ଭ ହୋଇଥିଲା। ଭାଜପା ଜିଲା ସଙ୍ଗଠନ ସଭାପତି ଉପାଧ୍ୟାୟ ପାଣିଗ୍ରାହୀ ଜୁଏଲ ଅନେକ ଥର ଜିତିଥିବାରୁ ତାଙ୍କ ପାଖରେ କିଛି ଗୁଣ ଅଛି ଯାହା ଲୋକଙ୍କଠାରେ ଆଦୃତ ହେଲା। ଜିଲାବାସୀଙ୍କ ଆଶାପୂରଣ କରିବା ଦିଗରେ ଏମପି ଦୃଷ୍ଟି ରଖିବେ ବୋଲି ଆସ୍ଥା ପ୍ରକଟ କରିଥିଲେ। ଜିଲା ସଭାପତି ବଟକିଶୋର ମିଶ୍ର ତାଙ୍କ ବକ୍ତବ୍ୟରେ କର୍ମୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଆପଣମାନଙ୍କ ପରିଶ୍ରମର ମୂଲ୍ୟ ଦେଇହେବ ନାହିଁ। ମୁଁ ନିମିତ୍ତ ମାତ୍ର, ଆପଣଙ୍କ ପରିଶ୍ରମ ଫଳବତୀ ହୋଇଛି। ପଞ୍ଚାୟତସ୍ତରର କର୍ମକର୍ତ୍ତା ଶକ୍ତିଶାଳୀ ହେଲେ ପାର୍ଟି ଦୃଢ଼ ହେବ ବୋଲି କହିଥିଲେ। ଏମ୍‌ପି ଓରାମ କର୍ମୀଙ୍କୁ ଧନ୍ୟବାଦ ଜଣାଇ ୪୮ ବର୍ଷ ହେଲା ତଲସରା ବିଧାନସଭା ଆସନ ଜିତି ନ ଥିଲୁ, ଏଥର ଜିତିଲୁ । ରାଜଗାଙ୍ଗପୁରରେ ହଜାରେ ଭୋଟରେ ହାରିଲୁ। ଆଗକୁ ରାଜଗାଙ୍ଗପୁର ଆସନ ଜିତିବା ବୋଲି ଦୃଢ଼ ଆଶା ପ୍ରକଟ କରିଥିଲେ। ଆପଣମାନଙ୍କୁ ଅଧିକ ସମୟ ଦେବା ପାଇଁ ଚେଷ୍ଟା କରିବି, ବାକି ଥିବା କାମ ମିଳିମିଶି କରାଯିବ କହିଥିଲେ। ସଭାରେ ବଡ଼ଗାଁର ପରମାନନ୍ଦ ପାଣିଗ୍ରାହୀ ଶବବାହକ ଯାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏମପି ଓରାମଙ୍କ ସହିତ ଜିଲା ସଭାପତି ମିଶ୍ର, ଜିଲା ସଙ୍ଗଠନ ଉପସଭାପତି ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ଜିଲା ସମ୍ପାଦକ ସତ୍ୟବାନ ଓରାମ, ଏମପି ପ୍ରତିନିଧି ବସନ୍ତ ସାହୁ, ଜିଲା ଏସଟି ମୋର୍ଚ୍ଚା ସଭାପତି କଳାକୃଷ୍ଣ ଓରାମ, ସମିତି ସଭ୍ୟ ଶିଶିର ରାଉତରାୟ, ପୂର୍ବତନ ବ୍ଲକ ସଭାପତି ସୁନୀଲ ନାଏକ, ପାମରା ମଣ୍ଡଳ ସଭାପତି ପ୍ରଫୁଲ୍ଲ ବାରିକ ମଞ୍ଚାସୀନ ଥିଲେ। ଫକିର ପୃଷେଟ ଅତିଥି ପରିଚୟ ଓ ଜିଲା କର୍ମକର୍ତ୍ତା ବିକାଶ ନାଏକ ମଞ୍ଚ ପରିଚାଳନା କରିଥିଲେ ।

## ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଫଳତା



ଗୁରୁକୁଳ ଯୁକ୍ତ ୨ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।

ସୁନ୍ଦରଗଡ଼, ୮।୬ (ଡି.ଏନ୍.ଏ)

ରାଜ୍ୟର ୨୯ଟି ମହାବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷାରେ ପାସ୍ ହାର ଶତପ୍ରତିଶତ ରହିଛି। ସେଥିମଧ୍ୟରେ ସୁନ୍ଦରଗଡ ଗୁରୁକୁଳ ଯୁକ୍ତ ୨ବିଜ୍ଞାନ ମହାବିଦ୍ୟାଳୟରେ ମଧ୍ୟ ଶତପ୍ରତିଶତ ପାସ ହାର ରହିଛି। ଏହି ମହାବିଦ୍ୟାଳୟର ୩୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୨୨, ଦ୍ୱିତୀୟ ଶ୍ରେଣୀରେ ୭ ଏବଂ ୩ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଲିଲିମା ଭୋଇ ୮୬.୩୩ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା ବେଳେ ରାଜେଶ୍ୱରୀ ମେହେର ୮୩.୧୭ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଏବଂ ନିରୁପମା ଦେହୁରୀ ୭୯ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ଏହି ମହାବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଉତ୍ତମ ପରୀକ୍ଷା ଫଳ ଯୋଗୁ ଛାତ୍ରୀଛାତ୍ର, ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବେଶ ଉତ୍ସାହିତ ଅଛନ୍ତି। ମହାବିଦ୍ୟାଳୟ ସମ୍ପାଦକ ଗଣେଶ ଚନ୍ଦ୍ର ମେହେର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଥିକା ନାଏକ, ଅଧ୍ୟକ୍ଷ ମଳୟ ନାଏକଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ କର୍ମଚାରୀ, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବଡଗାଁରେ ବାଇକକୁ ଘୋଷାଡି ନେଲା ବୋଲେରୋ: ୨ ଗୁରୁତର

ବଡଗାଁ, ୮।୬ (ଡି.ଏନ.ଏ)



ବଡଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗ୍ରାମ ଏସଏଚ-୧୦ ସ୍ଥିତ ବସଷ୍ଟାଣ୍ଡଠାରେ ଶନିବାର ସନ୍ଧ୍ୟା ୬ଟାରେ ବୋଲେରୋ ବାଇକକୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଦୁର୍ଘଟଣାରେ ସରଲଙ୍ଗାବୁଡ ପଞ୍ଚାୟତ ଧରୁଆଡିହି ଥାନା ଅଧିନ ଅଲଙ୍ଗପାନି ଗ୍ରାମର ବାଇକ ଚାଳକ ଓ ଆରୋହୀ ହିମାଂଶୁ ଷଣ୍ଢ (୨୫) ଓ ଗୋପବନ୍ଧୁ କିସାନ (୩୧) ଗୁରୁତର ହୋଇଛନ୍ତି। ଏମାନେ ବାଇକରେ ସୁନ୍ଦରଗଡ ପଟକୁ ଆସୁଥିଲା ବେଳେ ବୋଲେରୋ ଓଆର୍ ୧୪ ଟି- ୭୭୦୪ ଧକ୍କା ଦେଇ ଦୀର୍ଘ ମିଟର ଦୂର ଘୋଷାଡି ନେଇଥିଲା। ଗଙ୍ଗାଜଳଠାରେ ଲୋକେ ଅଟକାଇ ବୋଲେରୋ ଚାଳକଙ୍କୁ ନିସ୍ତୁକ ମାଡ ମାରିବାରୁ ସେ ମଧ ଆହତ ହୋଇଛନ୍ତି। ଏମାନଙ୍କୁ ବଡଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ ଡାକ୍ତରଖାନା ପଠାଯାଇଛି।

## ଏସେଲ ମାଇନିଂ ପକ୍ଷରୁ ବିଶ୍ୱ ପରିବେଶ ଦିବସ




କୋଇଡା ଲୌହ ଖଣି ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି।

ଟେନ୍ସା, ୮।୬ (ଡି.ଏନ.ଏ)

ଆଦିତ୍ୟ ବିର୍ଲା ଗ୍ରୁପର ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ କୋଇଡା ଲୌହ ଖଣି ପରିସରରେ ବିଶ୍ୱ ପରିବେଶ ଦିବସ ଗତ ବୁଧବାର ପାଳିତ ହୋଇଯାଇଛି। ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏ ବର୍ଷର ବିଶ୍ୱ ପରିବେଶ ଦିବସର ବାର୍ତ୍ତାକୁ ବ୍ୟାପକ କରିବା ପାଇଁ ଏହିଦିନ ସକାଳେ କର୍ମଚାରୀମାନଙ୍କୁ ନେଇ ଖଣି ଅଞ୍ଚଳରେ ଏକ ସଭା ଓ ଶପଥ ପାଠ କରାଯାଇଥିଲା। ଏହା ପରେ ଭୂତତ୍ତ୍ୱ ବିଭାଗ ଆନୁକୂଲ୍ୟରେ କମ୍ପାନୀ କର୍ମଚାରୀ ତଥା ଏସେଲ ମହିଳା କ୍ଲବ ସଭ୍ୟମାନଙ୍କ ମଧରେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ବିଷୟ ଉପରେ ବିଭିନ୍ନ ପ୍ରଶ୍ନୋତ୍ତର, ସ୍ଲୋଗାନ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ନୂଆଗାଁ ଓ ବାଲିଯୋଡି ଗ୍ରାମରେ ଜନସାଧାରଣଙ୍କ ମଧ୍ୟରେ ବାହୁ ପ୍ରଦୂଷଣକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବୃକ୍ଷ ରୋପଣ ତଥା ଅନ୍ୟାନ୍ୟ ପରିବେଶ ଉନ୍ନତି କାର୍ଯ୍ୟରେ ଅବଦାନ ପାଇଁ ମୋଟ ୪୮ ଗ୍ରାମବାସୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶ ଥାଉକି ପରିବେଶ ଉନ୍ନତି ଓ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଏସେଲ ମାଇନିଂ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ଭବିଷ୍ୟତରେ ଏହାକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନିଆଯିବାକୁ ସ୍ଥିର କରାଯାଇଛି।

## ଗାଁ ସାଥୀଙ୍କୁ ଉପେକ୍ଷା କରି ଠିକାଦାରଙ୍କ ଦ୍ୱାରା କାମ

ବଡଗାଁ, ୮।୬ (ଡି.ଏନ.ଏ)

- ■ ନିୟମ ଉଲ୍ଲଂଘନ କରାଯାଇଛି
- ■ ଠିକାଦାର କରୁଛନ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ
- ■ କାମ କରି ନ ଥିବା ବ୍ୟକ୍ତିଙ୍କ ନାଁରେ ଯାଇଛି ଟଙ୍କା
- ■ ବିଡିଓଙ୍କଠାରେ ଅଭିଯୋଗ କଲେ ଲୋକେ

ବଡଗାଁ ବ୍ଲକ ଅନ୍ତର୍ଗତ ବରଗାଁକଛାର ପଞ୍ଚାୟତର ସରପଞ୍ଚ ମନମୁଖି କାର୍ଯ୍ୟ କରୁଥିବା, କାମ କରି ନ ଥିବା ବ୍ୟକ୍ତିଙ୍କ ନାମରେ ଥିବା ପାଶ ବୁକକୁ ଏମ୍‌ଜିଏନ୍‌ଆରଇଜିଏସ୍ କାମର ଶ୍ରମିକ ମଜୁରି ଅର୍ଥ ଯାଇଥିବା ନେଇ ପୂର୍ବରୁ ଅଭିଯୋଗ ଥିଲା ବେଳେ ଶୁକ୍ରବାର ପୁଣି ମନମୁଖି କାର୍ଯ୍ୟ କରୁଥିବା, ଗାଁ ସାଥିଙ୍କୁ କାମରେ ନିୟୋଜିତ ନକରି ଠିକାଦାରଙ୍କ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ କାମ କରାଇଥିବା ବିଡିଓଙ୍କଠାରେ ଅଭିଯୋଗ ହୋଇଛି। ବାଙ୍କିବାହାଲ ଗ୍ରାମର ପଞ୍ଚାୟତ ପୋଖରୀରେ ପାହାଚ ନିର୍ମାଣ ପାଇଁ ସିଏଫସି ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । କିନ୍ତୁ ଏହି ଅର୍ଥରେ ଅନ୍ୟ ଏକ ପୋଖରୀ କାମ କରିବା ପାଇଁ ସେଠାରେ ବାଲି, ମେଟାଲ ପକାଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ସେମାନେ ସରପଞ୍ଚଙ୍କୁ ଜଣାଇଥିଲେ ମଧ ପଦକ୍ଷେପ ନ ନେବାରୁ ଶୁକ୍ରବାର ଗ୍ରାମର କେତେକ ବ୍ୟକ୍ତି ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଯେଉଁ ପୋଖରୀରେ ପାହାଚ କାମ ପାଇଁ ବାଲି, ମେଟାଲ ପକାଯାଇଛି ତାହା ୧୨ ଜଣ ମିଶି ତିଆରି କରିଥିଲେ । ତାହା ପଞ୍ଚାୟତ ପୋଖରୀ ନୁହେଁ, ତେଣୁ ଯେଉଁ ପୋଖରୀରେ ପାହାଚ ନିର୍ମାଣ ପାଇଁ ଟଙ୍କା ଆସିଛି ସେଠାରେ କରାଯିବାକୁ ଦାବି ହୋଇଛି । ସେହିପରି ସରପଞ୍ଚଙ୍କ ମନମୁଖି ଓ ନିୟମ ବିରୁଦ୍ଧ କାମର ଆଉ ଏକ ଦୃଷ୍ଟାନ୍ତ ହେଲା ଗାଁ ସାଥିଙ୍କୁ ଉପେକ୍ଷା କରି ଏମ୍‌ଜିଏନ୍‌ଆରଇଜିଏସ୍ କାମ ଠିକାଦାରଙ୍କ ଦ୍ୱାରା କରିବା। ଏ ସମ୍ପର୍କରେ ଗାଁ ସାଥିମାନେ ବିଡିଓଙ୍କୁ ସାକ୍ଷାତ କରି ଶୁକ୍ରବାର ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଶ୍ରମିକଙ୍କୁ କାମରେ ଲଗାଇବା ଓ କାମ ଦେଖାରେଖା କରିବା ପାଇଁ ଗାଁ ସାଥି ନିଯୁକ୍ତି କରାଯାଇଛି। ହେଲେ ଏହି ପଞ୍ଚାୟତରେ ସରକାରୀ ନିୟମକୁ ଖୋଲା ଉଲ୍ଲଂଘନ କରାଯାଇଛି। କୁଲଗାରୁ ତଳିବାହାଲ ରାସ୍ତା କାମ, ତଳିମୁଣ୍ଡାରୁ ବୁଦାପଡା ରାସ୍ତା କାମ, ତଳିମୁଣ୍ଡା ଫୁଟବଲ ପଡିଆ କାମ ଠିକାଦାରଙ୍କ ଦ୍ୱାରା କରାଯାଇଛି । ଏହାକୁ ନେଇ ଗତ ମାସ ଶେଷ ସପ୍ତାହରେ ସରପଞ୍ଚଙ୍କୁ ତଳିମୁଣ୍ଡା ଗ୍ରାମରେ ଲୋକେ ଅଭିଯୋଗ କରିବା ସହ ପଞ୍ଚାୟତ ଅଫିସରେ ହୋହାଲ୍ଲା କରିଥିଲେ । ଏହି କାମ ନିୟମ ଉଲଂଘନ କରି ଠିକାଦାରଙ୍କ ଦ୍ୱାରା କରାଯାଇଥିଲା ବେଳେ କାମ କରିନଥିବା ବ୍ୟକ୍ତିଙ୍କ ନାମରେ ଟଙ୍କା ଯାଇଛି । ତଳିମୁଣ୍ଡାରୁ ବୁଦାପଡା ରାସ୍ତା କାମର ମଷ୍ଟର ରୋଲ ନଂ. ୪୯୯୮ରେ କାମ କରିନଥିବା ଭେଲୁଆବାହାଲ ଗ୍ରାମର ବୈକୁଣ୍ଠ ମହାକୁଳ, କୁମବାହାଲ ଗ୍ରାମର ଦିଲ୍ଲୀପ ସାମାଦ, ବରଗାଁକଛାର ଗ୍ରାମର ସଞ୍ଜୟ ସଏଙ୍କ ଭଳି ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଥିବା ପାସବୁକକୁ ଟଙ୍କା ଯାଇଛି। କାମ କରିନଥିବା ବ୍ୟକ୍ତିଙ୍କ ନାମରେ ଟଙ୍କା ଯାଇଥିବା ବେଳେ କାମ କରିଥିବା ଅନେକ ଶ୍ରମିକ ମଜୁରି ଅର୍ଥ ପାଇନାହାନ୍ତି। ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ମଜୁରି ଅର୍ଥ ଦେବା ନିୟମ ଥିଲେ ମଧ ଦୀର୍ଘ ମାସ ଶ୍ରମିକଙ୍କୁ ମଜୁରି ମିଳୁନାହିଁ ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ପାନପୋଷ ଅଞ୍ଚଳରୁ ଚୋରା ମଦ ଜବତ

**ରାଉରକେଲା ଅଫିସ,୮।୬-** ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ପାନପୋଷ ଛକ ଅଞ୍ଚଳରୁ ଚୋରା ବିଦେଶୀ ମଦ ଜବତ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହେଶ ସାହୁ ଏବଂ ବୈରବ ସାହୁ। ପୋଲିସ ୬୦ ଲିଟର ବିଦେଶୀ ମଦ ଜବତ କରିଛି। ଏନେଇ ରଘୁନାଥପାଲ୍ଲୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

**ଉଲୁଣ୍ଡା, ୮।୬ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ନିକଟ ପିପିଲିକାନୀ ଗ୍ରାମର ନବକିଶୋର ସାହୁଙ୍କ ବାଇକକୁ କେହି ପୋଡି ଦେଇଥିବା ନେଇ ଉଲୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ନବକିଶୋର ସୋନପୁର -ସମ୍ବଲପୁର ମୁଖ୍ୟ ରାସ୍ତାର ପୋଢଟିକିରା ଛକରେ ଏକ ଜଳଖିଆ ଦୋକାନ ଦେଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ନବ ଏବଂ ତାଙ୍କ ଭାଇ ବିପିନ ବାଇକ ଯୋଗେ ତାଙ୍କ ଗ୍ରାମର ପୋଖରିକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରି ହିଡରେ ବାଇକକୁ ରଖିଦେଇ ଗାଧୋଉଥିଲେ। ଏହି ସମୟରେ କେହି ତାଙ୍କ ବାଇକରେ ନିଆଁ ଲଗାଇଦେଇଥିଲା। ପରେ ବାଇକ ଟାଙ୍କି ଫାଟି ପ୍ରଚଣ୍ଡ ଶବ୍ଦ କରିଥିଲା। ଶବ୍ଦ ଶୁଣି ନବ ଆସି ଦେଖିଲା ବେଳକୁ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଛି।

# ଝାଡ଼େଶ୍ୱର ମନ୍ଦିରରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**ଲଖନପୁର,୮।୬ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବାଘମୁଣ୍ଡା ପଞ୍ଚାୟତ ସିଂହାରପୁର ଝାଡେଶ୍ୱର ଶିବ ମନ୍ଦିରରେ ବୈଦିକ ରୀତିନୀତିରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ଏହି ଅବସରରେ ଗ୍ରାମଦେବତୀ ପୂଜା, କଳସଯାତ୍ରା ସାଙ୍ଗକୁ ମା' ପାର୍ବତୀଙ୍କ ପିନ୍ଧାଣୀ ଆଦି କାର୍ଯ୍ୟକ୍ରମ ହୋଇଥିଲା । ବିବାହ ଦିବସରେ ଗ୍ରାମ ଯଜ୍ଞମଣ୍ଡପରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଝାଡେଶ୍ୱର ବାବା ବରବେଶରେ ଶୁସଜ୍ଜିତ ବିମାନ ୪୯ନଂ. ଜାତୀୟ ରାଜପଥଦେଇ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ । ଶତାଧିକ ଶ୍ରଦ୍ଧାଳୁ ବରଯାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ କଟକର ବାଇନାଚ, ବଡଧରା ଗ୍ରାମର ଦୁଲଦୁଲି, ଜାମଗାଁ ଗ୍ରାମର ଦାଣ୍ଡିଆ, ବେହେରାମାଲ ଗ୍ରାମର ସମ୍ପ୍ରଦା, ସମ୍ବଲପୁର ପିତାପାଲି ଗ୍ରାମର ମର୍ଦ୍ଦନ କୃଷ୍ଣଗୁରୁ, ସ୍ୱର୍ଣ୍ଣପୁର ଜିଲା ଝାରବଲାଙ୍ଗୀର ଗ୍ରାମର ସୁବାସିନୀ ମିଶ୍ର ଓ ତାଙ୍କ ସାଥୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଗ୍ରାମ ଯଜ୍ଞମଣ୍ଡପରୁ ମଧାହ୍ନ ସାଢେ ୧୨ଟାରୁ ବରଯାତ୍ରୀ ଶୋଭାଯାତ୍ରାରେ ବାହାରି ସାଢେ ୩ଟାରେ ମନ୍ଦିର ସମ୍ମୁଖରେ ପହଞ୍ଚି ଥିଲେ। କନ୍ୟାଘର ପକ୍ଷରୁ ଝାଡେଶ୍ୱର ବାବାଙ୍କୁ ପାରମ୍ପରିକ ରୀତିନୀତିରେ ବରଣ କରାଯାଇଥିଲା। ପରେ ଦେବଦମ୍ପତିଙ୍କ ବିବାହ ଆରମ୍ଭ ହୋଇଥିଲା । ବର ମାତାପିତା ଭାବେ ବାଘମୁଣ୍ଡା ବନପାଲି ଗ୍ରାମର ଡିଲେଶ୍ୱର କାଲୋ ଓ ତାଙ୍କ ସ୍ତ୍ରୀ ସୁବାସିନୀ ଦାୟିତ୍ୱ ତୁଲାଇଥିଲେ । ସେହିପରି ସୁନ୍ଦରଗଡ଼ ଆଦର୍ଶନଗରର ତ୍ରିନାଥ କାଲୋ ଓ ତାଙ୍କ ସ୍ତ୍ରୀ ମମତା କନ୍ୟାମାତା ପିତାଭାବେ ଦାୟୀତ୍ୱ ସମ୍ପାଦନ କରିଥିଲେ। ବର ପକ୍ଷରୁ ପୂଜକ ଯୋଗେନ୍ଦ୍ର ପଣ୍ଡା ଓ କନ୍ୟା ପକ୍ଷରୁ ଜଗଦୀଶ ପଣ୍ଡା ବିବାହ କାର୍ଯ୍ୟ ତୁଲାଇଥିଲେ । ବିବାହ ପରେ ଦେବଦମ୍ପତି ସିଂହାରପୁର ଗ୍ରାମ ଯଜ୍ଞମଣ୍ଡପକୁ ଫେରି ମନ୍ଦିର ପ୍ରବେଶ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଲଖନପୁର ବୋଲ୍‌ବମ୍ ସଂଘ, ପିଣ୍ଟୁ ଜୟସ୍ୱାଲ, ଚତୁର୍ଭୁଜ ପ୍ରଧାନ ପ୍ରମୁଖ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଦହି ସରବତ, ଥଣ୍ଡା ପାନୀୟଜଳ ଆଦି ବ୍ୟବସ୍ଥା କରାଯାଇଥିଲା। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଲଖନପୁର ଥାନା ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। ଏଥିରେ ମନ୍ଦିର କମିଟି ସଭାପତି ମଳୟ ଆଚାର୍ଯ୍ୟ, ଯଜ୍ଞେଶ୍ୱର ବିଶ୍ୱାଳ, ସିନ୍ଧୁପତି ବିଶ୍ୱାଳ, ଡୋଲାମଣି ପ୍ରଧାନ, ବେଦବ୍ୟାସ ଭୋଇ, ହିମାଂଶୁ ପ୍ରସାଦ ଦାସ, ଝସକେତନ ପ୍ରଧାନଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



ଝାଡେଶ୍ୱର ବାବାଙ୍କୁ ପାରମ୍ପରିକ ରୀତିନୀତିରେ ବରଣ କରାଯାଉଛି।



ବରଯାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ପାରମ୍ପରିକ ବାଦ୍ୟ।

### ବିଧବା ମହିଳାଙ୍କୁ ଯୌନ ନିର୍ଯାତନା, ଯୁବକ ଗିରଫ

**ରାଉରକେଲା ଅଫିସ/ବେଦବ୍ୟାସ, ୮।୬ (ଡି.ଏନ୍.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ରାମ କାଲୋ। ଅଭିଯୋଗ ମୁତାବକ, ୨୦୧୮ ନଭେମ୍ବର ମାସରୁ ରାମ ଏବଂ ମହିଳାଙ୍କ ମଧ୍ୟରେ ସମ୍ପର୍କ ଗଢିଉଠିଥିଲା। ଏପରି କି ରାମ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ମହିଳା ଜଣକ ଗର୍ଭବତୀ ହୋଇଥିଲେ। ଏନେଇ ଗ୍ରାମବାସୀ କିଛିଦିନ ତଳେ ରାମଙ୍କୁ ଡାକି ଘଟଣାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ହେଲେ ଘଟଣାର ସମାଧାନ ହୋଇ ନ ଥିଲା। ଏନେଇ ମହିଳା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ନେଇ ବ୍ରାହ୍ମଣୀତଙ୍ଗ ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୭୬(୧) ଓ ୫୦୬ରେ ଏକ ମାମଲା(ନଂ.୧୫୧/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୨ବର୍ଷ ପରେ ବି ମିଳୁନି ସାପ କାମୁଡ଼ା କ୍ଷତିପୂରଣ

**ରାଉରକେଲା ଅଫିସ, ୮।୬**

୨ ବର୍ଷ ତଳେ କୁଆଁରମୁଣ୍ଡା ଅଞ୍ଚଳର ଛତର ଧନୁଆର(୫୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ସେ ଲାଠିକଟା ଅଞ୍ଚଳର ଟାଙ୍ଗରଗଡ଼ାକୁ ଚିକିତ୍ସା ପାଇଁ ଆସିଥିବା ବେଳେ ଏହି ଘଟଣା ଘଟିଥିଲା। ଏନେଇ ଛତରଙ୍କ ବୋହୂ ବନିତା ଧନୁଆର କ୍ଷତିପୂରଣ ଦାବି କରିଥିଲେ। ଏପରି କି ବନିତା କୁଆଁମୁଣ୍ଡା ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଜମା କରିଥିଲେ। ହେଲେ ତାଙ୍କୁ ସେଠାରୁ ଫେରାଇ ଦିଆଯାଇଥିଲା। ଛତରଙ୍କ ଲାଠିକଟା ଅଞ୍ଚଳରେ ମୃତ୍ୟୁ ଘଟିଥିବାରୁ ଲାଠିକଟା ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ କୁହାଯାଇଥିଲା। ଏନେଇ ବନିତା ଲାଠିକଟା ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ପ୍ରଦାନ କରି କ୍ଷତିପୂରଣ ଦାବି କରିଥିଲେ। ଏପରି କି ବନିତା ୧୬ଥର ଉଭୟ ତହସିଲ କାର୍ଯ୍ୟାଳକୁ ଦୌଡି ଥିବା ବେଳେ ତାଙ୍କୁ କ୍ଷତିପୂରଣ ମିଳିପାରି ନାହିଁ। ଘଟଣା ସମ୍ପର୍କରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ଅବଗତ ହେବା ପରେ ଶୁକ୍ରବାର ବନିତାଙ୍କୁ ଧରି ପାନପୋଷ ସବ୍ କଲେକ୍ଟର ବିଶ୍ୱଜିତ ମହାପାତ୍ରଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସବ୍ କଲେକ୍ଟର ମହାପାତ୍ର ପ୍ରତିଶ୍ରୁତି ପ୍ରଦାନ କରିଥିବା ସାମାଜିକ କର୍ମୀ ଚାନ୍ଦମଣି ପ୍ରକାଶ କରିଛନ୍ତି।



ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ସହ ବନିତା।

# ଦିଲୀପଙ୍କୁ ନେଇ ଭାଜପାରେ କାଦୁଅ ଫିଙ୍ଗା

**ରାଉରକେଲା ଅଫିସ,୮।୬**

ସାଧାରଣ ନିର୍ବାଚନରେ ହାରିବାର ତିକ୍ତ ଅନୁଭୂତିକୁ ଭୁଲି ପାରୁନାହାଁନ୍ତି ରାଉରକେଲା ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ। ଏପରିସ୍ଥିତିରେ ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ସମର୍ଥକ ଓ ଭାଜପା ନେତୃବୃନ୍ଦଙ୍କ ମଧ୍ୟରେ ଆରମ୍ଭ ହୋଇଛି ବାକ ଯୁଦ୍ଧ। ଭାଜପା ପ୍ରାର୍ଥୀ ହାରିବା ନେଇ ଦିଲୀପଙ୍କୁ ଦାୟୀ କରାଯିବା ପରେ ଚାଲିଛି କାଦୁଅ ଫିଙ୍ଗା ରାଜନୀତି।

ଏହାକୁ ଦିଲୀପଙ୍କ ସମର୍ଥକ ଶୁକ୍ରବାର କଡ଼ା ସମାଲୋଚନା କରିଥିଲେ। ଭାଜପା ପାନପୋଷ ସାଂଗଠନିକ ଜିଲା ସଭାପତି ତଥା ରଘୁନାଥପାଲ୍ଲୀ ପ୍ରାର୍ଥୀ ଜଗବନ୍ଧୁ ବେହେରା ଏବଂ ରାଉରକେଲା ଭାଜପା ପ୍ରାର୍ଥୀ ନିହାର ରାୟଙ୍କ ସମେତ ଦଳର ଅନ୍ୟ କେତେକ କର୍ମକର୍ତ୍ତା ଗୁରୁବାର ଦଳ ହାରିବା ନେଇ ଦିଲୀପଙ୍କୁ ଦୋଷ ଦେଇଥିଲେ। ଏନେଇ ଚିଡ଼ିକି ଉଠିଥିଲେ ଦିଲୀପ ସମର୍ଥକ। ତୁରନ୍ତ ଏକ ପ୍ରେସ୍ ବିବୃତି ଜାରି କରି ଦିଲୀପଙ୍କ ମୁଖପାତ୍ର ରମେଶ ବଳ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ସେ କହିଥିଲେ, ଦିଲୀପ ନୁହନ୍ତି ବରଂ ଦୋମୁହାଁ ଭାଜପା ପ୍ରାର୍ଥୀଙ୍କ ଅପାରଗତା ପାଇଁ ଲୋକେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଦିଲୀପଙ୍କ ଚାଟୁକାର ସାଜି ତାଙ୍କ ଯୋଗୁ ଲୋକଲୋଚନକୁ ଆସିଥିବା ଭାଜପା ପ୍ରାର୍ଥୀ ନିଜ ପରାଜୟ ନେଇ ଦିଲୀପ ଦାୟୀ କରିବା ଏକ ହାସ୍ୟାସ୍ପଦ ଘଟଣା । ଦଲୀପଙ୍କ ଆଶୀର୍ବାଦରୁ ବିଭିନ୍ନ ପଦପଦବୀ ହାତେଇ ଥିବା ଭାଜପା ପ୍ରାର୍ଥୀ ପରବର୍ତ୍ତୀ ସମୟରେ ଦିଲୀଙ୍କ ପ୍ରତି ବିଶ୍ୱାସ ଘାତକତା କରିଛନ୍ତି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ଦାବି ନେଇ ଦଳ ତ୍ୟାଗ କରିଥିବା ଦିଲୀପଙ୍କୁ ଯେଉଁମାନେ ନିଜ ହାରିବା ପାଇଁ ଦାୟୀ କରୁଛନ୍ତି ସେମାନେ ନିଜ ଅତୀତକୁ ମନେ ପକାଇବା ଦରକାର ବୋଲି ମୁଖପାତ୍ର ବଳ କହିଛନ୍ତି।

ନିଜ ଅପାରଗତାକୁ ଲୁଚାଇବାକୁ ଭାଜପା ନେତା ଦିଲୀପଙ୍କୁ ଆକ୍ଷେପ କରିବା ନିନ୍ଦନୀୟ ବୋଲି ଜବାବ ରଖିଥିଲେ ଦିଲୀପଙ୍କ ସମର୍ଥକ ତଥା ତାଙ୍କ ମୁଖପାତ୍ର ରମେଶ, ହରି ରାଉତରାୟ, ଅକ୍ଷୟ ପରିଡା, ରସିଦ ଆସଲମ, ରଞ୍ଜିତ ନାୟକ, ଇର୍ସାଦ ଖାନ, ସବିତା ଖାତୁନ, ଧୀର ଦାସ, ଅବିନାଶ ଜେନା, ସ୍ମିତା ନାୟକ, ତାରା କ୍ରିଷ୍ଣା ପ୍ରମୁଖ।

ଏନେଇ ଶନିବାର ଭାଜପା ପକ୍ଷରୁ କଡା ଆପତ୍ତି ଓ ଅଭିଯୋଗ ସହ ଦିଲୀପଙ୍କୁ ସମାଲୋଚନା କରାଯାଇଛି। ଏକ ବିବୃତିରେ ପାନପୋସ ସାଙ୍ଗଠନିକ ଜିଲା ଭାଜପା ମୁଖପାତ୍ର ଭଗବାନ ରାଉତ, ରଘୁ ବଳ, ଭବାନୀ କବି, ସରୋଜ ଦାସ, ବସନ୍ତ ସାମଲ, ଅଙ୍କୁଶ ବର୍ମା, ପରେଶ ମିଶ୍ର, ସୁବାଷ ପଣ୍ଡା, କେଦାର ମହାନ୍ତି, ଦିଲୀପ ଦାସ, ରାଇସନ ତିର୍କୀ, ରମାକାନ୍ତ ଜେନା ଓ ଭ୍ରମରବର ବେହେରା ପ୍ରମୁଖ କହିଛନ୍ତି, ଭାଜପା ରାଉରକେଲା ଓ ରଘୁନାଥପାଲୀରୁ ହାରି ନାହିଁ। ବରଂ ଦିଲୀପଙ୍କ କୃତକର୍ମର ଫଳ ଭୋଗିଛି ଦଳ। ଗତ ୫ ବର୍ଷ ବିଧାୟକ କାଳରେ ଦିଲୀପ ନିଜ ବ୍ୟବସାୟିକ କାର୍ଯ୍ୟରେ ରହିଥିବା ବେଳେ ବିକାଶମୂଳକ କାର୍ଯ୍ୟକୁ ଅଣଦେଖା କରିଥିଲେ। ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ସୁପର ସ୍ପେଶିଆଲିଟି ହସ୍ପିଟାଲ କାମ ଚାଲିଥିବା ବେଳେ ଲୋକଙ୍କୁ ଭୂଆଁ ବୁଲାଇ ଚାଲିଲେ। ନିଜ ସ୍ୱାର୍ଥ ପାଇଁ ରାଜନୀତି କରୁଥିବା ଦିଲୀପଙ୍କ ଅବସ୍ଥା ଏବେ ଯାହା ସେ ହସି ପାରୁଛନ୍ତି ନା କାନ୍ଦି ପାରୁଛନ୍ତି। ୨୦୧୪ ନିର୍ବାଚନରେ ବିଜେଡି ସହ ହାତ ମିଳାଇ ଦିଲୀପ ନିଜ ଦଳୀୟ ପ୍ରାର୍ଥୀଙ୍କୁ ହରାଇଥିଲେ। ନିଜ ସ୍ୱାର୍ଥ ପାଇଁ ସେ କିଛି ବି କରି ପାରନ୍ତି ବୋଲି ଭାଜପା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏଭଳି ଅନେକ ଦୋଷ ତ୍ରୁଟି ଦର୍ଶାଇ ଦିଲୀପଙ୍କୁ ସମାଲୋଚନା କରାଯିବା ଘଟଣାରେ ତାତି ଉଠିଛନ୍ତି ଦିଲୀପଙ୍କ ସମର୍ଥକ। ପରବର୍ତ୍ତୀ ସମୟରେ ଏହା କେଉଁ ରୂପ ନେଉଛି ତାକୁ ସହରବାସୀ ନିଶ୍ଚୟ ଅପେକ୍ଷା କରିବେ ବୋଲି ମତ ପ୍ରକାଶ ପାଇଛି।

### ଗିରଫ ଭୟରେ କନିଷ୍ଠ ଯନ୍ତ୍ରୀ ଫେରାର

# ଖୋଜୁଛି କୋଲବିରା ପୋଲିସ

**କୋଲାବିରା,୮।୬ (ଡି.ଏନ୍.ଏ.)**

କୋଲାବିରା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପଦ୍ମଚରଣ ପଧାନ ଗିରଫ ଭୟରେ ଫେରାର ହୋଇଯାଇଥିବା ଜଣାପଡିଛି। ଗ୍ରାମର ରୁଦ୍ରପ୍ରତାପ ସିଂହ ନାମକ ଯୁବକ ସହ କୌଣସି କାରଣରୁ ଯନ୍ତ୍ରୀ ପଦ୍ମଚରଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷରୁ କୋଲାବିରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୨ଟି ପୃଥକ ମାମଲା ରୁଜୁ କରିଛି। ଏପରି କି ପୋଲିସ ପଦ୍ମଚରଣଙ୍କ ଅଭିଯୋଗ୍ର ଭିତ୍ତିକରି ରୁଦ୍ରପ୍ରତାପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରୁଦ୍ରପ୍ରତାପ ବର୍ତ୍ତମାନ ଜାମିନରେ ଆସିଛନ୍ତି। ଅନ୍ୟପକ୍ଷେ ରୁଦ୍ରପ୍ରତାପଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଯନ୍ତ୍ରୀ ପଦ୍ମଚରଣଙ୍କ ବିରୋଧରେ ଦଫା ୩୪୧, ୩୨୩, ୪୯୪ ଓ ୫୦୬ରେ ଏକ ମାମଲା ରୁଜୁ କରିଛି। ହେଲେ ଯନ୍ତ୍ରୀ ପଦ୍ମଚରଣ କେଉଁଆଡେ ଫେରାର ହୋଇଯାଇଛନ୍ତି। ଏନେଇ ଯନ୍ତ୍ରୀ ପଦ୍ମଚରଣଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ରୁଦ୍ରପ୍ରତାପଙ୍କ ବଡ ଭାଇ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହଙ୍କ ପରିବାର ଲୋକେ ଶନିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ଅନୁପସ୍ଥିତ ଥିବାରୁ ସେ ଯୋଗଦେବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

ସୂଚନା ଯୋଗ୍ୟ, ମଙ୍ଗଳବାର ସକାଳ ପ୍ରାୟ ୯ଟା ବେଳେ ରୁଦ୍ରପ୍ରତାପ ସିଂହ ଏବଂ କୋଲାବିରା ବ୍ଲକ ନିଷ୍ଠ ଯନ୍ତ୍ରୀ ପଦ୍ମଚରଣ ସାଙ୍ଗରେ ଚା ପିଇଥିଲେ। ପରେ କୌଣସି ବ୍ୟକ୍ତିଗତ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ପରେ ସାର୍ଟ କଲର ଧରିବା ପର୍ଯ୍ୟନ୍ତ କଥାଯାଇଥିଲା। ଏନେଇ ଉଭୟେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରୁଦ୍ରପ୍ରତାପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ପୋଲିସ ଯନ୍ତ୍ରୀ ପଦ୍ମଚରଣଙ୍କୁ ଗିରଫ କରିନାହିଁ। ଏହାକୁ ନେଇ ଘଟଣା ଏବେ ଜଟିଳ ହୋଇପଡିଛି।

# ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

**ରାଉରକେଲା ଅଫିସ,୮।୬**

ଆର୍‌ଏସ୍‌ପି ନୂତନ ହଟଷ୍ଟ୍ରିପ ମିଲ ଅଞ୍ଚଳରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ହଟଷ୍ଟ୍ରିପ ମିଲ ପ୍ରକଳ୍ପରେ କାର୍ଯ୍ୟରତ ୨୬୮ଜଣ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶ୍ରମିକଙ୍କ ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ ଗ୍ରୁପିଂ, ହେପାଟାଇଟିସ, ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ଚିହ୍ନଟ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଶ୍ରମିକଙ୍କୁ ଏଚ୍‌ଆଇଭି ଭଳି ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯାଇଥିଲା। ଏଥିରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ଭାରପ୍ରାପ୍ତ ମହାପ୍ରବନ୍ଧକ ଅତନୁ ଭୌମିକ, ପ୍ରକଳ୍ପ ବିଭାଗ ଅଧିକାରୀ ଏସ୍‌କେ ବେହେରା ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନରେ ଆସି ଠିକା ଶ୍ରମିକଙ୍କ ସହ ମତ ବିନିମୟ କରିଥିଲେ। ଶିବିରରେ ଆର୍‌ଏସ୍‌ପି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁରେନ୍ଦ୍ର କୁମାର, ଇଏସ୍‌ଆଇ କାଂଶବାହାଲ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର କେ. ତାଣ୍ଡିଆ, ଡିସପେନସାରୀ ଡାକ୍ତର ଉଷା ମିଞ୍ଜ, ଡାକ୍ତର ରୀନା କୁଜୁର, ଡାକ୍ତର ଏସ୍.କେ. ନାୟକ ଓ ରାଜ୍ୟ କର୍ମଚାରୀ ବୀମା ହସ୍ପିଟାଲ ଡାକ୍ତର ତପସ୍ୱିନୀ ସେଠୀଙ୍କ ସମେତ ଡାକ୍ତର ଦିଲୀପ କର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆର୍‌ଏସ୍‌ପି କାର୍ମିକ ବିଭାଗ ଡିଜିଏମ୍ ଟି.ଜି. କାନେକର, ଠିକା ଶ୍ରମିକ ସେଲ ଅଧିକାରୀ, ଏଲ୍‌ଏଣ୍ଡଟି ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ମିକ ବିଭାଗ ଡେପୁଟି ମ୍ୟାନେଜର ଡି.କେ. ପଣ୍ଡା ଏଥିରେ ସହଯୋଗ କରିଥିଲେ।



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ସ୍କୁଲ ଛାତ ଭୁଶୁଡ଼ି ଶ୍ରମିକ ଗୁରୁତର, ଉତ୍ତେଜନା

**ଝାରସୁଗୁଡ଼ା ଜିଲା**

- ନିମ୍ନମାନର କାମ ସହ ବିଭାଗୀୟ ଅଧିକାରୀଙ୍କ ଅବହେଳା
- ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି

**ଲଖନପୁର,୮।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତ ଧୁଲୁଣ୍ଡା ଗ୍ରାମର ୟୁପିସ୍କୁଲ୍ ଛାତ ଭୁଶୁଡି ଶନିବାର ଜଣେ ଠିକାଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେହେଲେ ରେମତା ଗ୍ରାମର ରତନ ଦେହେରୀ(୪୭)। ତାଙ୍କୁ ଚିକିତ୍ସ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ରୂପଚାନ୍ଦ ବିଶ୍ୱାଳ କଣ୍ଡେଇକେଲା ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି । ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଯୋଜନାରୁ ଠିକାଦାରଙ୍କ ଜରିଆରେ ଧୁଲୁଣ୍ଡା ୟୁପିସ୍କୁଲ୍ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଚାଲିଛି । ଶନିବାର ଶ୍ରେଣୀଗୃହର ଛାତ ଢଳେଇ ପଡୁଥିଲା। ସେତିକିବେଳେ ଛାତଟି ଭୁଷୁଡି ପଡିଥିଲା। ଫଳରେ ଛାତ ତଳେ ରତନ ଚାପି ହୋଇଯାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରତନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଖବରପାଇ କଣ୍ଡେଇକେଲା ଫାଣ୍ଡି ଅଧିକାରୀ ଋଷବ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ନିମ୍ନମାନର କାମ ସାଙ୍ଗକୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବା ସ୍କୁଲ୍ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ଛାତ ତଳେ ଚାପିହୋଇ ରହିଥିବା ଶ୍ରମିକଙ୍କୁ ଗ୍ରାମବାସୀ ଉଦ୍ଧାର କରୁଛନ୍ତି।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ



### ମେଡିକାଲ ଏଣ୍ଟ୍ରାନ୍ସରେ ଛାତ୍ରଙ୍କ ସଫଳତା

ରିଷିଡା,୮।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲର ସିଦ୍ଧାନ୍ତ ସାହୁ ମେଡିକାଲ ଏଣ୍ଟ୍ରାନ୍ସରେ କୃତିତ୍ୱ ସହ ସଫଳତା ପାଇଛନ୍ତି। ସେ ସମୁଦାୟ ୭୨୦ ମାର୍କରୁ ୬୧୭ ମାର୍କ ପାଇଛନ୍ତି। ଗଜବାହାଲର ଶିକ୍ଷକ କେଶବ ସାହୁଙ୍କ ବଡ ପୁଅ ପିଲାଦିନରୁ ମେଧାବୀ ଛାତ୍ର ଥିଲେ । ନିଟ-୨୦୧୯ ପରୀକ୍ଷାରେ ସଫଳତା ପାଇଛନ୍ତି । ତାଙ୍କୁ ଗଜବାହାଲ ଗ୍ରାମରେ ଶୁକ୍ରବାର ସମ୍ବର୍ଦ୍ଧନା କରାଯାଇଛି। ଗ୍ରାମର ବିଶିଷ୍ଟ କବି ତଥା ଶିକ୍ଷକ ସୁବାସ ଚନ୍ଦ୍ର ପାଢ଼ୀ, ନୃପମଣି ଗହୀର ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ ।



### ମୋଟର ପୋଡ଼ି, ୧୦ ଦିନ ହେଲା ଜଳ ଯୋଗାଣ ବନ୍ଦ

ପଲମ,୮।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା, ଗୋବିନ୍ଦପୁର, ତିତକେଲା, ମାଲପଡା ସମେତ ବିଭିନ୍ନ ପଡାକୁ ସାନ୍ଦୁଲ ନଦୀରୁ ଓଭରହେଡ ପାଣି ଟାଙ୍କି ମାଧମରେ ପାନୀୟ ଜଳ ଯୋଗାଣ ହୋଇଛି । କିନ୍ତୁ ଆଜକୁ ୧୦ ଦିନ ହେଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମୋଟର ପୋଡ଼ି ଯୋଗୁ ପାନୀୟ ଜଳ ଯୋଗାଣ ହୋଇପାରୁ ନାହିଁ । ଫଳରେ ପାଣି ନ ପାଇ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ପମ୍ପ ହାଉସରୁ ଓଭରହେଡ ପାଣି ଟାଙ୍କି ପର୍ଯ୍ୟନ୍ତ ଯାଇଥିବା ପାଇପର ବିଭିନ୍ନ ସ୍ଥାନରେ ପାଣି ଲିକ ହେଉଥିବା ଯୋଗୁ ପାଣି ମଧ ଠିକ ଭାବେ ଆସି ପାରୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏହି ବାବଦ ନେଇ ଦାୟିତ୍ୱରେ ଥିବା ରୁପ୍ରା ଗ୍ରାମପଞ୍ଚାୟତ ପିଇଓ ହିମାଂଶୁ ଶେଖର ସେନାପତିଙ୍କୁ ପଚାରି ବୁଝିବାରୁ ମଟର ପୋଡିଯାଇଛି, ନୂତନ ମଟର ଆସିଲେ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି ।

ଡୁମେରପାଣି ମଣ୍ଡିରେ ଅଚଳାବସ୍ଥା

# ଧାନ ବିକ୍ରି ପାଇଁ ଜାତୀୟ ରାଜପଥ ଅବରୋଧ

ନୂଆପଡା ଅଫିସ/ଖରିଆରରୋଡ୍, ୮।୬

କାଳବୈଶାଖୀ ବର୍ଷାରେ ଚାଷୀଙ୍କ ଧାନ ମଣ୍ଡିରେ ଭିଜୁଛି । ଅନ୍ୟପଟେ ଏଥିରୁ ଫାଇଦା ନେବା ପାଇଁ ମିଲର୍ସମାନେ କଟନି ଦାବି କରି ଧାନ ଉଠାଉ ନ ଥିବାରୁ ଜିଲାବ୍ୟାପି ରବି ଧାନକିଣା ବାଧାପ୍ରାପ୍ତ ହୋଇଛି । ଏଭଳିସ୍ଥିତିରେ ସ୍ଥାନୀୟ ଡୁମେରପାଣି ଗାଁର ଚାଷୀମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ବିଫଳ ହେବାରୁ ଶନିବାର ଜାତୀୟ ରାଜପଥରେ ଧାନ ବସ୍ତା ରଖି ଅବରୋଧ କରିଥିବା ଦେଖାଯାଇଛି। ଦୀର୍ଘ ସମୟ ଧରି ରାସ୍ତାରୋକୋ ପରେ ପ୍ରଶାସନ ଧାନ ଉଠାଇବାର ବ୍ୟବସ୍ଥା କରିଥିଲା।

ପ୍ରକାଶ ଯେ, ଆଜକୁ ୪ ଦିନ ହେବ ଡୁମେରପାଣି ମଣ୍ଡିରେ ୮ହଜାର ବସ୍ତା ଧାନ ପଡିରହିଛି । ଚାଷୀମାନେ ଖରା ବର୍ଷାରେ ଜଗି ରହିଛନ୍ତି । ମିଲର୍ସମାନେ ବିଭିନ୍ନ ବାହାନା କରି ଧାନ କିଣିବାକୁ ଆସୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ନେଇ ଶୁକ୍ରବାର ଜିଲାପାଳଙ୍କ ଅଫିସକୁ ଚାଷୀମାନେ ଯାଇ ଅଭିଯୋଗ କରିଥିଲେ। ଏହା



ଜାତୀୟ ରାଜପଥରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର ରଖି ଆନ୍ଦୋଳନ କରାଯାଉଛି ।

ପରେ ଅଧିକାରୀମାନେ ମଣ୍ଡିକୁ ଆସି ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଶନିବାର ସକାଳ ସୁଦ୍ଧା କୌଣସି ପଦକ୍ଷେପ ନିଆଗଲା ନାହିଁ । ଅନ୍ୟପଟେ ପଡୋଶୀ ଛତିଶଗଡରୁ ଟ୍ରାକ୍ଟର ଯୋଗେ ଧାନ ଆସି ଏଠାରେ ବିକ୍ରି ହେଉଥିବା ସତ୍ତ୍ୱେ ପ୍ରଶାସନ ଜଲକା ହୋଇ ଦେଖୁଛି। ଶୁକ୍ରବାର ଏଭଳି ୬ଟି ଗାଡିରେ ଧାନ ଆସୁଥିବା ଦେଖି ଚାଷୀମାନେ ଉତ୍ୟକ୍ତ ହୋଇଥିଲେ। ଉତକ୍ଷିପ୍ତ ଚାଷୀମାନେ ଏହି ଧାନବସ୍ତା ଭର୍ତ୍ତି ଗାଡିଗୁଡିକୁ ନେଇ ଜାତୀୟ ରାଜପଥକୁ ଯାଇଥିଲେ। ଖରିଆରରୋଡ ନିକଟସ୍ଥ ଗୌତମା ଛକ ନିକଟରେ ଧାନବସ୍ତା ଭର୍ତ୍ତି ଗାଡିକୁ ରଖି ରାସ୍ତାରୋକୋ କରିଥିଲେ । ପୂର୍ବାହ୍ନ ୧୧ଟାରୁ ୧ଟା ଯାଏଁ ପ୍ରବଳ ଖରାରେ ରାସ୍ତାରେ ଚାଷୀମାନେ ଅବରୋଧ କରି ରଖିଥିଲେ। ଖବର ପାଇଁ ପୋଲିସ ଅଧିକାରୀଙ୍କ ସହ ଉପଜିଲାପାଳ ତରଣୀସେନ ନାଏକ ଏବଂ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଖଣ୍ଡୁରାମ ନାଏକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାଷୀମାନଙ୍କ ସହ ଆଲୋଚନା କରିବା ପରେ ସନ୍ଧ୍ୟା ସୁଦ୍ଧା ସମସ୍ତ ଧାନ କିଣା ଯିବା ସହ ବାହାର ରାଜ୍ୟର ଧାନ କିଣା ଉପରେ ବିଶେଷ ତଦନ୍ତ କରିବେ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଚାଷୀମାନେ କ୍ଷାନ୍ତ ହୋଇଥିଲେ । ସନ୍ଧ୍ୟା ୪ଟାରେ ଡୁମେରପାଣି ମଣ୍ଡିରୁ ଧାନ ସବୁ ଉଠିଥିବା ଦେଖାଯାଇଥିଲା । ଏହିଭଳି ଜିଲାର ଅନ୍ୟାନ୍ୟ ମଣ୍ଡିଗୁଡିକ ଉପରେ ପ୍ରଶାସନ ମଧ୍ୟ ଧ୍ୟାନ ଦେବାକୁ ଦାବି ହେଉଛି । ଏହି ରାସ୍ତାରୋକୋରେ ଚାଷୀ ନେତା ଦେବେନ୍ଦ୍ର କୁମାର ସାହୁ, ଲାଲାରାମ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

**ରାଜରାସ୍ତାରେ ଧାନବସ୍ତା**
- ପ୍ରଶାସନର ହସ୍ତକ୍ଷେପ ପରେ ଧାନ ଉଠିଲା
- ଛତିଶଗଡ ଧାନ ଜିଲାରେ ବିକ୍ରି ଅଭିଯୋଗ

## ବିଶ୍ୱେଶ୍ୱର ମହାଦେବ ପୀଠରେ ଶିବ ବିବାହ ସହ ଶୀତଳଷଷ୍ଠୀ ସମ୍ପନ୍ନ

ପଲମ, ୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ଖମ୍ବପଡାସ୍ଥିତ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ଶିବବିବାହ ସହ ଶନିବାର ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ଏହି ଉତ୍ସବରେ ଆଖପାଖ ଗ୍ରାମର ବହୁ ଭକ୍ତ ଏକତ୍ରିତ ହୋଇଥିଲେ । ଶିବ ବିବାହ କାର୍ଯ୍ୟକ୍ରମରେ ଦେବଦେବ ମହାଦେବଙ୍କ ପିତାମାତା ଭାବେ କ୍ଷେତୁପଡା ଗ୍ରାମର ଡମ୍ବରୁଧର ବାଗ ଓ ବେଲମତୀ ବାଗ ଦାୟିତ୍ୱରେ ରହିଥିବା ବେଳେ ପାର୍ବତୀଙ୍କ ପିତାମାତା ଭାବେ ଖମ୍ବପଡା ଗ୍ରାମର ଗୋପାଳ ପୁଜାରୀ ଓ ବୈଷ୍ଣବି ପୂଜାରୀ ଦାୟିତ୍ୱ ନେଇଥିଲେ । ଆତସବାଜି ତଥା ବାଜା ସହିତ ବିରାଟ ଶୋଭାଯାତ୍ରାରେ ମହାଦେବଙ୍କ ବରାତି ମନ୍ଦିର ପରିସରରୁ ବାହାରି କନ୍ୟା ପିତାମାତା ଖମ୍ବପଡା ବାସଭବନରେ ପହଞ୍ଚିଥିଲେ। ଦେବ ଦେବ ମହାଦେବ ତଥା ଦେବୀ ପାର୍ବତୀଙ୍କ ଶୁଭ ବିବାହ ଉତ୍ସବ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଥିଲା । ପୂଜକ ଭାବେ ଶେଷଦେବ ନନ୍ଦ ଦାୟିତ୍ୱ ତୁଲାଇଥିବା ବେଳେ ଆୟୋଜକ ଭାବେ ଶିବଶକ୍ତି ସାଂସ୍କୃତିକ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଦେବଦମ୍ପତିଙ୍କ ନଗର ପରିକ୍ରମା ।

## ଖଡ଼ିଆଳ ନାଗରିକ ପରିଷଦ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଖଡିଆଳ ଏନଏସି,୮।୬ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସହରସ୍ଥିତ ୧ ନଂ. କଲ୍ୟାଣ ମଣ୍ଡପଠାରେ ନବନିର୍ବାଚିତ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ବୈଠକରେ ଡୋଲାମଣି ସିଂ ବାବୁ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ନାଗରିକ ସଞ୍ଜୀବ ପାଢୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମେଶ୍ୱର ଅଗ୍ରୱାଲ ନବନିର୍ବାଚିତ ବିଧାୟକଙ୍କୁ ଖଡିଆଳ ସହର ସମେତ ନିର୍ବାଚନମଣ୍ଡଳୀ ପ୍ରତି ଦୃଷ୍ଟିଦେବା ପାଇଁ ଅନୁରୋଧ କରିଥିଲେ । ବର୍ତ୍ତମାନ ଦେଖାଦେଇଥିବା ଜାତୀୟ ରାଜପଥ ସମସ୍ୟା, ତିଖାଳି ଡ୍ୟାମରୁ ଶୀଘ୍ର ଚାଷୀଙ୍କୁ ପାଣି ଯୋଗାଣ, ଖଡିଆଳରେ ସ୍ଥାୟୀ ବସଷ୍ଟାଣ୍ଡ, ଅତିଶୀଘ୍ର ପାନୀୟ ଜଳ ଯୋଗାଣ, ଖଡିଆଳ ସବଜେଲ ସମ୍ମୁଖରେ ନିର୍ମାଣ ହୋଇଥିବା ନୂତନ ହସ୍ପିଟାଲ ପାଖରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର, ଖଡିଆଳକୁ ତୁରନ୍ତ ସବଡିଭିଜନ ଘୋଷଣାକୁ ତ୍ୱରାନିତ କରିବା ପାଇଁ ପଦକ୍ଷେପ, ଖଡିଆଳରେ ଅତ୍ୟଧିକ ଟ୍ରାଫିକ ସମସ୍ୟ ହେଉଥିବାରୁ ବାଇପାସ ରାସ୍ତା ନିର୍ମାଣ ଦିଗରେ ପଦେକ୍ଷପ, ଖଡିଆଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଘର ନିର୍ମାଣ ଆଦି ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦୋବକୁ ନାଗରିକ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଥିଲା । କାର୍ଯ୍ୟକ୍ରମରେ ଜଗବନ୍ଧୁ ବାରିକ, ଅଜିମ ମହମ୍ମଦ, ଲକ୍ଷ୍ମୀ ଖମାରୀ, ଗୌର ଖମାରୀ, ସତିଶ ପଟ୍ଟନାୟକ, ଶରତ ସିଂ, ଅର୍ଜ୍ଜନ ପଣ୍ଡା, ଫଣିନ୍ଦମ ସିଂ ଦେଓ, ରୋହିତାଶ୍ୱ ବାଗ, ଜଗଦିଶ ତ୍ରୀବେଦୀଙ୍କ ସମେତ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।




ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ପାଟଣାଗଡ଼ ବିଧାୟକ, ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଗିରଫ ଦାବି

ଭବାନୀପାଟଣା,୮।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ନବନିର୍ବିଚିତ ବିଧାୟକ ସରୋଜ ମେହେର ଆଦିବାସୀ ସମ୍ପ୍ରଦାୟର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଉଠ୍‌ବସ୍ କରାଇବା ଓ ଜାତିଆଣ ଆପେକ୍ଷ କରି ଗାଳିଗୁଲଜ କରିବା ଘଟଣା ଅତ୍ୟନ୍ତ ନିନ୍ଦନିୟ। ଏହି ଘଟଣାରେ ସମ୍ପୃକ୍ତ ବିଧାୟକ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ବାଧହୋଇ ରାଜ୍ୟରେ ଆଦିବାସୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଆଦିବାସୀ କଲ୍ୟାଣ ସଂଘ କଳାହାଣ୍ଡି ଶାଖା ତରଫରୁ କୁହାଯାଇଛି। ପ୍ରକାଶ ଯେ, ନିମ୍ନମାନର କାମକୁ ନେଇ ପାଟଣାଗଡ ନବନିର୍ବିଚିତ ବିଧାୟକ ମେହେର ସର୍ବସାଧାରଣଙ୍କ ସମ୍ମୁଖରେ ପାଟଣାଗଡ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ଶବରଙ୍କୁ ଉଠ୍‌ବସ୍ କରାଇବା ସହିତ ଜାତିଆଣ ଆପେକ୍ଷ କରି ଗାଳିଗୁଲଜ କରିବା ଏବଂ ନିର୍ବାହି ଯନ୍ତ୍ରୀ ଲୋକନାଥ ମିଶ୍ର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ଚାପୁଡା ମାରିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଶବରଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ଆଜିସୁଦ୍ଧା ତାଙ୍କୁ ଗିରଫ କରାଯାଇ ନାହିଁ । ତୁରନ୍ତ ସମ୍ପୃକ୍ତ ବିଧାୟକ ଓ ନିର୍ବାହି ଯନ୍ତ୍ରୀଙ୍କୁ ଗିରଫ କରିବା ପାଇଁ କଳାହାଣ୍ଡି ଆଦିବାସୀ କଲ୍ୟାଣ ସଂଘ ସଭାପତି ପରମାନନ୍ଦ ମାଝି, ଉପସଭାପତି ଚୁଡାମଣୀ ମାଝି, ତନୁ ମାଝି, ନିରାକାର ପାତ୍ର, କୁମୁଦକାନ୍ତ ମାଝି, ହୋମସାଗତ ମାଝି, ଭକ୍ତରାମ ମାଝି ଓ ରବୀ ମାଝି ପ୍ରମୁଖ ଦାବି କରିଛନ୍ତି।

## କୁକୁର କାମୁଡ଼ାରେ ନାବାଳିକା ଗୁରୁତର

ଭବାନୀପାଟଣା/ଧର୍ମଗଡ, ୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ କିଛି ଦିନ ତଳେ କୁକୁର ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଶନିବାର ପୁଣି ଏଭଳି ଘଟଣା ଘଟିଛି । ଏଥରେ ଜଣେ ଝିଅ ଗୁରୁତର ଆହତ ହୋଇ ଧର୍ମଗଡ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ଜଣାପଡିଛି । ପ୍ରକାଶ ଯେ, ଶନିବାର ଗୋଲାମୁଣ୍ଡା ବ୍ଲକ୍ ଫରଙ୍ଗ ପଞ୍ଚାୟତର ଖଇପଦର ଗାଁରେ କୁକୁର କାମୁଡାରେ ଜଣେ ନାବିଳିକା ଝିଅ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗୁରୁତର ଆହତ ନାବାଳିକ ଝିଅ ତପ ସାହୁଙ୍କୁ ପ୍ରଥମେ ଗୋଲାମୁଣ୍ଡା ଡାକ୍ତରଖାନରେ ଚିକିତ୍ସା ପରେ ତାଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଝିଅର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ ଯେ, ଗତ ୧ ତାରିଖରେ ଉକ୍ତ ବ୍ଲକର ବାଞ୍ଜିବାଲ ଗାଁରେ ଦଳଗତ କୁକୁର ଆକ୍ରମଣ ଓ କାମୁଡିବା ଯୋଗୁ ଭୂମିସୁତା ମାଝି (୫୭)ଙ୍କ ମୃତ୍ୟୁ ହୋଇଥିଲା । ସେହିପରି ୩ ତାରିଖରେ ଖସିଗୁଡା ଗାଁରେ କୁକୁର ଆକ୍ରମଣ ଓ କାମୁଡିବା ଯୋଗୁ ୬ଟି ମେଣ୍ଢାର ମୃତ୍ୟୁ ହୋଇଥିଲା । ଏବେ ଆଖପାଖ ଅଞ୍ଚଳରେ ବୁଲା କୁକୁର ଆତଙ୍କରେ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଖାଦ୍ୟ ଅଭାବ ଓ ମୃତ ପଶୁପକ୍ଷୀ ମାଂସ ଖାଇ ବୁଲାକୁକୁରମାନେ ହିଂସ୍ର ହୋଇପଡୁଥିବା ଲୋକେ ଅନୁମାନ କରୁଛନ୍ତି । ପ୍ରଶାସନ ଏହି ବୁଲା କୁକୁରଙ୍କ ଦାଉରୁ କିଭଳି ଲୋକେ ମୁକ୍ତି ପାଇବେ ସେଥିପ୍ରତି ତୁରନ୍ତ ଧ୍ୟାନ ଦେବା ପାଇଁ ଜନସାଧାରଣ ଦାବି କରୁଛନ୍ତି ।



ଆହତ ନାବାଳିକାଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

## ବିକାଶ ପାଇଁ ସହଯୋଗ ଲୋଡ଼ିଲେ ବିଧାୟକ

କୁଟିଣ୍ଡା,୮।୬ (ଡି.ଏନ.ଏ.)

କୁଟିଣ୍ଡା ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ। କିପରି ଭାବେ ଅଞ୍ଚଳର ସାମୂହିକ ବିକାଶ ହୋଇପାରିବ। ସେ ସମ୍ପର୍କରେ ଶନିବାର କୁଟିଣ୍ଡାରେ କାର୍ଯ୍ୟରତ ଖବରଦାତାମାନଙ୍କୁ ନେଇ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ନବ ନିର୍ବାଚିତ ବିଧାୟକ କିଶୋର ଚନ୍ଦ୍ର ନାଏକ ସହଯୋଗ ଲୋଡିଛନ୍ତି। ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ଚାଷ ଓ ଚାଷୀର ସମସ୍ୟାକୁ ନେଇ ବିଧାୟକ ଗୁରୁତ୍ୱ ପ୍ରକାଶ କରିଥିଲେ। ଏଥିରେ ଗଜେନ୍ଦ୍ର ଭୋଇ, ଗଗନ ଶର୍ମା, ସଞ୍ଜୟ ମିଶ୍ର, ପ୍ରଭାତ ବେହେରା, ଦେବେନ୍ଦ୍ର ବେହେରା, ଓକିଲ ଅମୂଲ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଉଦ୍‌ଘାଟନ ହୋଇନି ଗୋଷ୍ଠୀ ଶୌଚାଳୟ

## ଯାତ୍ରୀମାନେ ହଇରାଣ ହେଉଛନ୍ତି

ଖଡିଆଳ ଏନଏସି,୮।୬ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଏକ ଜନବହୁଳ ସହର । ଏଠାକୁ ପ୍ରତିଦିନ ଜିଲା ତଥା ଜିଲା ବାହାରୁ ଅନେକ ଲୋକ ଯିବାଆସିବା କରିଥାନ୍ତି । ଖଡିଆଳ ସହରରେ ଆଜକୁ ୪ ବର୍ଷ ହେଲା ଏକ ନୂତନ ବସଷ୍ଟାଣ୍ଡ ତିଆରି ହୋଇଛି। ଏଠାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଦୁଇଟି ବିଶ୍ରାମଗାର ଅଛି । କିନ୍ତୁ ଶୌଚାଳୟରୁ ସୁବିଧା ନ ଥିଲା । ବର୍ତ୍ତମାନ ଏଠାରେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ଗୋଷ୍ଠୀ ଶୌଚାଳୟ ବର୍ଷ ୨୦୧୭-୧୮ରେ ୪ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହୋଇଛି । ଜାହାକି ବର୍ଷ ୨୦୧୯ ସରିବାକୁ ବସିଲାଣି । ହେଲେ ଏ ପର୍ଯ୍ୟନ୍ତ ତାହା ଆରମ୍ଭ ହୋଇ ପାରିନାହିଁ । ବାହାରୁ ଆସୁଥିବା ଯାତ୍ରୀମାନେ ଅନେକ ସମୟରେ ଅସୁବିଧା ହଇରାଣ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ବାଧ ହୋଇ ବସଷ୍ଟାଣ୍ଡ ଆଖପାଖରେ ଖୋଲାରେ ଶୌଚ କରିବା ଦେଖିବାକୁ ମିଳୁଛି । ଏହାକୁ ସାଧାରଣରେ ନିନ୍ଦା କରାଯାଉଛି । ଉକ୍ତ ଗୋଷ୍ଠୀ ଶୌଚାଳୟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି । ଖଡିଆଳ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ପାଣି ଆଭାବ ଯୋଗୁ ତାହା କର୍ଯ୍ୟକ୍ଷମ କରାଯାଇ ନାହିଁ । ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ।




ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ ।

ଫଲ୍‌ସ ଏଣ୍ଟ୍ରିରେ ଚାଲିଛି ଧାନ କିଣା

## ଧାନ ବୋଝେଇ ଅଟକ ଚୋରା ଟ୍ରକ୍‌କୁ ଛାଡ଼ିଲା ପ୍ରଶାସନ

ଭବାନୀପାଟଣା/କଲମପୁର, ୮।୬ (ଡି.ଏନ.ଏ.)

ସରକାର ଚାଷୀମାନଙ୍କୁ ଉଚିତ୍ ପ୍ରାପ୍ୟ ଯୋଗାଇବା ପାଇଁ ମଣ୍ଡି ବ୍ୟବସ୍ଥା କରିଛନ୍ତି। କିନ୍ତୁ ମଣ୍ଡିରେ ଫଲସ୍ ଏଣ୍ଟ୍ରିରେ ଧାନ କିଣା ଚାଲିଥିବା ବେଳେ ବେଆଇନ ଧାନ ବୋଝେଇ ଚୋରା ଟ୍ରକ ଧରାପଡୁଛି। ଗୁରୁବାର ସନ୍ଧ୍ୟାରେ କଲମପୁର ମୁଖ୍ୟ ରାସ୍ତା ଉପରେ ଏକ ଟ୍ରକ୍ (ନଂ.ଓଆର-୧୯ଇ ୦୨୯୮) ଛିଡା ହୋଇଥିବା ବେଳେ ଟ୍ରାକ୍ଟର ଯୋଗେ ଧାନ ଆସି ଟ୍ରକ୍ ଯୋଗେ ବୋଝେଇ ହେଉଥିଲା। ସ୍ପଷ୍ଟ ଦିବାଲୋକର ଏଭଳି ଅନିୟମିତା କାମ ଚାଲିଥିଲା। ଖବର ପାଇ ଧର୍ମଗଡ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ପ୍ରଫୁଲ ଦାସ କଲମପୁର ଧାନ କ୍ରୟ ଦାୟିତ୍ୱରେ ଥିବା କୃଷି ସେବା ସମବାୟ ସହକାର୍ଯ୍ୟ ନିର୍ବାହୀ ଅଧିକାରୀ ନଗେନ୍ଦ୍ର କୁମାର ନେଗୀଙ୍କୁ ତାଗିଦ କରିଥିଲେ। ନେଗୀ ଭୁଲ ସ୍ୱିକାର କରିବା ସହ ଏହାର ପୁନାରବୃତି ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କଲମପୁର ତହସିଲଦାର ଶୃତି ରଞ୍ଜନ ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇ ପୋଲିସକୁ ଡକାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ଚାଳକ, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମିଲର୍ସଙ୍କ ଏଜେଣ୍ଟଙ୍କୁ ପଚାରାଉଚୁରା କରିଥିଲେ। ଧରାପଡିଥିବା ଗାଡିକୁ ମଣ୍ଡିରେ ଅଟକ ରଖାଯାଇଥିବା ବେଳେ ତଦନ୍ତ କରି ଶନିବାର ତାହା ଛାଡି ଦିଆଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ କଲମପୁର ବ୍ଲକ ଅଞ୍ଚଳର ବନ୍ଧକନା, ହାରାମାଳ, ପଣ୍ଡିଗାଁ, କଲମପୁର, ଇଚ୍ଛାପୁର, ଦେପୁର, ବିଜମରା, ଦୁଲକିବନ୍ଦ, ବଡକୁଟ୍ରୁ, ଖଙ୍ଗାରଗୁଡା, ମିନଗୁର, ମଣ୍ଡଳ ଆଦି ସ୍ଥାନରେ ମଣ୍ଡିଖୋଲାଯାଇ ଧାନ କ୍ରୟ ବିକ୍ରୟ ଚାଲିଛି। ପ୍ରାୟ ସମସ୍ତ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଦଲାଲ ରାଜ ଯୋଗୁ ଚାଷୀମାନେ ଅତିଷ୍ଠ ହୋଇପଡିଛନ୍ତି। ଫଳରେ କମ୍ ମୂଲ୍ୟରେ ଚାଷୀ ନିଜ କଷ୍ଟ ଉପାର୍ଜିତ ଫଳକୁ ଟେକି ଦେବାକୁ ବାଧ ହୋଇଛନ୍ତି। ଦୈନିକ ବହୁ ମାତ୍ରାରେ ପ୍ରାୟ ଟ୍ରକ୍ ଫଲସ ଏଣ୍ଟ୍ରି ମାଧ୍ୟମରେ ଧାନ ଚୋରା ଚାଲାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ କିମ୍ବା ରାଜ ନେତାମାନଙ୍କ ଦେଖା ମିଳୁନାହିଁ। ଅନ୍ୟପକ୍ଷେ ଅସାଧୁ ବ୍ୟବସ୍ଥାୟୀମାନେ ମଣ୍ଡିକୁ ଏକ ପ୍ରକାର ନିଜ ଅଧୀନରେ ରଖିଛନ୍ତି।



ଅଟକ ଧାନ ବୋଝେଇ ଟ୍ରକ୍।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ

## ସଂକ୍ଷେପରେ




### ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା
## କଳାହାଣ୍ଡିରୁ ପ୍ରତିନିଧିତ୍ୱ କରିବେ ସ୍ୱୟଂଶିବ

ଜୁନାଗଡ଼, ୮।୬ (ଡି.ଏନ.ଏ.)- ଆସନ୍ତା ଜୁନ୍ ୧୧ରୁ ୧୬ ହାଇଦ୍ରାବାଦରେ ଦ୍ୱିତୀୟତମ ଆର୍ନ୍ତଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାକୁ ବିଶ୍ୱ ଟାଏକୋଣ୍ଡୋ ସଂଘ ଓ ଭାରତ ଟାଏକୋଣ୍ଡୋ ଫେଡେରେଶନ ଆୟୋଜନ କରୁଛନ୍ତି। ଏହି ପ୍ରତିଯୋଗିତାରେ କଳାହାଣ୍ଡିରୁ ଜଣେ ମାତ୍ର ସ୍ୱୟଂଶିବ ସାହୁ ପ୍ରତିନିଧିତ୍ୱ କରିବେ। ସେ କେଡେଟ ଗ୍ରୁପର ୪୯ କିଗ୍ରା ବର୍ଗରେ ଭାଗ ନେବେ। ଏହି ଖବର ଜଣାପଡିବା ପରେ ଜିଲାର ବିଭିନ୍ନ ମହଲରୁ ସ୍ୱୟଂଶିବଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ଓଡିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସ୍ୱୟଂଶିବ ଜୁନାଗଡ ସହରର ସନ୍ଦୀପ ସାହୁ ଓ ସୁଜାତା ସାହୁଙ୍କ ଏକମାତ୍ର ପୁଅ ଅଟନ୍ତି।

## ଜମିରେ ଓଲଟି ପଡ଼ିଲା ଟ୍ରାକ୍ଟର, ଚାଷୀ ମୃତ

କୋକସରା, ୮।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଆମପାଣି ଥାନା ଡୁଡୁକାଠେଙ୍ଗା ପଞ୍ଚାୟତ ଦର୍ଲିପଡ଼ା ଗାଁର ମସ୍ତରାମ ଧଙ୍ଗଡ଼ାମାଝି (୪୦) ଶନିବାର ମଧ୍ୟାହ୍ନରେ ପଡ଼ୋଶୀ ଗାଁ ଘଣ୍ଟିଗୁଡ଼ାର ଜଣେ ଚାଷୀଙ୍କ ଚାଷ ଜମିରେ ନିଜ ଟ୍ରାକ୍ଟର ଆଣି ଚାଷ କରୁଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଚାଷ କରୁଥିବା ଟ୍ରାକ୍ଟର ମାଲିକ ମସ୍ତରାମଙ୍କ ଟ୍ରାକ୍ଟର ତଳେ ଚାପିହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଖବର ପାଇ ଆମପାଣି ପୋଲିସ ପହଞ୍ଚି ଲୋକମାନଙ୍କ ସାହାଯ୍ୟରେ ଟ୍ରାକ୍ଟର ତଳୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି । ଏ ନେଇ ଆମ୍‌ପାଣି ଥାନାରେ ଏକ ମାମଲା (ନଂ.୩୬/୧୯) ରୁଜୁ ହୋଇଛି। ମସ୍ତରାମ ଅଞ୍ଚଳର ଜଣେ ଯୁବ ଚାଷୀ ଓ ଜଣେ ସଙ୍ଗଠକ ଭାବେ ପରିଚିତ ଥିବା ଯୋଗୁ ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମସ୍ତରାମଙ୍କ ସ୍ତ୍ରୀ ପଦ୍ମାଳୟା ଧଙ୍ଗଡ଼ାମାଝି ଓ ଦୁଇ ନାବାଳକ ପୁଅ ବିଭୁତି (୬) ଓ ଦିପକ (୩) ରହିଛନ୍ତି । ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଏବେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ।

### ଦୁର୍ଗମ ଇଲାକାରେ ଯୋଜନା ପହଞ୍ଚି ପାରୁନି
# ଅଲାଭାଟା ପଞ୍ଚାୟତରେ ବିକାଶ ଅପହଞ୍ଚ

ଭବାନୀପାଟଣା,୮।୬ (ଡି.ଏନ.ଏ.)

କଳାହଣ୍ଡି ଜିଲା ଜୟପାଟଣା ବ୍ଲକ ଅଲାଭାଟା ପଞ୍ଚାୟତର ପାହାଡ ସିଖରରେ ପଟାକୁସୁମୀ, ଟେଣ୍ଡକୁଚିଆଁ, କର୍ଲାକୋଟ, ଦାବ୍ରିଘାଟ, କରାଘାଟି ଆଦି ଗାଁ ରହିଛି । ଏହି ଗାଁ ସବୁ ମୁଣ୍ଡ ଟେକି ଥିବା ବେଳେ ପଟାକୁସୁମୀ ଅନେକ ଦିନରୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇସାରିଛି। ସମସ୍ତ ଗ୍ରାମର ଜନ ସଂଖ୍ୟା ୫୦୦ରୁ ଅଧିକ। ହେଲେ ସରକାରୀ ଉଦ୍ୟମ ଏମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ। କଳାହାଣ୍ଡି ଜିଲାର ଜୟପାଟଣା ବ୍ଲକ ନବରଙ୍ଗପୁର ଜିଲାର ପାପଡାହାଣ୍ଡିଡି ଓ ତେନ୍ତୁଳିଖୁଣ୍ଟି ବ୍ଲକ ତ୍ରିକୋଣୀୟ ସୀମାରେ ଏହି ସବୁ ଗାଁ ଅବସ୍ଥିତି । ପାହାଡ ଚଢି ପ୍ରଶାସନକୁ ଅନେକ କଷ୍ଟ ଉଠାଇବାକୁ ପଡୁଥିବା ବେଳେ ଏହି ସବୁ ଅଞ୍ଚଳକୁ ପହଞ୍ଚିବାକୁ ହେଲେ ନବରଙ୍ଗପୁର ଜିଲାର ସୀମା ମଧରେ ଯିବାକୁ ପଡିଥାଏ । ୧୦ କି.ମି ପରିଧି ମଧରେ ରହି ସୁଦ୍ଧା ଏମାନଙ୍କ ପାଇଁ ସଂଯୋଗ ବ୍ୟବସ୍ଥା ନ ଥିବାରୁ ସମସ୍ତଙ୍କୁ ଜାଣିବା କଷ୍ଟକର ହୋଇପଡେ। କେବଳ ୫ କେ.ଜି ଚାଉଳ ଓ କିରୋସିନ ପାଇଁ ୧୪ ରୁ ୧୭ କି.ମି. ପର୍ଯ୍ୟନ୍ତ ପାହାଡ ଉପରେ ଚଢି ଯିବାକୁ ପଡିଥାଏ । ଏଠିକାର ଲୋକ। ଭିଟାମାଟି ପ୍ରତି ଅନେକ ମମତା ରଖି ଆସିଥିବା ବେଳେ ବିସ୍ଥାପନ କଥା କହିଲେ ସମସ୍ତେ ନାରାଜ ହୋଇପଡନ୍ତି। ନବରଙ୍ଗପୁର ଜିଲାର ପାପଡାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକ ଅତିକ୍ରମ ପରେ ପଡେ ସାରକରା ଘାଟି । ଗାଁରେ ଏବେ ୨୭ଟି ପରିବାରର ଜନସଂଖ୍ୟା ୧୫୦ ହେବ। ଅନେକ ବର୍ଷର ଅନ୍ଧକାରର ରାଜୁତି ପରେ ସୌରଶକ୍ତି ସମ୍ପନ ବିଜୁଳି ୬ଟି ଖମ୍ବରେ ଦେଖିବାକୁ ମିଳିଥିଲା । ଜୟପାଟଣା ବ୍ଲକ ଅଁଲାଭଟା ପଞ୍ଚାୟତର ଜରିଗୁମା ଗ୍ରାମର ତଳକର ଘାଟି ଗାଁରେ ମୋଟ ୨୭ଟି ପରିବାର ରହୁଥିବା ବେଳେ ଅଦ୍ୟାବଧି ୮ଟି ପରିବାର ଚାଉଳ ପାଇବାରୁ ବଞ୍ଚିତ ଥିବା ବେଳେ ଭତ୍ତାରୁ ମଧ କେତେକ ବଞ୍ଚିତ ଥିବା ପ୍ରକାଶ କରିଥିଲେ। ଜବ୍‌କାର୍ଡ ଥାଇ ମଧ ହାତକୁ କାମ ନ ଥିବା ଉପଭୋକ୍ତାମାନେ ପ୍ରକାଶ କରିଥିଲେ। ଗାଁର ଜଳକଷ୍ଟ ଥିବାରୁ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ତିଆରି ଏବେ ବନ୍ଦ ପଡିଛି । ଲୋକମାନଙ୍କ ପାଖରେ ୪ ଡେସିମିଲ ଜମି ପଟ୍ଟା ନ ଥିବାରୁ ୪ଜଣ କେବଳ ଆବାସ ଯୋଜନାରେ ସମ୍ପୃକ୍ତ ଥିବା ବେଳେ ଅନ୍ୟମାନେ ବଞ୍ଚିତ ଥିବା ଗ୍ରାମର ରାମକୃଷ୍ଣ ସିଲା କହିଥିଲେ । ପାହାଡ ତଳି ଟିଙ୍ଗୋପଖାନ ଗାଁରେ ଅଙ୍ଗନୱାଡି କେନ୍ଦ୍ର ଥିବାରୁ ଏଠାକାର ଶିଶୁ ରନ୍ଧା ଖାଦ୍ୟ ପାଇବାରୁ ବଞ୍ଚିତ ଥିବା କଥା କହିଥିଲେ । ଜୟପାଟଣା ବ୍ଲକ ପାଇଁ ଅପହଞ୍ଚ ଗାଁର ବିକାଶକୁ ନେଇ ତତ୍ପରତା ନ ରଖିଲେ ଲୋକଙ୍କ ପାଇଁ ଜୀବନ ଜିଇଁବା କଷ୍ଟ ହୋଇ ପଡିବ ବୋଲି ଆଲୋଚନା ହେଉଛି । ଏ ନେଇ ବିଡିଓଙ୍କୁ ଦୃଷ୍ଟି ଆକର୍ଷଣ କରିବାରୁ ଶୀଘ୍ର ଷ୍ଟାଫ ପଠାଇ ସମସ୍ୟାଗୁଟିକ ଚିହ୍ନଟ କରି ଯେତେ ଶୀଘ୍ର ହେବ ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି କହିଛନ୍ତି ।


ଜୟପାଟଣା ବ୍ଲକ ଅଲାଭାଟା ପଞ୍ଚାୟତ ପାହାଡ ସିଖରରେ ଥିବା ଏକ ଗାଁର ଦୃଶ୍ୟ ।

# ଦେବଦମ୍ପତିଙ୍କ ନଗରପରିକ୍ରମା

ଭବାନୀପାଟଣା,୮।୬ (ଡି.ଏନ.ଏ.)

**ଶୀତଳଷଷ୍ଠୀ**

ଶୁକ୍ରବାର ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଶନିବାର ଶୀତଳ ଷଷ୍ଠୀରେ ନବ ବିବାହିତ ନବଦମ୍ପତି ମହାଦେବ ଏବଂ ପାର୍ବତୀ ନଗର ପରିକ୍ରମା କରିଛନ୍ତି। ଭବାନୀଶଙ୍କର ମହାଦେବ ଏବଂ ଭଣ୍ଡେଶ୍ୱର ମହାଦେବଙ୍କ ଶିବ ବିବାହ ଉତ୍ସବ ପରମ୍ପରା ଅନୁଯାୟୀ ପ୍ରତିବର୍ଷ କଳାହାଣ୍ଡି ରାଜ ପରିବାର ଆୟୋଜନ କରିଥାନ୍ତି। ଶୁକ୍ରବାର ରାଜ ଉଆସ ପରିସରରେ ଗୋପିନାଥ ମନ୍ଦିର ନିକଟରେ ଥିବା ଦେବ ବିବାହ ମଣ୍ଡପରେ ଶିବ ପାର୍ବତୀ ବିବାହ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା । ଶନିବାର ଏକ ସୁସଜ୍ଜିତ ବିମାନରେ ଉଭୟ ଭବାନୀଶଙ୍କର ଓ ଭଣ୍ଡେଶ୍ୱର ମହାଦେବ ସପତ୍ନୀକ ବିରାଜମାନ କରାଇ ନଗର ପରିକ୍ରମାରେ ବାହାରି ଥିଲେ । ଘଣ୍ଟ ଘଣ୍ଟା, ନାଗରା ଓ ବାଦ୍ୟ ନୃତ୍ୟର ତାଳେ ତାଳେ ଶତାଧିକ ଶ୍ରଦ୍ଧାଳୁ ଦେବ ଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରାରେ ଯୋଗଦେଇଥିଲେ। ଦେବ ଦମ୍ପତି ଷ୍ଟାଚ୍ୟୁ ଛକ, ମନ୍ଦାର ବଗିଚାପଡା, ଗାନ୍ଧୀଛକ, ମହାବୀର ପଡା ପରିକ୍ରମା କରି ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କ ନିମନ୍ତେ ପଣା ପାଣି ଓ ଅନ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା। ସହରର ପ୍ରତ୍ୟେକ ଗଳିରେ ଘର ସାମ୍ନାରେ ଧୂପ, ଦୀପ ନୈବେଦ୍ୟ ଦେଇ ନବ ବିବାହିତ ଦେବଦମ୍ପତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।


ନବଦମ୍ପତି ମହାଦେବ ଏବଂ ପାର୍ବତୀଙ୍କୁ ନଗର ପରିକ୍ରମା କରାଯାଉଛି।



ଗୋପାଳନ ଓ ଜିଆଖତ ତିଆରି ଉପରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଗୋପାଳନ, ଜିଆଖତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ତୁଣ୍ଡଲା,୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁଣ୍ଡଲା ଦୁଗ୍ଧ ସମବାୟ ସମିତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥାନ ଭବାନୀପାଟଣା ତରଫରୁ ୧୦ ଦିନିଆ ଗୋପାଳନ ଓ ଜିଆଖତ ତିଆରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରେମାନିଧି ସେଠ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଚାଷୀମାନଙ୍କୁ ଗୋପାଳନ କରି ନିଜର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯତିନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମିଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ସଂସାଦ ଭାବାନୀପାଟଣାର ବରିଷ୍ଠ ସଂଯୋଜକ ବିବେକାନନ୍ଦ ରଥ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ତୁଣ୍ଡଲା ଦୁଗ୍ଧ ମାର୍ଗ ଅଧିକାରୀ ଦେବବ୍ରତ ମିଶ୍ର ଉପସ୍ଥିତ ରହି ଗୋପାଳନ ପାଇଁ ଉପସ୍ଥିତ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ତୁଣ୍ଡଲା ଦୁଗ୍ଧ ସମବାୟ ସମିତି ସଭାପତି ଆନନ୍ଦ ପଧାନ ଓ ସମ୍ପାଦକ ପୀତବାସ ପଧାନ ସହଯୋଗ କରିଥିଲେ। ଏଥିରେ ତୁଣ୍ଡଲା, ନୁନମାଠ, ପଲମ ପଞ୍ଚାୟତରୁ ୩୫ ଜଣ ଅଗ୍ରଣୀ ଗୋପାଳନଙ୍କୁ ଶିକ୍ଷା ଦିଆଯାଇଥିଲା।

## ପଲିଥିନ୍ ସାମଗ୍ରୀ ବ୍ୟବହାର ଉପରେ କଟକଣା ଜାରି

ଭବାନୀପାଟଣା,୮।୬ (ଡି.ଏନ.ଏ.)

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନୀୟମ ୨୦୧୬ ଅନୁଯାୟୀ ସମସ୍ତ ପଲିଥିନ୍ ବ୍ୟାଗ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ଉପରେ ଶନିବାର ଠାରୁ (ତା ୮।୬।୨୦୧୯) କଟକଣା ଜାରି କରାଯାଇଛି ବୋଲି ଭବାନୀପାଟଣା ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଆଜି ପ୍ରକାଶ କରିଛନ୍ତି। ଭବାନୀପାଟଣା ପୌରପାଳିକା ଅନ୍ତର୍ଗତ ସମସ୍ତ ଜନସାଧାରଣ, ବ୍ୟବସାୟ ପ୍ରତିଷ୍ଠାନ୍, ହୋଟେଲ୍ ମାଲିକ ଓ ଉଠାଦୋକାନୀମାନଙ୍କ ଅବଗତୀ ନିମନ୍ତେ ରବିବାର ମାଇକ ଯୋଗେ ସହରସାରା ଜଣାଇ ଦିଆଯାଇଛି ବୋଲି ମିଶ୍ର ପ୍ରକାଶ କରିବା ସହ ସମସ୍ତ ଜନସାଧାରଣ ଓ ବ୍ୟବସାୟୀକ ପ୍ରତିଷ୍ଠାନଗୁଡିକ ପଲିଥିନ୍ ବ୍ୟାଗ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାରରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଭବାନୀପାଟଣା ପୌର ପରିଷଦ ତରଫରୁ ପଲିଥିନ୍ କ୍ୟାରିବ୍ୟାଗ୍ ଜବତ୍ କରିବା ପାଇଁ ଏକ କମିଟି ବୈଠକ କରାଯାଇଛି। ଆସନ୍ତା ୧୨ ତାରିଖଠାରୁ ସ୍କ୍ୱାଡ ଦ୍ୱାରା ପଲିଥିନ୍ କ୍ୟାରି ବ୍ୟାଗ୍ ଜବତ୍ କରିବା ପାଇଁ ଚଢାଉ କରାଯିବ। ଅଭିଯୁକ୍ତଙ୍କଠାରୁ ଜରିମାନା ଆକାରରେ ୧ ହଜାର ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା, ୮।୬ (ଡି.ଏନ.ଏ.)

ଭବାନୀପାଟଣା ପୌର ସଂସ୍ଥା ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଶନିବାର ଅପରାହ୍ନ ୪ଟାରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶ୍ନ ଷଡଙ୍ଗୀ ଯୋଗଦେଇଥିଲେ। ଏହି ଶିବିରରେ ପୌରସଂସ୍ଥାର କର୍ମଚାରୀମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତରେ ତାଲିମ୍ ପ୍ରଦାନ କରାଯାଇଥିଲା। ଏଥିରେ ପୌର ସଂସ୍ଥାର ସଫେଇ କର୍ମଚାରୀ, ସୁପରଭାଇଜର, ସୁଇପର ଓ ପୌର ସଂସ୍ଥାର ସମସ୍ତ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ବିଶେଷ କରି ସଫେଇ କର୍ମଚାରୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ତାଲିମ ପ୍ରଦାନ କରାଯାଇଥିଲା। ବର୍ଜ୍ୟବସ୍ତୁ ସଂଗ୍ରହ, ପରିବହନ, ଘରୁ ବାହାରୁଥିବା ସୁଖିଲା ଓ ଓଦା ବର୍ଜ୍ୟବସ୍ତୁ, ବିପଦଜନକ ବର୍ଜ୍ୟବସ୍ତୁ, ଦୋକାନ ଓ ବଜାରରୁ ବାହାରୁଥିବା ବର୍ଜ୍ୟବସ୍ତୁ, ଅଣ୍ଡା, ମାଛ, ମାଂସ, ଚିକେନ୍ ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପୌର ସଂସ୍ଥା ପକ୍ଷରୁ ଦିଆଯାଇଥିବା ନିଳ ଓ ସବୁଜ ଡଷ୍ଟବିନ୍‌ରେ ଠିକ୍ ଭାବରେ ପକାଇବା, ସାହି, ବସ୍ତି, ପଡା ଓ ଅନ୍ୟସ୍ଥାନରେ ଲୋକ କିପରି ଆବର୍ଜନା ବାହାରେ ନ ପକାଇବେ ସେଥିପ୍ରତି ଧ୍ୟାନ ଦେବା ଉପରେ ପ୍ରଶିକ୍ଷକ ସାନିଟେସନ୍ ଏକ୍ସପାଟ୍ ଚୀନ୍ମୟ ସାହୁ ପ୍ରଶିକ୍ଷଣ ଦେଇଥିଲେ। ଭବାନୀପାଟଣା ସହରକୁ ପଲିଥିନ ମୁକ୍ତ କରିବା ପାଇଁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢିତୋଳିବା ପାଇଁ ମୁଖ୍ୟ ଅତିଥି ଡିଆରଡିଏ ପିଡି ଷଡଙ୍ଗୀ ଆହ୍ୱାନ ଦେଇଥିଲେ। ଆବଶ୍ୟକସ୍ଥଳରେ ଦୋକାନ ବଜାର ଉପରେ ଚଢାଉ କରାଯିବ ବୋଲି ନିର୍ବାହୀ ଅଧିକାରୀ ମିଶ୍ର ଚେତାଇ ଦେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧରକାରୀ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏପିଡି ବିଦ୍ୟାଧର ସାହୁ, ଏପିଡି ବିମଳ ପ୍ରଶାଦ ସାହୁ, ପୌର ସଂସ୍ଥାର ମ୍ୟୁନ୍‌ସିପାଲ୍ ଇଞ୍ଜିନିୟର୍ ସମୀର କୁମାର ଠାକୁର, ସାନିଟେଶନ୍ ଏକ୍ସପାଟ୍ ଚୀନ୍ମୟ ସାହୁ, ପୌର ସଂସ୍ଥାର ସଂଯୋଜକ ଗୀତାଶ୍ରୀ ଦାଶ ଓ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ ।

# ଉଦ୍‌ଘାଟନକୁ ୩ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଉନାହିଁ ଶୌଚାଳୟ

କୋକସରା,୮।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରଠାରେ ଏକ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଥିଲା । ସର୍ବସାଧାରଣ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନଙ୍କ ଶୌଚ ହେବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ପାଣ୍ଠିରୁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ଅଟକଳରେ ଏହା ନିର୍ମାଣ କରାଯାଇଥିଲା । ସେହି ସମୟରେ ପୂର୍ବତନ ଧର୍ମଗଡ଼ ବିଧାୟକ ତଥା ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଏହାକୁ ଜନସାଧାରଣଙ୍କ ପାଇଁ ଉତ୍ସର୍ଗିକୃତ କରିଥିଲେ । ଏହା ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ ଶୌଚାଳୟ କାର୍ଯ୍ୟକ୍ଷମ ହେବା ତ ଦୂରର କଥା ଏଥିରେ ତାଲା ଝୁଲୁଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁ ଏହି ଶୌଚାଳୟ ରୋଗୀ କିମ୍ବା ଜନସାଧାରଣଙ୍କ କାମରେ ଆସିପାରୁ ନ ଥିବାବେଳେ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ୩ଟି ବ୍ଲକ ଜୟପାଟଣା, କଲମପୁର, ଧର୍ମଗଡ଼ ଓ ପଡ଼ୋଶୀ ନବରଙ୍ଗପୁର ଜିଲା ଅଞ୍ଚଳର ରୋଗୀମାନେ ନିର୍ଭର କରୁଥିବାବେଳେ ଶୌଚ ପାଇଁ ପାଖରେ ଥିବା ମତ୍ସ୍ୟ ବିଭାଗର ପୋଖରୀ ତୁଠ ଏକ ମାତ୍ର ବିକଳ୍ପ ସାଜିଛି । ଶୌଚାଳୟ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଏ ନେଇ ଧର୍ମଗଡ଼ ନବନିର୍ବାଚିତ ବିଧାୟକ ମୌଷଧି ବାଗଙ୍କୁ ପଚାରିବାରୁ ଶୌଚାଳୟ କାର୍ଯ୍ୟକ୍ଷମ କାହିଁକି ହୋଇପାରୁନାହିଁ ସେ ନେଇ ଜିଲା ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରି ଶୌଚାଳୟ ଖୋଲିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରଠାରେ ଥିବା ସୁଲଭ ଶୌଚାଳୟ ।

### ଚାଷୀଙ୍କୁ ମିଳିନି ଫସଲ ବୀମା ଟଙ୍କା
# ସପ୍ତାହେ ମଧ୍ୟରେ ନ ମିଳିଲେ ରାସ୍ତାରୋକୋ

ଭବାନୀପାଟଣା/ଗୋଲାମୁଣ୍ଡା, ୮।୬ (ଡି.ଏନ.ଏ.)

ଚାଷୀଙ୍କୁ ଫସଲ ବୀମା ଟଙ୍କା ମିଳିବା ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଏହାକୁ ନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଛି ଚାଷୀ ସଙ୍ଗଠନ । ସପ୍ତାହେ ମଧ୍ୟରେ ବୀମା ରାଶି ନ ମିଳିଲେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ରାସ୍ତାରୋକୋ ସହ ଗୋଲାମୁଣ୍ଡା ବ୍ଲକରେ ବନ୍ଦ ପାଇଁ ଡାକରା ଦିଆଯାଇଛି । ଏହାସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଶୁକ୍ରବାର ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଛି ।
ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ ବର୍ଷା ଜଳ ଉପରେ ନିର୍ଭର କରି ଚାଷ କରିଥାନ୍ତି। ଚଳିତ ଖରିଫ୍ ଋତୁରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବ୍ୟାପକ ଫସଲ ହାନି ହୋଇଥିଲା। ଗୋଲାମୁଣ୍ଡା ପ୍ରାୟ ୯୦% ଫସଲ ନଷ୍ଟ ହୋଇଥିବା ବେଳେ ଉଦେଶୃଙ୍ଗ ପଞ୍ଚାୟତରେ ୮୦%, ବୃନ୍ଦାବାହଲ ପଞ୍ଚାୟତରେ ୭୧% ଫସଲ ନଷ୍ଟ ହୋଇଥିଲା। ଏଭଳି ଫସଲ ହାନି ହୋଇଥିବା ରାଜସ୍ୱ ବିଭାଗ ଓ କୃଷି ବିଭାଗର ଯୁଗ୍ମ ଯାଞ୍ଚ ତାଲିକା (ଜଏଣ୍ଟ ଭେରିଫିକେସନ ଲିଷ୍ଟ)ରେ କ୍ରପ୍ କଟିଂ ରିପୋର୍ଟ ପ୍ରଦାନ କରାଯାଇଛି । କିନ୍ତୁ ଇତିମଧ୍ୟରେ ଦୀର୍ଘ ମାସ ବିତିଯାଇଥିଲେ ମଧ ଚାଷୀଙ୍କୁ କ୍ଷତିପୂରଣ ଓ ବୀମା ଟଙ୍କା ମିଳିନାହିଁ । ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଫସଲ ବୀମା ଟଙ୍କା ପାଇଲେ ଆସନ୍ତା ଖରିଫ ଋତୁରେ ଚାଷୀ ବିହନ କିଣି ଚାଷ କାର୍ଯ୍ୟ ଆଗରେ ନେବା ଆଶା ରଖିଥିବା ବେଳେ ବୀମା କମ୍ପାନୀର ଲୁଚକାଳି ଖେଳ ଚାଷୀଙ୍କୁ ହତାଶ କରିଛି । ଶୁକ୍ରବାର ଗୋଲାମୁଣ୍ଡା କିଷାନ ସଂଘ, ଚାଷୀ ସଙ୍ଗଠନ ପକ୍ଷରୁ ସଭାପତି ସାଉଲ ମଙ୍ଗରାଜ, ସୁବାଶ ରାଉତ, ତୁଳସି ମାଝି, ଗୋପାଳ ତାଣ୍ଡି, ଧରମପାଳ ଅଗ୍ରୱାଲ, ସତ୍ୟ ବାଗ, ଗୋବିନ୍ଦ ତାଣ୍ଡି ପ୍ରମୁଖ ଚାଷୀ ଗୋଲାମୁଣ୍ଡା ତହସିଲଦାର ପ୍ରଭାତ କୁମାର ବୁଡାୟତଙ୍କୁ ଭେଟି କଳାହାଣ୍ଡି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୧୫ ତାରିଖ ମଧରେ ଦାବି ପୂରଣ ନ ହେଲେ ଚାଷୀମାନେ ରାସ୍ତା ରୋକୋ କରିବା ସହ ଗୋଲାମୁଣ୍ଡା ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ।


ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।